RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-264 ◆BHUBANESWAR ◆TUESDAY ◆19 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୬୪ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୯ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




'କଲ୍କି ୨୮୯୮ଏଡି'ର ପୋଷ୍ଟର୍ ରିଲିଜ୍

▶ପୃଷ୍ଠା ୨ ଦେଖନ୍ତୁ...

## ପଞ୍ଚମ ଥର ପାଇଁ ଭ୍ଲାଦିମିର ପୁତିନ ରଷିଆର ରାଷ୍ଟ୍ରପତି ନିର୍ବାଚିତ

# ବିଜୟ ପରେ ବିଶ୍ୱଯୁଦ୍ଧ ଧମକ

■ ମସ୍କୋ,୧୮।୩(ଏଜେନ୍ସି): ମସ୍କୋ,୧୮।୩ (ଏଜେନ୍ସି): ଭ୍ଲାଦିମିର ପୁତିନ ପଞ୍ଚମ ଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସୋମବାର ଗଣତି ଶେଷ ସୁଦ୍ଧା ପୁତିନ ୮୭ ପ୍ରତିଶତ ଭୋଟ ପାଇ ବିଜୟୀ ହୋଇଛନ୍ତି ବୋଲି ରୁଷିଆର କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ସୂଚନା ଆଧାରରେ ସରକାରୀ ଖବରଦାତା ସଂସ୍ଥା ଟାସ୍ ସ୍ପଷ୍ଟ କରିଛି।

ନିର୍ବାଚନ ବିଜୟ ପରେ ପୁତିନ ଦେଶବାସୀଙ୍କ ଉଦ୍ଦେଶ୍ୟରେ ନିଜର ପ୍ରତିକ୍ରିୟା ରଖି କହିଛନ୍ତି, ରୁଷିଆକୁ ଆହୁରି ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ କରିବାକୁ ତାଙ୍କର ଉଦ୍ୟମ ଜାରି ରହିବ। ଏହି ଅବସରରେ ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ସେ ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ପରୋକ୍ଷରେ ଚେତାବନୀ ଦେଇଛନ୍ତି। ଆମେରିକା ନେତୃତ୍ୱରେ ଯଦି ନାଟୋ ସେନା ରୁଷ ସହ ସାମ୍ନା କରିବାକୁ ଉଦ୍ୟମ କରେ ତେବେ ତୃତୀୟ ବିଶ୍ୱ ଯୁଦ୍ଧ ପାଇଁ ଗୋଟିଏ ବି ମୁହୂର୍ତ୍ତ ଲାଗିବନି ବୋଲି ପୁତିନ କହିଛନ୍ତି। ବିଶେଷକରି ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରଙ୍କ ସମର୍ଥନରେ ବାହସ୍ଫୋଟ ମାରୁଥିବା ୟୁକ୍ରେନକୁ ସେ ଚେତାବନୀ ଦେଇଛନ୍ତି। ଏହାପୂର୍ବରୁ ମଧ୍ୟ ସେ ୟୁକ୍ରେନକୁ ତୀବ୍ର ଭର୍ତ୍ସନା କରି ଏହି ଦେଶର ନିଜର ବଦବାଦ୍ର କାରଣ ବୋଲି କହିଥିଲେ। ବର୍ତ୍ତମାନ ୟୁକ୍ରେନ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଦାନରେ ପରିଚାଳିତ ହେଉଛି। ଆମେରିକା ସମେତ ବହୁ ୟୁରୋପୀୟ ରାଷ୍ଟ୍ର ୟୁକ୍ରେନକୁ ଅର୍ଥ ଠାରୁ ଆରମ୍ଭ କରି ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟ ସହାୟତା ଯୋଗାଇ ଦେଉଛନ୍ତି। କିନ୍ତୁ ଏଭଳି କରି ପଶ୍ଚିମ ରାଷ୍ଟ୍ର ସମୂହ ରୁଷିଆ ପ୍ରତି ଅନ୍ୟାୟ କରିଛନ୍ତି। ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ଯେଭଳି ଭଲ ସମ୍ପର୍କ ପ୍ରତିଷ୍ଠା ହୋଇ ନ ପାରେ ସେଥିନେଇ ସେମାନେ ଷଡ଼ଯନ୍ତ୍ର ଚଳାଇଛନ୍ତି। କିନ୍ତୁ ଦିନେ ନା ଦିନେ ୟୁକ୍ରେନକୁ ପଶ୍ଚିମ ରାଷ୍ଟ୍ର ଦେଉଥିବା ସହାୟତା ବନ୍ଦ ହୋଇଯିବ। ଆଉ ୟୁକ୍ରେନ ତା'ର ଦଶା ଭୋଗିବ। ଏହାସତ୍ତ୍ୱେ ୟୁକ୍ରେନ ବିରୋଧରେ ରୁଷ ନେଇଥିବା ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିବ ନାହିଁ। ଆମ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଆମେ ଅଟଳ ରହିଛୁ ଏବଂ ୟୁକ୍ରେନ ବିରୋଧରେ ଯୁଦ୍ଧ ଜାରି ରହିବ ବୋଲି ପୁତିନ କହିଛନ୍ତି। ଇତିମଧ୍ୟରେ ୟୁକ୍ରେନ ଅନେକ କିଛି ହରାଇଛି ଏବଂ ଏହାର ସେନାର ପ୍ରଭୂତ କ୍ଷତି ଘଟିଛି। କିନ୍ତୁ ଏବେ ବି ୟୁକ୍ରେନ ନିଜର ସେନାକୁ ହଟାଇବାକୁ ପ୍ରସ୍ତୁତ ନାହିଁ। ଆମେ ବି ଆମର ପ୍ରଥମ ଲକ୍ଷ୍ୟରୁ କେବେ ବି ଓହରିବୁ ନାହିଁ ବୋଲି ପୁତିନ ଦୃଢୋକ୍ତି କରିଛନ୍ତି। ରୁଷ ଶାନ୍ତି ଚାହୁଁଥିଲେ ବି ପଶ୍ଚିମ ରାଷ୍ଟ୍ର ଏହାକୁ କରିବାକୁ ଦେଉନାହାନ୍ତି ବୋଲି ସେ କହିଛନ୍ତି।

**ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ପୁତିନଙ୍କ ପରୋକ୍ଷ ଚେତାବନୀ**

**ତୃତୀୟ ବିଶ୍ୱଯୁଦ୍ଧ ପାଇଁ ମୁହୂର୍ତ୍ତେ ଲାଗିବନି**



"ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଦାନରେ ବଞ୍ଚୁଥିବା ୟୁକ୍ରେନ ନିଜ ବର୍‌ବାଦ୍‌ର କାରଣ

## ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି ପୁରୀ ଲୋକସଭା କ୍ଷେତ୍ରରୁ ବିଜେଡିର ଯୁଦ୍ଧ ପ୍ରସ୍ତୁତି

# କ୍ଷେତ୍ରରେ ପହଞ୍ଚିବାକୁ ନବୀନଙ୍କ ନିର୍ଦ୍ଦେଶ

**ନିର୍ବାଚନ ମହାସମର**



◆ ୨ ଲୋକସଭା, ୧୪ ବିଧାନସଭା ଆସନର ସମୀକ୍ଷା

◆ ଯୋଗଦେଲେ ପୁରୀ ଓ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ନେତା

◆ ପ୍ରତି ସନ୍ଧ୍ୟାରେ ବିସ୍ତୃତ ସୂଚନା ପହଞ୍ଚାଇବେ ପର୍ଯ୍ୟବେକ୍ଷକ

■ ଭୁବନେଶ୍ୱର, ୧୮ ।୩(ସମିସ): ଦେଶରେ ସାଧାରଣ ନିର୍ବାଚନ ସହ ଓଡ଼ିଶାରେ ବିଧାନସଭା ନିର୍ବାଚନ ନିମନ୍ତେ ବାଜିସାରିଛି ଯୁଦ୍ଧ ଭେରୀ। ଏପ୍ରିଲ ୧୮ ତାରିଖରୁ ଓଡ଼ିଶାରେ ବିଧିବଦ୍ଧ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ ଓ ୨୫ ତାରିଖରୁ ନାମାଙ୍କନ ପତ୍ର ଦାଖଲ ସହ ମେ ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ୨୦୨୪ର ଏହି ମହାଯୁଦ୍ଧ ପାଇଁ ବିଜେଡି ଆରମ୍ଭ କରିଛି ପ୍ରସ୍ତୁତି। ଆଗାମୀ ନିର୍ବାଚନ ଓଡ଼ିଶାବାସୀ ଏକ ନୂଆ ଇତିହାସ ଲେଖିବେ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହି ସାରିଛନ୍ତି। ଅନୁରୂପ ଭାବରେ ଆଗାମୀ ନିର୍ବାଚନରେ ବିଜେଡି ବିପୁଳ ସଫଳତା ସହ କ୍ରମାଗତ ଷଷ୍ଠଥର ପାଇଁ କ୍ଷମତାସୀନ ହେବ ବୋଲି ଦୃଢ଼ ନିଶ୍ଚିତ। ଏହି କ୍ରମରେ ପ୍ରତିଟି ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଣ୍ୟଭୂମି ପୁରୀରୁ ୨୦୨୪ ମହାଯୁଦ୍ଧ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଛି ବିଜେଡ଼ି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଜିଠାରୁ ନବୀନ ନିବାସ ଓ ଶଙ୍ଖଭବନରେ ନିର୍ବାଚନ ନିମନ୍ତେ 'ନିୟନ୍ତ୍ରଣ କକ୍ଷ' ବା ମନିଟରିଂ ସେଲ୍‌ଫ ସ୍ଥାପନ କରାଯାଇଛି। ଆଗାମୀ ନିର୍ବାଚନ କାର୍ଯ୍ୟ ଏହି ଦୁଇ ସ୍ଥାନରୁ ନିୟନ୍ତ୍ରଣ କରାଯିବ। ଅନ୍ୟପକ୍ଷରେ ନବୀନ ନିବାସରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଲୋକସଭା ଆସନ ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ରରୁ ନିର୍ବାଚନୀ କାର୍ଯ୍ୟ ଓ ରଣନୀତିର ସମୀକ୍ଷା ଆରମ୍ଭ କରିଛନ୍ତି। ଦଳର ବରିଷ୍ଠ ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଜିଲ୍ଲା ପର୍ଯ୍ୟବେକ୍ଷକ, ବିଧାନସଭା ପର୍ଯ୍ୟବେକ୍ଷକ, ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ବରିଷ୍ଠ ନେତାମାନେ ବୈଠକରେ ଯୋଗ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆଜି ପୂର୍ବାହ୍ନରେ ପୁରୀ ଲୋକସଭା ନିର୍ବାଚନମଣ୍ଡଳୀ ଓ ଏହା ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ରର ନେତାମାନେ ନବୀନ ନିବାସରେ ପହଞ୍ଚିଥିଲେ। ସକାଳ ୧୦.୩୦ରୁ ପ୍ରାୟ ୩ ଘଣ୍ଟା ଧରି ସମୀକ୍ଷା ଓ ନିର୍ବାଚନୀ ପ୍ରସ୍ତୁତି ସଂକ୍ରାନ୍ତ ବୈଠକ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଚାଲିଥିଲା। ସେହିପରି ମଧ୍ୟାହ୍ନ ଭୋଜନ ବିରତି ପରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ର ଓ ଏହା ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀର ନେତାମାନଙ୍କ ସହ ମୁଖ୍ୟମନ୍ତ୍ରୀ ନିର୍ବାଚନୀ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଜଣ ଜଣ କରି ନେତାଙ୍କ ସହ ନିର୍ବାଚନମଣ୍ଡଳୀରେ ଦଳର ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତି ଥର ଆମ ଉପରେ ଜନତାଙ୍କ ଆଶା ଓ ଭରସା ବୃଦ୍ଧି ପାଉଛି। ଲୋକଙ୍କ ସମସ୍ୟା ଦୂର ପାଇଁ ସରକାର ▶ପୃଷ୍ଠା-୯

# ୨ ଦିନ ଘାଣ୍ଟିବ କାଳବୈଶାଖୀ



**ଆଜି ବର୍ଷା ସହ ବିଜୁଳି ଘଡ଼ଘଡ଼ି ଆଶଙ୍କା**

**୫୫ କିମି. ବେଗରେ ବହିପାରେ ପବନ**

**୨୩ ଜିଲ୍ଲାକୁ ସତର୍କ କଲେ ଏସ୍‌ଆର୍‌ସି**

■ ଭୁବନେଶ୍ୱର, ୧୮।୩ (ସମିସ): ଗୁଳୁଗୁଳି ସହ ପାଣିପାଗ ସ୍ଥିତି ଓ ବାୟୁ ଚଳାଚଳରେ ପରିବର୍ତ୍ତନ ଯୋଗୁଁ ସଂପ୍ରତି କାଳବୈଶାଖୀ ପାଇଁ ପାଗ ଅନୁକୂଳ ରହିଛି। ଏଥିପାଇଁ ମଙ୍ଗଳବାର ଓ ବୁଧବାର ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ଓ କାଳବୈଶାଖୀର ଆଶଙ୍କା ରହିଛି ବୋଲି ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ। ତେଣୁ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିସନର(ଏସ୍‌ଆର୍‌ସି) ପରାମର୍ଶ ଦେଇଛନ୍ତି।

ଗତ ୨-୪ ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଯୋଗୁଁ ବିଜୁଳି ଘଡ଼ଘଡ଼ି ଓ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଦେଖିବାକୁ ମିଳୁଛି। ମଙ୍ଗଳବାର ଓ ବୁଧବାରରେ ଏହାର ସର୍ବାଧିକ ପ୍ରଭାବ ଦେଖିବାକୁ ମିଳିପାରେ ବୋଲି ପୂର୍ବରୁ ଆକଳନ କରାଯାଇଛି। ଏହି ଆଧାରରେ ମଙ୍ଗଳବାର ରାଜ୍ୟର ୨୩ ଟି ଜିଲ୍ଲାରେ ବର୍ଷା, ବିଜୁଳି ଘଡ଼ଘଡ଼ି, ଝଡ଼ ପବନ ଆଦିର ପ୍ରଭାବ ଦେଖାଯିବ ବୋଲି ପାଣିପାଗ କେନ୍ଦ୍ର କହିଛି।

ସେହିପରି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସୋମବାରଠାରୁ ଗୁରୁବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ। ପଶ୍ଚିମା ଶୁଷ୍କ ପବନ ସହିତ 'ଆଣ୍ଟି-ସାଇକ୍ଲୋନିକ ସର୍କୁଲେସନ' ହେତୁ ▶ପୃଷ୍ଠା-୯

## ଗୀଡ଼ାପଦର ଡବଲ୍ ମର୍ଡର୍ ଘଟଣାରେ ୧୦ ଗିରଫ

# ଗୁଣି ସନ୍ଦେହରେ ହାତୁଡ଼ିରେ ପିଟିପିଟି ଦମ୍ପତିଙ୍କୁ ହତ୍ୟା



**ସୁପାରି ଦେଇଥିଲେ ଗ୍ରାମବାସୀ**

■ଫୁଲବାଣୀ, ୧୮ ।୩ (ସମିସ): କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅନ୍ତର୍ଗତ ଗୀଡ଼ାପଦର ଗାଁରେ ଗତ ୮ ତାରିଖରେ ଘଟିଥିବା ଦମ୍ପତି ହତ୍ୟା ଘଟଣାରେ ପୁଲିସ୍ ୧୦ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ସୁନୀଲ ଦିଗାଲ, ଭୀମ କହଁର, ଭିଙ୍ଗ କହଁର, ଉଗ୍ରସେନ କହଁର, ନାଇବ କହଁର, ନାବିସ କହଁର, ବୃଷଭ କହଁର, ଭରତ ଦିଗାଳ, ଗନ୍ଦରା କହଁର ଓ ରୀନା ଦିଗାଲ। ଗୁଣି ସନ୍ଦେହରେ ଅଭିଯୁକ୍ତମାନେ ସଂଘବଦ୍ଧ ଆକ୍ରମଣ କରି ସ୍ୱାମୀ ତାହିରା କହଁର ଓ ସ୍ତ୍ରୀ ବତାସୀ କହଁରଙ୍କୁ ପିଟିପିଟି ହତ୍ୟା କରିଥିଲେ। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ର ଏ ସଂପର୍କରେ ସୂଚନା ଦେଇଛନ୍ତି। ହତ୍ୟାରେ ବ୍ୟବହୃତ ଏକ ହାତୁଡ଼ିକୁ ପୁଲିସ୍ ଜବତ କରିଛି।

ସୂଚନାଯୋଗ୍ୟ, ତାହିରା ଓ ବତାସୀ ପାଖ ଦେବୀ ମନ୍ଦିରରେ ପୂଜା କରନ୍ତି। କିନ୍ତୁ ସେମାନେ ଗୁଣିଗାରେଡ଼ି କରୁଛନ୍ତି ବୋଲି ପାଖ ଗୁମାଲଦାନୀ ଗ୍ରାମର ଲୋକେ ସେମାନଙ୍କ ଉପରେ ସନ୍ଦେହ କରିଥିଲେ। ସେହି ରାଗରେ ଗ୍ରାମବାସୀମାନେ ସେମାନଙ୍କୁ ଗାଁରୁ ତଡ଼ି ଦେଇଥିଲେ। ତେଣୁ ଏହି କହଁର ଦମ୍ପତି ଜାଲିବିହାରୀ ଗାଟାରେ ଘର କରି ରହୁଥିଲେ। କିନ୍ତୁ ଏହାପରେ ମଧ୍ୟ ଗ୍ରାମବାସୀଙ୍କ ସନ୍ଦେହ ମୋଚନ ହୋଇନଥିଲା। ଦମ୍ପତି ଗୁଣି କରୁଥିବାରୁ ଗାଁ ଲୋକଙ୍କ ▶ପୃଷ୍ଠା-୯

# ବଜ୍ରପାତରେ ଜୀବନ୍ତ ଜଳିଗଲେ ବି.ଟେକ୍ ଛାତ୍ର



■ଭୋଗରାଇ/ଚନ୍ଦନେଶ୍ୱର/ଶ୍ରଦ୍ଧାପୁର, ୧୮ ।୩ (ସମିସ): ବଜ୍ରପାତରେ ଜୀବନ୍ତ ଜଳିଗଲେ ବି.ଟେକ୍ ଛାତ୍ର ରଞ୍ଜନ କୁମାର ପରମାଣିକ (୨୩)। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଟୁକୁରିହାଜିରା ପଞ୍ଚାୟତ ଅଧୀନ ଟୁକୁରିହାଜିରା ଗ୍ରାମରେ ଆଜି ସକାଳେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ବାପା ହରେନ୍ଦ୍ର ପରାମାଣିକ ଓ ମାଆ ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟାଙ୍କ ଏକମାତ୍ର ପୁତ୍ର ରଞ୍ଜନଙ୍କ ଏଭଳି ଅକାଳ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁସାରେ, ରଞ୍ଜନ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ପଢ଼ନ୍ତି। କିଛି ଦିନ ତଳେ ସେ ଛୁଟିରେ ଘରକୁ ଆସିଥିଲେ। ଆଜି ସକାଳୁ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ସମଗ୍ର ଅଞ୍ଚଳ ଅନ୍ଧକାରମୟ ହୋଇଯାଇଥିଲା। ଆକାଶର ଏଭଳି ଦୃଶ୍ୟ ହେବା ପୂର୍ବରୁ ରଞ୍ଜନ ନିକଟସ୍ଥ ଆଉସା ପାଣ୍ଡରେ ଥିବା ତାଙ୍କ ଚିଙ୍ଗୁଡ଼ିଝିଲ ଦେଖିବା ପାଇଁ ରଞ୍ଜନ ତାଙ୍କ ବା ହରେନ୍ଦ୍ରଙ୍କ ସହ ଯାଇଥିଲେ। ବର୍ଷା ହେବା ପୂର୍ବରୁ ହରେନ୍ଦ୍ର ଘରକୁ ଫେରି ଆସିଥିଲା ବେଳେ ରଞ୍ଜନ ସେହି ଚିଙ୍ଗୁଡ଼ିଝିଲ ପାଖରେ ରହିଯାଇଥିଲେ। ହଠାତ୍ ଜୋରରେ ବର୍ଷା-ପବନ ହେବାରୁ ସେ ନିକଟରେ ଥିବା ଏକ କୁଡ଼ିଆ ଘରେ ଆଶ୍ରୟ ନେଇଥିଲେ। ସେହି ସମୟରେ ସେ କୁଡ଼ିଆ ଘର ଉପରେ ଏକ ବଜ୍ରପାତ ▶ପୃଷ୍ଠା-୯

## ରିଲ୍‌ସ କରୁଥିବା ବେଳେ ଚଢ଼ିଗଲା ଟ୍ରେନ୍



■ସୋର, ୧୮ ।୩ (ସମିସ): ରିଲ୍ସ କରୁଥିବା ବେଳେ ଚଢ଼ିଗଲା ଟ୍ରେନ୍। ଏଭଳି ଏକ ଅଘଟଣ ଘଟିଛି ସୋର ଥାନା ଅଧୀନ ସବିରା ରେଳଷ୍ଟେସନ ନିକଟରେ। ମୃତକ ହେଲେ, ଭଦ୍ରକ ଜିଲ୍ଲା ବାଣିତିଆ ଗ୍ରାମର ଅକ୍ଷୟ ପାତ୍ର। ସୋମବାର ଅପରାହ୍ଣରେ ଅକ୍ଷୟ ତାଙ୍କ ପାଞ୍ଚଜଣ ସାଥୀଙ୍କ ସହ ସବିରା ଷ୍ଟେସନ୍ ନିକଟ ରେଳଧାରଣାରେ ରିଲ୍‌ସ କରୁଥିଲେ। ଏହି ସମୟରେ ସେହି ଲାଇନ୍‌ରେ ଦ୍ରୁତ ଗତିରେ ଯାଉଥିବା ନୀଳାଚଳ ଏକ୍ସପ୍ରେସ୍ ଅକ୍ଷୟଙ୍କୁ ପଛରୁ ଧକ୍କା ▶ପୃଷ୍ଠା-୯

## ଲୋକକଥା



ନିର୍ବାଚନ ଧାରା ଧାର୍ଯ୍ୟ ହୋଇଗଲା
ପ୍ରାର୍ଥୀ ଦିଆ ସରିନାହିଁ,
କିଏ କେତେ ବାଗେ ଲବି କରୁଛନ୍ତି,
ଟିକଟ ପାଇବା ପାଇଁ।
ସରିନାହିଁ ଡିଆଁ ଡେଇଁ,
କେଉଁଠି ତ ବାପ ପୁଅ ପାଇଁ ଲାଗେ,
କେଉଁଠି ଶଶୁର ଜୋଇଁ !!

# ଦୁଇ ଦଶନ୍ଧି ପରେ ସୁନ୍ଦରଗଡ଼ରେ ମହାବଳ

■ଭୁବନେଶ୍ୱର/ରାଉରକେଲା/ବଣାଇଁ, ୧୮ ।୩(ସମିସ): ଦୀର୍ଘ ଦୁଇ ଦଶନ୍ଧି ପରେ ସୁନ୍ଦରଗଡ଼ରେ ଗୋଟିଏ ମହାବଳ ବାଘର ପାଦ ପଡ଼ିଛି। ମାସେ ହେବ, ଏହି ବାଘ ସୁନ୍ଦରଗଡ଼ ଜଙ୍ଗଲରେ ଘୂରି ବୁଲିବା ସହ ନିଜ ପାଇଁ ନୂଆ ବାସସ୍ଥାନ ଯୋଗାଡ଼ରେ ରହିଛି। ଏହି ବାଘ ସୁଦୂର ମଧ୍ୟପ୍ରଦେଶର ସଞ୍ଜୟ-ଡୁବ୍ରୀ ବ୍ୟାଘ୍ର ପ୍ରକଳ୍ପରୁ ଓଡ଼ିଶା ଅଭିମୁଖେ ଆସିଛି। ବାଘଟି ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଝାଡ଼ଖଣ୍ଡ ହୋଇ ବାଘ ଓଡ଼ିଶା ସୀମାରେ ପ୍ରବେଶ କରିଥିବା ଏନ୍‌ଟିସିଏ ପକ୍ଷରୁ କରାଯାଇଥିବା ଟ୍ରାକ୍‌ରୁ ଜଣାପଡ଼ିଛି। ସୁନ୍ଦରଗଡ଼ରେ ଏହି ବାଘର ଉପସ୍ଥିତି ନେଇ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ଦୁଇ ଦଶନ୍ଧି ପରେ ଏହି ଅଞ୍ଚଳରେ ମହାବଳ ବାଘ ଦେଖାଦେଇଥିବାରୁ ସେ ଖୁସି ପ୍ରକଟ କରିଛନ୍ତି।

ଠାବ ହୋଇଥିବା ଏହି ବାଘଟି ପୁରୁଷ ବାଘ। ୩ ରାଜ୍ୟ ଡେଇଁ ଓଡ଼ିଶା ପ୍ରବେଶ କରିବାକୁ ବାଘ ପ୍ରାୟ ୧ହଜାର କିଲୋମିଟର ରାସ୍ତା ଅତିକ୍ରମ କରିଛି ବୋଲି ପିସିସିଏଫ୍ ଶ୍ରୀ ନନ୍ଦ କହିଛନ୍ତି। ସାଧାରଣତଃ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାଘଙ୍କ ସଂଖ୍ୟା କିମ୍ବା ଗତିବିଧି ବଢ଼ିବା ପରେ ସେହି ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ବାଘଟି ଚାଲିଯାଇ ନିଜ ପାଇଁ ଏକ ନୂଆ ଅଞ୍ଚଳ ସୃଷ୍ଟି କରିଥାଏ। ଏହି ଢାଞ୍ଚାରେ ମଧ୍ୟପ୍ରଦେଶରୁ ଏହି ବାଘ ଚାଲି ଆସି ସୁନ୍ଦରଗଡ଼ରେ ଏହି ବାଘ ନିଜ ପାଇଁ ନୂଆ ଅଞ୍ଚଳ ପ୍ରସ୍ତୁତ କରିବାକୁ ଯୋଜନା କରୁଥିବା ଅନୁମାନ କରାଯାଉଛି। ତେବେ ବାଘର ଉପସ୍ଥିତି ଦେଖାଯିବା ପରେ ବନବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ▶ପୃଷ୍ଠା-୯



**ଆସିଲା ବଣାଇଁ ବନଖଣ୍ଡରେ ବୁଲୁଥିବା ବେଳର ଫଟୋ**

**୧୦୦୦ କିମି. ସହ ୩ ରାଜ୍ୟ ସୀମା ଡେଇଁ ଆସିଲା**

**ସୁରକ୍ଷା ପାଇଁ ବନ ବିଭାଗର ବ୍ୟାପକ ପଦକ୍ଷେପ**

## ଦୁଇ ଛୁଆଙ୍କୁ ଧରି ବୁଲୁଛି କଳା ବାଘୁଣୀ



■ଭୁବନେଶ୍ୱର, ୧୮।୩ (ସମିସ): କେନ୍ଦ୍ରୀୟ ଓଡ଼ିଶାର ଗୋଟିଏ ଜଙ୍ଗଲରେ ଗୋଟିଏ କଳା କଲରାପତରିଆ ବାଘୁଣୀ ନଜର ଆସିଛି। ଏହି ବାଘୁଣୀ ନିଜର ଦୁଇ ଛୁଆ ସହ ଜଙ୍ଗଲରେ ଭ୍ରମଣ କରୁଥିବା ବେଳର ଫଟୋ ସାମନାକୁ ଆସିଛି। ଏହି ଫଟୋକୁ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ 'ଏକ୍ସ'ରେ ପୋଷ୍ଟ କରିବା ସହ ବାଘୁଣୀର ଛୁଆ ମଧ୍ୟରେ ଗୋଟିଏ କଳା ଓ ଗୋଟିଏ ସାଧାରଣ କଲରାପତରିଆ ବାଘ ରହିଥିବା ନେଇ ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି। ସମ୍ଭବତଃ ଏହି ବାଘଟି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ବୋଲି ଅନୁମାନ କରାଯାଉଛି।

# ସମ୍ପୂର୍ଣ୍ଣା



ସକାଳ
THE SAKALA
www.sakalaepaper.com

## ଆଜିର ଇତିହାସ



- ୧୮୭୭-କ୍ରିକେଟ୍ ଇତିହାସରେ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଇଂଲଣ୍ଡକୁ ୪୫ ରନ୍‌ରେ ହରାଇ ଦେଲା।
- ୧୯୭୨- ଭାରତ ବାଂଲାଦେଶ ମୈତ୍ରୀ ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୮୨- ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଜେବି କୃପାଳିନୀଙ୍କ ଦେହାନ୍ତ।



- ୧୯୯୮ - ଅଟଳ ବିହାରୀ ବାଜପେୟୀ ଦ୍ୱିତୀୟ ଥର ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ।
- ୨୦୧୩- ବ୍ରାଜିଲ୍‌ରେ ରିଓଡି ଜେନେରିଓରେ ଭୂସ୍ଖଳନରେ ୧୪ଜଣଙ୍କ ମୃତ୍ୟୁ।

## ଅନ୍ୟମାନେ ବି ଯିବେ ମହାକାଶ



ସାଧାରଣତଃ ମହାକାଶକୁ ଯିବା ପାଇଁ ମହାକାଶଚାରୀ ହେବା ଜରୁରି, ସେଭଳି ଧାରଣ ରଖିବା ସମ୍ପୂର୍ଣ୍ଣ ଭୁଲ୍। ନାସା ଚନ୍ଦ୍ରପୃଷ୍ଠ ଏବଂ ମଙ୍ଗଳଗ୍ରହରେ ଜୀବନ ସହ ଜଡ଼ିତ ତତ୍ତ୍ୱ ସମ୍ପର୍କରେ ଜାଣିବା ପାଇଁ ମହାକାଶଚାରୀଙ୍କ ଏକ ନୂଆ ଗ୍ରୁପ୍ଟୁ ପଠାଇବା ପାଇଁ ଯୋଜନା କରୁଛି। ନାସା ତା'ର ନୂତନ ମହାକାଶ ଯାତ୍ରା ପାଇଁ ଇଚ୍ଛୁକ ବ୍ୟକ୍ତି ଏନେଇ ଏପ୍ରିଲ୍ ୨ ପର୍ଯ୍ୟନ୍ତ ଆବେଦନ କରିପାରିବେ ବୋଲି ସ୍ପଷ୍ଟ କରିଛି। ଏଥିରୁ ଯେଉଁମାନଙ୍କୁ ମନୋନୀତ କରାଯିବ, ସେମାନେ ଚନ୍ଦ୍ରପୃଷ୍ଠ ଓ ମଙ୍ଗଳଗ୍ରହକୁ ଯିବାର ସୁଯୋଗ ପାଇବେ। ନାସା ପ୍ରାୟ ୬୦ ବର୍ଷ ଧରି ମହାକାଶଚାରୀଙ୍କୁ ମହାକାଶକୁ ପଠାଇ ଆସୁଛି। ଏବେ ସୁଦ୍ଧା ପ୍ରାୟ ୩୬୦ ଜଣକୁ ନାସା ମହାକାଶକୁ ପଠାଇଥିବା ବେଳେ ଏବେ ନାସା ୨୦୩୦ ସୁଦ୍ଧା ମଙ୍ଗଳ ଗ୍ରହ ଓ ଚନ୍ଦ୍ରପୃଷ୍ଠକୁ ଲୋକଙ୍କୁ ପ୍ରେରଣ କରିବା ଯୋଜନା କରୁଛି। ଆର୍ଟେମିସ୍ କାର୍ଯ୍ୟକ୍ରମ ମାଧ୍ୟମରେ ଚନ୍ଦ୍ରପୃଷ୍ଠକୁ ଜଣେ ମହିଳା ଓ ପୁରୁଷଙ୍କୁ ପ୍ରେରଣ କରାଯିବ। ଏ ଲାଗି ନାସା ଆବେଦନ ଆହ୍ୱାନ କରିଛି। ତା'ସହ ଏହା ପୂର୍ଣ୍ଣକାଳୀନ ପଦବୀ ହେବ ଏବଂ ପ୍ରତ୍ୟେକ ବର୍ଷ ସେମାନଙ୍କୁ ଭଲ ଦରମା ମଧ୍ୟ ମିଳିବ। ତେବେ ଚନ୍ଦ୍ରପୃଷ୍ଠକୁ ଯିବା ପାଇଁ ମହାକାଶ କ୍ଷେତ୍ରରେ ଅଭିଜ୍ଞତା ଥିବା ଜରୁରି, ଏଭଳି କିଛି ନୁହେଁ। ଅବଶ୍ୟ ଚନ୍ଦ୍ରପୃଷ୍ଠକୁ ଯିବାକୁ ଚାହୁଁଥିବା ଇଚ୍ଛୁକ ଆବେଦନକାରୀଙ୍କୁ ଇଞ୍ଜିନିୟରିଂ, ବାୟୋଲୋଜିକାଲ ସାଇନ୍ସ, ଫିଜିକାଲ ସାଇନ୍ସ, କମ୍ପ୍ୟୁଟର ସାଇନ୍ସ ଏବଂ ମ୍ୟାଥ୍ରେ ମାଷ୍ଟର ଡିଗ୍ରୀ ଥିବା ଆବଶ୍ୟକ। ଏସବୁ ବାଦ୍ ଆବେଦନକାରୀଙ୍କ ପାଖରେ ଆମେରିକା ନାଗରିକତା ପ୍ରମାଣପତ୍ର ଥିବା ଜରୁରି।

## 'କଲ୍କି ୨୮୯୮ ଏଡି'ର ପୋଷ୍ଟର ରିଲିଜ୍



ସାଉଥ୍ ସୁପରଷ୍ଟାର୍ ପ୍ରଭାସ ତାଙ୍କ ଆଗାମୀ ଚଳଚ୍ଚିତ୍ର 'କଲ୍କି ୨୮୯୮' ମାଧ୍ୟମରେ ପୁଣି ଥରେ ବକ୍ସ ଅଫିସ୍‌ରେ ଧମାକା କରିବାକୁ ଯାଉଛନ୍ତି। ଏହା ଏକ ବଡ଼ ବଜେଟ୍‌ର ଫିଲ୍ମ। ଏଥିରେ ପ୍ରଭାସଙ୍କ ସହ ବିଗ୍ ବି ଅମିତାଭ ଓ ଦୀପିକା ପାଦୁ୍ୟକୋନ୍‌ଙ୍କୁ ଦେଖିବାକୁ ମିଳିବ। ଇତିମଧ୍ୟରେ ଫିଲ୍ମର ନୂଆ ପୋଷ୍ଟର୍ ଜାରି କରାଯାଇଛି। କେବଳ ସେତିକି ନୁହେଁ, ଏଥିରେ ପ୍ରଭାସଙ୍କ ଭୂମିକା ବିଷୟରେ ମଧ୍ୟ ଖୁଲ୍ଲାସା କରାଯାଇଛି। ପୋଷ୍ଟରରେ ପ୍ରଭାସଙ୍କ ଗୋଟିଏ ପାର୍ଶ୍ୱ ଦେଖାଯାଇଛି। ପୋଷ୍ଟରରେ ସେ ଫ୍ୟାକ୍ଟ୍ରି ଭଳି କୌଣସି ସ୍ଥାନରେ ବସିଥିବାର ଦେଖାଯାଇଛି। ସେ ମୁଣ୍ଡରେ ଜଟ କରିଛନ୍ତି। ଚଷମା ଲଗାଇବା ସହ ହାତରେ ଟାଟୁ ଦେଖାଯାଉଛି। ପ୍ରଭାସଙ୍କ ଏହି ଲୁକ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଫିଲ୍ମର ପ୍ରଭାସଙ୍କ ନାମ 'ଭୈରବ' ରଖାଯାଇଛି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ନାଗ ଅଶ୍ୱିନ୍। ଫିଲ୍ମଟି ମେ' ୯ ରେ ପରଦାକୁ ଆସିବ।

## ସବୁ ସବୁଜ



ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରିୟ ରଙ୍ଗ ଅଲଗା। ତେବେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଗୋଟିଏ ନିର୍ଦ୍ଦିଷ୍ଟ ରଙ୍ଗ ପ୍ରତି ଏତେମାତ୍ରାରେ ଆସକ୍ତ ଥାଆନ୍ତି ଯେ, ଯାହା ସେମାନଙ୍କୁ ଅନ୍ୟମାନଙ୍କ ଆଗରେ ନିଆରା କରି ଗଢ଼ି ତୋଳେ। ସେମିତି ଜଣେ ମହିଳା ହେଲେ ନ୍ୟୁୟର୍କର ୮୩ବର୍ଷୀୟ ଏଲିଜାବେଥ୍ ସ୍ୱିଟ୍‌ହାର୍ଟ। ସେ ସବୁଜ ରଙ୍ଗ ମୋହରେ ଏତେ ମାତ୍ରାରେ ପଡ଼ିଛନ୍ତି ଯେ, ତାଙ୍କ ଚତୁଃପାର୍ଶ୍ୱର ସମସ୍ତ ସାମଗ୍ରୀକୁ ସବୁଜ ରଙ୍ଗ କରିଦେଇଛନ୍ତି। ତାଙ୍କର ଘର, ଗାଡ଼ି, ପୋଷାକ ସବୁକିଛି ସବୁଜ ରଙ୍ଗର। ତେବେ ଏହି ରଙ୍ଗ ପ୍ରତି ତାଙ୍କର ଏତେ ଦୁର୍ବଳତା ଦେଖି ତାଙ୍କୁ ଏବେ ବିଶ୍ୱର ସବୁଜ ମହିଳା ନାଁରେ ଲୋକ ଜାଣୁଛନ୍ତି। ତାଙ୍କର ଘର, ସୋଫା, ବାସନକୁସନ, ବ୍ଲେଣ୍ଡର ସହିତ ପ୍ରତ୍ୟେକ ସାଜସଜ୍ଜା ଉପକରଣ ସବୁଜ ରଙ୍ଗର। ତେବେ ଏହି ରଙ୍ଗ ପାଇଁ ତାଙ୍କର ଦୁର୍ବଳତାକୁ ନେଇ ସେ କୁହନ୍ତି ଯେ, 'ରଙ୍ଗ ମଣିଷଙ୍କୁ ଖୁସି ରଖିବାରେ ସାହାଯ୍ୟ କରେ। ମୋ ପାଇଁ ଏପରି ଏକ ରଙ୍ଗ ହେଉଛି ସବୁଜ। ଏହି ରଙ୍ଗ ମୋ ଭିତରେ ଏକ ଭିନ୍ନ ଧରଣର ଶକ୍ତି ଆଣିଥାଏ। ସବୁଜ ରଙ୍ଗ ଭିତରେ ତାଙ୍କ ଜୀବନ ବିତିବାରେ ଶୈଳୀ ଏବେ ସମସ୍ତଙ୍କୁ ଆକର୍ଷିତ କରୁଛି। ଏମିତିକି ତାଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ପାଞ୍ଚ ଲକ୍ଷରୁ ଅଧିକ ଅନୁଗାମୀ ରହିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସବୁଜ ରଙ୍ଗର ମହିଳାଙ୍କୁ ଦେଖି ଅନେକ ଖୁସି ହେଉଥିବାବେଳେ ଅନେକ ଜଣ ତାଙ୍କ ସହ ଫଟୋ ଉଠାଇଥାନ୍ତି। ଯାହା ତାଙ୍କୁ ଉତ୍‌ଫୁଲ୍ଲିତ କରାଏ ବୋଲି ସେ କହିଛନ୍ତି।



## ପିଲାଙ୍କ ହୋମୱାର୍କ ପାଇଁ, ପିତାମାତାଙ୍କୁ ହୃଦ୍‌ଘାତ !

ସାଧାରଣତଃ ପିଲାଙ୍କୁ ହୋମୱାର୍କରେ ବାପା ମା' ସାହାଯ୍ୟ କରନ୍ତି। କିନ୍ତୁ, ଚୀନରେ ପିଲାଙ୍କର ଏହି ହୋମୱାର୍କ ଏବେ ପିତାମାତାଙ୍କ ପାଇଁ କାଳ ସାଜିଛି। ପିଲାଙ୍କୁ ହୋମୱାର୍କ ତଥା ଖାସ କରି ଗଣିତ ପାଠରେ ସାହାଯ୍ୟ କରିବାକୁ ଯାଇ ପିତାମାତାମାନେ ହୃଦ୍‌ଘାତର ଶିକାର ହେଉଥିବା ଜଣାପଡ଼ିଛି। ଯାହା ସଭିଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେବେ ନିକଟରେ ହଙ୍ଗୌଜୋରେ ବାସ କରୁଥିବା ଡଙ୍ଗ୍ ନାମ୍ନୀ ଜଣେ ୪୦ ବର୍ଷିୟ ମହିଳା ସନ୍ଧ୍ୟା ସମୟରେ ନିଜ ପୁଅକୁ ଗଣିତ ହୋମୱାର୍କ କରିବାରେ ସାହାଯ୍ୟ କରୁଥିଲେ। ପିଲାଟିକୁ ଗଣିତ ବୁଝାଇଥିଲେ, ସେ ବୁଝିବାରେ ବିଫଳ ହେବାରୁ ମହିଳା ଜଣଙ୍କ ସେହି ସମୟରେ ନିଜ ଧୈର୍ଯ୍ୟ ହରାଇ ବସିଲେ। ସେ ଅଧିକ ରାଗିଯିବାରୁ ତାଙ୍କର ମୁଣ୍ଡ ବିନ୍ଧା ଆରମ୍ଭ ହୋଇଥିଲା। ଏପରିକି ବାନ୍ତି ମଧ୍ୟ କରିଥିଲେ। ଦେହ ଅଧିକ ଖରାପ ହେବାରୁ ସେ ଡାକ୍ତରଖାନାକୁ ଯାଇଥିଲେ। ଚିକିତ୍ସା ପରେ ତାଙ୍କୁ 'ସ୍ପୋଣ୍ଟାନିଓସ୍ ସୁବାର୍କନୋଏଡ୍ ହେମୋରେଜ୍' ନାମକ ମାମୁଲି ଷ୍ଟ୍ରୋକ୍ ହୋଇଥିଲା ବୋଲି ଜଣାପଡ଼ିଥିଲା। ଅତ୍ୟଧିକ ଚାପ ଯୋଗୁଁ ଏହି ଷ୍ଟ୍ରୋକ୍ ହୋଇଥିଲା। ସେ ପୁଅଙ୍କୁ ପଢ଼ାଉଥିବା ସମୟରେ ଅତ୍ୟଧିକ ରାଗି ଯାଇଥିଲେ। ତେଣୁ ଏହି ସମସ୍ୟା ଦେଖାଯାଇଥିଲା। ବର୍ତ୍ତମାନ ସମୟରେ ଏହି ପରିସ୍ଥିତି ଚୀନରେ ଚିନ୍ତାଜନକ ହୋଇପଡ଼ିଛି। ତେବେ ଚୀନରେ ଏହି ଘଟଣା ପ୍ରଥମ ନୁହେଁ, ପୂର୍ବରୁ ଅର୍ଥାତ୍ ୨୦୧୯ ମସିହାରେ ଜଣେ ୩୬ ବର୍ଷିୟ ମହିଳା, ଗତ ବର୍ଷ ଜଣେ ୪୫ ବର୍ଷିୟ ମହିଳା ପିଲାଙ୍କୁ ହୋମୱାର୍କ କରୁଥିବା ସମୟରେ ଏହି ଷ୍ଟ୍ରୋକର ଶିକାର ହୋଇଥିଲେ। ସେହିପରି ଗତ ଜାନୁଆରୀ ମାସରେ ମଧ୍ୟ ଚୀନର ଜିୟାଙ୍ଗସୁ ଅଞ୍ଚଳର ଜଣେ ୩୭ ବର୍ଷିୟ ମହିଳା ନିଜ ପୁଅକୁ ଗଣିତ ପଢ଼ାଉଥିବା ସମୟରେ ଏହି ଷ୍ଟ୍ରୋକର ସମ୍ମୁଖୀନ ହୋଇଥିଲେ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁଯାୟୀ ବିଶେଷ କରି ମହିଳାମାନେ ଏହି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ବହୁ ସମ୍ଭାବନା ରହିଛି, କାରଣ ସେମାନେ ଘର କାମ ସହ ଅଫିସ୍ କାର୍ଯ୍ୟ ଓ ଅନ୍ୟାନ୍ୟ ଚାପ ଓ ଚିନ୍ତାରେ ରହିଥାନ୍ତି। ତେଣୁ ଚାପ ତାଲିକାରେ ପିଲାଙ୍କ ହୋମୱାର୍କ ମଧ୍ୟ ଯୋଡ଼ି ହୋଇଛି।

ଭିନ୍ନ ଏକ ମହଲ

## ପାଣି ତଳେ ପାଞ୍ଚ ମହଲା

ଭାରତର ବିଭିନ୍ନ ସ୍ଥାନରେ ବହୁ ଲୋକପ୍ରିୟ ଐତିହାସିକ ସ୍ଥାନ ରହିଛି। ତନ୍ମଧ୍ୟରୁ ଏମିତି ଅନେକ ସ୍ଥାନ ରହିଛି, ଯାହା ଆଜି ବି ରହସ୍ୟଘେରରେ। ସେହି ସ୍ଥାନ ହେଉଛି ଭୋପାଳ ସ୍ଥିତ ରାଣୀ କମଳାପତି ମହଲ। ଏହାକୁ ନିଜାମ ଶାହଙ୍କ ପତ୍ନୀ ରାଣୀ କମଳାପତି ନିର୍ମାଣ କରିଥିବାରୁ ଏହି ମହଲର ନାଁ ମଧ୍ୟ କମଳାପତି ମହଲ ରଖାଯାଇଛି। କେବଳ ସେତିକି ନୁହେଁ, ଭୋପାଳ ମହଲ ଏବଂ ଜାହାଜ ମହଲ ନାଁରେ ମଧ୍ୟ ଏହା ପରିଚିତ। କୁହାଯାଏ, ରାତି ସମୟରେ ଏହି ମହଲର ଛାଇ ଅବିକଳ ପାଣି ଜାହାଜ ପରି ଲାଗିଥାଏ। ତେବେ ଏହି ମହଲଟିକୁ ରହସ୍ୟମୟ କହିବାର ମୁଖ୍ୟ କାରଣ ହେଉଛି ଏଠାରେ ସାତ ମହଲାର ରହିଥିବାବେଳେ ପ୍ରାୟ ପାଞ୍ଚ ମହଲା ପାଣିରେ ବୁଡ଼ି ରହିଛି। ତେବେ ଏହି ମହଲ ପାଣି ଭିତରେ ବୁଡ଼ି ରହିବା ପଛରେ ଏକ ରୋଚକ କାହାଣୀ ରହିଛି। କମଳାପତି ମହଲ ନିର୍ମାଣ ୩୦୦ ବର୍ଷ ପୂର୍ବରୁ ହୋଇଥିଲା। ମହଲଟି ସ୍ୱତନ୍ତ୍ର ଲଖୌରୀ ଇଟାରେ ନିର୍ମିତ। ଏହା ବହୁତ ମଜଭୁତ। ଏହି ମହଲାର ପୃଷ୍ଠଭାଗକୁ ଭାରୀ ପଥର ଆଧାରରେ ନିର୍ମାଣ କରାଯାଇଥିଲା। କୁହାଯାଏ ରାଜା ନିଜାମ ଶାହଙ୍କ ବନ୍ଧୁ 'ମହମ୍ମଦ ଖାନ' ରାଣୀ କମଳାପତିଙ୍କ ଉପରେ କୁଦୃଷ୍ଟି ପକାଇ ତାଙ୍କୁ ସେ ରାଣୀ ବନାଇବାକୁ ଚାହୁଁଥିଲେ। ଯାହାଫଳରେ ରାଣୀଙ୍କ ପୁତ୍ର ଏବଂ ମହମ୍ମଦ ଖାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଯୁଦ୍ଧରେ ରାଣୀଙ୍କ ପୁତ୍ର ନବଲ ଶାହଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ପୁଅର ମୃତ୍ୟୁ ଖବର ପାଇଁ ରାଣୀ ମହଲରେ ବନ୍ଧ ତଥା ସଂକୀର୍ଣ୍ଣ ରାସ୍ତାକୁ ଖୋଲି ଦେଇଥିଲେ। ଫଳରେ ପୋଖରୀ ପାଣି ମହଲ ଆଡକୁ ଆସିଥିଲା। ଯଦିଓ ରାଣୀ ନିଜେ ବଞ୍ଚିବା ପାଇଁ ଏପରି କରିଥିଲେ। ହେଲେ କିଛି କ୍ଷଣ ମଧ୍ୟରେ ମହଲରେ ପାଣି ଭରି ଯାଇଥିଲା। ଏବଂ ମହଲ ଗୁଡିକ ପାଣିରେ ବୁଡ଼ିବାକୁ ଲାଗିଥିଲା। ତେବେ ରାଣୀ କମଳାପତି ଏହି ପାଣିରେ ସମାଧି ନେଇଥିଲେ। ତେବେ ୧୯୮୯ ମସିହାରେ କମଳାପତି ମହଲକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)କୁ ହସ୍ତାନ୍ତର କରିଥିଲେ।



## ସବୁଠୁ ଲମ୍ବା କାର୍

### ଲାଗିଛି ୨୪ ଚକ, ବସିବେ ୭୫ ଜଣ

ସାମାଜିକ ଗଣମାଧ୍ୟମରେ ପ୍ରତିଦିନ କିଛି ନା କିଛି ସକାରାତ୍ମକ, ଶିକ୍ଷଣୀୟ ତଥା ରୋଚକୀୟ ଫଟୋ ତଥା ଭିଡିଓ ସେୟାର୍ କରାଯାଉଛି। ଯାହାକୁ ଲୋକେ ବେଶ୍ ପସନ୍ଦ କରିଥାନ୍ତି। ଏହି କ୍ରମରେ ଏବେ ଏକ କାର୍‌ର ଭିଡିଓକୁ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି। କେବଳ ସେତିକି ନୁହେଁ, କାର୍‌ର ବିଶେଷତ୍ୱ ଗାଡ଼ିଟିକୁ ଚର୍ଚ୍ଚାରେ ରଖିଛି। ତେବେ ଏ କାର୍ କୌଣସି ସାଧାରଣ କାର୍ ନୁହେଁ। ଏହାକୁ ସବୁଠୁ ଲମ୍ବା କାର୍ ବୋଲି କୁହାଯାଉଛି। ଏହା ହେଉଛି ଏକ 'ଲିମୋ' କାର୍। ଲମ୍ବା ଓ ଆରାମଦାୟକ କାର୍‌କୁ 'ଲିମୋ' କୁହାଯାଏ। ଏହା ଏତେ ଲମ୍ବା ବା ଦୀର୍ଘ ଯେ, ଏଥିରେ ହେଲିକପ୍ଟର ଲ୍ୟାଣ୍ଡ ହେବା ସମ୍ଭବ। କେବଳ ସେତିକି ନୁହେଁ, ଏହି ଗାଡ଼ିର ପଛପାର୍ଶ୍ୱରେ ପୁଲ୍ ମଧ୍ୟ ତିଆରି କରାଯାଇଛି। ସେହିପରି ଏହି କାର୍‌ରେ ୨୪ଟି ଚକକୁ ଖଞ୍ଜା ଯାଇଛି। ତା'ସହ ଏଥିରେ ୭୫ ଜଣ ବେଶ୍ ସୁବିଧାଜନକ ଭାବେ ଯାତ୍ରା କରିପାରିବେ। ଅନ୍ୟପଟେ ଏହି ଲିମୋ କାର୍‌କୁ ଲୋକେ ପସନ୍ଦ କରିବା ସହ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।





## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

■ ଦିଲ୍ଲୀରେ ବିଜେପିର କୋର୍ କମିଟି ବୈଠକ

# ଓଡ଼ିଶାର ପ୍ରାର୍ଥିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା

**ଭୁବନେଶ୍ୱର,୧୮ ।୩(ସମିସ):** ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି ବିଜେପିର କୋର୍ କମିଟି ବୈଠକ। ଏହି ବୈଠକରେ ଓଡ଼ିଶାର ବିଭିନ୍ନ ଲୋକସଭା ଆସନରେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ବିଶ୍ୱସ୍ତ ସୂଚନା ଅନୁଯାୟୀ ଓଡ଼ିଶା ବିଜେପି ପକ୍ଷରୁ ବୈଠକରେ ଏକ ଦୀର୍ଘ ତାଲିକା ଉପସ୍ଥାପନ କରାଯାଇଥିଲା ଓ ଏହା ଉପରେ ଆଲୋଚନା ପରେ ଏଥିରେ କାଣ୍ଟଛାଣ୍ଟ କରାଯାଇଛି। ଖୁବଶୀଘ୍ର ବିଜେପିର ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ହେବ ଓ ଏଥିରେ ଓଡ଼ିଶାର ପ୍ରାର୍ଥୀଙ୍କ ନାମ ସ୍ଥାନ ପାଇବ। ବୈଠକରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, ସାଙ୍ଗଠନିକ ମହାମନ୍ତ୍ରୀ ବି.ଏଲ୍.ସନ୍ତୋଷଙ୍କ ସହ ଅନ୍ୟ ବରିଷ୍ଠ ନେତା ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସଂଗଠନ ସମ୍ପାଦକ ମାନସ ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ଗତ ଶନିବାର ବିଜେପି ରାଜ୍ୟ କାର୍ଯ୍ୟାଳୟର ବିଳମ୍ବିତ ରାତି ଯାଏଁ ଦୁଇଟି ବୈଠକ ବସିଥିଲା। କୋର୍ କମିଟି ଓ ନିର୍ବାଚନ କମିଟି ବୈଠକରେ ରାଜ୍ୟରେ ବିଜେପିର ଉଭୟ ବିଧାନସଭା ଏବଂ ଲୋକସଭା ପ୍ରାର୍ଥୀତ୍ୱ ସମ୍ପର୍କରେ ସବିଶେଷ ତଥ୍ୟ ଉପରେ ଆଲୋଚନା ହୋଇଥିଲା। ସକାଳେ ପ୍ରଥମେ ରାଜ୍ୟ କୋର୍ କମିଟି ଓ ପରେ ରାଜ୍ୟ ନିର୍ବାଚନ କମିଟି ବୈଠକ ହୋଇଥିଲା। ସୂଚନା ଅନୁଯାୟୀ ବୈଠକରେ ବାହାରିଥିବା ନିଷ୍କର୍ଷ ଓ ସବିଶେଷ ରିପୋର୍ଟକୁ ଧରି ମନମୋହନ ସାମଲ ସୋମବାର ଦିଲ୍ଲୀ ଯାଇଛନ୍ତି। ତାଙ୍କ ସହ ସଂଗଠନ ସମ୍ପାଦକ ମାନସ ମହାନ୍ତି, ବରିଷ୍ଠ ନେତା ଜୁଏଲ ଓରାମ ମଧ୍ୟ ଦିଲ୍ଲୀ ଗସ୍ତ କରିଛନ୍ତି। ପୂର୍ବରୁ ଓଡ଼ିଶା ଦାୟିତ୍ୱରେ ଥିବା ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଏବଂ ସହପ୍ରଭାରୀ ଲତା ଉସେଣ୍ଡି ମଧ୍ୟ ଦିଲ୍ଲୀରେ ପହଞ୍ଚିଛନ୍ତି। ଅପରପକ୍ଷେ ରାଜ୍ୟରେ ଆଲୋଚ୍ୟର ବିଷୟ ବସ୍ତୁ ପାଲଟିଥିବା ସମ୍ଭାବ୍ୟ ମେଣ୍ଟକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ସୁନ୍ଦରଗଡ଼ ସାଂସଦ ତଥା ବରିଷ୍ଠ ନେତା ଜୁଏଲ ଓରାମ। ମେଣ୍ଟକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ପ୍ରାର୍ଥୀ ତାଲିକା ସର୍ଟ ଲିଷ୍ଟ କରାଯାଇ କେନ୍ଦ୍ରକୁ ପଠା ଯାଇଛି। କେନ୍ଦ୍ର ଯାହା ନିଷ୍ପତ୍ତି ତାକୁ ପାଳନ କରାଯିବ ବୋଲି ସେ କହିଛନ୍ତି।

# ଆଦିବାସୀମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିବଦ୍ଧ: ବିଜେଡି

**ଭୁବନେଶ୍ୱର, ୧୮ ।୩(ସମିସ):** ଆଦିବାସୀ ଅବା ଜନଜାତି ସମ୍ପ୍ରଦାୟର ଲୋକଙ୍କ ସଂଖ୍ୟା ଓଡ଼ିଶାରେ କିଛି କମ୍ ନାହିଁ। ଦିନ ଥିଲା ଦାରିଦ୍ର୍ୟ, ନିରକ୍ଷରତା ଏବଂ ପଛୁଆ ତାଲିକାରେ ଆଦିବାସୀମାନେ ସବୁଠାରୁ ଆଗରେ ରହିଥିଲେ; କିନ୍ତୁ ଓଡ଼ିଶାର ଆଦିବାସୀମାନେ ଆଜି ଉଚ୍ଚଶିକ୍ଷିତ ହେବା ସହ ସାମାଜିକ ଓ ଆର୍ଥିକ ସ୍ତରରେ ସଶକ୍ତ ହୋଇଛନ୍ତି। ନୂଆ ଓଡ଼ିଶାର ବିବର୍ତ୍ତନରେ ଆଦିବାସୀଙ୍କ ଭାଗିଦାରୀ ସୁନିଶ୍ଚିତ କରାଯାଇଛି। ଫଳରେ ଓଡ଼ିଶାର ପ୍ରତ୍ୟେକ ଜନଜାତି ସମ୍ପ୍ରଦାୟର ଲୋକର ଜୀବନରେ ଆଜି ରୂପାନ୍ତରଣ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଆଜି ଆଦିବାସୀଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିଛି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି ବିଜୁ ଜନତା ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡ଼ ସନ୍ତୃପ୍ତ ମିଶ୍ର।

ଶ୍ରୀ ମିଶ୍ର କହିଛନ୍ତି ଯେ ଆଦିବାସୀମାନେ ରାଜ୍ୟର ଜନସଂଖ୍ୟାର ୨୨.୮% ଅବା ଏକ କୋଟିରୁ ଅଧିକ। ସେମାନେ ଅନନ୍ୟ ସଂସ୍କୃତି, ଜୀବନଶୈଳୀର ପ୍ରତିନିଧିତ୍ୱ କରନ୍ତି ଓ ଉଦ୍ଭିଦର ଔଷଧୀୟ ଦିଗ ସମେତ ଜଙ୍ଗଲ, ଉଦ୍ଭିଦ ଏବଂ ବନଜାତ ଦ୍ରବ୍ୟ ବିଷୟରେ ଅନେକ ପ୍ରକାରର ଅନନ୍ୟ ଜ୍ଞାନର ଭଣ୍ଡାର ଭାବେ ବିବେଚିତ ହୁଅନ୍ତି। ଓଡ଼ିଶାରେ ୩୦ଟି ଜିଲ୍ଲା ଓ ୩୧୪ଟି ବ୍ଲକରେ ୬୪ ସମ୍ପ୍ରଦାୟର ଆଦିବାସୀ ସମ୍ପ୍ରଦାୟ ଅଛନ୍ତି। ଏହି ଅନନ୍ୟ ବିବିଧତା ସତ୍ତ୍ୱେ, ସମ୍ପ୍ରଦାୟର ଏବେ ବି ଅର୍ଥନୈତିକ ଏବଂ ସାମାଜିକ ଭାବରେ ଆତ୍ମନିର୍ଭରଶୀଳ ହେବା ଏବଂ ରାଜନୈତିକ ଭାବରେ ସଶକ୍ତ ଅନୁଭବ କରିବାର ଅନେକ ଆବଶ୍ୟକତା ଥିବା ମନେକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାର ଏବଂ ଦଳକୁ ଏକତ୍ରିତ କରି ଆଦିବାସୀମାନଙ୍କର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି।

ଡ. ମିଶ୍ର ପୁଣି କହିଛନ୍ତି ଯେ ରାଜ୍ୟର ତିନି ଜଣ ବିଶିଷ୍ଟ ଆଦିବାସୀ ନେତାଙ୍କ ନାମରେ ତିନୋଟି ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଆଦିବାସୀ ଅଞ୍ଚଳର ୨୫୦୦ ବିଦ୍ୟାଳୟକୁ ୫-ଟି ଅଧୀନରେ ରୂପାନ୍ତରଣ କରାଯାଇଛି ଏବଂ ୨୦୨୪ ଶେଷ ସୁଦ୍ଧା ଆଉ ୩୩୦୦ ବିଦ୍ୟାଳୟକୁ ରୂପାନ୍ତରିତ କରାଯିବାକୁ ନିଷ୍ପତ୍ତି ହୋଇଛି। ସୁବିଦ୍ୟା କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବୃତ୍ତି ଠାରୁ ଅଧିକ ୯୫୦ ଟଙ୍କା ପ୍ରଦାନ କରାଯାଇଛି। ୧, ୨୩, ୬୩୯ ଜଣ ଝିଅଙ୍କୁ ଏହି ବୃତ୍ତି ମିଳିଛି। ଏହି ଯୋଜନାକୁ ୨୦୨୫-୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆକାଂକ୍ଷା ଯୋଜନାରେ ଭୁବନେଶ୍ୱରରେ



■ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ସୁନିଶ୍ଚିତ କରିଛି ନିଷ୍ଠାପର ଉଦ୍ୟମ
■ ଶିକ୍ଷା, ସଂସ୍କୃତି, ଜୀବିକା, ରାଜନୀତି, କ୍ରୀଡ଼ା କ୍ଷେତ୍ରରେ ସୁନିଶ୍ଚିତ ପ୍ରତିନିଧିତ୍ୱ
■ ତିନି ଜଣ ଆଦିବାସୀ ନେତାଙ୍କ ନାମରେ ନାମିତ ହୋଇଛି ମେଡିକାଲ କଲେଜ

୨ଟି ଅର୍ବାନ ହଷ୍ଟେଲ କମ୍ପେ୍ଲକ୍ସ, ଗଞ୍ଜାମ, ସୁନ୍ଦରଗଡ଼ ଓ ସମ୍ବଲପୁରରେ ୬ଟି ଏହି ଧରଣର ହଷ୍ଟେଲ ରହିଛି। ୧୭ଟି ଜିଲ୍ଲାରେ ୧୧୭ଟି ସରକାରୀ ବିଦ୍ୟାଳୟରେ ୨୧୬୮୨ ଜଣ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ୨୦୨୦ରୁ ଓଡ଼ିଶା ଆଦର୍ଶ ଆଦିବାସୀ ଶିକ୍ଷା ସମିତି - ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ କାର୍ଯ୍ୟ କରୁଛି। ଏହି ସର୍ବବୃହତ ଆବାସିକ ବିଦ୍ୟାଳୟ ସୁବିଧା ପ୍ରଦାନ କରୁଛି। ଏସ୍‌ସିଏସ୍‌ଟି ବିଭାଗ ଅଧୀନରେ ୧୭୩୪ ଟି ବିଦ୍ୟାଳୟ କାର୍ଯ୍ୟ କରୁଛି ଏବଂ ୪.୬ ଲକ୍ଷ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ୬୫୦୦ ହଷ୍ଟେଲରେ ୫.୭ ଲକ୍ଷ ଛାତ୍ରଛାତ୍ରୀ ରହୁଛନ୍ତି। ପ୍ରି-ମାଟ୍ରିକ ସ୍ତରରେ ୧୫ ଲକ୍ଷ ଏସସି ଓ ଏସଟି ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଦିଆଯାଉଛି। ବାଳିକାଙ୍କୁ ବାର୍ଷିକ ୮୦୦୦ ଟଙ୍କା ଓ ବାଳକଙ୍କୁ ୭୫୦୦ ଟଙ୍କା ପ୍ରଦାନ କରାଯାଇଛି। ସମସ୍ତ ଉଚ୍ଚଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ପାଇଁ ୪ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ ପରବର୍ତ୍ତୀ ବୃତ୍ତି ମିଳୁଛି। ଓଡ଼ିଶା ବାଳିକା ପ୍ରୋତ୍ସାହନ ସମସ୍ତ ସହାୟତା ଫଳରେ ଜନଜାତି ଛାତ୍ରଛାତୀମାନଙ୍କ ଶିକ୍ଷା ସମ୍ପୂର୍ଣ୍ଣ କରିବାରେ ସହାୟକ ହୋଇପାରୁଛି। ବିର୍ସା ମୁଣ୍ଡାଙ୍କ ନାମରେ ରାଉରକେଲାର ସର୍ବବୃହତ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ ହୋଇଛି। ସୁନ୍ଦରଗଡ଼ର ପ୍ରତି ବ୍ଲକରେ ୧୭ଟି ଆଷ୍ଟ୍ରୋଟର୍ଫ ପ୍ରତିଷ୍ଠା ହୋଇଛି। ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଅଧୀନରେ ଅଲିମ୍ପିକ୍ ସ୍ତରର ଶିକ୍ଷା କାର୍ଯ୍ୟକ୍ରମ-ଉତ୍କର୍ଷତା, ବନ୍ଧୁତା ଏବଂ ସମ୍ମାନ କାର୍ଯ୍ୟକାରୀ ହୋଇଛି। ଆଦିବାସୀମାନଙ୍କ ସାଂସ୍କୃତିକ ସଂରକ୍ଷଣ ପାଇଁ ପାରମ୍ପରିକ ବାଦ୍ୟଯନ୍ତ୍ର ବଣ୍ଟନ, ଆଦିବାସୀ ସଂସ୍କୃତିକୁ ଆଗକୁ ବଢ଼ାଇବା ପାଇଁ ୨୦୨୨ ଆଦିବାସୀ ପଞ୍ଚାୟତରେ ୨୦୨୨ ସଂସ୍କୃତି କ୍ଲବ୍, ୪୪୦୦ଟି ପବିତ୍ର ପୂଜାସ୍ଥଳୀ ସ୍ଥାପନ ହୋଇଛି। ରାଜଧାନୀ ଭୁବନେଶ୍ୱରରେ ୫ ଏକର ପରିମିତ ଜମିରେ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଆଦିବାସୀ ଭବନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।

ଅନୁରୂପ ଭାବରେ ବିଜେଡି ମୁଖପାତ୍ର ଡ଼ ପ୍ରିୟବ୍ରତ ମାଝି କହିଛନ୍ତି ଆଦିବାସୀମାନଙ୍କ ସର୍ବାଙ୍ଗୀଣ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ଉଦ୍ୟମରତ। ଆଦିବାସୀମାନଙ୍କ ଅର୍ଥନୈତିକ ଆତ୍ମନିର୍ଭରଶୀଳତା ଓ ଅଭିବୃଦ୍ଧି ପାଇଁ ଲାଭ ଯୋଜନା କାର୍ଯ୍ୟକାରୀ ହୋଇଛି। ଏଥିରେ ଲଘୁ ବନଜାତ ଦ୍ରାବ୍ୟ କ୍ରୟ ଲାଗି ଏମଏସ୍‌ପି ପାଇଁ ୧୦୦% ରାଜ୍ୟ ସମର୍ଥିତ ଏମଏସପି। ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀମାନେ ମୁଖ୍ୟତଃ ମହିଳା ହୋଇଥିବାରୁ ଏହା ପ୍ରାୟ ୯୯ ଲକ୍ଷ ଆଦିବାସୀଙ୍କୁ ସାହାଯ୍ୟ କରିଛି। ସ୍ୱୟଂ ସହାୟିକା ଗୋଷ୍ଠିଗୁଡ଼ିକୁ ଡିବିଟି ଜରିଆରେ ଅର୍ଥ ପ୍ରଦାନ ସହିତ ୨% କମିଶନ୍ ମିଳୁଛି। ସେହିପରି ୫-ଟି ଓ ଟିଡିସିସିଓଏଲ୍ ଅଧୀନରେ କ୍ରୟ ଅଟୋମେସନ୍ ଇ-ଟେଣ୍ଡରିଂ ଏବଂ ମୂଲ୍ୟ ସଂଯୋଜନ ଉପରେ ବିଚାର କରୁଛି। ଏଲବିଏଚଏ(ଲାଭ) ଯୋଜନାରେ ରାୟଗଡ଼ାରେ ୨୫ କୋଟି ଟଙ୍କା ବ୍ୟୟରେ ତେନ୍ତୁଳି ପ୍ରକ୍ରିୟାକରଣ ୟୁନିଟ୍ କାର୍ଯ୍ୟକାରୀ ହୋଇଛି। ୭୧୧ କୋଟି ବ୍ୟୟରେ ୧୩ଟି ଦୁର୍ବଳ ଆଦିବାସୀ ଗୋଷ୍ଠୀର ୨୭୩୦୮ ପିଭିଟିଜି ପରିବାର, ୩୯୯୬୯ ଅନ୍ୟ ଆଦିବାସୀ ପରିବାର, ୮୬୧୬ ଏସ୍‌ସି ପରିବାର, ୨୦୭୫୮ ଅନ୍ୟ ଗରିବ ପରିବାର ପାଇଁ ଜୀବିକା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ କନ୍ଧମାଳ ଭଳି ୯ଟି ଏସଡିସି ଗଠନ ହୋଇଥିବା ବେଳେ ୨୦୨୨-୨୩ରେ ଆଉ ୧୪ଟି ଏସଡିସି ଗଠନ କରାଯାଇଛି ବୋଲି ଡ଼. ମାଝି କହିଛନ୍ତି।

ଦୋଳ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ

# ସକାଳ ୮ରୁ ସାଢ଼େ ୯ଟା ମଧ୍ୟରେ ମହାପ୍ରଭୁଙ୍କ ସୁନାବେଶ

**ପୁରୀ, ୧୮ ।୩ (ସମିସ):** ଆସନ୍ତା ୨୫ ତାରିଖରେ ଦୋଳ ପୂର୍ଣ୍ଣିମା। ଏହିଦିନ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ସକାଳ ୮ଟାରୁ ସାଢ଼େ ୯ଟା ମଧ୍ୟରେ ଦାରୁବିଗ୍ରହ ଏହି ଦୁର୍ଲଭ ବେଶରେ ସଜେଇ ହେବେ। ତେଣୁ ଏହି ଦୋଳପୂର୍ଣ୍ଣିମା ଏବଂ ଏହା ପୂର୍ବଦିନ ହେବାକୁ ଥିବା ମେଣ୍ଢାପୋଡ଼ି ନୀତି କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ, ସେଥିଲାଗି

**ନିର୍ଦ୍ଧାରିତ ସମୟରେ ନୀତି କରିବାକୁ ସେବାୟତଙ୍କୁ ପରାମର୍ଶ**

ସୋମବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଦୋଳ ପୂର୍ଣ୍ଣିମା ଏବଂ ମେଣ୍ଢାପୋଡ଼ି ନୀତି ନିର୍ଘଣ୍ଟ କରାଯାଇଛି।

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ମାର୍ଚ୍ଚ ୨୪ ତାରିଖରେ ମେଣ୍ଢାପୋଡ଼ି ନୀତିକୁ ସଅଳ ସାରି ରାତି ୧୨ଟାରେ ରାତ୍ର ପହୁଡ଼ କରାଯିବ। ରାତ୍ର ୩ଟାରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ଚାଲିବ। ୨୫ ତାରିଖ ପୂର୍ବାହ୍ନ ୧୦ଟାରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନକୁ ବିଜେ କରିବେ। ପୂର୍ବାହ୍ନ ସାଢ଼େ ୧୧ଟା ସୁଦ୍ଧା ବେଢ଼ା ପରିକ୍ରମା କରିସାରିବା ପରେ ଦୋଳବେଦୀକୁ ବିଜେ କରିବେ। ଏହାପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ସରିବା ପରେ ଅପରାହ୍ଣ ସାଢ଼େ ୧ଟା ସୁଦ୍ଧା ଭୋଗମଣ୍ଡପ ଶେଷ ହେବ। ରାତ୍ର ୯ଟାରେ ଦୋଳବେଦୀ ନୀତି ସାରି ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଅନ୍ୟାନ୍ୟ ନୀତି ବଢ଼ି ରାତି ୧୦ଟା ୩୫ରୁ



୧୨ଟା ମଧ୍ୟରେ ଦାରୁବିଗ୍ରହଙ୍କ ସୁନାବେଶ ମଇଲମ ବା ଓଲାଗି କରାଯିବ। ଏହାପରେ ଅନ୍ୟ ନୀତି ସମ୍ପନ୍ନ ହୋଇ ରାତ୍ର ୩ଟା ୪୫ରେ ରାତ୍ର ପହୁଡ଼ ହେବା ଲାଗି ନୀତି ନିର୍ଘଣ୍ଟ ହୋଇଛି।

ସେହିପରି ବୈଠକରେ ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବା ନେଇ ଆଲୋଚନା କରାଯାଇଛି। ନିର୍ଘଣ୍ଟ ସମୟରେ ନୀତିକାନ୍ତି ଚାଲିଲେ, ଦର୍ଶନ ବ୍ୟବସ୍ଥା ବି ଶୃଙ୍ଖଳିତ ହେବ। ତେଣୁ ଏହା ଉପରେ ଗୁରୁତ୍ୱ ଦେବାକୁ ସବୁ ନିଯୋଗଙ୍କୁ ଅବଗତ କରାଯାଇଛି। ଦୈନନ୍ଦିନ ନୀତିକାନ୍ତି ହେଉ ବା ସ୍ୱତନ୍ତ୍ର ପର୍ବପର୍ବାଣି ପାଇଁ ଯେଉଁ ସମୟ ନିର୍ଘଣ୍ଟ କରାଯାଉଛି, ସେହି ସମୟରେ ନୀତି ସମ୍ପନ୍ନ କରିବାକୁ ସେବାୟତଙ୍କୁ ପରାମର୍ଶ ଦିଆଯାଇଛି। ତେବେ ଛତିଶା ନିଯୋଗ ପୂର୍ବରୁ ନୀତି ସବ୍-କମିଟି ବୈଠକ ବସିଥିଲା। ଏଥିରେ ମେଣ୍ଢାପୋଡ଼ି ନୀତି, ଦୋଳପୂର୍ଣ୍ଣିମା ନୀତି ଉପରେ ଆଲୋଚନା କରାଯାଇ ଚୂଡ଼ାନ୍ତ ହୋଇଥିଲା। ଏହାପରେ ନିର୍ଘଣ୍ଟ ନୀତିକାନ୍ତି ଛତିଶା ନିଯୋଗ ବୈଠକରେ ଉପସ୍ଥାପନ କରାଯାଇ ଅନୁମୋଦନ ଲାଭ କରିଛି। ବୈଠକରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ପ୍ରଦୀପ କୁମାର ସାହୁ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ଓ ବରିଷ୍ଠ ସେବାୟତ ପ୍ରମୁଖ ଯୋଗ ଦେଇଥିଲେ।

ଅନ୍ୟପକ୍ଷରେ ଆଗକୁ ଖରା ବଢ଼ିବ। ତେଣୁ ଏହାକୁ ନଜରରେ ରଖି ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ, ସେଥିଲାଗି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଶ୍ରଦ୍ଧାଳୁଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ, ଶେଡ୍ ବ୍ୟବସ୍ଥା କରାଯାଇଥିବା ବେଳେ କାରପେଟ୍ ମଧ୍ୟ ପକାଯାଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## ୨ଟି ବ୍ୟାଙ୍କରେ ରହିବ ଶ୍ରୀମନ୍ଦିରର ୩୯.୨୧ କୋଟି

**ପୁରୀ,୧୮ ।୩ (ସମିସ):** ଦୁଇଟି ବ୍ୟାଙ୍କରେ ରହିବ ଶ୍ରୀମନ୍ଦିରର ଦାନ ଟଙ୍କା। ବିଡ୍ ମାଧ୍ୟମରେ କାନାଡ଼ା ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ବରୋଦାକୁ ଏଥିପାଇଁ ଚୟନ କରାଯାଇଛି। ଏହି ଦୁଇଟି ବ୍ୟାଙ୍କରେ ମୋଟ ୩୯ କୋଟି ୨୧ ଲକ୍ଷ ଟଙ୍କା ଟେମ୍ପୁଲ ଫଣ୍ଡରେ ସ୍ଥାୟୀ ଆକାରରେ ଜମା ହେବ ବୋଲି ନିଷ୍ପତ୍ତି ହୋଇଛି।

ସୂଚନା ମୁତାବକ, ମହାପ୍ରଭୁଙ୍କ ଟେମ୍ପୁଲ ଫଣ୍ଡ ଟଙ୍କା ଜମା ରଖିବାକୁ ନେଇ ଗତ ୧୧ ତାରିଖରେ ଟେଣ୍ଡର୍ ଆହ୍ୱାନ କରାଯାଇଥିଲା। ଏଥିରେ ଭାଗନେବା ପାଇଁ ୯ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କଠାରୁ କୋଟେସନ୍ ମଗାଯାଇଥିଲା। ସେହି ବ୍ୟାଙ୍କଗୁଡ଼ିକ ହେଉଛି, ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାଡ଼ା ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ ଏବଂ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ। ସୋମବାର ପୂର୍ବାହ୍ନ ସାଢ଼େ ୧୧ଟା କୋଟେସନ୍ ଦାଖଲର ଶେଷ ସମୟ ରହିଥିଲା। ନିର୍ଦ୍ଧାରିତ ସମୟରେ ୪ଟି ବ୍ୟାଙ୍କ କୋଟସନ୍ ଦାଖଲ କରିଥିଲେ। ଏମାନଙ୍କ ମଧ୍ୟରୁ କାନାଡ଼ା ବ୍ୟାଙ୍କ ସର୍ବାଧିକ ୭.୮୦ ପ୍ରତିଶତ ସୁଧ ଦେବାକୁ ରାଜି ହୋଇଥିବା ବେଳେ ଦ୍ୱିତୀୟରେ ବ୍ୟାଙ୍କ ଅଫ୍ ବରୋଦା ୭.୫୫ ପ୍ରତିଶତ ସୁଧ ଦେବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ତେଣୁ କାନାଡ଼ା ବ୍ୟାଙ୍କରେ ୭.୮୦ ପ୍ରତିଶତ ସୁଧ ହାରରେ ଶ୍ରୀମନ୍ଦିର କର୍ପସ ଫଣ୍ଡର ୩୬କୋଟି ୩ ଲକ୍ଷ ଟଙ୍କା ଏବଂ ବ୍ୟାଙ୍କ ଅଫ୍ ବରୋଦାରେ ୭.୫୫ ପ୍ରତିଶତ ସୁଧ ହାରରେ ଅର୍ପଣ ରଥରୁ ସଂଗୃହୀତ ୩ କୋଟି ୧୮ ଲକ୍ଷ ଏହିପରି ୨ଟି ବ୍ୟାଙ୍କରେ ମୋଟ ୩୯ କୋଟି ୨୧ ଲକ୍ଷ ଟଙ୍କା ସ୍ଥାୟୀ ଜମା ରଖାଯିବ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା କହିଛନ୍ତି, ମହାପ୍ରଭୁଙ୍କ ଟଙ୍କା ଜମା ରଖିବା ଲାଗି ବିଭିନ୍ନ ବ୍ୟାଙ୍କଠାରୁ କୋଟେସନ୍ ଆହ୍ୱାନ କରାଯାଇଥିଲା। ଯିଏ ଅଧିକ ସୁଧ ଦେବେ, ସେଥିରେ ଟଙ୍କା ଡିପୋଜିଟ୍ ରଖିବା ଲାଗି କୁହାଯାଇଥିଲା। ସେହି ଅନୁଯାୟୀ ଦୁଇଟି ବ୍ୟାଙ୍କରେ ଟଙ୍କା ଜମା ରଖାଯିବା ଲାଗି ନିଷ୍ପତ୍ତି ହୋଇଛି। ଏହି ଟଙ୍କା ସୁଧ ମିଳିଲେ ଏହା ସେବାୟତ ଏବଂ ଭକ୍ତଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ ହେବ ବୋଲି ଶ୍ରୀ ବର୍ମା କହିଛନ୍ତି।

■ କାନାଡ଼ା ବ୍ୟାଙ୍କରେ ଜମା ହେବ ୩୬.୩ କୋଟିର କର୍ପସ ଫଣ୍ଡ
■ ବ୍ୟାଙ୍କ ଅଫ୍ ବରୋଦାରେ ରହିବ ଅର୍ପଣ ରଥରୁ ସଂଗୃହୀତ ୩.୧୮ କୋଟି

# ପତ୍ନୀହନ୍ତାକୁ ୫ ବର୍ଷ ଜେଲ୍

**ଚମ୍ପୁଆ, ୧୮ ।୩ (ସମିସ):** ପାରିବାରିକ ଝଗଡ଼ାକୁ କେନ୍ଦ୍ର କରି ଫୁଙ୍କନଳିରେ ବାଡ଼େଇ ନିଜ ସ୍ତ୍ରୀକୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱାମୀକୁ ଦୋଷୀ ସାବ୍ୟସ୍ତ କରିବା ସହ ୫ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍। ଏହାସହ ୫ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ହେଲେ ଅଧିକ ଦୁଇ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଦୋଷୀଜଣଙ୍କ ହେଲା, ଝାଡ଼ଖଣ୍ଡ ରାଜ୍ୟର କମଲେଶ ଯାଦବ। ମାମଲାର ବିବରଣୀରୁ ପ୍ରକାଶ, ଯୋଡ଼ା ହନୁମାନ ମନ୍ଦିର ଛକଠାରେ କମଲେଶ ନିଜ ପତ୍ନୀ ଶାନ୍ତି ରୁଣ୍ଡାଙ୍କ ସହ ଭଡ଼ାରେ ରହୁଥିଲେ। ସେ ଜଣେ ଗାଡ଼ି ଚାଳକ ଭାବେ କାମ କରୁଥିଲେ। ଗତ ୨୦୨୦ ସେପ୍ଟେମ୍ବର ୨୭ ତାରିଖ ଦିନ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ କମଲେଶ ଏକ ଫୁଙ୍କନଳିରେ ଶାନ୍ତିଙ୍କୁ ମାଡ଼ ମାରିଥିଲେ। ଏଥିରେ ଘଟଣାସ୍ଥଳରେ ହିଁ ଶାନ୍ତିଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ଶାନ୍ତିଙ୍କ ଭାଇ ସୁଶୀଲ ଯୋଡ଼ା ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି କମଲେଶକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୩ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସମେତ ମୋଟ ୧୬ ଜଣଙ୍କ ବୟାନକୁ ଭିତ୍ତି କରି ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସରୋଜ କୁମାର ଦାସ ଆଜି କମଲେଶକୁ ଏହି ଦଣ୍ଡାଦେଶ ଦେଇଛନ୍ତି।

■ ଜୀବନ ନେଲା ସଂକେତବିହୀନ ହମ୍ପ୍‌ସ

# ବାଇକ୍‌ରୁ ପଡ଼ି ମହିଳା ମୃତ

**ଚମ୍ପୁଆ, ୧୮ ।୩ (ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରେ ଥିବା ଏକ ହମ୍ପସ୍ ଆଜି ଜଣେ ମହିଳାଙ୍କ ଜୀବନ ନେଇଛି। ମୃତ ମହିଳା ହେଲେ, ଚାଇନା ମହାନ୍ତ। ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖରେ ଏହି ଅଘଟଣ ଘଟିଛି।

ସୂଚନାନୁସାରେ, ବାରିଆ ଥାନା ଅନ୍ତର୍ଗତ ବାରାହପଶି ଗ୍ରାମର ଲକ୍ଷ୍ମୀକାନ୍ତ ମହାନ୍ତ ଓ ତାଙ୍କ ସ୍ତ୍ରୀ ଚାଇନା ମହାନ୍ତ ଆଜି ସକାଳେ ଏକ ବାଇକ୍‌ରେ ପରିବା ବିକ୍ରି କରିବା ପାଇଁ ଚମ୍ପୁଆ ବଜାରକୁ ଆସୁଥିଲେ। ଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖରେ ଥିବା ହମ୍ପସ୍ ସଂପର୍କରେ ପୂର୍ବରୁ କୌଣସି ସୂଚନା ନଥିବାରୁ ଲକ୍ଷ୍ମୀକାନ୍ତ ଜାଣିପାରିନଥିଲେ। ଫଳରେ ସେ ବାଇକ୍ ଉପରକୁ ଭାରସାମ୍ୟ ହରାଇବାରୁ ପଛରେ ବସିଥିବା ଚାଇନା ବାଇକ୍‌ରୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଚମ୍ପୁଆ ରିମୁଳି ରାଜପଥରେ ବଡ଼ବଡ଼ ହମ୍ପସ୍ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଅଧିକାରୀମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ହମ୍ପସ୍‌ଗୁଡ଼ିକରେ ସଙ୍କେତ ଚିହ୍ନ ବା ରଙ୍ଗ ଦେଇ ଚିହ୍ନଟ କରାଗଲେ ଗାଡ଼ି ଚାଳକମାନେ ସତର୍କ ହୋଇପାରନ୍ତେ ବୋଲି କୁହାଯାଇଛି।

ଓଡ଼ିଶା ପୁଲିସର ନିର୍ବାଚନ ପ୍ରସ୍ତୁତି

# ମାଓପ୍ରବଣ ଜିଲ୍ଲାରେ ଶୃଙ୍ଖଳିତ ନିର୍ବାଚନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୮ ।୩(ସମିସ):** ଶୃଙ୍ଖଳିତ ନିର୍ବାଚନ ନିମନ୍ତେ ଅଣ୍ଟା ଭିଡ଼ିଛି ଓଡ଼ିଶା ପୁଲିସ। ଭୁବନେଶ୍ୱରରେ ପୁଲିସ ମହାନିର୍ଦ୍ଦେଶକଙ୍କ କ୍ୟାମ୍ପ ଅଫିସରେ ଡ଼ିଜି ଅରୁଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ପଡ଼ୋଶୀ ଛତିଶଗଡ଼, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡର ପୁଲିସ ଅଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶାର ସମସ୍ତ ଜିଲ୍ଲା ଓ ଓଡ଼ିଶା ସୀମା ସଂଲଗ୍ନ ପଡ଼ୋଶୀ ରାଜ୍ୟର ଜିଲ୍ଲାଗୁଡ଼ିକର ଏସ୍‌ପିମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଛନ୍ତି।

ଆସନ୍ତା ମଇ ଓ ଜୁନ ମାସରେ ରାଜ୍ୟରେ ଚାରୋଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଷଡ଼ଙ୍ଗୀ ପଡ଼ୋଶୀ ରାଜ୍ୟର ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଡିଜି ଅରୁଣ ଷଡ଼ଙ୍ଗୀ ଗଣମାଧ୍ୟମକୁ କହିଛନ୍ତି ଯେ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ସମସ୍ତ ନିୟମାବଳୀକୁ ସଠିକ ଭାବେ ପାଳନ କରିବା ସହ ଶାନ୍ତିପୂର୍ଣ୍ଣ, ଅବାଧ, ଅପରାଧମୁକ୍ତ ଏବଂ ନିରପେକ୍ଷତାର ସହ ନିର୍ବାଚନ ପରିଚାଳନା କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ବିଶେଷକରି ରାଜ୍ୟର ସୀମାବର୍ତ୍ତୀ ଜିଲ୍ଲା ଗୁଡିକରେ ନିର୍ବାଚନ ପ୍ରକ୍ରିୟାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ମାଓ ପ୍ରବଣ ଜିଲ୍ଲାଗୁଡିକରେ ନିର୍ବାଚନ ସଂକ୍ରାନ୍ତ ହିଂସା, ରାଜ୍ୟର



ସୀମା ତନଖି ଫାଟକରେ କଡାକଡି ଯାଞ୍ଚ, ସମ୍ବେଦନଶୀଳ ସ୍ଥାନ ଗୁଡିକରେ ଯାନବାହନ ଯାଞ୍ଚ, ଅବକାରୀ ଧରପଗଡ଼, ବେଆଇନ ମରଣାସ୍ତ୍ର, ବେଆଇନ ମଦ କାରବାର, ବେଆଇନ ଟଙ୍କା କାରବାର ଉପରେ ପ୍ରତିବନ୍ଧକ ଲଗାଇବା ସଂକ୍ରାନ୍ତରେ ଆଲୋଚନା ହୋଇଛି। ଏହାସହ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଖବର ପରିବେଷଣ ରୋକାଯିବା ଓ ଡିପ୍ ଫେକ୍ ଭିଡ଼ିଓ ସଂକ୍ରାନ୍ତରେ ଚର୍ଚ୍ଚା ହୋଇଛି। ଏହାକୁ ନଜରରେ ରଖି ସବୁ ଜିଲ୍ଲାର ଏସ୍‌ପିମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଯେଉଁମାନେ ସାମାଜିକ ଗଣମାଧ୍ୟମରେ ମିଥ୍ୟ ଖବର ପ୍ରଚାର କରିବେ ସେମାନଙ୍କୁ ସିଧା ଗିରଫ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ନିର୍ବାଚନ ସମୟରେ ପଡୋଶୀ ରାଜ୍ୟର ପୁଲିସ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମଧ୍ୟ କୁହାଯାଇଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର.କେ. ଶର୍ମା, (ଗୁଇନ୍ଦା) ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେସନ) ଏସ. ଦେବଦତ୍ତ ସିଂ, ଆଇଜିପି (ପ୍ରୋଭିଜନିଙ୍ଗ) ଯତୀନ୍ଦ୍ର କୋୟଲ, ଆଇଜିପି (ଗୁଇନ୍ଦା) ଅନୁପ ସାହୁ, ଡିଆଇଜିପି (ଏସଆଇଡବ୍ଲୁ) ଡା ଉମାଶଙ୍କର ଦାଶ, ଏସ୍‌ପି (ହେଡକ୍ୱାର୍ଟସ) ବି. ଗଙ୍ଗାଧରଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି, ଡି.ଆଇ.ଜି ଏବଂ ସୀମାବର୍ତ୍ତି ଜିଲ୍ଲା ଗୁଡିକର ଏସ.ପି ମାନେ ବୈଠକରେ ଉପସ୍ଥିତ ଥିଲେ।

● ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ପୁଲିସ ଅଧିକାରୀଙ୍କ ସହ ବୈଠକ
● ବେଆଇନ ଟଙ୍କା କାରବାର ରୋକିବାକୁ ରାଜ୍ୟ ପ୍ରବେଶ ପଥରେ କଡ଼ାକଡ଼ି ଯାଞ୍ଚ
● ଗିରଫ ହେବେ ସୋସିଆଲମିଡିଆରେ ମିଥ୍ୟା ଖବର ପରିବେଷଣକାରୀ
● ଆଭାସୀ ମାଧ୍ୟମରେ ସାମିଲ ହେଲେ ସବୁ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ

# ବୁଡ଼ିଯାଉଥିବା ବେଳେ ୭ ପର୍ଯ୍ୟଟକ ଉଦ୍ଧାର

**ପୁରୀ, ୧୮ ।୩ (ସମିସ):** ପୁରୀ ସମୁଦ୍ରରେ ଗାଧୋଉଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। କେତେବେଳେ ପର୍ଯ୍ୟଟକ ବୁଡ଼ିଯାଉଛନ୍ତି ତ ପୁଣି କେତେବେଳେ ମୃତାହତ ହେଉଛନ୍ତି। ଆଜି ମଧ୍ୟ ଏଭଳି ଏକ ବଡ଼ ଅଘଟଣ ଅଳ୍ପକେ ଟଳିଯାଇଛି। ସମୁଦ୍ର ସ୍ନାନବେଳେ ବୁଡ଼ିଯାଉଥିବା ୭ଜଣ ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରିଛନ୍ତି। ଏମାନଙ୍କ ଭିତରେ ୬ଜଣ ଯୁବକ ଥିବା ବେଳେ ଜଣେ ଯୁବତୀ ରହିଛନ୍ତି। ବ୍ଲୁ-ଫ୍ଲାଗ ବିଚ୍‌ରେ ଏମାନେ ଗାଧୋଉଥିବା ବେଳେ ଏଭଳି ଅଘଟଣ ଘଟିଛି। ପୂର୍ବାହ୍ନରେ ଦୁଇ ଯୁବକ ମୟୂରଭଞ୍ଜ ଜିଲ୍ଲା ବାରିପଦା ଲାଲ୍ ବଜାରର ଆସିଫ୍ ସିଦ୍ଦିକ୍ (୨୧) ଏବଂ ମୁନୀର କଲୋନୀର ମହମ୍ମଦ ସାମ୍‌ସଦ (୨୪) ବ୍ଲୁ ଫ୍ଲାଗ ବିଚ୍‌ରେ ଗାଧୋଉଥିଲେ। ଏକ ବଡ଼ ଜୁଆରରେ ପଡ଼ି ସେମାନେ ଭିତରକୁ ଟାଣି ହୋଇଯାଇଥିଲେ। ଏହାଦେଖି ସେଠାରେ ମୁତୟନ ଥିବା ଲାଇଫ୍‌ଗାର୍ଡ ଭିତରକୁ ଯାଇ ତୁରନ୍ତ ସେମାନଙ୍କୁ ଉଦ୍ଧାର କରିଥିଲେ। ଉଭୟ ସୁସ୍ଥ ଥିବା ଜଣାପଡ଼ିଛି। ସେହିପରି ଆଉ ୫ଜଣ ହେଉଛନ୍ତି ରାଉରକେଲା ଛେଣ୍ଡ କଲୋନୀର ସୂରଜ ତିଆଡ଼ି (୨୧), ଅଲ୍‌ତାମସ ଅନ୍‌ସାରୀ (୨୧), ଅଂଶୁମାନ ପ୍ରଧାନ (୨୧), ମନୀଷା ସାହୁ (୨୦) ଏବଂ ତନ୍ମୟ ପାତ୍ରୀ (୨୧)। ବ୍ଲୁ-ଫ୍ଲାଗ ବିଚ୍‌ରେ ଗାଧୋଉଥିବା ବେଳେ ଏମାନେ ବୁଡ଼ି ଯାଉଥିଲେ। ଲାଇଫ୍‌ଗାର୍ଡ ଠିକଣା ସମୟରେ ଏମାନଙ୍କୁ ଉଦ୍ଧାର କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ସମୁଦ୍ରରେ ଗାଧୋଇବା ବେଳେ ଲାଇଫ୍‌ଗାର୍ଡଙ୍କ କଥା ଶୁଣୁନାହାନ୍ତି। କେତେବେଳେ କେଉଁଠି ରିପ୍ କରେଣ୍ଟ ରହୁଛି, ତାହା ଜାଣି ନପାରିବା ଫଳରେ ସେଥିରେ ପଡ଼ି ଭିତରକୁ ଟାଣି ହୋଇଯାଉଛନ୍ତି।

## ଏସ୍‌ବିଆଇ'କୁ ପୁଣି ସୁପ୍ରିମକୋର୍ଟଙ୍କ ତାଗିଦ୍‌

# ବଣ୍ଡ ନମ୍ବର ସହ ୨୧ ସୁଦ୍ଧା ସମ୍ପୂର୍ଣ୍ଣ ତଥ୍ୟ ଦିଅ

ନୂଆଦିଲ୍ଲୀ, ୧୮ ।୩(ଏଜେନ୍ସି)

ନିର୍ବାଚନୀ ବଣ୍ଡ ତଥ୍ୟକୁ ନେଇ ସୁପ୍ରିମକୋର୍ଟ ପୁଣିଥରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)କୁ ତାଗିଦ୍ କରିଛନ୍ତି । ପୂର୍ବରୁ ବ୍ୟାଙ୍କ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟକୁ ଯେଉଁସବୁ ତଥ୍ୟ ଦିଆଯାଇଛି ତାହା ସମ୍ପୂର୍ଣ୍ଣ ନୁହେଁ । ଏହାକୁ ଏସବିଆଇ 'ସିଲେକ୍ଟିଭ'( ଚୟନ ସୂତ୍ରରେ) ଭାବେ ପ୍ରଦାନ କରିଛି, ଯାହାକି ସମ୍ପୂର୍ଣ୍ଣ ନୁହେଁ । ତେଣୁ ଆଗାମୀ ୨୧ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏସବିଆଇକୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି । ତଥ୍ୟ ଦେବା ବେଳେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ 'ସିଲେକ୍ଟିଭ୍' ହୋଇପାରିବ ନାହିଁ। କେଉଁ ତଥ୍ୟ ଦିଆଯିବ ଏବଂ କେଉଁଟା ଦିଆଯିବ ନାହିଁ ତାହାକୁ ବାଛି ପାରିବ ନାହିଁ। ଏସବିଆଇକୁ ସମସ୍ତ ଉପଲବ୍ଧ ତଥ୍ୟ ଦେବାକୁ ପଡ଼ିବ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ବିଚାରପତି ସଞ୍ଜୀବ ଖାନ୍ନା, ବିଆର୍ ଗାଭାଇ, ଜେବି ପର୍ଦ୍ଦିୱାଲା ଓ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ୫ଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ସମସ୍ତ ନିର୍ବାଚନୀ ବଣ୍ଡର ଅଦୃଶ୍ୟ(ଖାଲିଆଖିରେ ଦେଖାଯାଉନଥିବା) ତଥା ଗୁପ୍ତ ଆଲଫାନ୍ୟୁମେରିକ୍ ନମ୍ବର ମାର୍ଚ୍ଚ ୨୧ ସୁଦ୍ଧା ଯେପରି ଇସିଆଇଙ୍କୁ ମିଳେ ତାହା ନିଶ୍ଚିତ କରିବାକୁ ଏସବିଆଇକୁ ନିର୍ଦ୍ଦେଶ ଦିଆଯାଇଛି । ବଣ୍ଡର ୟୁନିକ୍ ନମ୍ବରରୁ ବଣ୍ଡ କ୍ରେତା ଏବଂ ଏହି ଅର୍ଥ ପାଇଥିବା ରାଜନୈତିକ ଦଳ ମଧ୍ୟରେ ରହିଥିବା ସଂଯୋଗ ସମ୍ପର୍କରେ ଜାଣିବାର ସୁଯୋଗ ରହିଥିବା ବେଳେ ଏହି ୟୁନିକ୍ ନମ୍ବର ମଧ୍ୟ ସ୍ପଷ୍ଟ କରିବାକୁ ଏସବିଆଇକୁ କୁହାଯାଇଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ଆଦେଶ ପାଳନ କରାଯାଇଥିବା ଓ କୌଣସି ତଥ୍ୟ ଲୁଚାଯାଇନଥିବା ନେଇ ଏକ ସତ୍ୟପାଠ ମଧ୍ୟ ଏସବିଆଇ ଅଧ୍ୟକ୍ଷ ମାର୍ଚ୍ଚ ୨୧ରେ ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନୀ ବଣ୍ଡଗୁଡ଼ିକର ଆଲଫାନ୍ୟୁମେରିକ୍ ନମ୍ବର ମିଳିଲେ ଯାଇ କିଏ କେତେ ନମ୍ବର ବଣ୍ଡ କିଣିଛନ୍ତି ଓ ସେହି ନମ୍ବରର ବଣ୍ଡରୁ କେଉଁ ରାଜନୈତିକ ଦଳ କେତେ ଟଙ୍କା ଉଠାଇଛି ତାହା ଜଣାପଡ଼ିବ । ଏସବିଆଇ ପକ୍ଷର ବରିଷ୍ଠ ଓକିଲ ହରିଶ ସାଲଭେ କହିଛନ୍ତି, ସୁପ୍ରିମକୋର୍ଟଙ୍କ ସହ ଏସବିଆଇ ଖେଳୁଛି; ଏପରି ଏକ ଧାରଣା ସୃଷ୍ଟି ନହେଉ । କୋର୍ଟ ଯଦି ବଣ୍ଡ ନମ୍ବର ଚାହୁଁଛନ୍ତି ତେବେ ତାହା ଅବଶ୍ୟ ଦିଆଯିବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ(ଏସଜି) ତୁଷାର ମେହେଟ୍ଟା କହିଛନ୍ତି, ରାଜନୀତିରେ କଳାଧନର ବ୍ୟବହାରକୁ ରୋକାଯିବା ଲକ୍ଷ୍ୟରେ ନିର୍ବାଚନୀ ବଣ୍ଡ ସ୍କିମ୍ ଅଣାଯାଇଥିଲା । ନିର୍ବାଚନୀ ବଣ୍ଡ ସମ୍ପର୍କିତ ରାୟକୁ ନେଇ ଅଦାଲତ ବାହାରେ କ'ଣ ସବୁ ଚାଲିଛି ତାହା ସୁପ୍ରିମକୋର୍ଟ ଜାଣିବା ଆବଶ୍ୟକ ବୋଲି ମତ ଦେଇ ଏସଜି କହିଛନ୍ତି, ବଣ୍ଡ ତଥ୍ୟାବଳୀକୁ ନେଇ ଡାଆଣୀ ଖୋଜ ଓ ମାର(ୱିଚ୍-ହଣ୍ଟିଂ)ର ଖେଳ ଚାଲିଛି । କେତେକଙ୍କୁ ଲଜ୍ଜିତ କରାଇବା ଟାର୍ଗେଟ ରଖି ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପୋଷ୍ଟିଂ କରାଯାଉଛି । ସୁପ୍ରିମକୋର୍ଟ ଏ ସମ୍ପର୍କରେ କିଛି ନିର୍ଦ୍ଦେଶ ଦେବାକୁ ଏସଜି ନିବେଦନ କରିବାରୁ ପ୍ରଧାନବିଚାରପତି ଚନ୍ଦ୍ରଚୂଡ଼ କହିଥିଲେ, ' ବିଚାରପତି ଭାବେ ଆମେ ସମ୍ବିଧାନ ଅନୁଯାୟୀ ଆଇନ ଲାଗୁ କରୁଛୁ । ସାମାଜିକ ଗଣମାଧ୍ୟମରେ ବିଚାରପତିମାନଙ୍କୁ ମଧ୍ୟ ଆଲୋଚନା ସମାଲୋଚନାର ପରିଧି ଭିତରକୁ ଟଣାଯାଇଥାଏ । କିନ୍ତୁ ତାକୁ ଭ୍ରୁକ୍ଷେପ ନକରି ଆମେ ଆମ ରାୟକୁ ଦୃଢ଼ଭାବେ ଲାଗୁ କରାଉ ।'

### ଓକିଲ ସଂଘ ସଭାପତିଙ୍କୁ ଭର୍ତ୍ସନା

ସୁପ୍ରିମକୋର୍ଟ ବାର୍ ଆସୋସିଏସନ ସଭାପତିଙ୍କୁ ପ୍ରଧାନବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ କଡ଼ା ଭର୍ତ୍ସନା କରିଛନ୍ତି । ନିର୍ବାଚନୀ ବଣ୍ଡ ସମ୍ପର୍କିତ ଆବେଦନର ଶୁଣାଣି ବେଳେ ଜଷ୍ଟିସ ଚନ୍ଦ୍ରଚୂଡ଼ କଡ଼ା ଭାଷାରେ ସଂଘ ସଭାପତି ଆଦିଶ ଅଗ୍ରୱାଲଙ୍କୁ ତାଗିଦ କରିଛନ୍ତି । ନିର୍ବାଚନୀ ବଣ୍ଡକୁ ଅସାମ୍ବିଧାନିକ କହି ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ରାୟକୁ ନିଜଆଡ଼ୁ ପୁନଃ ସମୀକ୍ଷା କରନ୍ତୁ ବୋଲି ବରିଷ୍ଠ ଆଇନଜୀବୀ ତଥା ଓକିଲ ସଂଘର ସଭାପତି ଶ୍ରୀଅଗ୍ରୱାଲ ଆବେଦନ କରିଥିଲେ । ସୁପ୍ରିମକୋର୍ଟ ଫେବୃଆରୀ ୧୫ରେ ନିର୍ବାଚନ ବଣ୍ଡକୁ ଅସାମ୍ବିଧାନିକ ବୋଲି କହିବା ସହିତ ଏସବିଆଇକୁ ଚାନ୍ଦାର ବିସ୍ତୃତ ତଥ୍ୟ ଦେବାକୁ କହିଥିଲେ । ହେଲେ ଏହାକୁ ଅଗ୍ରୱାଲ ବିରୋଧ କରିଥିଲେ । ସୋମବାର ଏସମ୍ପର୍କିତ ଆବେଦନର ଶୁଣାଣି ପାଇଁ ଶ୍ରୀ ଅଗ୍ରୱାଲ ସିଜେଆଇଙ୍କୁ ନିବେଦନ କରିଥିଲେ ।




## 'ସୁପ୍ରିମ୍' ଆଦେଶ ପରେ ଜୈନଙ୍କ ଆତ୍ମସମର୍ପଣ

ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଜାମିନ ଆବେଦନକୁ ଆଜି ବିଚାରପତି ବେଲା ଏମ ତ୍ରିବେଦୀ ଓ ବିଚାରପତି ପଙ୍କଜ ମିଥାଲଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଖାରଜ କରି ତାଙ୍କୁ ତୁରନ୍ତ ଆତ୍ମସମର୍ପଣ କରିବାକୁ ଆଦେଶ ଦେଇଛନ୍ତି । ଜୈନଙ୍କୁ ଏକ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମେ' ୨୦୨୨ରେ ଗିରଫ କରିଥିଲା । ମାମଲାରେ ଜୈନଙ୍କ ବିରୋଧରେ ଅଭିଯୋଗ ଥିଲା ଯେ ଫେବୃଆରୀ ୨୦୧୫ରୁ ମେ' ୨୦୧୭ ମଧ୍ୟରେ ସେ ମନ୍ତ୍ରୀ ଥିବା ବେଳେ ତାଙ୍କ ପଦବୀର ଦୁରୁପଯୋଗ କରି ୧କୋଟି ୪୭ଲକ୍ଷ ଟଙ୍କାର ଆୟବର୍ହିଭୂତ ସମ୍ପତ୍ତି ଅର୍ଜିଥିଲେ । ଅସଦ୍ ଉପାୟରେ ଅର୍ଜିତ ଧନକୁ ସେ ତାଙ୍କ ଦ୍ୱାରା ନିୟନ୍ତ୍ରିତ ୩ଟି କମ୍ପାନୀ ଜରିଆରେ ଲଣ୍ଡରିଂ କରିଥିଲେ । ଏହି ମନିଲଣ୍ଡରିଂ ମାମଲାରେ ଇଡି ତାଙ୍କର ୪କୋଟି ୬୦ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ଆଟାଚ କରିଛି । ଜୈନ ପ୍ରାୟ ୧ବର୍ଷ ଦିଲ୍ଲୀର ତିହାର ଜେଲରେ ବିଚାରାଧୀନ ବନ୍ଦୀ ଥିଲେ । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ୨୦୨୩ ମେ'ରେ ମଧ୍ୟବର୍ତ୍ତୀକାଳୀନ ଜାମିନ ମିଳିଥିଲା । ୨୦୨୩ ଜୁଲାଇ ୨୧ ତାରିଖରେ ତାଙ୍କ ମେରୁଦଣ୍ଡରେ ଅସ୍ତ୍ରୋପଚାର ହୋଇଥିଲା । ଜୈନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଦର୍ଶାଇ ତାଙ୍କ ଓକିଲ ଖଣ୍ଡପୀଠଙ୍କୁ ଆତ୍ମସମର୍ପଣ କରିବାକୁ ଅଧିକ ସମୟ ମାଗିଥିଲେ । ଖଣ୍ଡପୀଠ ସେଥିରେ ରାଜି ନହୋଇ ଜୈନ ତୁରନ୍ତ ଆତ୍ମସମର୍ପଣ କରିବେ ବୋଲି ଆଦେଶ ଦେଇଛନ୍ତି । ଏହାପରେ ସେ ସନ୍ଧ୍ୟାରେ ତିହାର ଜେଲ୍‌ରେ ଆତ୍ମସମର୍ପଣ କରିଛନ୍ତି ।



## ୮୦୦ ଟଙ୍କାରେ ମିଳିବ 'ସିକେଲ ସେଲ୍' ଔଷଧ

ନୂଆଦିଲ୍ଲୀ, ୧୮।୩ (ଏଜେନ୍ସି): ସିକେଲ ସେଲ୍ ଆନିମିଆ ରୋଗ ପାଇଁ ନୂଆ ଔଷଧ 'ହାଇଡ୍ରୋକ୍ସିୟୁରିଆ ଓରାଲ ସସ୍‌ପେନସନ' ଆସିଛି । ଖୁବଶୀଘ୍ର ୭୦୦ରୁ ୮୦୦ ଟଙ୍କାରେ ଏହି ଔଷଧର ବଜାରରେ ଉପଲବ୍ଧ ହେବ । ଏକମ୍ସ ଡ୍ରଗ୍ସ ଆଣ୍ଡ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ କମ୍ପାନୀ ଏହି ଔଷଧ ପ୍ରସ୍ତୁତ କରିଛି । କମ୍ପାନୀର ଏମ୍‌ଡି ସଞ୍ଜୀବ ଜୈନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ରୋଗରେ ପୀଡ଼ିତ ୮୦ ପ୍ରତିଶତ ଲୋକ ଭାରତ ଏବଂ ଆଫ୍ରିକାରେ ଅଛନ୍ତି । ଅନେକ ଗବେଷଣା ପରେ ଏହି ଔଷଧ ପ୍ରସ୍ତୁତ କରାଯାଇଛି ।

## ନିର୍ମାଣାଧୀନ କୋଠା ଭୁଶୁଡ଼ି ୮ ମୃତ

କୋଲକାତା, ୧୮।୩ (ଏଜେନ୍ସି): ଦକ୍ଷିଣ କୋଲକାତା ଅନ୍ତର୍ଗତ ମେଟିଆବ୍ରୁଜର ଗାର୍ଡନ ରିଚ ଏରିଆରେ ବଡ଼ ଅଘଟଣ ଘଟିଛି । ରବିବାର ରାତିରେ ଏକ ନିର୍ମାଣାଧୀନ ୫ ମହଲା ବିଶିଷ୍ଟ କୋଠା ଭୁଶୁଡ଼ି ଯାଇଛି । ଏହା ଆଖପାଖରେ ଥିବା ବସ୍ତି ଉପରେ ପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ହୋଇଛି । ୧୩ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି । ଅବଶେଷ ତଳେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି । ଉଦ୍ଧାରକାର୍ଯ୍ୟରେ ପୁଲିସ, ଦମକଳ ବାହିନୀ, ବିପର୍ଯ୍ୟୟ ପରିଚାଳନା ଟିମ ଲାଗିଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ତଲାସୀ ଅଭିଯାନ ଜାରି ରହିଛି । ବେଆଇନ ଭାବେ ୬ ମାସ ହେଲା ଏହି କୋଠା ନିର୍ମାଣ ଚାଲିଥିଲା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି ।

### ବିହାରରେ ଏନ୍‌ଡିଏର ଆସନ ବୁଝାମଣା

## ବିଜେପି-୧୭, ଜେଡିୟୁ-୧୬ ଆସନରେ ଲଢ଼ିବ

ନୂଆଦିଲ୍ଲୀ, ୧୮।୩ (ଏଜେନ୍ସି)

**ଚିରାଗଙ୍କୁ ମିଳିଲା ୫ ଆସନ**

ବିହାରରେ ଲୋକସଭା ନିର୍ବାଚନ ପାଇଁ ଏନ୍‌ଡିଏର ଆସନ ବୁଝାମଣା ହୋଇଯାଇଛି । ବିଜେପି ୧୭ ଏବଂ ଜେଡିୟୁ ୧୬ ଆସନରେ ଲଢ଼ିବାକୁ ଯାଉଛି । ସେହିପରି ଚିରାଗ ପାଶ୍ୱାନଙ୍କ ଦଳ ଏଲଜେପି (ଆର)କୁ ୫ଟି ଆସନ ମିଳିଛି । ଜିତନ ରାମ ମାନ୍‌ଝୀଙ୍କ ଦଳ ହାମ୍ ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଆରଏଲଏମ ଗୋଟିଏ ଲେଖାଏଁ ଆସନ ଦିଆଯାଇଛି । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଚିରାଗଙ୍କ କାକା ତଥା କେନ୍ଦ୍ରମନ୍ତ୍ରୀ ପଶୁପତି ପାରସଙ୍କ ଏଲଜେପି ଗୋଷ୍ଠୀକୁ ଗୋଟିଏ ବି ଆସନ ଦିଆଯାଇ ନାହିଁ। ଏହି ଦଳ ଏନ୍‌ଡିଏରେ ମଧ୍ୟ ସାମିଲ ନାହିଁ। ସୋମବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ଆସନ ବୁଝାମଣା ବିଷୟରେ ଘୋଷଣା କରାଯାଉଥିବାବେଳେ ଏହି ଦଳର କୌଣସି ସଦସ୍ୟ ମଧ୍ୟ ଉପସ୍ଥିତି ନ ଥିଲେ । ଏଥିରୁ ସ୍ପଷ୍ଟ ଯେ ବିହାରର ପାଶ୍ୱାନ ସମ୍ପ୍ରଦାୟର ଭୋଟ ଚିରାଗଙ୍କ ଖାତାକୁ ଯାଉଛି । ରାଜ୍ୟରେ ଏହି ସମ୍ପ୍ରଦାୟର ଭୋଟ ପ୍ରତିଶତ ୬ ପ୍ରତିଶତ ରହିଛି । ଏହି ଆସନ ବୁଝାମଣାରେ ୭ ସାଂସଦଙ୍କ ଟିକଟ କଟିଛି । କାରଣ ପୂର୍ବରୁ ଯେଉଁ ଦଳର ସାଂସଦ ଏହି ଆସନରୁ ନିର୍ବାଚିତ ହୋଇଥିଲେ, ଚଳିତ ଥର ସେହି ଦଳକୁ ଉକ୍ତ ଆସନ ଦିଆଯାଇ ନାହିଁ। ଏଲ୍‌ଜେପିର ନୱାଦା ଆସନ ବିଜେପି ନିଜ ପାଖରେ ରଖିଛି । ସେହିପରି ବିଜେପିର ଶିବହର ଆସନ ଜେଡିୟୁକୁ ଦିଆଯାଇଛି ।

### ପୁଟିନଙ୍କ ସପକ୍ଷରେ ୮୭ ପ୍ରତିଶତ ଭୋଟ୍

## ୫ମ ଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ

ମସ୍କୋ,୧୮।୩(ଏଜେନ୍ସି)



**ବଧାଇ ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ**

ଭ୍ଲାଦିମିର ପୁଟିନ୍ ପଞ୍ଚମ ଥର ପାଇଁ ରୁଷିଆ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି । ଗତ ଶୁକ୍ରବାର ଠାରୁ ରୁଷିଆରେ ଅନୁଷ୍ଠିତ ତିନି ଦିନିଆ ରାଷ୍ଟ୍ରପତି ନିର୍ବାଚନ ଗତକାଲି ଶେଷ ହେବା ପରେ ସୋମବାର ଭୋଟ ଗଣତି ଆରମ୍ଭ ହୋଇଥିଲା । ସୋମବାର ମଧ୍ୟାହ୍ନ ସୁଦ୍ଧା ୭୦ ପ୍ରତିଶତ ଭୋଟ୍ ଗଣତି ଶେଷ କରାଯାଇଥିଲା ବେଳେ ପୁଟିନ୍ ସବୁ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ଆଗୁଆ ରହିଥିଲେ । ତେବେ ଗଣତି ଶେଷ ସୁଦ୍ଧା ପୁଟିନ ୮୭ ପ୍ରତିଶତ ଭୋଟ ପାଇ ବିଜୟୀ ହୋଇଛନ୍ତି ବୋଲି ରୁଷିଆର କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ସୂଚନା ଆଧାରରେ ସରକାରୀ ଖବରଦାତା ସଂସ୍ଥା ଟାସ୍ ସ୍ପଷ୍ଟ କରିଛି । ରେକର୍ଡ ପ୍ରତିଶତ ଭୋଟ୍ ସହ ସେ ପଞ୍ଚମ ଥର ପାଇଁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ତାଙ୍କର ସମସ୍ତ ପ୍ରତିଦ୍ୱନ୍ଦ୍ୱୀ ଅମାନତ ହରାଇବା ଭଳି ସ୍ଥିତିରେ ରହିଛନ୍ତି । ରଷିଆନ ଫେଡେରେସନ କମ୍ୟୁନିଷ୍ଟ ପାର୍ଟି ପ୍ରାର୍ଥୀ ନିକୋଲାଇ ଖାରିତୋନୋଭ୍‌ଙ୍କୁ ମାତ୍ର ୪.୧ ପ୍ରତିଶତ ଭୋଟ ମିଳିଥିଲା ବେଳେ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେହିପରି ନିଉ ପିପୁଲ ପାର୍ଟି ପ୍ରାର୍ଥୀ ଭ୍ଲାଦିସ୍ଲାଭ୍ ଦଭାନକୋଭ୍ ୪.୮ ପ୍ରତିଶତ ଭୋଟ ପାଇଁ ତୃତୀୟ ସ୍ଥାନରେ ରହିଛନ୍ତି । ଅନ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ଲିବରାଲ ଡେମୋକ୍ରାଟିକ୍ ପାର୍ଟି (ଏଲଡିପି) ପ୍ରାର୍ଥୀ ଲିଓନିଦ୍ ସ୍ଲୁସ୍କି ୩.୧୫ ପ୍ରତିଶତ ଭୋଟ ପାଇଛନ୍ତି । ରୁଷ-ୟୁକ୍ରେନ ଯୁଦ୍ଧ ସତ୍ତ୍ୱେ ଚଳିତବର୍ଷ ରାଷ୍ଟ୍ରପତି ନିର୍ବାଚନ ତିନି ଦିନ ଧରି ଚାଲିବା ସହିତ ପ୍ରଥମଥର ପାଇଁ ଭୋଟ ଦାନ ହାର ୭୪.୨୨ ପ୍ରତିଶତକୁ ବୃଦ୍ଧି ପାଇଥିବା କେନ୍ଦ୍ରୀୟ ନିର୍ବାଚନ କମିସନ ପକ୍ଷରୁ କୁହାଯାଇଛି । ସବୁଠାରୁ ବଡ଼ କଥା ହେଲେ ୟୁକ୍ରେନ ଯୁଦ୍ଧକୁ ନେଇ ପୁଟିନଙ୍କ ବିରୋଧରେ ବିଭିନ୍ନ ସ୍ତରରେ ଅସନ୍ତୋଷ ଦେଖାଯାଇଥିଲେ ହେଁ ୨୦୧୮ ନିର୍ବାଚନ ତୁଳନାରେ ଏଥର ପୁଟିନ ଅଧିକ ଭୋଟ୍ ପାଇଛନ୍ତି । ୨୦୧୮ରେ ତାଙ୍କୁ ୬୭.୫୪ ପ୍ରତିଶତ ଭୋଟ୍ ମିଳିଥିଲା । ତେବେ ଏହି ବିଜୟକୁ ନେଇ ପୁଟିନ ରୁଷିଆର ୨୦୦ ବର୍ଷ ଇତିହାସରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି । କ୍ରମାଗତ ଭାବେ ପଞ୍ଚମଥର ପାଇଁ ନିର୍ବାଚିତ ହେବା ସହିତ ଦୀର୍ଘସୂତ୍ରରେ ରାଷ୍ଟ୍ରପତି ପଦବୀରେ ରହିବା କ୍ଷେତ୍ରରେ ସେ ପ୍ରଥମ ରାଜନେତା ହେବାକୁ ଯାଉଛନ୍ତି । ୭୧ ବର୍ଷୀୟ ପୁଟିନ ୨୦୧୯ ପରଠାରୁ କୌଣସି ନିର୍ବାଚନ ହାରି ନାହାନ୍ତି । ୨୦୦୦ ମସିହାରେ ସେ ପ୍ରଥମେ ରାଷ୍ଟ୍ରପତି ହେବା ସହିତ ୨୦୦୮ ପର୍ଯ୍ୟନ୍ତ ରହିଥିଲେ । ଏହାପରେ କେବଳ ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ଦିମିତ୍ରି ମେଡ୍‌ଭେଦେଭ୍ ରାଷ୍ଟ୍ରପତି ରହିଥିଲେ । କିନ୍ତୁ ୨୦୧୨ରେ ରାଷ୍ଟ୍ରପତି ନିର୍ବାଚନରେ ପୁଟିନ ପୁଣି ବିଜୟୀ ହୋଇ ରାଷ୍ଟ୍ରପତି ହୋଇଥିଲେ । ପୁଟିନଙ୍କ ଏହି ବିଜୟକୁ ନେଇ ରୁଷିଆର ବହୁ ସହଯୋଗୀ ରାଷ୍ଟ୍ରମୁଖ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ପୁଟିନଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଏହି ବିଜୟ ପାଇଁ ବଧାଇ ଦେଇଛନ୍ତି । ପୁଟିନଙ୍କୁ ବିଜୟୀ ଘୋଷଣା କରାଯିବା ପରେ ନିଜର ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଏବେ ରୁଷିଆକୁ ଆହୁରି ସଶକ୍ତ ଏବଂ ପ୍ରଭାବଶାଳୀ କରିବାକୁ ସେ ପ୍ରାଥମିକତା ଦେବେ । ଏହିକ୍ରମରେ ରୁଷିଆ-ନାଟୋ ବିବାଦକୁ ନେଇ ସେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କୁ ପରୋକ୍ଷରେ ଚେତାବନୀ ଦେଇଛନ୍ତି । ଯଦି ଆମେରିକା ନେତୃତ୍ୱରେ ନାଟୋ ସେନା ରୁଷକୁ ସାମ୍ନା କରିବାକୁ ଉଦ୍ୟମ କରେ ତେବେ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ସମୟ ଲାଗିବ ନାହିଁ ବୋଲି ପୁଟିନ କହିଛନ୍ତି ।

## ମୋଦୀଙ୍କ ବିରୋଧରେ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ନୂଆଦିଲ୍ଲୀ, ୧୮ ।୩(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି(୧୭ ତାରିଖ, ରବିବାର) ଆନ୍ଧ୍ରପ୍ରଦେଶର ପାଲନାଡୁରେ ଆୟୋଜିତ ନିର୍ବାଚନ ର୍ୟାଲିରେ ଯୋଗଦେବାକୁ ଭାରତୀୟ ବାୟୁସେନାର ହେଲିକପ୍ଟରରେ ଯାଇଥିଲେ ବୋଲି ଫୋଟୋ ଦେଖାଇ ତୃଣମୂଳ କଂଗ୍ରେସର ରାଜ୍ୟସଭା ସାଂସଦ ସାକେତ ଗୋଖଲେ କହିଛନ୍ତି, ନିର୍ବାଚନ ପ୍ରଚାର କାର୍ଯ୍ୟରେ ସରକାରୀ ସମ୍ପତ୍ତି ଓ ସରକାରୀ କଳର ଉପଯୋଗ ହେଉଛି ନିର୍ବାଚନ ଆଦର୍ଶ ଆଚରଣ ବିଧି(ଏମସିସି)ର ଉଲ୍ଲଂଘନ । ପ୍ରଧାନମନ୍ତ୍ରୀ ମୋଦୀ ଏମସିସିକୁ ଅବଜ୍ଞା କରିଥିବାରୁ ଗୋଖଲେ ଇଲେକ୍ସନ୍ କମିଶନ ଅଫ୍ ଇଣ୍ଡିଆ(ଇସିଆଇ)ଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି । ଏହି ନିର୍ଦ୍ଦିଷ୍ଟ କାରଣରୁ ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା ବୋଲି ଦର୍ଶାଇଛନ୍ତି । ସେ କହିଛନ୍ତି ଯେ ନିର୍ବାଚନ ପ୍ରଚାରରେ ମୁଖ୍ୟମନ୍ତ୍ରୀମାନେ ଓ ଜେଡ୍ ପ୍ଲସ୍ କାଟୋଗୋରୀ ସୁରକ୍ଷା ପାଉଥିବା ଅନ୍ୟମାନେ ସମସ୍ତ ଜରୁରୀ ସୁରକ୍ଷା ବ୍ୟବସ୍ଥା ଥିବା ଭିଭିଆଇପି ହେଲିକପ୍ଟର ବ୍ୟବହାର କରୁଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କାହିଁକି ବାୟୁସେନାର ହେଲିକପ୍ଟର ଦରକାର ପଡ଼ିଲା, ତାହା ନିର୍ବାଚନ କମିଶନ ଜଣାନ୍ତୁ ବୋଲି କହିଛନ୍ତି ।

## ତେଲଙ୍ଗାନା ରାଜ୍ୟପାଳଙ୍କ ଇସ୍ତଫା



ହାଇଦ୍ରାବାଦ,୧୮ ।୩(ଏଜେନ୍ସି):ତେଲଙ୍ଗାନାର ରାଜ୍ୟପାଳ ଥାଇ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀର ଉପରାଜ୍ୟପାଳ ଦାୟିତ୍ୱ ମଧ୍ୟ ତୁଲାଉଥିବା ଡଃ ତାମିଲିସାଇ ସୌନ୍ଦରାରାଜନ ଆଜି ପୂର୍ବାହ୍ନରେ ତାଙ୍କ ଇସ୍ତଫାପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଖକୁ ପଠାଇ ଦେଇଛନ୍ତି । ଇସ୍ତଫା ଦେବା ପୂର୍ବରୁ ସେ ବିଜେପିର ଜାତୀୟ ନେତୃତ୍ୱ ସହ ଆଲୋଚନା କରିଥିଲେ । କୁହାଯାଉଛି ଯେ ସୌନ୍ଦରାରାଜନ ତାମିଲନାଡୁ କିମ୍ବା ପୁଡୁଚେରୀରେ ଲୋକସଭା ନିର୍ବାଚନ ଲଢ଼ିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଠାକାର ରାଜଭବନରେ ଶନିବାର ରାତ୍ରୀଯାପନ କରିଥଇଲେ । ସେତେବେଳେ ରାଜ୍ୟପାଳ ସୌନ୍ଦରାରାଜନ ତାଙ୍କୁ ଜଣାଇଥିଲେ ଯେ ସେ ସକ୍ରିୟ ରାଜନୀତିକୁ ଫେରି ଲୋକସଭା ନିର୍ବାଚନ ଲଢ଼ି ଜନପ୍ରତିନିଧି ହେବାକୁ ଚାହାନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ସମ୍ଭବତଃ ସେଥିରେ ରାଜି ହୋଇଛନ୍ତି, ତେଣୁ ସୌନ୍ଦରାରାଜନ ରାଜ୍ୟପାଳ ପଦବୀରୁ ଇସ୍ତଫା ଦେଇଛନ୍ତି । ସୌନ୍ଦରାରାଜନଙ୍କ ଇଚ୍ଛା ସେ ପଚଡଚଚେରୀରୁ ଲୋକସଭା ନିର୍ବାଚନରେ ବିଜେପିର ପ୍ରାର୍ଥୀ ହେବେ । ତେବେ ସେ କେଉଁ ଆସନରୁ ପ୍ରାର୍ଥୀ ହେବେ ତାହା ପ୍ରଧାନମନ୍ତ୍ରୀ ମୋଦୀ ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଠିକ୍ କରିବେ ।

## ଆଜମ ଖାନ୍‌ଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡ

ରାମପୁର, ୧୮।୩ (ଏଜେନ୍ସି): ଉତ୍ତରପ୍ରଦେଶର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଆଜମ ଖାନ୍‌ଙ୍କୁ ପୁଣି ଜେଲ୍‌ଦଣ୍ଡ ହୋଇଛି । ରାମପୁରର ଚର୍ଚ୍ଚିତ ଡୁଙ୍ଗରପୁର ମାମଲାରେ ତାଙ୍କୁ ଏମ୍‌ପି/ଏମଏଲଏ କୋର୍ଟ ସୋମବାର ୭ ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି । ଏହା ସହିତ ୫ ଲକ୍ଷ ଟଙ୍କା ଜରିମାନା ମଧ୍ୟ ଲଗାଇଛନ୍ତି । ଏହି ମାମଲାର ଅନ୍ୟ ତିନି ଦୋଷୀ ପୂର୍ବତନ ସିଓ (ସିଟି) ଆଲେ ହସନ ଖାନ, ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଅଜହର ଅହମ୍ମଦ ଖାନ ଏବଂ ଠିକାଦାର ବରକତ ଅଲ୍ଲୀକୁ ମଧ୍ୟ ୫ ବର୍ଷ ଜେଲ୍ ଦଣ୍ଡ ସହିତ ୨ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି । ଏହା ବ୍ୟତୀତ ଜିବରାନ ଖାନ, ଫରମାନ ଖାନ ଏବଂ ଓମେନ୍ଦ୍ର ଚୌହାନଙ୍କୁ କୋର୍ଟ ମୁକ୍ତ କରିଦେଇଛନ୍ତି । ଗତ ୧୬ ତାରିଖରେ କୋର୍ଟ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ । ଏହି ସମୟରେ ଆଜମ ଖାନ ଭିଡିଓ କନଫରେନ୍ସିଂରେ ଉପସ୍ଥିତ ହୋଇଥିଲେ । ଏବେ ଆଜମ ଖାନ ସୀତାପୁର ଜେଲ୍‌ରେ ଅଛନ୍ତି ।

### ଆଫଗାନରେ ଆକ୍ରମଣ କଲା ପାକିସ୍ତାନ

## ଶିଶୁ, ମହିଳାଙ୍କ ସମେତ ୮ ମୃତ

ଇସଲାମାବାଦ, ୧୮।୩ (ଏଜେନ୍ସି)

ଆଫଗାନିସ୍ତାନର ଖୋସ୍ତ ଏବଂ ପକତିକା ପ୍ରଦେଶର କିଛି ଜନବହୁଳ ଅଞ୍ଚଳରେ ସୋମବାର ଭୋର ୩ଟାରେ ପାକିସ୍ତାନ ଆକ୍ରମଣ କରିଛି । ପାକ୍ ସେନା ଲଢୁଆ ବିମାନରୁ ବୋମା ମାଡ଼ କରିଛି । ଏଥିରେ ଶିଶୁ ଏବଂ ମହିଳାଙ୍କ ସମେତ ୮ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଏହି ଘଟଣାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଉଗ୍ର ହୋଇଛି । ତାଲିବାନ ସରକାର ପାକିସ୍ତାନ ରାଷ୍ଟ୍ରଦୂତଙ୍କୁ ସମନ ଜାରି କରିଛି । ତାଲିବାନ ପ୍ରବକ୍ତା ଜବିହୁଲ୍ଲା ମୁଜାହିଦ କହିଛି ଯେ ସୀମାକୁ ଲାଗିଥିବା ଜନବସତି ଅଞ୍ଚଳରେ ଆକ୍ରମଣ କରାଯାଇଛି । ଏଥିରେ ତାଲିବାନ ଠିକଣାକୁ ନିଶାଣ କରାଯାଇଥିଲା ବୋଲି କୁହାଯାଇଛି । ଡୁରଣ୍ଡ ଲାଇନକୁ ଲାଗି ରହିଥିବା ପାକିସ୍ତାନ ସେନା ଠିକଣା ଉପରେ ତୋପ ଏବଂ ଗୁଳିମାଡ଼ କରି ତାଲିବାନ ଏହି ଆକ୍ରମଣର ଜବାବ ଦେଇଛି । ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଛି । ପାକିସ୍ତାନ ଯେକୌଣସି ସ୍ଥିତିରେ ଆଫଗାନିସ୍ତାନରୁ ତାଲିବାନକୁ ହଟାଇବାକୁ ଚାହୁଁଛି ବୋଲି ରିପୋର୍ଟ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଏହି ଆକ୍ରମଣକୁ ନେଇ ପାକିସ୍ତାନ ପକ୍ଷରୁ ବିବୃତ୍ତି ଜାରି କରାଯାଇଛି । ମାତ୍ର ଏଥିରେ ଆଫଗାନିସ୍ତାନର ନାମ ନିଆଯାଇ ନାହିଁ । ଗୁଇନ୍ଦା ସୂଚନା ଆଧାରରେ ୱଜିରସ୍ତାନରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଛି । ଏଥିରେ ଜଣେ ଆତଙ୍କବାଦୀ କମାଣ୍ଡର ସହିତ ୮ ଜଣ ଲୋକଙ୍କ ମୃତ୍ୟୁ ହୋଇଛି ।

- ୨ ଦେଶ ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି
- ପାକ୍ ସେନା ଶିବିର ଉପରେ ତୋପ, ଗୁଳିମାଡ଼



### ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଇଡିର ଅଭିଯୋଗ

## ଆପ୍‌କୁ ଶହେ କୋଟି ଟଙ୍କା ଦେଇଥିଲେ କବିତା

ନୂଆଦିଲ୍ଲୀ, ୧୮।୩ (ଏଜେନ୍ସି)

**କେଜ୍ରିୱାଲ, ସିସୋଦିଆଙ୍କ ସହ ମିଶି ରଚିଥିଲେ ଷଡ଼ଯନ୍ତ୍ର**



ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ ତଥା ବିଆରଏସ ଏମଏଲସି କେ କବିତା ଆମ ଆଦମୀ ପାର୍ଟି (ଆପ୍) ନେତାଙ୍କୁ ଶହେ କୋଟି ଟଙ୍କା ଦେଇଛନ୍ତି । ଏହି ଦୁର୍ନୀତିର ପ୍ରମୁଖ ଷଡ଼ଯନ୍ତ୍ରକାରୀଙ୍କ ମଧ୍ୟରେ ସେ ସାମିଲ ଅଛନ୍ତି । ଦିଲ୍ଲୀ ଉତ୍ପାଦ ଶୁଳ୍କ ନୀତିରେ ଲାଭ ପାଇବା ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସହ ମିଶି କବିତା ଏହି ଷଡ଼ଯନ୍ତ୍ର କରିଥିଲେ । ଏହି ଉପକାର ବଦଳରେ ସେ ଅଗ୍ରୀମ ଭାବେ ଲାଞ୍ଚ ଦେଇଥିଲେ । ଏହା ବଦଳରେ ବେଆଇନ ଭାବେ କୋଟି କୋଟି ଟଙ୍କା ଆୟ କରିଥିଲେ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସୋମବାର ଏହି ଦାବି କରାଯାଇଛି । ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଇଡି ଗତ ସପ୍ତାହରେ କବିତାଙ୍କୁ ଗିରଫ କରି ଦିଲ୍ଲୀ ଆଣିଥିଲା । ପରେ କୋର୍ଟ ତାଙ୍କୁ ୨୩ ତାରିଖ ପର୍ଯ୍ୟନ୍ତ ହେପାଜତକୁ ପଠାଇ ଦେଇଥିଲେ । ଏହା ବିରୋଧରେ କବିତା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଇଡି ପକ୍ଷରୁ କୁହଯାଇଛି ଦୁର୍ନୀତି ପାଇଁ ଷଡ଼ଯନ୍ତ୍ର କରି ଦିଲ୍ଲୀ ମଦ ନୀତି ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରାଯାଇଥିଲା । ଏହା ଦ୍ୱାରା ଆପ୍ ପାଇଁ ବିପୁଳ ବେଆଇନ ପାଣ୍ଠିର ଉତ୍ସ ସୃଷ୍ଟି କରାଯାଇଥିଲା । ଅଗ୍ରୀମ ଭାବେ ଟଙ୍କା ପୈଠ କରିଥିବା ଟଙ୍କା ଆଦାୟ ଏବଂ ବେଆଇନ ଲାଭ ପାଇଁ କେ କବିତା ଏବଂ ତାଙ୍କ ସହଯୋଗୀ ଷଡ଼ଯନ୍ତ୍ର କରିଥିଲେ ।

### ଇଡିରେ ହାଜର ହେଲେନି କେଜ୍ରିୱାଲ

ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ମୁଣ୍ଡରେ ଗିରଫର ଖଣ୍ଡା ଝୁଲୁଛି । ଏହା ସତ୍ତ୍ୱେ ସେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ର ଗୋଟିଏ ପରେ ଗୋଟିଏ ସମନକୁ ଏଡ଼ାଇ ଚାଲିଛନ୍ତି । 'ଦିଲ୍ଲୀ ଜଳ ବୋର୍ଡ' ଦୁର୍ନୀତି ମାମଲାରେ ଇଡି ରବିବାର ଜାରି କରିଥିବା ସମନକୁ ସେ ଅବଜ୍ଞା କରିଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ସୋମବାର ଏଜେନ୍ସି କାର୍ଯ୍ୟାଳୟରେ ହାଜର ହୋଇନାହାନ୍ତି । ତାଙ୍କ ଦଳ ଆପ୍ ପକ୍ଷରୁ ଇଡି ସମନକୁ ବେଆଇନ କୁହାଯାଇଛି । କୋର୍ଟରୁ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ମିଳିଥିବାବେଳେ ବାରମ୍ବାର ସମନ କାହିଁକି ପଠାଯାଉଛି? ବିଜେପି ଇଡି ମାଧ୍ୟମରେ କେଜ୍ରିୱାଲଙ୍କୁ ନିଶାଣ କରୁଛି ବୋଲି ଅଭିଯୋଗ କରାଯାଇଛି ।

## ବିପୁଳ କଫ୍ ସିରପ୍ ସହ ନିଶା ଟାବ୍‌ଲେଟ ଜବତ

# ୨ ଅଭିଯୁକ୍ତଙ୍କୁ ଜେଲ୍ ପଠାଇଲା ପୁଲିସ

**ତୁରେକେଲା, ୧୮।୩(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ପୁଲିସକୁ ମିଳିଛି ବଡ ସଫଳତା। ବିପୁଳ ପରିମାଣରେ କଫ ସିରପ ସହ ନିଶା ଟାବଲେଟ ଜବତ କରିଛି ପୁଲିସ। ସୂଚନା ଅନୁସାରେ, ତୁରେକେଲା ପୁଲିସ ଗତକାଲି ରାତି ପାଟ୍ରୋଲିଙ୍ଗ କରୁଥିବା ସମୟରେ ତୁରେକେଲାରୁ ଲାଠୋର ଯିବା ରାସ୍ତା ଗୋଇଣ୍ଡିମାଲ ପାଖାପାଖି ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ଏକ ମୋଟର ସାଇକଲ ଓ ଚାରିଚକିଆ କାର୍ ଦ୍ରୁତ ଗତିରେ ଯାଉଥିଲା। ପୁଲିସ ପିଛା କରି କଫ ସିରପ ସହ ନିଶା ଟାବଲେଟ ଜବତ କରିଛି। ଅଭିଯୁକ୍ତଙ୍କଠାରୁ ଦୁଇଟି ମୋବାଇଲ, ଗୋଟିଏ କି-ପେଡ ମୋବାଇଲ ସହ ୨୬୦୦ ଟଙ୍କା ନଗଦ ଜବତ କରିଛି। ୬୬୦୦ଟି ନିଶା ଟାବଲେଟ ଏବଂ ୫୫ଟି କଫ ସିରପ ଜବତ କରିଛି। ପୁଲିସ ମାମଲା ରୁଜୁକରି ଦୁଇ ଅଭିଯୁକ୍ତ ତୁରେକେଲା ଥାନା ଅନ୍ତର୍ଗତ ମଲିକଦୋରୋ ଗାଁର ବନମାଳି ଖରସେଲ ଓ ପାଟଣାଗଡ଼ ମାଘମରାର କ୍ଷମାନିଧି ମେହେରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତୁରେକେଲା ଥାନାଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।



# ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀ ଗୁରୁତର, ଜଣେ ଆହତ

**ଟିଟିଲାଗଡ଼, ୧୮।୩(ସମିସ):** ଟିଟିଲାଗଡ ଥାନା ଅନ୍ତର୍ଗତ ଟିଟିଲାଗଡ-ବଲାଙ୍ଗିର ରୋଡ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇ ସମବାୟ ସମିତି ଅଡିଟର ବଳରାମ ସୁନା ଓ ବନବିଭାଗ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଟିଟିଲାଗଡ ରେଞ୍ଜ ଅନ୍ତର୍ଗତ ବଡ଼ମାଳ ଫରେଷ୍ଟ ଗାର୍ଡ ରଞ୍ଜିତା ପୋଡ଼, ତାଙ୍କ ସ୍ୱାମୀ କ୍ଷେତ୍ରବାସୀ ଜାଲଙ୍କ ସହ ଟିଟିଲାଗଡରୁ ବୁଲେଟ ଗାଡି ଯୋଗେ ବଡ଼ମାଳ ଯାଉଥିବା ବେଳେ ବଲାଙ୍ଗିର ପଟୁ ସମବାୟ ସମିତି ଅଡିଟର ବଳରାମ ସୁନା ନିଜ ବାଇକ ଯୋଗେ ଶାଗଡ଼ ଘାଟସ୍ଥିତ ସମବାୟ ସମିତିକୁ କାମରେ ଯାଉଥିଲେ। ଶଗରଘାଟରେ ଉଭୟ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ରଞ୍ଜିତା ଓ ତାଙ୍କ ସ୍ୱାମୀ ଅତି ଗୁରୁତର ହୋଇଥିବାବେଳେ ବଳରାମ ସୁନା ସାମାନ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଟିଟିଲାଗଡ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ରଞ୍ଜିତା ଓ ତାଙ୍କ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅତି ଗୁରୁତର ଥିବାରୁ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣା ସମ୍ପର୍କରେ ଟିଟିଲାଗଡ ପୁଲିସ ଖବର ପାଇ ଘଟଣାସ୍ଥଳକୁ ପହଞ୍ଚିବା ସହ ଅଧିକ ତଦନ୍ତ ଜାରି ରଖିଛି।





# ୩୧ରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ

**ବଲାଙ୍ଗିର, ୧୮।୩(ସମିସ):** ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ତ୍ରୟୋଦଶ ବାର୍ଷିକ ଉତ୍ସବ ଚଳିତମାସ ୩୧ ତାରିଖ ବଲାଙ୍ଗିରରେ ଅନୁଷ୍ଠିତ ହେବ। ପରିଷଦର ସଭାପତି ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଷଦର କାର୍ଯ୍ୟକାରୀ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ କନ୍ଧମାଳ ସମେତ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାର ସଂକୀର୍ତ୍ତନ କଳାକାର ଯୋଗ ଦେବେ। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ କରିବା ସହ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସଂକୀର୍ତ୍ତନ କଳାକାରଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ କୀର୍ତ୍ତନ କଳାକାରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ। ଉତ୍ସବକୁ ବହୁ ବିଶିଷ୍ଟ ବ୍ୟକ୍ତି ତଥା ସାଧୁସନ୍ଥଙ୍କୁ ନିମନ୍ତ୍ରଣ କରାଯିବ। ବଲାଙ୍ଗିରର ବିଶିଷ୍ଟ ସମାଜସେବୀ ଶ୍ରୀକର ମିଶ୍ର ଏହି କାର୍ଯ୍ୟକ୍ରମର ପୃଷ୍ଠପୋଷକ ରହିଛନ୍ତି। କାର୍ଯ୍ୟକାରୀ କମିଟି ବୈଠକରେ ସମ୍ପାଦକ ଲୋକନାଥ ମିଶ୍ର, ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ଉପଦେଷ୍ଟା ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣ ନିର୍ବାଚନକୁ ନେଇ ପ୍ରଶାସନିକ ପ୍ରସ୍ତୁତି

# ସ୍ୱଚ୍ଛ, ସୁରକ୍ଷିତ ଓ ଶୃଙ୍ଖଳିତ ନିର୍ବାଚନ ପାଇଁ କସରତ

**ବଲାଙ୍ଗିର, ୧୮।୩(ସମିସ)**

୨୦୨୪ ସାଧାରଣ ନିର୍ବାଚନକୁ ନେଇ ରାଜ୍ୟ ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ପରେ ଜିଲ୍ଲା ସ୍ତରରେ ପ୍ରସ୍ତୁତପର୍ବ ଆରମ୍ଭ ହୋଇଛି। ଏହି ଅବସରରେ ବଲାଙ୍ଗିର ଲୋକସଭା ନିର୍ବାଚନମଣ୍ଡଳୀରେ ଥିବା ପାଞ୍ଚ ବିଧାନସଭା କ୍ଷେତ୍ରରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅବାଧ, ସୁରକ୍ଷିତ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା ଜିଲ୍ଲା ପ୍ରଶାସନର ପ୍ରଥମ ଲକ୍ଷ୍ୟ ବୋଲି ସୋମବାର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଥିଲେ।

ରାଜ୍ୟରେ ମେ ୧୩ ତାରିଖରୁ ବିଧାନସଭା ଓ ଲୋକସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ପାଇଁ ରାଜନେତିକ ଦଳମାନେ ନିଜ ନିଜ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ବେଳେ ପ୍ରଶାସନିକ ସ୍ତରରେ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ସୋମବାର ଜିଲ୍ଲାପାଳ ଗୌରଓ ଶିବାଜୀ ଇସାଲୱର ଏକ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଜିଲ୍ଲାରେ ହେବାକୁ ଥିବା ଆସନ୍ତା ସାଧାରଣ ନିର୍ବାଚନ ନେଇ ସୂଚନା ପ୍ରଦାନ କରିଥିଲେ।

ବଲାଙ୍ଗିର ସଦର, ଲୋଇସିଂହା, ଟିଟିଲାଗଡ଼, ପାଟଣାଗଡ଼ ଓ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରେ ଆସନ୍ତା ମେ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଏପ୍ରିଲ ୨୬ ତାରିଖରେ ବିଜ୍ଞାପ୍ତି ଜାରୀ କରାଯିବ। ମେ ୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦଳର ପ୍ରାର୍ଥୀମାନେ ନିଜ ନିଜ ନାମାଙ୍କନ କରିପାରିବେ। ମେ ୪ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ଓ ମେ ୬ ତାରିଖରେ ଇଚ୍ଛୁକ ପ୍ରାର୍ଥୀ ନିଜ ପ୍ରାର୍ଥିତ୍ୱ ପ୍ରତ୍ୟାହାର କରିପାରିବେ। ପରେ ୨୦ ତାରିଖରେ ନିର୍ବାଚନ ସରିବା ପରେ ଜୁନ ୪ ତାରିଖରେ ଭୋଟ ଗଣତି କରାଯିବ। ଜୁନ ୬ ତାରିଖ ସୁଦ୍ଧା ସମସ୍ତ ନିର୍ବାଚନ ପ୍ରକ୍ରିୟା ସମାପ୍ତ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ୫ ବିଧାନସଭା ଆସନ ପାଇଁ ପାଞ୍ଚ ଜଣ ରିଟର୍ଣ୍ଣିଂ ଅଫିସର




### ମେ ୨୦ରେ ଜିଲ୍ଲାର ୫ ନିର୍ବାଚନମଣ୍ଡଳୀରେ ହେବ ଭୋଟ୍

### ୧୫୮୪ ଭୋଟ୍‌କେନ୍ଦ୍ରରେ ୧୩ ଲକ୍ଷ ୨୩ ହଜାର ମତଦାତା

### ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଉପରେ ସ୍ୱତନ୍ତ୍ର ନଜର

ନିୟୋଜିତ କରାଯାଇଥିବା ବେଳେ ୧୦ ଜଣ ଅତିରିକ୍ତ ରିଟର୍ଣ୍ଣିଂ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ନିର୍ବାଚନର ସୁପରିଚାଳନା ପାଇଁ ୧୧ ହଜାର ୧୪୮ ଜଣ ପୋଲିଂ କର୍ମଚାରୀ ନିୟୋଜିତ କରାଯିବ। ଏହାସହ ୨୦ ପ୍ରତିଶତ କର୍ମଚାରୀଙ୍କୁ ସଂରକ୍ଷିତ କରି ରଖାଯାଇଛି। ଚଳିତ ନିର୍ବାଚନ ପାଇଁ ୩୪୫ ପୋଲିଂବୁଥର ବ୍ୟବସ୍ଥା କରାଯାଇଛି। ବଲାଙ୍ଗିର ସଦର ନିର୍ବାଚନମଣ୍ଡଳୀରେ ସମୁଦାୟ ୨ ଲକ୍ଷ ୪୧ହଜାର୪୦୧ ଜଣ ଭୋଟର ରହିଥିବା ବେଳେ ୨୬୬ ପୋଲିଂ ବୁଥ ବ୍ୟବସ୍ଥା କରାଯାଇଛି। ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୫୫ ହଜାର ୮୯୦ ଜଣ ଭୋଟର ଥିବା ବେଳେ ୩୦୯ଟି ଲୋଇସିଂହା ନିର୍ବାଚନମଣ୍ଡଳୀରେ ସମୁଦାୟ ୨ ଲକ୍ଷ ୪୪ ହଜାର ୩୯୭ଜଣ ଭୋଟର ଥିବା ବେଳେ ୨୯୪ ପୋଲିଂ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସେହିପରି ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ସମୁଦାୟ ୩ ଲକ୍ଷ ୫ହଜାର ଏକ ଜଣ ଭୋଟରଙ୍କ ପୋଲିଂବୁଥ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୭୬ ହଜାର ୪୭୩ ଜଣ ଭୋଟର ଥିବା ବେଳେ ୩୩୪ଟି ପୋଲିଂ ବୁଥ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନିର୍ବାଚନ ସମୟରେ ଗଣମାଧ୍ୟମ ଉପରେ ପ୍ରଶାସନର ନଜର ରଖାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଆଦର୍ଶ ଆଚରଣ ବିଧି ଉଲଂଘନ କରୁଥିବା ଭଳି ଖବର ପ୍ରକାଶନ, ମିଛ ଖବର ବା ଅପପ୍ରଚାରରୁ ଦୂରେଇ ରହିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏଥିପାଇଁ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଏହାର ଯାଞ୍ଚ କରିବେ ବୋଲି ଜଣାପଡ଼ିଛି। ସେହିପରି କେବଳ ଭୋଟର ପରିଚୟପତ୍ର ବା ଇ-ପିକ କାର୍ଡ ନୁହଁ ଭୋଟରମାନେ ୧୨ଟି ଚିହ୍ନଟ ପରିଚୟପତ୍ର ଦେଖାଇ ଭୋଟ ଦେଇପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ସେହିପରି ପ୍ରାର୍ଥୀଙ୍କ ଖର୍ଚ୍ଚର ହିସାବ ମଧ୍ୟ ଏକ ଯାଞ୍ଚ କମିଟି ଦ୍ୱାରା ତଦାରଖ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ସେହିପରି ନିର୍ବାଚନ କିଭଳି ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ଅନୁଷ୍ଠିତ ହେବ ସେ ଉପରେ ଜିଲ୍ଲା ପୁଲିସ ଗୁରୁତ୍ୱ ଦେଇଥିବା ଏସପି ରିଷିକେଶ ଖିଲାରୀ ସୂଚନା ଦେଇଥିଲେ। ମାଓ ପ୍ରବଣ ଜିଲ୍ଲାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଓ ଅପରାଧୀଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଥିବା କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଗୌରଓ ଶିବାଜୀ ଇସାଲୱର, ଏସପି ରିଷିକେଶ ଖିଲାରୀ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ କ୍ଷେତ୍ରୀ, ପାଟଣାଗଡ଼ ଉପଜିଲ୍ଲାପାଳ ଅମିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ରାମୋଡ଼ରେ ଆଦିବାସୀ ସମାବେଶ

**ତୁରେକେଲା, ୧୮।୩ (ସମିସ)**

ତୁରକେଲା ବ୍ଲକ ଝରନି ପଞ୍ଚାୟତର ରାଉତମୁଣ୍ଡାଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ବ୍ଲକ ସଭାପତି ଚୌବନ କିଶୋର ମାଝୀଙ୍କ ସଭାପତିତ୍ୱରେ ବିଶାଳ ଆଦିବାସୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବୁଢ଼ା ଦେଓ, ଜଂଘା ଦେଓ, ଲିଙ୍ଗା ଦେଓ, ଶବରୀ ନାରାୟଣ, ଜାଡେନ, ବିନ୍ଧ୍ୟବାସିନୀଙ୍କୁ ପୂଜାର୍ଚ୍ଚନା କରି ରାମୋଡ଼ ଗାଁରେ ଆଦିବାସୀଙ୍କ ପାରମ୍ପରିକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଭାରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଦିବାସୀ ସମ୍ପ୍ରଦାୟ ବର୍ତ୍ତମାନ ସମୟରେ ସଶକ୍ତୀକରଣ ହେବାର ସମୟ ଆସିଛି। ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଆଦିବାସୀ କଳା ସଂସ୍କୃତିର ସୁରକ୍ଷା, ବିଲୁପ୍ତପ୍ରାୟ ନୃତ୍ୟ, ଗୀତ, ସଙ୍ଗୀତ, ବାଦ୍ୟ, କ୍ରୀଡା କସରତ, ଜଡିବୁଟି ଔଷଧ ସେବା, ଭାଷା, ଧର୍ମକୁ ପୁନଃଉଦ୍ଧାର ଏବଂ ସଂରକ୍ଷଣ କରିବାକୁ ରାଜ୍ୟସଭା ସାଂସଦ ଶ୍ରୀ ବିଶି ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ସଭାପତି ମନୋରଞ୍ଜନ ଭୋଇ, ଲଳିତ ଯାନୀ, ଚକ୍ର ଯାନୀ, ନରୋତ୍ତମ ମାଝୀ, ସୁରୁ ଝାଙ୍କର, ଗିରିଧାରୀ ଭୋଇ, ଶ୍ରୀମତୀ ଖେଳନ୍ତି ସମରଥ, ଅମର ସିଂ ମାଝୀ ବକ୍ତବ୍ୟ ରଖିଥିଲେ। ଅଞ୍ଚଳର ଶତାଧିକ ଆଦିବାସୀ ପୁରୁଷ ମହିଳା ଉପସ୍ଥିତ ଥିଲେ।



# ଲୁର୍କିରୁ ଲକ୍ଷାଧିକ ଟଙ୍କାର ବେଆଇନ କାଠ ଜବତ



**ତୁଷୁରା/ଦେଓଗାଁ, ୧୮।୩ (ସମିସ):** ସୋମବାର ବଲାଙ୍ଗିର ଜିଲ୍ଲା ଦେଓଗାଁ ବନାଞ୍ଚଳ ତଥା ତୁଷୁରା ଥାନା ଅନ୍ତର୍ଗତ ଲୁର୍କି ଗାଁ ନିକଟରେ ବେଆଇନ ଭାବେ ଚାଲିଥିବା ଏକ କାଠ କାରଖାନାରେ ବନ ବିଭାଗ ଅତର୍କିତ ଚଢ଼ଉ କରିଛି। ଏଥିରେ ଲକ୍ଷାଧିକ ଟଙ୍କାର ପଟା, କାଠ ଉପକରଣ ଓ ବ୍ୟବହୃତ ଯନ୍ତ୍ରପାତିକୁ ଜବତ କରିବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଲୁର୍କିର ସରୋଜ ପଧାନ(୪୨), ସମରାର ବ୍ୟାସଦେବ ସେଠ(୪୪) ଓ କନ୍ଧକେଲ ଗାଁର ପ୍ରକାଶ ଠେଲା (୨୭)। ମଙ୍ଗଳବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବିଭାଗ ସୂଚନା ଦେଇଛି। ସୂଚନା ଅନୁସାରେ, ଲୁର୍କି ଗ୍ରାମର କାଠ ମିସ୍ତ୍ରି ସରୋଜ ପ୍ରଧାନଙ୍କ ଘରେ ବନ ବିଭାଗ ଚଢ଼ଉ କରିଥିଲା।

ଦେଓଗାଁ ରେଞ୍ଜର ଯୁଧିଷ୍ଠିର ଜାଲ, ସଇଁତଳା ରେଞ୍ଜର ସିଦ୍ଧାର୍ଥ ନାଏକଙ୍କ ସହିତ ବଲାଙ୍ଗିର ରେଞ୍ଜ ଷ୍ଟାଫ, ଫରେଷ୍ଟର ବ୍ୟାସଦେବ ସାହୁ, ଜନ୍ମେଜୟ ପାଣିଗ୍ରାହୀ, ଫରେଷ୍ଟଗାର୍ଡ ସୁକାନ୍ତି ସରାଫ, ମଧୁସ୍ମିତା ବେହେରା, ଯୁକ୍ତା ସାହାଣୀ, ଚିଣ୍ଟୁ ଜାନୀ ଓ ପାରାଷ୍ଟାଫ ତଥା ତୁଷୁରା ଥାନାଧିକାରୀ ସଞ୍ଜୀବ ପଧାନ ଚଢ଼ଉ ଦଳରେ ସାମିଲ ଥିଲେ। ଅପରପକ୍ଷରେ, କାଠ ମିସ୍ତ୍ରି ସରୋଜ ପ୍ରଧାନଙ୍କ ସ୍ୱାସ୍ଥ୍ୟାବସ୍ଥା ଦୀର୍ଘ ଦିନରୁ ଅସୁସ୍ଥ ରହି ଆସୁଥିଲା ବେଳେ ଏହି ଚଢ଼ଉ ପରେ ତାଙ୍କ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯାଇ ଥିବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗିର ନେଇ ଚିକିତ୍ସା କରୁଥିବା ଜଣାପଡ଼ିଛି। ଚଢ଼ଉରେ ଲକ୍ଷ ଲକ୍ଷ ଟଙ୍କାର ଶାଳ, ପିଆଶାଳ ଓ ଶାଗୁଆନ ସାଇଜପଟା ଓ କାଠ ସାମଗ୍ରୀ ଯଥା ପଲଙ୍କ, ସୋଫା, ଡାଇନିଂ ତଥା ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରାଯାଇଥିବା ସୂଚନା ଦିଆଯାଇଛି।

**କାଠ ସାମଗ୍ରୀ ଓ ଯନ୍ତ୍ରପାତି ଜବତ, ୩ ଗିରଫ**

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ତୁରେକେଲା,୧୮।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ତୁରେକେଲା ବ୍ଲକ ଅନ୍ତର୍ଗତ ବୁଡିବାହାଲ, ବାଗବାହାଲ, ମହୁଲବାହାଲି, ଗୁଞ୍ଜାଉଡା, ମହନିଲହ, ବାଗବେଲ, ତୁରେକେଲା, ମହୁଲବାହାଲି, ଗୋଇନ୍ଦିମାଳ, କନ୍ଦାଗାଡ, ମଲିକଦୋରୋ, ମାକୁଜଙ୍ଗଲ ଗାଁରେ ବିଜେଡିର ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ବିଜେଡି ନେତା ତଥା ଡାକ୍ତର ଅମଜଦ ଖାନଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ଆୟୁବ ଖାନ ଅଞ୍ଚଳରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ଗାଁ ଲୋକଙ୍କୁ ପଚାରି ବୁଝି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ସହ ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ।

# ଶିଶୁ ମନ୍ଦିରର 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ବଲାଙ୍ଗିର,୧୮।୩(ସମିସ):** କଦମପଡାସ୍ଥିତ ସରସ୍ୱତୀ ଶିଶୁମନ୍ଦିର ଶିଶୁବାଟିକା ବିଭାଗରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମର ୩ୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବଲାଙ୍ଗିର ଶାରଦେଶ୍ୱରୀ ଆୟୁର୍ବେଦିକ ଡାକ୍ତରଖାନାର ମୁଖ୍ୟଡାକ୍ତର ଡା. ବୈଷ୍ଣବ ଚରଣ ନାଏକ ଯୋଗଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୋପାନ ସଙ୍ଗୀତ ଗୁରୁମା ପୁଷ୍ପଲତା ଶତପଥୀ ପରିବେଷଣ କରିଥିଲେ। ଶିଶୁଙ୍କୁ ନେଇ ଗୁରୁମା ଅନିତା ମେହେରଙ୍କ ଦ୍ୱାରା ଜ୍ଞାନାତ୍ମକ ପାଠ ମୁଢ଼ିମୁଆଁ ପ୍ରସ୍ତୁତି କରାଯାଇଥିଲା। ଶିଶୁବାଟିକା ପ୍ରମୁଖ ବିଦ୍ୟୁତରେଖା କର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଭବାନୀ ଶଙ୍କର ପଟେଲ, ଉପସଭାପତି ରବୀନ୍ଦ୍ର ପଣ୍ଡା, ସମ୍ପାଦକ ତରଣୀସେନ ପଟେଲ, ସଦସ୍ୟ ସନାତନ ଠାକୁର ଉପସ୍ଥିତ ଥିଲେ। ଶିଶୁ ଉପଯୋଗୀ ଆହାର ପ୍ରଦର୍ଶନୀ, ନିରୀକ୍ଷଣ ଓ ସ୍ୱଳ୍ପାହାର ଗ୍ରହଣ ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ସମସ୍ତ ଗୁରୁଜୀ ଗୁରୁମା,ସେବକ ଓ ସେବିକା ସହଯୋଗ କରିଥିଲେ।





### ରେଢ଼ାଖୋଲରେ ଏନ୍‌ଏସିର ଭେଣ୍ଡିଂ ଜୋନ

# ବିବାଦ ଯୋଗୁଁ ଆବଣ୍ଟନ ହେଉନି

**ରେଢ଼ାଖୋଲ, ୧୮।୩(ସମିସ)**

ରାଜ୍ୟ ସରକାର ବଜାର ବ୍ୟବସ୍ଥାକୁ ସୁସଂଗଠିତ କରିବା ପାଇଁ ବଜାର ଖୋଲିବା, ପିଣ୍ଡି ତିଆରି କରିବା, ଗୋଦାମ ଗୃହ ନିର୍ମାଣ କରିବା ପ୍ରଭୃତି ଅନେକ ପଦକ୍ଷେପ ହାତକୁ ନେଉଛନ୍ତି। ମାତ୍ର କିଛି ପ୍ରଶାସନିକ ଅଧିକାରୀଙ୍କର ଅବହେଳା ଓ କେତେକ ବ୍ୟକ୍ତିଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାର ସଫଳତାର ସ୍ୱାଦ ହିତାଧିକାରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ରେଢ଼ାଖୋଲ ଏନ୍‌ଏସି ପକ୍ଷରୁ ଡେଲି ମାର୍କେଟରେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ ଆବଣ୍ଟନ ନହୋଇ ପଡ଼ି ରହିଛି। ସ୍ଥାନୀୟ କିଛି ନେତାଙ୍କ ବିବାଦ, କମିଟି ବୈଠକରେ ଗଣ୍ଡଗୋଳ, ହୀତାଧିକାରୀ ଚୟନ ପ୍ରକ୍ରିୟା ନିୟମରେ ଘୋର ବ୍ୟତିକ୍ରମ ଘଟିଥିବା ମଧ୍ୟ ଅଭିଯୋଗ ହେଉଛି। ତେଣୁ କରି ବଣ୍ଟନ କରାଯାଉଥିବା ତାଲିକାକୁ ବାତିଲ କରିବାକୁ ମଧ୍ୟ ପୁର୍ବତନ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ନୁତନ ପକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମଧ୍ୟ ବିଭିନ୍ନ କାରଣରୁ ଏପର୍ଯ୍ୟନ୍ତ ୨୪ ଟାରୁ ୧୯ ଗୋଟି ବଣ୍ଟନ ନ ହୋଇ ପଡ଼ି ରହିଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ଭେଣ୍ଡିଯୋନ ନିର୍ମାଣ କରାଯାଇଥିଲା। ଭେଣ୍ଡିଂଜୋନ ପାଇବା ପାଇଁ ୫୪ ଜଣ ଆବେଦନ କରିଥିଲେ। କମିଟି ଗଠନ କରି ଚୟନ କରାଯାଇଥିଲା। ହେଲେ ବ୍ୟାପକ ଅନମିୟତା ହୋଇଥିବା ନେଇ ଅଭିଯୋଗ ହେଲା। ତେଣୁ କରି ୧୯ ଜଣଙ୍କୁ ବଣ୍ଟନ କରାଯାଇ ବାକି ୧୯ ଦୋକାନକୁ ସବୁ କାହାରିକୁ ଦିଆଯାଇ ନାହିଁ।



ସେମାନଙ୍କୁ ବର୍ଷ ବର୍ଷ ଧରି ପଡ଼ି ରହିଥିବାରୁ ନଷ୍ଟ ହେବାକୁ ବସିଲାଣି। ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ଭେଣ୍ଡିଜୋନ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ସନ୍ଧ୍ୟା ହୋଇଗଲେ ହୋଇଯାଉଛି ମଦୁଆଙ୍କୁ ଓପନ ବାର। କେତେକ ଦୋକାନ ଖୋଲାଯାଇଛି ହେଲେ ପରିକ୍ତତ ଅନ୍ୟ ଦୋକାନ ଓ ଅସାମାଜିକ ବ୍ୟକ୍ତି ରହୁଥିବାରୁ ସେମାନଙ୍କ ବ୍ୟବସାୟ ଉପରେ ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଏନଏସିର ରାଜସ୍ୱ ମଧ୍ୟ ହାନି ହେଉଛି। ଶିଘ୍ର ନିୟମ ଅନୁସାରେ ବଣ୍ଟନ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଅଭିଯୋଗ କ୍ରମେ ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ୩୩ ବର୍ଷରେ ପଦାର୍ପଣ କରିଛି। ପଞ୍ଚାୟତ ଥିବା ବେଳେ ଯେଉଁ ସମସ୍ୟାଥିଲା ଏନଏସି ହେବା ପରେ ସୁଧାର ଆସଛି ହେଲେ ଆହୁରି ସମସ୍ୟା ରହି ଯାଇଛି। ରେଢ଼ାଖୋଲ ଏନଏସି ଗଠନ ହେବା ପରେ ସ୍ଥାନୀୟ ଲୋକେ ଅଞ୍ଚଳ ବିକାଶ ହେବ ବୋଲି ଆଶା କରିଥିଲେ ତାଙ୍କ ଆଶା ପୂରଣ ହୋଇ ପାରି ନାହିଁ। ସବୁଠୁ ବଡ ସମସ୍ୟା ହେଲା ଦୈନିକ ବଜାର ସମସ୍ୟା। ରେଢ଼ାଖୋଲ ଏନଏସିର ସହର ଅଞ୍ଚଳରେ ସ୍ଥାୟୀ ଦୈନିକ ବଜାର ନ ଥିବାରୁ ବ୍ୟବସାୟୀ, ଗ୍ରାହକ ନୋ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋଭିଡ ସମୟରେ ସୁବିଧା ପାଇଁ କଦମ୍ବ ପଡ଼ିଆକୁ ସ୍ଥାନାନ୍ତରିତ କରାଯାଇଥିଲା। ସେ ସମୟରୁ ସେମାନେ ଖୋଲା ଆକାଶ ତଳେ ବଜାର ଚାଲୁଅଛି। ଖାଉଟି ଓ ବ୍ୟବସାୟୀ ଉଭୟଙ୍କୁ ସମସ୍ୟା ହେଉଛି। ଆଗକୁ ଖରାଦିନ ଆସୁଛି। ସେମାନଙ୍କ ସମସ୍ୟା ଆହୁରି ବୃଦ୍ଧି ପାଇଯିବ ବୋଲି ଅଭିଯୋଗ କରୁଛନ୍ତି। ତେଣୁ ଏନଏସି ପକ୍ଷରୁ ସ୍ଥାୟୀ ସମସ୍ୟା କରାଯାଉ ବୋଲି ଦାବି ହେଉଛି। ଏ ସମ୍ପର୍କରେ ଏନଏସି ଇଓ ବିରଞ୍ଚି ଧରୁଆ କହିଛନ୍ତିଯେ, ଏହି ବିବାଦ ମୋର ଯୋଗଦାନ ପୂର୍ବରୁ ରହିଛି। କିମଟି ଗଠନ କରି ନୂତନ ଭାବେ ହୀତଧିକାରି ଚୟନ କରାଯିବ। କଦମ୍ବପଡ଼ିଆରେ ବସୁଥିବା ବ୍ୟବସାୟୀଙ୍କ ମଧ୍ୟ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

### ନିଶା ଦେଇ ମହିଳାଙ୍କ ଅଳଙ୍କାର ଲୁଟ୍ ଘଟଣା, ୨ ଗିରଫ

## ପରିଚିତ ମହିଳାଙ୍କ ଅଳଙ୍କାର ଦେଖି ଲୋଭରେ ପଡ଼ିଥିଲେ ଅଭିଯୁକ୍ତ

**ସମ୍ବଲପୁର, ୧୮।୩(ସମିସ)** ପୂର୍ବରୁ ଆହତ ମହିଳାଙ୍କ ସହିତ ପୂଜକଙ୍କ ପରିବାର ସହିତ ପରିଚିତ ଥିଲା। ମହିଳା ଜଣଙ୍କ ମନ୍ଦିରକୁ ଯିବା ଆସିବା କରୁଥିଲେ। ଉଭୟଙ୍କ ମଧ୍ୟରେ ବିଶ୍ୱାସ ଓ ଭଲ ସମ୍ପର୍କ ଗଢି ଉଠିଥିଲା। ବୃଦ୍ଧ ମହିଳା ମନୋରମା ପ୍ରାୟ ସମୟରେ ଯିବା ଆସିବା କରୁଥିଲେ। ମନୋରମା କାନରେ କର୍ଣ୍ଣଫୁଲ, ବେକରେ ଚେନ ଓ ହାତରେ ସୁନାର ଚୁଡି ପିନ୍ଧିଥିଲେ। ଏହାକୁ ଦେଖି ପୂଜକଙ୍କ ସ୍ତ୍ରୀ ଓ ତାଙ୍କ ଝିଅ‌ାରି ଲୁଟ କରିବାକୁ ଯୋଜନା କରିଥିଲେ। ଘଟଣା ଦିନ ମନୋରମାକୁ ପଉଡ ପାଣିରେ ନିଶା ଦ୍ରବ୍ୟ ମିଶାଇ ପିଇବାକୁ ଦେଇ ଲୁଟ କରି ନେଉଥିଲେ। ପୁଜକଙ୍କ ସ୍ତ୍ରୀ ମଞ୍ଜୁଲତା ପାଢ଼ୀ ଓ ଝିଅ‌ାରି ଅନୁକାନ୍ତି ମିଶ୍ରଙ୍କୁ ଗିରଫ କରାଯାଇଛି। ଲୁଟି ନେଉଥିବା ସୁନାଫୁଲ, ଚେନ, ଚୁଡି ଜବତ ହୋଇଛି। ତଦନ୍ତ ପରେ ସବୁ ଘଟଣା ସାମାନକୁ ଆସିଛି। ଲୋଭରେ ସେମାନେ ଲୁଟ କରିଥିଲେ



ବୋଲି ଖବରଦାତା ସମ୍ମିଳନୀରେ ଏସଡିପିଓ ତୋଫାନ ବାଗ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନୁପାଲି ଥାନା ଅଧିକାରି ରଞ୍ଜନ କୁମାର ବିଶ୍ୱାଳ ଉପସ୍ଥିତ ରହିଥିଲେ। ସୂଚନା ଯୋଗ୍ୟଯେ, ଗତ ୧୬ ତାରିଖ ଏହି ଘଟଣା ଘଟିଥିଲା। ପଇଡରେ ନିଶା ଦେଇ ମନରୋମା ମହିଳାଙ୍କ ଠାରୁ ସୁନା ଅଳଙ୍କାର ଯୋଜନାବଦ୍ଧ ଭାବେ ଲୁଟ୍ କରାଯାଇଥିଲା। ମନୋରମା ଦିନ ସାଢ଼େ ୧୦ଟା ସମୟରେ ବଜାରକୁ ଯାଇଥିଲେ। କିନ୍ତୁ ଘରକୁ ଆଉ ଫେରି ନଥିଲେ। ତାଙ୍କ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜିବା ଆରମ୍ଭ କରିଥିଲେ। ବହୁତ ଖୋଜାଖୋଜି କରିବା ପରେ ଦିନ ୨ଟା ବେଳେ ରାଣୀସତୀ ମନ୍ଦିର ଭିତରୁ ମନୋରମା ପରିବାର ବର୍ଗ ପାଇଥିଲେ। ମନ୍ଦିରର ପଛପଟେ ଏକ ଘରେ ସେ ଅଚେତ ହୋଇ ପଡ଼ି ରହିଥିଲେ। ଆଉ ଏକ କୋଣରେ ମନ୍ଦିର ପୂଜକ ଦେବେନ୍ଦ୍ର ପାଢ଼ୀ ମଧ୍ୟ ଅଚେତ ହୋଇ ପଡ଼ି ରହିଥିଲେ। କେହି ଦୁର୍ବୃତ୍ତ ମନୋରମାଙ୍କ ଠାରୁ ସେ ପିନ୍ଧିଥିବା ସୁନା ଚୁଡ଼ି, କାନ ଫୁଲ ଓ ଚେନ୍ ଲୁଟି ନେଇଯାଇଥିଲେ। ପରିବାର ଲୋକଙ୍କ ମନ୍ଦିରରେ ଭୋଗ ଲଗାଇବା ପରେ ମନୋରମା ଓ ପୂଜକଙ୍କୁ ପ୍ରସାଦ ଖାଇବା ପାଇଁ ଦେଇଥିଲା। ସେହି ଭୋଗରେ କିଛି ନିଶା ଦ୍ରବ୍ୟ ମିଶା ଯାଇଥିଲା। ଯାହାକୁ ଖାଇବା ପରେ ମନ୍ଦିର ପୂଜକ ଓ ମନୋରମା ଅଚେତ ହୋଇଯାଇଥିଲେ ବୋଲି ଅଭିଯୋଗ କରିଥିଲେ। ପରିବାର ଲୋକେ ମନୋରମାଙ୍କ ସହ ପୂଜକଙ୍କୁ ଉଦ୍ଧାର କରି ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା।

### ଧୋକା ଦେଇ ଅନ୍ୟତ୍ର ବିବାହ ପ୍ରସଙ୍ଗ

## ପ୍ରେମିକାକୁ ବୁଝାଇ ଅନ୍ୟ ଯୁବତୀଙ୍କୁ ବିବାହ କଲେ ପ୍ରେମିକ

**ବାମରା, ୧୮।୩(ସମିସ):** ସମ୍ବଲପୁର ଜିଲ୍ଲା ବାମରା ଧରୁଆଡ଼ିହି ଥାନା ଅଞ୍ଚଳରେ ଏକ ଚର୍ଚ୍ଚାର ଘଟଣା ଆଜି ଘଟିଛି। ପ୍ରେମିକା ଥାଇ ଅନ୍ୟ ଯୁବତୀଙ୍କୁ ବିବାହ କରୁଥିବା ବେଳେ ପ୍ରେମିକଙ୍କୁ ପୁଲିସ ଉଠାଇ ନେଇ ବିବାହ ବନ୍ଦ କରିଥିଲା। ଏହି ଘଟଣାର ଆଜି ଭିନ୍ନମୋଡ଼ ନେଇଥିଲା। ପ୍ରେମିକାଙ୍କୁ ବୁଝାଇବାରେ ପ୍ରେମିକ ସଫଳ ହୋଇ ଅନ୍ୟ ଯୁବତୀଙ୍କୁ ବିବାହ କରିଛନ୍ତି। ଯାହାକି ପ୍ରମୁଖ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାକ୍ରମେ, ବାମରା (ଖୋକପଡ଼ା) ଗ୍ରାମର ବିଷ୍ଣୁ ପିଙ୍ଗ(୨୬)ଓ ସୁନ୍ଦରଗଡ଼ ଜିଲ୍ଲା ଧରୁଆଡିହି ଥାନା ଅନ୍ତର୍ଗତ ସଲଙ୍ଗାବୁଡ଼ ଗ୍ରାମର ଜଣେ ଯୁବତୀଙ୍କ ମଧ୍ୟରେ ଗତ ୨୦୧୭ ମସିହା ପରଠାରୁ ପ୍ରେମ ସମ୍ପର୍କ ରହିଥିଲା। ଇତି ମଧ୍ୟରେ ବିଷ୍ଣୁ ତାଙ୍କ ପ୍ରେମିକାଙ୍କ ସହିତ ସମ୍ପର୍କ ନରଖି କାମ କରିବା ପାଇଁ ଚେନ୍ନାଇକୁ ପଳାଇଥିଲେ। ଉଭୟ ମୋବାଇଲରେ କଥାବାର୍ତ୍ତା ନକରି ଅଲଗା ଅଲଗା ଠାରେ କାମଧନ୍ଦା ରହୁଥିଲେ। ଅନ୍ୟପଟେ ଉକ୍ତ ଯୁବତୀ ବିଷ୍ଣୁଙ୍କ ଗାଁର ଜଣେ ଯୁବତୀଙ୍କ ସହିତ ମୋବାଇଲରେ କଥାବାର୍ତ୍ତା କରି ଆସୁଥିଲେ। ଗତ ଶୁକ୍ରବାର ଦିନ ବିଷ୍ଣୁ ବାହା ହେଉଥିବା ନେଇ ସଂପୃକ୍ତ ଯୁବତୀ ଖବର ପାଇ ଶନିବାର ଦିନ ରାତି ପ୍ରାୟ ୯ ଟାରେ ବାମରା(ଗୋବିନ୍ଦପୁର)



ଥାନା କୁ ଯାଇ ଏ ବିଷୟରେ ମୌଖିକ ଭାବେ ଜଣାଇଥିଲେ। ପରେ ଘଟଣାଟି ଧରୁଆଡ଼ିହି ଥାନା ହୋଇଥିବାରୁ ସେଠାରୁ ଉକ୍ତ ଯୁବତୀ ଫେରି ଆସିଥିଲେ। ପରେ ଏ ନେଇ ଧରୁଆଡ଼ିହି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରବିବାର ଦିନ ଅପରାହ୍ଣ ପ୍ରାୟ ୧୨.୩୦ ଟାରେ ବର ସାଜିଥିବା ବିଷ୍ଣୁ ଗୋଟିଏ କାରରେ ବସି ବାହା ହେବାକୁ ଧରୁଆଡ଼ିହି ଗାଁ ଅଭିମୁଖେ ବାହାରିଥିଲେ। ତାଙ୍କ ଗାଡି ପଛେ ପଛେ ବହୁ ସଂଖ୍ୟାରେ ଚାରି ଚକିଆ ଗାଡ଼ିରେ ବରଯାତ୍ରୀ ମାନେ ଯିବାକୁ ବାହାରିଥିଲେ। ଇତି ମଧ୍ୟରେ ବାମରା ବସ ଷ୍ଟାଣ୍ଡ ଅଞ୍ଚଳରୁ ଅଚାନକ ବର ବିଷ୍ଣୁଙ୍କ ଗାଡ଼ି ଅଟକାଇ ଧରୁଆଡିହି ପୁଲିସ ଟେକି ନେଇ ଦ୍ରୁତ ଗତିରେ ଚାଲି ଯାଇଥିଲେ। ଏହି ଘଟଣା ଦେଖି ବରଯାତ୍ରୀ ମାନେ କେହି କିଛି ବୁଝି ପାରି ନ ଥିବା ବେଳେ ବିଷ୍ଣୁଙ୍କୁ ଧରୁଆଡିହି ଥାନାରେ ଅଟକ ରଖି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା ପୁଲିସ। ଏହି ଘଟଣା ଜାଣିପାରି ଧରୁଆଡିହି ଠାରେ ଥିବା କନ୍ୟା ପକ୍ଷର ଶତାଧିକ ମହିଳା ପୁରୁଷ ସଂଧ୍ୟାରେ ଥାନାକୁ ଆସି ଭିଡ଼ ଜମାଇଥିଲେ। ଥାନାରେ ଥିବା ଅଭିଯୋଗକାରିଣୀ କନ୍ୟା ପକ୍ଷର କେତେକ ଯୁବତୀ ଓ ମହିଳାଙ୍କ ସହ କଥା କଟାକଟି ହୋଇ ସାମାନ୍ୟ ପାଟିତୁଣ୍ଡ ହୋଇଥିବା ଦେଖିବାକୁ ମିଳିଥିଲା। ଉଲ୍ଲେଖଯୋଗ୍ୟ ଯେ, ପ୍ରେମିକା ନିଜ ପ୍ରେମିକ ନାଁରେ ଲିଖିତ ଅଭିଯୋଗ କରିଥିବା ବେଳେ ତାଙ୍କର ଗୋଟିଏ ୬ ବର୍ଷୀୟ ଶିଶୁପୁତ୍ର ଥିବା କହିଛନ୍ତି।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ଆଚରଣ ବିଧି ଉଲଘଂନ ଅଭିଯୋଗ

**କୁଚିଣ୍ଡା, ୧୮।୩(ସମିସ):** ଗତ ୧୬ ତାରିଖରୁ ସାରା ଦେଶରେ ନିର୍ବାଚନ ତାରିଖ ଘୋଷଣା ହେବା ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଛି। ମାତ୍ର କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ଏହାର ଖୋଲା ଉଲଘଂନ କରାଯାଇ ସୋମବାର ୧୮ ତାରିଖ ଦିନ ଗ୍ରାମ ପଞ୍ଚାୟତ ମାନଙ୍କରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ସାଧାରଣ ଜନତାଙ୍କୁ ପ୍ରଲୋଭିତ କରିବା ଭଳି କୌଣସି କାର୍ଯ୍ୟ କରାଯାଇ ପାରିବ ନାହିଁ। ମାତ୍ର କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ଏହାର ଖୋଲା ଉଲ୍ଲଂଘନ କରାଯାଇ ୧୮ ତାରିଖ ସୋମବାର ଦିନ ୯୪ ଜଣ ନୂତନ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାରର ଭତ୍ତା ପ୍ରଦାନ କରାଯାଇଛି। ଏହା ନିର୍ବାଚନ ଆଚରଣ ବିଧିର ଉଲଘଂନ ବୋଲି ଅଭିଯୋଗ ହୋଇଛି। ଏ ସଂପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରୁ ସେ କହିଲେ ଯେ, ଏପରି ହେବା କଥା ନୁହେଁ। ସମସ୍ତ ପିଇଓଙ୍କୁ ୧୬ ତାରିଖ ସୁଦ୍ଧା ନୂତନ ହିତାଧିକାରୀ ମାନଙ୍କୁ ଭତ୍ତା ଦେଇଦେବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା। କିନ୍ତୁ କାହିଁକି ଦିଆଗଲା ନାହିଁ ତାର ତଦନ୍ତ କରାଯିବ ବୋଲି ବିଡିଓ ଶ୍ରୀ ସା କହିଛନ୍ତି।

### ଚଳନ୍ତା ମାଲଗାଡ଼ିର ୨୪ ୱାଗନ ଅଲଗା

## ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଲା, ଟ୍ରେନ ଚଳାଚଳ ବ୍ୟାହତ

**ବାମରା, ୧୮।୩ (ସମିସ):** ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ରେଳ ମଣ୍ଡଳ ଅନ୍ତର୍ଗତ ବାମରା ରେଳ ଷ୍ଟେସନ ମୁଣ୍ଡାଡିପା ନିକଟରେ ଏକ ଚଳନ୍ତା ମାଲଗାଡ଼ିର ୨୪ ୱାଗନ ଖୋଲିଯାଇ ଅଲଗା ହୋଇଯାଇଥିଲା। ଥାର୍ଡ଼ ଲାଇନରେ ସୋମବାର ଅପରାହ୍ଣ ୨ ଟା ୨୦ ମିନିଟ ସମୟରେ ଛତିଶଗଡ଼ ରାୟପୁରରୁ କ୍ଲିଙ୍କର ବୋଝେଇ ଏନ୍‌ଏମ୍‌ୟୁସିଏଲ୍ ଏନପିଏସଏମଏମ ଟାଇଗର ମାଲଗାଡ଼ି ଝାଡ଼ଖଣ୍ଡ ପିଏସଏମଏମ ୟାର୍ଡ଼କୁ ଯାଉଥିବା ବେଳେ ପଛପଟରୁ ୨୪ ନମ୍ବର ୱାଗନର କୌପ୍ଲିଂ ଖୋଲିଯିବାରୁ ଟ୍ରେନଟି ଅଲଗା ହୋଇଯାଇଥିଲା। ପ୍ରାୟ ୨୦୦ ମିଟର ପରେ ଚାଳକ ଟ୍ରେନକୁ ଅଟକାଇଥିଲେ। ୫୯ ଡବା ବିଶିଷ୍ଟ ଏହି ମାଲ ଗାଡ଼ିର ୩୬ ନମ୍ବର ଡବା (ଏସଇସିଆର ୮୧୦୯୮) ଓ ୩୭ ନମ୍ବର ରେଳ ଡବା (ଏସଇଆର ୧୮୨୦୨) ମଝିରେ କୌପ୍ଲିଂ ଖୋଲି ଯାଇଥିଲା ଓ ୨୪ଟି ୱାଗନ ଗୋଟେ ପଟେ ରହିଯାଇଥିବା ବେଳେ ଅନ୍ୟ ୨୫ଟି ୱାଗନକୁ ନେଇ ଇଞ୍ଜିନ ଆଗକୁ ପଳାଇ ଯାଇଥିଲା। ଟ୍ରେନର ଗାର୍ଡ଼ ଏହା ଦେଖି ଲୋକ ପାଇଲଟଙ୍କୁ ସୂଚନା ଦେଇଥିଲେ। ଲୋକ ପାଇଲଟ ସୂଚନା ପାଇ ତୁରନ୍ତ ବ୍ରେକ୍ ମାରି ଅଟକାଇଥିଲେ। ପରେ ଟ୍ରେନକୁ ପଛକୁ ଆଣି ଛିଣ୍ଡି ଯାଇଥିବା ୱାଗନ ସହ ଯୋଡ଼ା ଯାଇଥିଲା। ପ୍ରାୟ ୪୦ ମିନିଟ ପରେ ଅପରାହ୍ଣ ୩ ଟା ରେ ମାଲ ଗାଡ଼ି ନିଜ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା।



### ଅନୁଦାନ ଅଛି, କାମ ହେଉନି

## ରାସ୍ତା ନାହିଁ ତ ଭୋଟ ନାହିଁ



**ଯୁଯୁମୁରା, ୧୮।୩(ସମିସ):** ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ନ ହେଲେ ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକର ୬ଟି ଗ୍ରାମର ଅଧିବାସୀ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ପୂର୍ବତନ ବ୍ଲକ ଅଧକ୍ଷ ଅଶ୍ୱିନୀ କୁମୁରାଙ୍କ ନେତୃତ୍ୱରେ ଲୋକମାନେ ସୋମବାର ବ୍ଲକ କାର୍ଯ୍ୟାଳୟକୁ ଆସି ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ ପୂର୍ତ୍ତ ବିଭାଗ ପକ୍ଷରୁ ୩ ବର୍ଷ ତଳେ ବେହେରନବସା ଠାରୁ ବେଲପାଣି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା। ୧୩ କିମି ରାସ୍ତା ପାଇଁ ୧୬ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ବେହେରନବସା ଠାରୁ ଗହିରପାଲି ପର୍ଯ୍ୟନ୍ତ ରାସ୍ତା କାମ ହୋଇସାରିଛି। ହେଲେ ଗହିରପାଲି ଗ୍ରାମ ଛକଠାରୁ ବେଲପାଣି ପର୍ଯ୍ୟନ୍ତ କାମ ହେଉନାହିଁ। ଠିକାଦାର ଉକ୍ତ ରାସ୍ତାକୁ ଖୋଳିଦେଇ ମେଟାଲ ପକାଇ ଦେଇଛି। ଫଳରେ ଯାତାୟତରେ ଲୋକଙ୍କୁ ସମସ୍ୟା ହେଉଛି। ଗଡ଼ଲୁଇସିଂ ପଞ୍ଚାୟତ କୁସୁମଟିକ୍ରା, ବେଲପାଣି, ଜୁନାପାଣି, ନୂଆଁପଡ଼ା ପ୍ରଭୃତି ଗ୍ରାମର ୫ ହଜାରରୁ ଅଧିକ ଭୋଟର ଅଛନ୍ତି। ଉକ୍ତ ରାସ୍ତା ପିଚୁ କରା ନ ଗଲେ କୌଣସି ଗ୍ରାମବାସୀ ଭୋଟ ଦେବେ ନାହିଁ ବୋଲି ନିଷ୍ପତି ନେଇଛନ୍ତି। ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଦିଆଯାଇଥିବା ଦାବିପତ୍ରରେ ଅଜିତ କୁମାର ଟପ୍ପୋ, ଡେଭିଡ ଡାଙ୍ଗ, ଜନ ଡାଙ୍ଗ, ସୁନିତା ଡାଙ୍ଗ, ଅଜିତ ସାମଦ, ଯୋଶେପ ଟପନୋ, ସ୍ମିତ କାଣ୍ଡାଲୋନା ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ରହିଛି। ଏ ସମ୍ପର୍କରେ ବିଡିଓ ବିଜୟ ସାଏ କହିଛନ୍ତି ଯେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନେଇ ଗ୍ରାମବାସୀ ଦାବି କରୁଛନ୍ତି। ପୂର୍ତ୍ତ ବିଭାଗକୁ ପୂର୍ବରୁ ଏ ସମ୍ପର୍କରେ ଚିଠି କରାଯାଇଛି। ରାସ୍ତା କାର୍ଯ୍ୟ ନିଶ୍ଚିତ ହେବ ବୋଲି ସେ କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ, ଉତ୍ତେଜନା

**ସମ୍ବଲପୁର, ୧୮।୩ (ସମିସ):** ଅଇଁଠାପାଲି ଛକରେ ପୁଣି ମୁଣ୍ଡ ଗଡ଼ିଛି। ଏଠାରେ ଅଧିକାଂଶ ସମୟ ଧନଜୀବନ ହାନି ହେଉଥିଲେ ହେଁ ପ୍ରଶାସନର ତିଳେ ମାତ୍ର ତତ୍ପରତା ପ୍ରକାଶ ପାଉନି। ସୋମବାର ପୂର୍ବାହ୍ଣରେ ଜାତୀୟ ରାଜପଥ-୫୩ର ଅଇଁଠାପାଲି ତଳି ଛକରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ନାମ ସୁମିତ ତନସେନା (୨୨) ଓ ତାଙ୍କ ଘର ଟାଉନ ଥାନା ଅନ୍ତର୍ଗତ ଚେରୁଆପଡ଼ାରେ। ସୁମିତ ଚାଲିଚାଲି ଯାଉଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାକୁ ନେଇ ଅଇଁଠାପାଲି ଛକରେ ଉତ୍ତେଜନା ଦେଖା ଦେଇଥିଲା। ଲୋକମାନେ ଦୁର୍ଘଟଣା ପାଇଁ ଟ୍ରାଫିକ ବ୍ୟବସ୍ଥାକୁ ଦାୟୀ କରିଥିଲେ। ଦୁର୍ଘଟଣା ଯୋଗୁ ଉତ୍ୟକ୍ତ ଲୋକେ ରାସ୍ତାର ଉଭୟ ପାର୍ଶ୍ୱକୁ ଅବରୋଧ କରିଥିଲେ। ପୁଲିସ ଆସି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିବା ଥାନା ଅଧିକାରୀ ସନୟ ନାଏକ କହିଛନ୍ତି।

## ପ୍ରଜାପିତା ବିଶ୍ୱବିଦ୍ୟାଳୟ ପାଇଁ ଭୂମି ପୂଜନ

**ରେଙ୍ଗାଲି, ୧୮।୩(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଠାରେ ପ୍ରଜାପିତା ବିଶ୍ୱବିଦ୍ୟାଳୟ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ପୁରୁଣା ବସ୍ତିଠାରେ ପଶ୍ଚିମ ଓଡ଼ିଶାର ମୁଖ୍ୟ ପରିଚାଳିକା ରଜ ଯୋଗିନୀ ବ୍ରହ୍ମ କୁମାରୀ ପାର୍ବତୀ ଦିଦିଙ୍କ ହସ୍ତ କମଳରେ ଏହି ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ପଶ୍ଚିମ ଓଡ଼ିଶାର ବରିଷ୍ଠ ଭାଇଭଉଣୀ, ରେଙ୍ଗାଲି ଶାଖା ଓ ଗୀତା ପାଠଶାଳାର ଭାଇଭଉଣୀ ଯୋଗ




ଦେଇଥିଲେ। ଶେଷରେ ରେଙ୍ଗାଲି ଶାଖା ଭଉଣୀ ବ୍ରହ୍ମ କୁମାରୀ କନକ ଦିଦି ଧନ୍ୟବାଦ୍ ଅର୍ପଣ କରିଥିଲେ।

### ବାଉଁଶ ସାମଗ୍ରୀ ଆଦର ଅଛି, ଚାହିଦା ନାହିଁ

# ରାସ୍ତାକଡ଼ ପସରାକୁ ଭରସା କରିଛି ବାଉଁଶ କାରିଗର

**ସମ୍ବଲପୁର, ୧୮।୩ (ସମିସ)**

ପୂର୍ବରୁ ବାଉଁଶ ଶିଳ୍ପ ଏକ ଲାଭଜନକ କୁଟୀର ଶିଳ୍ପ ଭାବେ ଗଣାଯାଉଥିଲା। ବହୁ ଲୋକ ଏହି କୁଟୀର ଶିଳ୍ପରେ ଆତ୍ମ ନିର୍ଭର ହୋଇ ପରିବାର ପ୍ରତିପୋଷଣ କରୁଥିଲେ। ବହୁ ପରିବାର ଏଥିରୁ ରୋଜଗାର କରି ଚଳୁଥିଲେ। ମାତ୍ର ଏବେ ଏହାର ଚାହିଦା ହ୍ରାସ ପାଇବାରେ ଲାଗିଛି। ତଥାପି ବାଉଁଶ ସାମଗ୍ରୀର ଆଦର କମିନାହିଁ। ଆବଶ୍ୟକ ବଜାର ଓ ପ୍ରୋତ୍ସାହନର ଅଭାବ ଯୋଗୁଁ ଏହି ଶିଳ୍ପ ଏବେ ସଂକଟ ଦେଇ ଗତି କରୁଥିବା ବେଳେ ବାଉଁଶ କାରିଗର ରୋଜଗାର ହରାଇବାରେ ଲାଗିଛି। ସରକାରୀ ସ୍ତରରେ ଏହି ଶିଳ୍ପର ଉନ୍ନତି ପାଇଁ ଅନେକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ଏହା ବାଉଁଶ କାରିଗର ମାନଙ୍କୁ ସଂପୂର୍ଣ୍ଣ ଆତ୍ମ ନିର୍ଭରଶୀଳ କରି ପାରୁନାହିଁ। ଏହା ପଛରେ ଅନେକ କାରଣ ମଧ୍ୟ ରହିଛି। ଉପଯୁକ୍ତ ବଜାର ବ୍ୟବସ୍ଥା ନଥିବାରୁ କାରିଗର ମାନେ ତାଙ୍କ ନିର୍ମିତ ସାମଗ୍ରୀକୁ ବିକ୍ରୟ ପାଇଁ ରାସ୍ତା କଡ଼ ପସରା ଉପରେ ନିର୍ଭରଶୀଳ ହେଉଛନ୍ତି। ସହର ଉପକଣ୍ଠ ସମ୍ବଲପୁର-ସୋନପୁର ରାସ୍ତା ଗୁଣ୍ଡେରପୁରରେ ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥାଏ। କିଛି ବାଉଁଶ କାରିଗର ପରିବାର ରାସ୍ତା କଡ଼ରେ ବାଉଁଶ ତିଆରି ଟୁପା, ଚାଙ୍ଗୁଡ଼ି, ଡଲା, କୁଲା ପ୍ରଦର୍ଶନ କରି ତାକୁ ବିକ୍ରି କରିବା ପାଇଁ ଚେଷ୍ଟା କରି ଆସୁଛନ୍ତି। ରାସ୍ତାରେ ଯାଉଥିବା ଯାତ୍ରୀ ଏମାନଙ୍କ ଠାରୁ କିଛି କିଛି ବାଉଁଶ ସାମଗ୍ରୀ କିଣିଥାନ୍ତି। ବିବାହ ଉତ୍ସବ ସମୟରେ ବିକ୍ରି ପରିମାଣ କିଛି ବୃଦ୍ଧି ପାଇଥାଏ। ବାଉଁଶରେ ତିଆରି ଏହି ଘରକରଣା ସାମଗ୍ରୀକୁ ରଙ୍ଗୀନ



କରି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ମଧ୍ୟ କାରିଗର ମାନେ ଉଦ୍ୟମ ଜାରି ରଖିଛନ୍ତି। ତଥାପି ଆଗ ଭଳିଆ ବିକ୍ରି ହୋଇ ପାରୁନାହିଁ ବୋଲି ଏହି ବାଉଁଶ କାରିଗର ମାନେ କୁହନ୍ତି। ଏହା ତାଙ୍କର ପାରମ୍ପରିକ ବ୍ୟବବସାୟ ହୋଇଥିଲେ ମଧ୍ୟ ଏହାକୁ କେବଳ ବ୍ୟବସାୟର ମାଧ୍ୟମ କଲେ ପରିବାର ପରିପୋଷଣ କରିବା ବଡ଼ କଷ୍ଟ ବୋଲି ଏମାନେ କୁହନ୍ତି। ତେଣୁ ଏହି ପରିବାରର ଆଗାମୀ ପୀଢ଼ି ଏହି କୌଳିକ ବୃତ୍ତି ଠାରୁ ଦୂରେଇ ଯାଉଥିବା ଲକ୍ଷ୍ୟ କରାଯାଉଛି। ଜଙ୍ଗଲରେ ଯଥେଷ୍ଟ ବାଉଁଶର ଅଭାବ ଯୋଗୁଁ ଏହି ଶିଳ୍ପ ଏକ ପ୍ରକାର ବୁଡ଼ିବାକୁ ବସିଲାଣି। ଆଗରୁ ଲୋକେ ଏହି ବାଉଁଶରେ ତିଆରି ସାମଗ୍ରୀକୁ ନେଇ ନିଜର ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରୁଥିଲେ। କିନ୍ତୁ ଏବେ ସମୟ ପରିବର୍ତ୍ତନ ହୋଇଛି। ସମସ୍ତେ ଆଧୁନିକତାକୁ ଆପଣାଉ ଥିବାରୁ ଏବେ ଏହି ବାଉଁଶ ଜିନିଷ ବ୍ୟବହାର କମିଯାଉଛି।। ଏକଦା ଏହି ବୃତ୍ତିରେ ପେଟ ପୋଷୁଥିବା କାରିଗରମାନେ ଏବେ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଏହି ଶିଳ୍ପ ଆଦୃତ ହେଉନଥିବାରୁ ବହୁ ବାଉଁଶ କାରିଗର ପରିବାରର ଯୁବକ ଯୁବତୀ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି। କାରିଗରମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବାକୁ ସରକାର ସହାୟତା ଦେଉଛନ୍ତି। ହେଲେ କାରିଗର ମାନଙ୍କୁ ସେଭଳି ଲାଭ ହେଉନାହିଁ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ନିଜେ ନିଜେ ନେଇ ଗାଁ ଗାଁରେ ବୁଲି, ବିଭିନ୍ନ ହାଟ ବଜାର ଓ ଜାନିଯାତ୍ରାକୁ ନେଇ ବିକ୍ରି କରୁଛନ୍ତି। ପୂର୍ବରୁ ବିନା କଟକଣାରେ ପର୍ଯ୍ୟାପ୍ତ ବାଉଁଶ ମିଳୁଥିଲା। ବାଉଁଶ ତିଆରି ସାମଗ୍ରୀ ଗୁଡିକର ଭଲ ଚାହିଦା ଥିଲା। ଆଜି ସମୟ ବଦଳି ଯାଇଛି। ପ୍ଲାଷ୍ଟିକ ଦ୍ରବ୍ୟର ବହୁଳ ବ୍ୟବହାର ଏବଂ ବାଉଁଶର ଅଭାବ ସେମାନଙ୍କ ଜୀବିକାରେ ବାଧା ସୃଷ୍ଟି କରିଛି। ଜଙ୍ଗଲ ନିକଟରେ ରହି ମଧ୍ୟ ସେମାନଙ୍କ ପାଇଁ ଏବେ ବାଉଁଶ ଅପହଞ୍ଚ ହୋଇଛି। ବନ ବିଭାଗର କଟକଣା ତଥା ଜଙ୍ଗଲରେ ହାତୀ ଉପଦ୍ରବ୍ୟ ଏଥିରେ ଅନ୍ତରାୟ ସୃଷ୍ଟି କରୁଛି।

# ତମ୍ବା ନାଗକୁ ଚୋରି କରିନେଲେ ଦୁର୍ବୃତ୍ତ

**ବରଗଡ଼, ୧୮।୩(ସମିସ):** ବରଗଡ଼ ସଦର ବ୍ଲକ କଟାପାଲିସ୍ଥିତ ବାଲୁଙ୍କେଶ୍ୱର ବାବାଙ୍କ ମନ୍ଦିରରୁ ପୁଣି ଚୋରି ହୋଇଥିବା ଜଣାପଡ଼ିଛି। ଦୁଇ ଦିନ ପୂର୍ବରୁ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମାତା ପାର୍ବତୀଙ୍କ ମୂର୍ତ୍ତି ଚୋରି କରି ନେଇଥିବା ନେଇ ବରଗଡ଼ ଟାଉନ ଥାନାରେ ଅଭିଯୋଗ ହୋଇଛି। ଗତକାଲି ରବିବାର ରାତିରେ ପୁଣି ମନ୍ଦିରରୁ ଚୋରି ହେବା ସହ ଦୁର୍ବୃତ୍ତମାନେ ଦୁର୍ଗା ମୂର୍ତ୍ତି, ତମ୍ବା ନାଗ, ପିତ୍ତଳ ତ୍ରିଶୂଳ ଆଦି ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିବା ସୂଚନା ମିଳିଛି। ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



# କାର୍ ଧକ୍କାରେ ସାଇକଲ ଆରୋହୀ ମୃତ

**ଅମ୍ବାଭୋନା, ୧୮।୩ (ସମିସ):** ଅମ୍ବାଭୋନା ସମ୍ବଲପୁରୀ ମୁଖ୍ୟରାସ୍ତା ଉପରେ ରବିବାର ଏକ ଦୁର୍ଘଟଣାରେ ଅମ୍ବାଭୋନା ଗ୍ରାମର ଜଣେ ବ୍ୟକ୍ତି ପୁନି ଓରାମଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁରୀ ଗ୍ରାମରୁ ଏକ ବିବାହ ଉତ୍ସବରେ ଯୋଗ ଦେଇ ନିଜ ଗ୍ରାମର ଅମ୍ବାଭୋନାକୁ ଫେରୁଥିବା ସମୟରେ ଏକ ଧଳା ରଙ୍ଗର କାର୍ ସହ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାସ୍ଥଳରୁ ତାଙ୍କୁ ତୁରନ୍ତ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ଖେଦାପାଲିକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ଅମ୍ବାଭୋନା ଥାନାରେ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଭିତ୍ତିରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।






# କୁଶନପୁରୀ ମାର୍କଣ୍ଡେଶ୍ୱର ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

**ଭଟଲି, ୧୮।୩ (ସମିସ):** ଭଟଲି ବ୍ଲକ କୁଶନପୁରୀ ଗ୍ରାମର ଫୁଲବନ୍ଧ ନିକଟରେ ଦୀର୍ଘ ୬ ଦିନ ଧରି ଚାଲିଥିବା ନବନିର୍ମିତ ମାର୍କଣ୍ଡେଶ୍ୱର ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଉଦଯାପିତ ହୋଇଯାଇଛି। ଯଜ୍ଞ ମଣ୍ଡପରେ ରୁଦ୍ରାଭିଷେକ ହୋମ, ଚଣ୍ଡୀପାଠ, ଯୁପ ସ୍ଥାପନ, ବିଶେଷ ହୋମ, ଆରତି, ପୁଷ୍ପାଞ୍ଜଳି, ପୂର୍ଣ୍ଣାହୁତି ଯଥା ରୀତିନୀତି ଅନୁଯାୟୀ ହୋଇଥିଲା। ଘଣ୍ଟ, ଶଙ୍ଖ, ବାଦ୍ୟ, ଭକ୍ତଙ୍କ ହରିବୋଲ ହୁଳହୁଳି ମଧ୍ୟରେ ମନ୍ଦିର ଚାରି ପାର୍ଶ୍ୱରେ ବେଢା ପରିକ୍ରମା କରିବା ପରେ ମନ୍ଦିରରେ ନୂତନ ଧ୍ୱଜାରୋହଣ, କଳସ, ଚକ୍ର ସ୍ଥାପନ, ବିଗ୍ରହ ପବେଶ ହୋଇଥିଲା। ଏଥିରେ ମୁଖ୍ୟ ପଣ୍ଡିତ ରୂପେଶ୍ୱର ମହାପାତ୍ର, ପଞ୍ଚମ ପୁରୋହିତ ଓ ବୁଲୁ ତ୍ରିପାଠୀ, ବିକ୍ରମ ସୁଶାରୀ ପୂଜାର୍ଚ୍ଚନା କରିଥିବା ବେଳେ ପୂଜକ ରୋହିତ ଦାଶ, ରାଧେ ଦେହେରୀ, ରାଧାକାନ୍ତ ମହାପାତ୍ର, ସୀତାରାମ ଦେହେରୀ, ଗଙ୍ଗା ଦେହେରୀ, ରାମ ଦେହେରୀ ପ୍ରମୁଖ ସହଯୋଗ କରିଥିଲେ। କର୍ତ୍ତା ଭାବରେ ବଜରଙ୍ଗ ଲାଲ ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ବିମଳା ଅଗ୍ରୱାଲ, ମେଘରାଜ ଅଗ୍ରୱାଲ, କୈଳାସ ମେହେର, ରୋହିତ ସାହୁ ସପତ୍ନୀକ କର୍ତ୍ତାକାର୍ଯ୍ୟ ତୁଲାଇଥିଲେ। ଏଥିରେ ଗ୍ରାମର ତଥା ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ବିନିକାରୁ ଆସିଥିବା ବନ୍ଦିତା ନାଏକଙ୍କ ଦ୍ୱାରା ପ୍ରବଚନ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। କୁଆ ମୁନିଆର ଅନନ୍ତରାମ ଖୁଟୁଲା ଏବଂ ସାଥୀ ଭଗବତ କଥାମୃତ ଓ ଭଜନ ପରିବେଷଣ କରିଥିଲେ। ଭିଞ୍ଜେତୋରାର ପ୍ରଭାସ ସାହୁଙ୍କ ଦ୍ୱାରା କୀର୍ତ୍ତନ ଧାରା ମନମୁଗ୍ଧକର ହୋଇଥିଲା। ଏହି ମହୋତ୍ସବରେ ମାଧୋ ପରିବାର ସଦସ୍ୟଙ୍କ ସହ କାନ୍ତ ଗିଙ୍ଗିରା, ଗଣେଶ ପଧାନ, ନଗ ସିଂ, ଜନକ ମେହେର, ସନାତନ ମେହେର, ମୋତି ମେହେର, ସଫେଦ ପଧାନ, ସରୋଜ ବେହେରା, ଶୁଭ ବେହେରା, ଜଗବନ୍ଧୁ ସା, ଜଗଦୀଶ ସା, ଅବଦୁଲ ଫାରୁଖ ଖାନ, ପାଛୁ ସା, ମୋତି ମେହେର, ସତ୍ୟା ସା, ଟୁନୁ ସା ପ୍ରମୁଖଙ୍କ ସମେତ ଗ୍ରାମବାସୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ। ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।



## ଫାର୍ମ ପଣ୍ଡ ଯୋଜନାରେ ଦୁର୍ନୀତି

# ଅଧିକାରୀଙ୍କ ପିସି ନ ହେଲେ ବିଲ୍ ପାଉନାହାନ୍ତି ହିତାଧିକାରୀ !

**ବରଗଡ଼,୧୮।୩(ସମିସ)**

ଗାଇସିଲେଟ ବ୍ଲକ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଛି। କ୍ଷେତ ପୋଖରୀ ଖନନରେ ଲାଞ୍ଚ ନ ଦେଲେ ବିଲ୍ ମିଳୁ ନ ଥିବା ଅଭିଯୋଗ ହୋଇଛି। ସୋମବାର ଗାଇସିଲେଟ ବ୍ଲକର ବିଭିନ୍ନ ଗାଁରୁ କ୍ଷେତ ପୋଖରୀ ଖନନ କରି ବିଲ୍‌ରୁ ବଞ୍ଚିତ ବହୁ ହିତାଧିକାରୀ ବରଗଡ଼ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନାରୁ ଜଣାପଡିଛି ଯେ ଗାଇସିଲେଟ ବ୍ଲକ୍‌ର ରାଇସଲପଦର, ଜଗଲପାଟ, କଠାଉମାଲ, ତାଲପାଲି ଗ୍ରାମର ବହୁ ଚାଷୀ ନିଜ ଜମିରେ ଫାର୍ମ ପଣ୍ଡ ଯୋଜନାରେ ପୋଖରୀ ଖନନ କରି ବିଲ୍ ପାଉ ନାହାନ୍ତି। ସୋମବାର ଗାଇସିଲେଟ ବ୍ଲକର ବହୁ ହିତାଧିକାରୀ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି କ୍ଷେତ ପୋଖରୀ ଯୋଜନାରେ ହେଉଥିବା ଆର୍ଥିକ ଅନିୟମିତତା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାସହ ସ୍ଥାନୀୟ ଜଳଛାୟା ମିସନର ପିଆଇଏଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଯାହାର ଉଦାହରଣ ଭାବେ ରାଇସଲପଦର ପଞ୍ଚାୟତ ଅମଲିପାଲି ଗାଁର ଝରି ସାହୁଙ୍କ ଅଭିଯୋଗକୁ ନିଆଯାଇପାରେ।




ଝରିଙ୍କ ନାମରେ କ୍ଷେତ ପୋଖରୀ ପାଇଁ ୩ ଲକ୍ଷ ୧୧ ହଜାର ଟଙ୍କା ମଞ୍ଜୁରୀ ହୋଇ କାର୍ଯ୍ୟାଦେଶ ମିଳିଥିଲା। ଦୀର୍ଘ ଦିନରୁ ପୋଖରୀ ଖନନ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି। ଝରିଙ୍କୁ ମାତ୍ର ୧,୨୪୦୦୦ ଟଙ୍କା ମିଳିଥିବା ଜଣାପଡିଛି। ଅନୁରୂପ ଭାବେ ରାଇସଲପଦର ପଞ୍ଚାୟତର ସର୍ଗିପାଲି ଗାଁର କସ୍ତୁରୀ ସାହୁଙ୍କ ଗତ ସେପ୍ଟେମ୍ବରରୁ ପୋଖରୀ ଖନନ କାମ ଶେଷ ହେବା ପରେ ମାତ୍ର ୫୧୫୭୫ ଟଙ୍କା ମିଳିଥିବା ବେଳେ ଅବଶିଷ୍ଟ ଅଢ଼େଇ ଲକ୍ଷ ଟଙ୍କା ଆଜିଯାଏଁ ମିଳିନି। ଅକ୍ଟୋବରରୁ ଆଜିଯାଏଁ କସ୍ତୁରୀ ଜଳଛାୟା କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇସାରିଥିଲେ ବି ହକ୍ ପ୍ରାପ୍ୟ ପାଇ ପାରି ନାହାନ୍ତି। ଏପରି ଅଭିଯୋଗ ଗାଇସିଲେଟ ବ୍ଲକର ଜଗଲପାଟ, ତାଲପାଲି, କଠାଉମାଲ, ରାଇସଲପଦର ପରି ବିଭିନ୍ନ ପଞ୍ଚାୟତର ବହୁ ହିତାଧିକାରୀ ଅଭିଯୋଗ କରୁଥିବା ବେଳେ ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ପିଆଇଏଙ୍କ ଖୋଲାଖୋଲି ପିସି ଦାବିକୁ ପ୍ରକଳ୍ପ ମୁଖ୍ୟଙ୍କ ଦାୟିତ୍ୱହୀନ ସଫେଇରୁ ଦୁର୍ନୀତିର ଗନ୍ଧ ଆସୁଥିଲେ ମଧ୍ୟ ବରଗଡ଼ ଜିଲ୍ଲା ପ୍ରଶାସନର ନିରବତା ହିତାଧିକାରୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସୋମବାର ଗାଇସିଲେଟ ବ୍ଲକର ବହୁ ହିତାଧିକାରୀ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ପହଞ୍ଚି ଲିଖିତ ଅଭିଯୋଗ କରିବା ପରେ ଫାର୍ମ ପଣ୍ଡ ଖୋଳାରେ ବିଭାଗୀୟ ଦୁର୍ନୀତି ସ୍ପଷ୍ଟ ହେଉଛି। ପ୍ରଶାସନ ଏହାର ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ହିତାଧିକାରୀଙ୍କୁ ସେମାନଙ୍କ ଉଚିତ ପ୍ରାପ୍ୟ ପ୍ରଦାନ ଦିଗରେ ସହାୟକ ହେବାକୁ ଦାବି ହୋଇଛି।

# ମନେରଗାରେ କାମ କରି ପାଉଣାରୁ ବଞ୍ଚିତ ଶ୍ରମିକ

**ବରଗଡ଼, ୧୮।୩(ସମିସ):** ମନେରଗା କାମ କରି ପାଉଣାରୁ ବଞ୍ଚିତ ହେଲେ ଶ୍ରମିକ। ଏପରି ଏକ ଅଭିଯୋଗ ଆସିଛି ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଗୌରେନମୁଣ୍ଡା ଗାଁରୁ। ଦୀର୍ଘ ଦିନରୁ ଗାଁର ବହୁ ଶ୍ରମିକ

## ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥହେଲେ ଶ୍ରମିକ

କାମ କରି ନିଜର ହକ୍ ପାଉଣା ପାଇ ପାରି ନ ଥିବା ବେଳେ ସୋମବାର ଜିଲ୍ଲଶ ପ୍ରଶାସନର ଦ୍ୱାରସ୍ଥ ହୋଇ ଏନେଇ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ଚିର ମରୁଡି ପ୍ରପୀଡିତ ଗାଇସିଲେଟରେ ବହୁ ସମୟରେ ଲୋକେ କାମଧନ୍ଦା ନ ପାଇ ଦାଦନ ଖଟିବାକୁ ବାଧ ହେଉଥିବା ବେଳେ ବହୁ କ୍ଷେତ୍ରରେ କାମ କରି ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ ଉଚିତ ପାରିଶ୍ରମିକ ପାଇ ପାରୁ ନ ଥିବା ଅଭିଯୋଗ ହୋଇଆସୁଛି। ଗାଇସିଲେଟ ବ୍ଲକ ଗୌରେନମୁଣ୍ଡା ଗାଁକୁ ଏହାର ଜ୍ୱଳନ୍ତ ଉଦାହରଣ ଭାବେ ନିଆଯାଇପାରେ। ଗୌରେନମୁଣ୍ଡାର ବହୁ ଶ୍ରମିକ ଗତବର୍ଷ ଅଗଷ୍ଟରୁ ମନେରେଗାରେ କାମ କରି ପାଉଣା ପାଇ ପାରି ନ ଥିବା ଅଭିଯୋଗ ହୋଇଛି। ବିଗତ ଦିନରେ ସରପଞ୍ଚ, ଜିଆରଏସ, ପିଇଓମାନେ ନିଜର ବିଭିନ୍ନ ଦାବିନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ବେଳେ ସମୟରେ ଗାଇସିଲେଟ ବିଡିଓଙ୍କଠାରୁ ଗାଳିଗୁଲଜ ଶୁଣିବାକୁ ପାଇଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଗାଇସିଲେଟ ବ୍ଲକ ଗୌରେନମୁଣ୍ଡାର ବହୁ



ଶ୍ରମିକମାନେ କରିଥିବା କାର୍ଯ୍ୟର କାଗଜପତ୍ର ଆଗକୁ ବଢ଼ି ନ ଥିଲା। ସେହିପରି ତତ୍କାଳୀନ ବିଡିଓଙ୍କ ବଦଳି ପରେ ନୂତନ ବିଡିଓ ଶ୍ରମିକଙ୍କ ବିଲ୍ ମଞ୍ଜୁର କରିବା ପରିବର୍ତ୍ତେ ନୂତନ କମିଟି ଗଠନ କରି କାର୍ଯ୍ୟ ତଦାରଖ କରିଥିବା ପାଉଣା ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି। ସମସ୍ତ କାର୍ଯ୍ୟରତ ଶ୍ରମିକଙ୍କ ଜବକାର୍ଡ ଥିବା ସହ ମନେରେଗା କାର୍ଯ୍ୟ କରି ହଇରାଣ ହେଉଥିବା କହିଛନ୍ତି। ବାରମ୍ବାର ଶ୍ରମିକମାନେ ବ୍ଲକ କାର୍ଯ୍ୟାଳୟ ଦୌଡି ହଇରାଣ ହେବା ସାର ହେଉଛି। ଏପରି ବିଭିନ୍ନ ଶ୍ରମିକ ବରଗଡ଼ ପହଞ୍ଚି ଲୋକପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରି ସେମାନେ କରିଥିବା ମନେରେଗା କାର୍ଯ୍ୟର ତୁରନ୍ତ ପାଉଣା ପ୍ରଦାନ କରିବା ସହ ଏହି ଘଟଣାର ଉଚିତ ତଦନ୍ତ କରିବାକୁ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ତାରାଚନ୍ଦ ପଧାନ, ଆନନ୍ଦ ସାହୁ, ଦଳ ନାଗ, ପିତାମ୍ବର ଥାପା, ପବିତ୍ର ତରିଆ, ପରଦେଶୀ ବନଛୋର, ନୀଳମଣି ମେହେର, ପ୍ରମିଳା ଭୁଏ, ବୁଏ ଭୁଏ, ବୃନ୍ଦାବତୀ ସାହୁ ସମେତ ଶତାଧିକ ଶ୍ରମିକ ସାମିଲ ହୋଇଥିଲେ।

# ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

**ଭେଡେନ, ୧୮।୩(ସମିସ):** ଭେଡେନ ଅଞ୍ଚଳର ଜଣାଶୁଣା ବିଶିଷ୍ଟ ବ୍ୟବସାୟୀ ମୋହନଲାଲ ପୋଦାର (୭୮)ଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମପରାୟଣ, ମେଳାପି ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ତାଙ୍କ ବିୟୋଗର ଖବର ଜଣାପଡିଲା ପରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଭେଡେନସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କର ସ୍ତ୍ରୀ ତିନି ପୁଅ ପ୍ରମୋଦ ପୋଦାର, ଅଶୋକ ପାଦାର, ବଜୁନାଥ ପୋଦାର ଦୁଇ ଝିଅ ଓ ନତିନାତୁଣୀ ସହ ବନ୍ଧୁପରିଜନ ନିକଟରେ ଉପସ୍ଥିତ ଥିଲେ। ଏକ ଶୋଭାଯାତ୍ରାରେ ତାଙ୍କ ପାର୍ଥିବ ଶରୀରକୁ ନିକଟସ୍ଥଶ୍ମଶାନକୁ ନିଆଯାଇ ତାଙ୍କ ବଡ଼ପୁଅ ପ୍ରମୋଦ ପୋଦାର ମୁଖାଗ୍ନି ଦେଇଥିଲେ।



## ■ ମିଗ୍‌ଜୋମ କ୍ଷୟକ୍ଷତି ସହାୟତା ଦାବି

# ଷଷ୍ଠ ଦିନରେ ସଂଯୁକ୍ତ କୃଷକ ସଂଗଠନର ଧାରଣା



**ବରଗଡ଼, ୧୮।୩(ସମିସ):** ସଂଯୁକ୍ତ କୃଷକ ସଂଗଠନ ତରଫରୁ ବରଗଡ଼ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ଆନ୍ଦୋଳନ ଷଷ୍ଠ ଦିନରେ ପହଞ୍ଚିଛି। ସୋମବାର ଅମ୍ବାଭୋନା ବାରପାହାଡ କୃଷକ ସଂଗଠନ ଓ ଭଟଲି କୃଷକ ପରିବାରର ସଦସ୍ୟମାନେ ସାମିଲ ହୋଇ ବରଗଡ଼ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ତାଲା ବନ୍ଦ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ମିଗଜୋମ ସହାୟତା ରାଶି ପ୍ରଦାନରେ ଅନିୟମିତତା ନେଇ ଏହି ଧାରଣା ଚାଲିଥିବା ବେଳେ ପ୍ରଶାସନିକ ନିରବତା ଆନ୍ଦୋଳନକୁ ଖୋରାକ ଯୋଗାଉଥିବା ନେଇ ଅଭିଯୋଗ ହୋଇଥିଲା। ସେ ସମୟରେ ଅମ୍ବାଭୋନା ଏବଂ ଭଟଲି ବ୍ଲକରେ ୪୪ ମିଲିମିଟର ବର୍ଷା ହୋଇଥିଲା କିନ୍ତୁ ଅମ୍ବାଭୋନା ବ୍ଲକରେ କୌଣସି ଜମି କ୍ଷତି ହୋଇ ନଥିବା ରିପୋର୍ଟ ପଠାଯାଇଥିଲା ପରେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା ପରେ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ। ସେଥିପାଇଁ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ଇନପୁଟ ଦିଆଯାଉ, ଫସଲ ବୀମା କମ୍ପାନୀ କ୍ଷତିପୂରଣ ନ ଦେବା ପାଇଁ ମାସ ମାସ ଧରି କ୍ଷତି ଆକଳନ କରିଛି ପରେ ଡ୍ରୋନ ସହାୟତା ସର୍ବେକ୍ଷଣ କରିଥିବା କମ୍ପାନୀ ପ୍ରତିନିଧି ତ୍ରିପାକ୍ଷିକ ଆଲୋଚନାରେ ପ୍ରକାଶ କରୁଛନ୍ତି। ଡ୍ରୋନ କେମେରା କେମିତି କ୍ଷତିପୂରଣ ଆକଳନ କରିବ ବୋଲି ସଭାରେ ପ୍ରଶ୍ନ କରାଯାଇଥିଲା। ଆନ୍ଦୋଳନ ଷଷ୍ଠ ଦିନରେ ପହଞ୍ଚିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଆନ୍ଦୋଳନ ସ୍ଥଳକୁ ନ ଆସିବା ଦୁଃଖ ଏବଂ ପରିତାପର ବିଷୟ ବୋଲି ସମାଲୋଚନା କରାଯାଇଥିଲା। ଷଷ୍ଠ ଦିବସରେ ରମେଶ ମହାପାତ୍ର, ବିରେନ କର, ସୁରେଶ ନିକେଣ୍ଡି, ତପନ ମିଶ୍ର, ବିକାଶ ମାଝୀ, ଇଶାନ୍ତ ଭୋଇ ଗୋପାଳ ଦୁଆନ, ରାଜକୁମାର ବାଘ, ଇନ୍ଦ୍ରଜିତ ବିଶି, ଈଶାନ୍ତ ଭୋଇ, ଟିକେଶ୍ୱର ମହାପାତ୍ର, ସୁରେନ ସାହୁ, ହେମନ୍ତ ସାହୁ, ଧନେଶ୍ୱର ଭୋଇ, ଆଶିଷ ନାଏକ, କଂଗ୍ରେସ ଦୁଆନ, ବିନୟ ସାହୁ, ଥବିର ସାହୁ, ଶାନ୍ତନୁ ମାଝୀଙ୍କ ସମେତ ବହୁ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ■ ଚାରି ଦଶନ୍ଧୀର ଆଶା

# ବରଗଡ଼-ନୂଆପଡ଼ା ରେଳ ପ୍ରକଳ୍ପରେ ଅନିଶ୍ଚିତତା

**ବରଗଡ଼, ୧୮।୩(ସମିସ):** ଦୀର୍ଘ ଚାରି ଦଶନ୍ଧି ହେବ ଚର୍ଚ୍ଚାରେ ରହି ଆସିଥିବା ବରଗଡ଼-ନୂଆପଡ଼ା ରେଳ ପ୍ରକଳ୍ପ ବର୍ତ୍ତମାନ କେଉଁ ସ୍ଥିତିରେ ରହିଛି ସେ ବିଷୟରେ ଲୋକେ ସନ୍ଦୀହାନ ହୋଇପଡ଼ିଛନ୍ତି। ୨୦୨୧ ଅଗଷ୍ଟରେ ଏହାର ପ୍ରି-ଇନଭେଷ୍ଟମେଣ୍ଟ କାର୍ଯ୍ୟ ପାଇଁ ରେଳମନ୍ତ୍ରୀ ସାଂସଦଙ୍କ ଏକ ପତ୍ରର ଉତ୍ତରରେ ଜଣାଇଥିଲେ। ଏହାପରେ ପଦ୍ମପୁର ଉପନିର୍ବାଚନ ସମୟରେ ଏଥିପାଇଁ ଜାଗା ଯୋଗାଇ ଦେଲେ ଗୋଟିଏ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପଦ୍ମପୁରର ଜନସଭାରେ ଉଦବୋଧନ ଦେଇଥିଲେ। ତେବେ ବିଭିନ୍ନ ସମୟରେ ବଜେଟରେ ଏଥିପାଇଁ କୌଣସି ଅର୍ଥ ବ୍ୟବସ୍ଥା ହୋଇ ନ ଥବାରୁ ଏହାର କାର୍ଯ୍ୟ କେଉଁ ସ୍ତରରେ ରହିଛି ଏହାକୁ ନେଇ ଚର୍ଚ୍ଚା ଜାରି ରହିଛି।

୨୦୨୧ ଡିସେମ୍ବରରେ ଓଡ଼ିଶା ବିଧାନସଭାରେ ଦେବେଶ ଆଚାର୍ଯ୍ୟଙ୍କ ପ୍ରଶ୍ନ ସଂଖ୍ୟା ୨୨୯ରେ ସେ ପ୍ରଶ୍ନ କରିଥିଲେ ଯେ ୧୪୨ କିଲୋମିଟର ବିଶିଷ୍ଟ ବରଗଡ଼-ନୂଆପଡ଼ା ରେଳପ୍ରକଳ୍ପ ପାଇଁ ଓଡ଼ିଶା ରେଳ ଇନଫ୍ରାଷ୍ଟ୍ରକ୍‌ଚର ଡେପଲମେଣ୍ଟ ଲିମିଟେଡ କାର୍ଯ୍ୟ ଆରମ୍ଭ କରିଛି କି ଏବଂ ଏହା ବର୍ତ୍ତମାନ କେଉଁ ସ୍ଥିତିରେ ରହିଛି ? ଏହାର ଉତ୍ତରରେ ତତ୍କାଳୀନ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଥିଲେ ଯେ ଓଡ଼ିଶା ରେଳ ଇନଫ୍ରାଷ୍ଟ୍ରକ୍‌ଚର ଡେଭଲମେଣ୍ଟ ଲିମିଟେଡ ଯାହାକି କେନ୍ଦ୍ର ଓ ରାଜ୍ୟର ଏକ ଯୁଗ୍ମ ସଂସ୍ଥା ଏହି ରେଳ ପ୍ରକଳ୍ପକୁ ଚିହ୍ନଟ କରିଛି। ଏହାଛଡା ଓଡ଼ିଶା ସରକାର ଏଥିପାଇଁ ଆବଶ୍ୟକ ହେଉଥିବା ସମସ୍ତ ଜମିର ମୂଲ୍ୟ ଯୋଗାଇ ଦେବା ସହ ୩ ଶହ କୋଟି ଟଙ୍କାର ଗ୍ରାଣ୍ଟ ମଧ୍ୟ ଯୋଗାଇ ଦେବ। ଏ ବିଷୟରେ ରେଲୱେ ବୋର୍ଡକୁ ଜଣାଇ ଦିଆଯିବା ସହ ଟ୍ରାଫିକ, ଷ୍ଟଡି ଓ ଆର୍ଥିକ ଆକଳନ ରିପୋର୍ଟ ମଧ୍ୟ ରେଳ ବୋର୍ଡକୁ ଦିଆଯାଇଛି ବୋଲି କହିଥିଲେ। ଏହାଛଡା ଏହି ପ୍ରକଳ୍ପକୁ ଗ୍ରାଣ୍ଟ ଇନ ପ୍ରିନସିପୁଲ ସ୍ୱୀକୃତି ମିଳିଥିବା ଉତ୍ତରରେ ଦର୍ଶାଯାଇଥିଲା। ତେବେ ଏତେ ଜିନିଷ ହେଲା ପରେ ମଧ୍ୟ ବିଗତ ଦିନରେ ରେଳ ବଜେଟରେ ଏହାର ନାଁ ପଡ଼ିଲା ନାହିଁ କିମ୍ବା ଓଡ଼ିଶା ରେଳ ଇନଫ୍ରାଷ୍ଟ୍ରକ୍‌ଚର ଡେଭଲମେଣ୍ଟ ଲିମିଟେଡର ୱେବସାଇଟରେ ମଧ୍ୟ କୌଣସି ବିଶେଷ ତଥ୍ୟ ନାହିଁ। ଦୀର୍ଘ ଦିନ ଧରି ଏହାକୁ ନେଇ ବୟାନବାଜି ଚାଲିଥିଲେ ମଧ୍ୟ ବର୍ତ୍ତମାନ ଏହି ପ୍ରକଳ୍ପ କେଉଁ ସ୍ତରରେ ରହିଛି ସେ ବିଷୟରେ ଜନତା ଏବେ ବି ସନ୍ଦୀହାନ ଅବସ୍ଥାରେ ଅଛନ୍ତି।



# ଶିବ-ପାର୍ବତୀ ବିବାହ ପାଇଁ କନ୍ୟାପକ୍ଷର ପ୍ରସ୍ତୁତି

**ବରପାଲି, ୧୮।୩(ସମିସ)**

ସୋମବାର ବରପାଲି ରାମେଶ୍ୱର ମନ୍ଦିର ପରିସରରେ ଶିବ-ପାର୍ବତୀ ବିବାହ ମହୋତ୍ସବର କନ୍ୟାପକ୍ଷର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବରପାଲିର ମହାନ ପୌରାଣିକ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଶିବାଜୀ କ୍ଲବକୁ କନ୍ୟାପକ୍ଷ ଭାବରେ ହିମାଦ୍ରୀ ନଗର ପକ୍ଷରୁ ନିଷ୍ପତ୍ତି ହୋଇଯାଇଛି। ପାର୍ବତୀ ବିବାହ ପାଇଁ ଶିବାଜୀ କ୍ଲବର ସଭ୍ୟଙ୍କ ମଧ୍ୟରେ ଉତ୍ସାହ ସହ ପ୍ରସ୍ତୁତି ପାଇଁ ଅଗ୍ରଗତି ଚାଲିଥିଲା। କନ୍ୟା ପିତା-ମାତାଙ୍କ ଆହ୍ୱାନକ୍ରମେ କମିଟିର ସଭାପତି ବିଜୁ ମେହେରଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକରେ ସଂପାଦକ ଧର୍ମରାଜ ସିଂ ବରିହା ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗ ପାଇଁ କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଶୀତଳ ଷଷ୍ଠୀ କମିଟି ତରଫରୁ ନିର୍ଦ୍ଧାରିତ ଫାଲଗୁନ ପୂର୍ଣ୍ଣମୀ ଦିନ ହରିହର ଭେଟ କାର୍ଯ୍ୟକ୍ରମ ଶୋଭାଯାତ୍ରାରେ ଯାଇ ଯଥା ବିଧି ପୂଜାପାଠ ପରେ ଦୋଳ ଉତ୍ସବ ପାଳନ କରିବା ପାଇଁ ତଥା ଆଗମୀ ଅକ୍ଷୟ ତୃତୀୟାରେ ଥାଳଉଠା କାର୍ଯ୍ୟକ୍ରମରେ ଯୋଗଦାନ କରିବାର ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇ ସୁଚାରୁରୂପେ ପାର୍ବତୀ ବିବାହ ମହୋତ୍ସବ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସୁରେନ୍ଦ୍ର ମେହେର, ହାଡୁ ମେହେର, ଡୁଲା ମେହେର, ମହାଦେବ ମେହେର, ବୈରାଗୀ ମେହେର, ବିଷ୍ଣୁ ମେହେର, ତାରାଚାନ୍ଦ ମେହେର, କନ୍ୟା ପିତା ପରମେଶ୍ୱର ମେହେର, ପଞ୍ଜା ମେହେର, ଲଳିତ ମେହେର, ଦୀନ ମେହେର, ଗୋବିନ୍ଦା ମେହେର, ସିଦ୍ଧାର୍ଥ ମେହେର, ସୂରଜ ମେହେର, ଶୁଭମ୍ ମେହେର, ଶିବା ମେହେର, ରୋହିତ ମେହେର, ମହେଶ ମେହେର, ମାନଭଞ୍ଜନ ମେହେର, ଉଦ୍ଧବ ମେହେର, ହିମସାଗର ମେହେର, ଶିବ ମେହେର, ରାଜେନ୍ଦ୍ର ମେହେର, ବାବଲୁ ମେହେର, ଆକାଶ ମେହେର, ଭରତ ମେହେର, ଲକ୍ଷ୍ମଣ ମେହେର, ଗୋପାଳ ବରିହା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସୁଶୀଳ ମେହେର ଧନ୍ୟବାଦ ଦେଇଥିଲେ।



# ୨୦ରେ ଦୁଲକିବ ଚର୍ଦ୍ଧାପାଲି ମହିମା ମଣ୍ଡପ

## ଚିତ୍ତରଞ୍ଜନ ତନସନା ପାଇବେ ସେବାଶ୍ରୀ ସମ୍ମାନ

**ଝାରବନ୍ଧ, ୧୮।୩(ସମିସ):** ଛତିଶଗଡ ସୀମାନ୍ତ ଚର୍ଦାପାଲିଠାରେ ଥିବା ମହିମା ଆଶ୍ରମ ପରିସରରେ ଆଗାମୀ ୨୦ରୁ ୨୨ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ସହ ପ୍ରଥମ ଲୋକ ମହୋତ୍ସବ ହେବ। ନବନିର୍ମିତ ମହିମା ମଣ୍ଡପରେ ଓଡିଶା, ଛତିଶଗଡ ରାଜ୍ୟର ଜନପ୍ରତିନିଧିଙ୍କ ଉପସ୍ଥିତିରେ ଅନେକ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସଙ୍ଗମରେ ଲୋକକଳା ସହ କୀର୍ତ୍ତନ, ଆଠ ଭଜନ, ଖଞ୍ଜଣି ଭଜନ ପରିବେଷଣ କରାଯିବ। ବିଶ୍ୱର କଲ୍ୟାଣ ପାଇଁ ଅଲେଖ ମହିମାଧର୍ମୀ ସାଧୁସନ୍ଥମାନେ ଅହୋରାତ୍ର ଅଖଣ୍ଡ ଧୂନୀରେ ହୋମଯଜ୍ଞ କରିବେ। ଏ ପରିପ୍ରେକ୍ଷୀରେ କୋରୋନା ସମୟରେ ସ୍ୱାସ୍ଥ୍ୟସେବା ଓ ଅନ୍ୟରାଜ୍ୟର ଲୋକମାନଙ୍କୁ ଖାଦ୍ୟବସ୍ତ୍ର ପ୍ରଦାନ କରିଥିବା ଚିତ୍ତରଞ୍ଜନ ତନସନାଙ୍କୁ ସେବାଶ୍ରୀ ଉପାଧିରେ ସମ୍ମାନିତ କରାଯିବ। ଉପାନ୍ତ ଅଞ୍ଚଳରେ ଲୋକ ମହୋତ୍ସବର ଝଲକ ଦେଖିବା ପାଇଁ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ଅଛନ୍ତି। ଆୟୋଜକମାନେ ମଧ୍ୟ ସଫଳତା ପାଇଁ ଲାଗି ପଡିଛନ୍ତି।

ମାତୃଭାଷା ହେଉଛି ମଣିଷ ମନର ଅସ୍ତ୍ରାଗାର ! ଏଥିରେ ଥାଏ ଉଭୟ, ଅତୀତ ସଂଘର୍ଷର ବିଜୟ ପଦକ ତଥା ଭବିଷ୍ୟତ ବିଜୟର ଅସ୍ତ୍ରଶସ୍ତ୍ର !
-ସାମୁଏଲ୍ ଟେଲର୍ କଲରିଜ୍



ସକାଳ
THE SAKALA

# ରୁଷିଆରେ ପୁନଶ୍ଚ ପୁଟିନ

ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ପଞ୍ଚମଥର ପାଇଁ ଦେଶର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସଦ୍ୟ ସମାପ୍ତ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କୁ ୮୮ ଶତାଂଶ ଭୋଟରଙ୍କ ସମର୍ଥନ ମିଳିଛି। ଏହା ଫଳରେ ସେ ଆଉ ଛ'ବର୍ଷ ପାଇଁ କ୍ଷମତାରେ ରହିବେ। ୟୁକ୍ରେନ୍ ସହିତ ଯୁଦ୍ଧ, ନିର୍ବାଚନ ସମୟରେ ୟୁକ୍ରେନ୍ ପକ୍ଷରୁ ବିମାନ ଆକ୍ରମଣ ଓ କ୍ଷେପଣାସ୍ତ୍ର ମାଡ଼ ଏବଂ ବିରୋଧୀଙ୍କ ବିକ୍ଷୋଭ ତଥା ପ୍ରତିବାଦ ସତ୍ତ୍ୱେ ପୁଟିନଙ୍କ ବିଜୟ ଉପରେ କୌଣସି ପ୍ରଭାବ ପଡ଼ିନାହିଁ। ପୁଟିନ୍‌ଙ୍କ ରୁଷିଆ ଉପରେ ଏବେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି ଓ ତାଙ୍କର ଶାସନ କାଳରେ ବିରୋଧୀ ଓ ଭିନ୍ନ ଆଦର୍ଶର ରାଜାନୈତିକ ଦଳ ମୁଣ୍ଡ ଟେକିପାରୁ ନାହାନ୍ତି। ଏଥରର ଏହି ବିଜୟ ରୁଷିଆ ଉପରେ ଥିବା ତାଙ୍କର ନିୟନ୍ତ୍ରଣକୁ ଆହୁରି ସୁଦୃଢ଼ କରିବ।

ପୁଟିନ ଓ ରୁଷିଆର ଶାସନ ବ୍ୟବସ୍ଥାକୁ ବିଶ୍ୱର ଅଧିକାଂଶ ଦେଶ ଓ ଗଣତନ୍ତ୍ର ସପକ୍ଷବାଦୀ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ସେମାନଙ୍କ ବିଚାରରେ ପୁଟିନ ଜଣେ ଏକଛତ୍ରବାଦୀ ଓ ସେ ଏକଦଳୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଚଳାଇ ନିଜକୁ ପୁରୁଣା କମ୍ୟୁନିଷ୍ଟ ଢାଞ୍ଚାରେ ରୁଷିଆକୁ ଶାସନ କରୁଛନ୍ତି। ତେବେ ରୁଷିଆର ଉଗ୍ର ଜାତୀୟତାବାଦୀଙ୍କ ପାଇଁ ପୁଟିନ୍ ଜଣେ ମହାନାୟକ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଉପଯୁକ୍ତ ମୁକାବିଲା କରି ରୁଷିଆର ହୃତଗୌରବ ଫେରାଇ ଆଣିବାରେ ସେ ଏକମାତ୍ର ଯୋଗ୍ୟ ବ୍ୟକ୍ତି। ନିର୍ବାଚିତ ହେବା ପରେ ପୁଟିନ କହିଛନ୍ତି ଯେ ସେ ୟୁକ୍ରେନ ବିରୋଧରେ ଚାଲିଥିବା ବର୍ଷ ବ୍ୟାପୀ ଲମ୍ବା ଲଢ଼େଇର ଅବସାନ ପାଇଁ ଏବେ ନିର୍ଣ୍ଣାୟାତ୍ମକ ନିଷ୍ପତ୍ତି ନେବେ ଏବଂ ୟୁକ୍ରେନ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ସହାୟତାରେ ଯେଉଁ ଲଢ଼େଇ ଲଢୁଛି, ତାହାର ଅବସାନ ଘଟାଇବେ। ତେଣୁ ଏହି ଯୁଦ୍ଧ ଆହୁରି ଭୟଙ୍କର ରୂପ ନେବା ସ୍ୱାଭାବିକ। ଯୁଦ୍ଧର ଘନଘଟା ବଢ଼ିଲେ ସମଗ୍ର ବିଶ୍ୱ ଉପରେ ଏହାର କୁପ୍ରଭାବ ବଢ଼ିବା ପ୍ରାୟ ନିଶ୍ଚିତ।

ସୋଭିଏତ୍ ସଂଘର ପତନ ପରେ ଯେଉଁ ନୂଆ ରୁଷିଆ ଜନ୍ମ ନେଇଥିଲା ତାକୁ ଦେଖି ଅନେକ ଭାବୁଥିଲେ ଯେ ବିଶ୍ୱରୁ ଶୀତଳଯୁଦ୍ଧର ଅବସାନ ଘଟିବ ଏବଂ ପୃଥିବୀ ଦୁଇ କୈନ୍ଦ୍ରିକ (ଆମେରିକା-ରୁଷିଆ) ନ ହୋଇ ଏକ କୈନ୍ଦ୍ରିକ ହେବ ଏବଂ ଆମେରିକାର ପ୍ରତିପତ୍ତି ବଢ଼ିବ। ବାସ୍ତବରେ ତାହା ହୋଇନାହିଁ। ସୋଭିଏତ ସଂଘର ଧ୍ୱଂସସ୍ତୂପ ତଳୁ ମୁଣ୍ଡ ଟେକିଥିବା ରୁଷିଆ ସୋଭିଏତ ସଂଘର ଏକ ନୂଆ ଅବତାର ଭାବେ ପୁଟିନଙ୍କ ନେତୃତ୍ୱରେ ଏବେ କାମ କରୁଛି ଏବଂ ସାଥିରେ ଚୀନ୍ ଭଳି ଅନ୍ୟତମ ପ୍ରକାଣ୍ଡ ଶକ୍ତିର ସବୁ ପ୍ରକାର ସମର୍ଥନ ରହିଛି। ରୁଷିଆରେ ସୋଭିଏତ କାଳର କମ୍ୟୁନିଷ୍ଟ ଶାସନ ବ୍ୟବସ୍ଥା ଓ ପାର୍ଟି ନଥିଲେ ମଧ୍ୟ ଗଣତନ୍ତ୍ରର ପ୍ରହେଳି ମଧ୍ୟରେ ସେଠାରେ ଜଣେ ନେତାଙ୍କ ଏକନାୟକତ୍ୱ ଓ ଏକଛତ୍ରବାଦ ଚାଲିଛି। ଆଉ ସେ ହେଲେ ସ୍ୱୟଂ ପୁଟିନ୍। ଏକଦା ଶକ୍ତିଶାଳୀ କେଜିବି (ସୋଭିଏତ୍ କମ୍ୟୁନିଷ୍ଟ ଦଳର ଗୁଇନ୍ଦା ସଂସ୍ଥା)ର ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଭାବେ କାମ କରିଥିବା ପୁଟିନ ୧୯୯୯ରେ ପ୍ରଥମେ ପ୍ରତ୍ୟକ୍ଷ ରାଜନୀତି ଓ କ୍ଷମତାକୁ ଆସିଥିଲେ। ତାଙ୍କର ଏହି ପୁନଃନିର୍ବାଚନରୁ ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ସ୍ପଷ୍ଟ ବାର୍ତ୍ତା ମିଳିଗଲା ଯେ ଉଭୟ ରୁଷିଆ ଓ ପୁଟିନଙ୍କ ଶକ୍ତି ବଢ଼ିଛି ଏବଂ ଯୁଦ୍ଧ ହେଉ ଅଥବା ଶାନ୍ତି ଯେ କୌଣସି ପରିସ୍ଥିତିରେ ଏହା ଆନ୍ତର୍ଜାତିକ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ନିଶ୍ଚିତ।

ଏବେ ପୁଟିନ୍‌ଙ୍କୁ ୭୧ ବର୍ଷ ବୟସ। ଏହି ବିଜୟ ସହିତ ସେ ୨୦୩୦ ପର୍ଯ୍ୟନ୍ତ ରାଷ୍ଟ୍ରପତି ରହିବେ। ଦେଶର ୨୦୦ ବର୍ଷର ଇତିହାସରେ ସେ ସର୍ବାଧିକ କାଳ କ୍ଷମତାରେ ରହି ଜୋଶେଫ ଷ୍ଟାଲିନ୍‌ଙ୍କ ରେକର୍ଡ ଭଙ୍ଗ କରିବେ। ପାଶ୍ଚାତ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରମାନେ ଏହି ନିର୍ବାଚନ ଅବାଧ ଓ ନିରପେକ୍ଷ ନୁହେଁ ବୋଲି କହୁଛନ୍ତି। ଆହୁରି ମଧ୍ୟ ବିରୋଧୀଦଳର ତୁଙ୍ଗ ନେତାମାନଙ୍କୁ ଜେଲ୍‌ରେ ରଖି ଓ ଗୁପ୍ତରେ ହତ୍ୟା କରି ପୁଟିନ ସେ ଦେଶରେ ଏକଛତ୍ରବାଦ ଚଳାଇଥିବା ଅଭିଯୋଗ ଉଠୁଛି। ଫଳାଫଳ ଦର୍ଶାଉଛି ଯେ ପୁଟିନଙ୍କ ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ କମ୍ୟୁନିଷ୍ଟ ଦଳର ନିକୋଲାଇ ଖାରିତୋନୋଭଙ୍କୁ ମାତ୍ର ୪ ଓ ଉଗ୍ର ଜାତୀୟତାବାଦୀ ଦଳର ପ୍ରାର୍ଥୀ ଲିଓନିଡ୍ ସ୍କଟସ୍କୀଙ୍କୁ ମାତ୍ର ୨ ଶତାଂଶ ଭୋଟ୍ ମିଳିଛି। ତେବେ କିଏ କ'ଣ କହିଲା ତାହା ବଡ଼ କଥା ନୁହେଁ। ଗୁରୁତ୍ୱପୂର୍ଣ୍ଣ ହେଲା ଆପଣା ବ୍ୟବସ୍ଥାରେ ନିଜକୁ ପ୍ରାସଙ୍ଗିକ ଓ ଯୋଗ୍ୟ କରି ପୁଟିନ୍ ପଞ୍ଚମଥର ପାଇଁ ରାଷ୍ଟ୍ରପତି ହୋଇଛନ୍ତି। ସେନା ହେଉ ବା ଶାସନକଳ ତାକୁ ନିୟନ୍ତ୍ରଣରେ ରଖି ନିଜେ କ୍ଷମତାରେ ରହିବା ବୋଧହୁଏ ପୁଟିନଙ୍କର ସବୁଠୁ ପାରିବାର ପଣିଆ। ଆମେ ଯାହାକୁ ଗଣତନ୍ତ୍ର ବୋଲି କହୁଛୁ, ତାହାର ରୂପ ଓ ପ୍ରୟୋଗ ଦେଶ ଦେଶ ମଧ୍ୟରେ ଭିନ୍ନ। ରୁଷିଆ ସେଥିରୁ ଅନ୍ୟତମ। ଆମେରିକାର ଏକନାୟକତ୍ୱକୁ ଚାଲେଞ୍ଜ କରିବା ପାଇଁ ରୁଷିଆ ଓ ପୁଟିନ୍ ଯେ ନିଜକୁ ପୁନଃ ବ୍ୟବସ୍ଥିତ କରିଛନ୍ତି, ତାହାର ପ୍ରମାଣ ଆଉଥରେ ମିଳିଛି।

ରୁଷିଆ ଭାରତର ପୁରୁଣା ବନ୍ଧୁ ଏବଂ ଶାସନତନ୍ତ୍ର, ବ୍ୟବସ୍ଥା ଓ ଆଦର୍ଶବାଦର ଭିନ୍ନତା ସତ୍ତ୍ୱେ ଏଥିରେ କୌଣସି ପ୍ରଭାବ ପଡ଼ିନାହିଁ। ଦୁଇଦେଶ ମଧ୍ୟରେ ବନ୍ଧୁତ୍ୱ ଏବେ ମଧ୍ୟ ଅତୁଟ ରହିଛି। ତେଣୁ ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନରେ ଏବେ ଅବଗାହନ କରୁଥିବା ଭାରତ, ଏହି ସମୟରେ ପୁଟିନଙ୍କ ନିର୍ବାଚନକୁ ନେଇ କୌଣସି ନିରପେକ୍ଷ ମନ୍ତବ୍ୟ ଦେଇପାରିବ ନାହିଁ। ଏ କ୍ଷେତ୍ରରେ ଜାତୀୟସ୍ୱାର୍ଥ ଜଡ଼ିତ। ଆମେ ଉଭୟ ଆମେରିକା ଓ ରୁଷିଆ ସହିତ ବନ୍ଧୁତ୍ୱ ଓ ଭାରସାମ୍ୟ ଚାହୁଁ। ତେଣୁ ପୁଟିନ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିବାଦନ ଜଣାଇବା ଯଥାର୍ଥ। ଆଗାମୀ ନଭେମ୍ବରରେ ମଧ୍ୟ ଆମେରିକା ଜଣେ ନୂଆ ରାଷ୍ଟ୍ରପତି ପାଇବ ଏବଂ ତାଙ୍କୁ ମଧ୍ୟ ଭାରତ ସ୍ୱାଗତ କରିବ। ଏମିତି ତ ଭାରତରେ ନୂଆ ସରକାର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ୨୦୨୪ ସମଗ୍ର ବିଶ୍ୱର ଅଧିକାଂଶ ପ୍ରମୁଖ ରାଷ୍ଟ୍ରରେ ନିର୍ବାଚନର ବର୍ଷ। ଏହାର ଫଳାଫଳ ବିଶ୍ୱ ଶାନ୍ତିକୁ ସୁଦୃଢ଼ କରୁ ଏତିକି କାମନା। ●

# ଆମ ମାତୃଭାଷାର ସ୍ଥିତି



ଡ. ଶାନ୍ତନୁ କୁମାର ରଥ
ଭୁବନେଶ୍ୱର, ମୋ: ୯୪୩୭୪୮୦୮୦୬

ଥରେ ଆମ ରାଜ୍ୟର ଜଣେ ବିଶିଷ୍ଟ ବାଗ୍ମୀ, ଅଧ୍ୟାତ୍ମ ଏବଂ ଦର୍ଶନ କ୍ଷେତ୍ରର ଜଣେ ଧୂରୀଣ ବ୍ୟକ୍ତିତ୍ୱ ପ୍ରଫେସର ହୃଦାନନ୍ଦ ରାୟ ଆକାଶବାଣୀ କଟକ କେନ୍ଦ୍ରକୁ କୌଣସି ଏକ ରେକର୍ଡିଂ ପାଇଁ ଆସିଥା'ନ୍ତି। ମୁଁ ସେତେବେଳେ କଟକ କେନ୍ଦ୍ରରେ ଥାଏ। ସାହିତ୍ୟର ଜଣେ ପ୍ରଗଲ୍‌ଭ ବକ୍ତା ଏବଂ ଭଞ୍ଜଭୂମି ପ୍ରତି ତାଙ୍କ ପ୍ରଗାଢ଼ ଅନୁରାଗ ଏବଂ ମୁଁ ସେ ଭୂମିର ସନ୍ତାନ ହୋଇଥିବାରୁ ମୋ ପ୍ରତି ତାଙ୍କର ବିଶେଷ ସ୍ନେହ ଥାଏ। କାର୍ଯ୍ୟ ସାରି ଫେରିଲା ବେଳକୁ ମୁଁ ତାଙ୍କୁ ବଧେଇ ଦେବାକୁ ଗଲାବେଳେ ସେ ମୋତେ କହିଲେ- 'ଆପଣଙ୍କ ସହ କଥା ହେଲେ ଖୁବ୍ ଭଲ ଲାଗୁଛି'। ମୁଁ କହିଲି, 'ମୁଁ ପରା ବାକ୍‌କଲ୍ୟାଣୀ। ଏହି ଶବ୍ଦଟିର ଅର୍ଥ ବ୍ରାହ୍ମଣ। ବର୍ଣ୍ଣରେ ବ୍ରାହ୍ମଣ ହୋଇଥିବାରୁ ଆମ ମୁହଁରୁ କଲ୍ୟାଣ କଥା ହିଁ ବାହାରିବା କଥା। ମୋ କଥା ଯଦି ଆପଣଙ୍କୁ ଭଲ ଲାଗୁଛି ତା'ହେଲେ ମୁଁ ଯଥାର୍ଥରେ ବାକ୍‌କଲ୍ୟାଣୀ।' ଶ୍ରୀରାୟ ଅଟକିଗଲେ ଏବଂ ମୋତେ ଚାହିଁ ପଚାରିଲେ- 'ଏ ଶବ୍ଦଟି ଆପଣ କୋଉଠୁ ପାଇଲେ? ମୁଁ ତ କେବେ ଶୁଣିନାହିଁ'। ମୁଁ କହିଲି ଏ ଶବ୍ଦଟିକୁ ଭଞ୍ଜ ବୈଦେହୀଶ ବିଳାସ କାବ୍ୟରେ ଚତୁର୍ଥ ଛାନ୍ଦରେ ବ୍ୟବହାର କରିଛନ୍ତି। ସମ୍ଭବତଃ, ଏ ଶବ୍ଦଟି ଭଞ୍ଜ ବ୍ରାହ୍ମଣ ଅର୍ଥରେ ନିଜେ ତିଆରି କରିଥିବେ। ଓଡ଼ିଆ ଅଭିଧାନରେ ଏ ଶବ୍ଦଟି ନାହିଁ। ଲୋମପାଦ ରାଜାଙ୍କ ଦ୍ୱାରା ନିଯୁକ୍ତ ହୋଇ ଜରତା ବେଶ୍ୟା ଋଷ୍ୟଶୃଙ୍ଗ ଋଷିଙ୍କୁ ଆଣିବା ପରେ ଅଯୋଧ୍ୟାରେ ବର୍ଷା ହୋଇଛି ଏବଂ ଋଷି ପୁତ୍ରେଷ୍ଟି ଯଜ୍ଞ କରିବା କଥା ବ୍ରାହ୍ମଣମାନେ ଯାଇ ରାଜା ଦଶରଥଙ୍କୁ କହିଛନ୍ତି। ବୈଦେହୀଶ ବିଳାସର ଚତୁର୍ଥ ଛାନ୍ଦ ଏକାଅଶୀ ପଦରେ ଭଞ୍ଜ କବି ଲେଖିଛନ୍ତି, 'ବାକକଲ୍ୟାଣୀ ଶୁଣି ଦଶରଥେ କହି, ବେଶ୍ୟ ଜରତା ପ୍ରମୁଖ ଜାଙ୍ଗଳିକା ହୋଇ ଯେ'। ଦଶରଥ ଅପୁତ୍ରିକ ଥିବାରୁ ତାଙ୍କର କଲ୍ୟାଣ ଭାବନା କରି ବ୍ରାହ୍ମଣମାନେ ତାଙ୍କୁ ଋଷି ଋଷ୍ୟଶୃଙ୍ଗଙ୍କର ଏ ମହିମା ସମ୍ପର୍କରେ ସୂଚନା ଦେଇଛନ୍ତି। ତେଣୁ ଏଠି ବ୍ରାହ୍ମଣ ଅର୍ଥରେ 'ବାକକଲ୍ୟାଣୀ' ଶବ୍ଦର ପ୍ରୟୋଗ ଅତ୍ୟନ୍ତ ଯଥାର୍ଥ। ବ୍ରାହ୍ମଣ ଅର୍ଥରେ ଏକାଧିକ ଶବ୍ଦ ଯଥା ଦ୍ୱିଜ, ବିପ୍ର ଇତ୍ୟାଦି ଥିଲେ ମଧ୍ୟ ସବୁଗୁଡ଼ିକର ତାତ୍ପର୍ଯ୍ୟ ଭିନ୍ନ ଭିନ୍ନ।' ଶ୍ରୀଯୁକ୍ତ ରାୟ ଖୁବ୍ ଆନନ୍ଦିତ ହେଲେ ଏବଂ ବିଦାୟ ନେଲେ।

କବିବର ରାଧାନାଥ ରାୟ ସ୍ୱୀୟ 'ଚିଲିକା' କାବ୍ୟରେ ଅସ୍ତଗାମୀ ସୂର୍ଯ୍ୟଙ୍କ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି- 'ପାରିଲେଣି ଏବେ ଦେବ ବିକର୍ତ୍ତନ, ଭାଲେରୀ ଶିଖରେ ସ୍ୱର୍ଣ୍ଣ ସିଂହାସନ'। ବିକର୍ତ୍ତନ ଶବ୍ଦର ଅର୍ଥ ସୂର୍ଯ୍ୟ। ସୂର୍ଯ୍ୟଙ୍କ ପାଇଁ ଅନେକ ଶବ୍ଦ ଅଛି। କିନ୍ତୁ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କ ପାଇଁ ବିକର୍ତ୍ତନ ଶବ୍ଦଟି ଅତ୍ୟନ୍ତ ଯଥାର୍ଥ। କାରଣ ଏହି ସମୟରେ ସୂର୍ଯ୍ୟଙ୍କ କିରଣ ଉପର ଆଡୁ ସୋରା ସୋରା ହୋଇ କଟାହେଲା ଭଳି ଦିଶୁଥାଏ। ବିକର୍ତ୍ତନ ଅର୍ଥ ହେଉଛି ବିଶେଷ ଭାବରେ କର୍ତ୍ତିତ ହୋଇଥିବା କିରଣଧାରୀ ସୂର୍ଯ୍ୟ। ସୂର୍ଯ୍ୟଙ୍କର ଅନ୍ୟ ଯେକୌଣସି ନାଁ ଏଠି ବ୍ୟବହାର କରିଥିଲେ ତାହା ଏତେ ଅର୍ଥବୋଧକ ହୋଇନଥା'ନ୍ତା। ଏଇଭଳି ଆମ ଭାଷାରେ ଥିବା ବହୁ ଶବ୍ଦ, ପ୍ରତିଶବ୍ଦମାନଙ୍କ ବ୍ୟବହାରରେ ଆମର ପ୍ରାଚୀନ କବିଗଣ ଅସାମାନ୍ୟ ସିଦ୍ଧହସ୍ତତା ପ୍ରଦର୍ଶନ କରିଛନ୍ତି। ଏବେ କିନ୍ତୁ ସେ ଶବ୍ଦ ସବୁ ପ୍ରଚଳନକୁ ଆସୁନାହାନ୍ତି। ଆମେ ତା'ର ଆବଶ୍ୟକତା, ମହତ୍ତ୍ୱ ଏବଂ ତାତ୍ପର୍ଯ୍ୟ ଅନୁଭବ ମଧ୍ୟ କରୁନାହୁଁ। ବଡ଼ କଥା ହେଲା ଏପରି ଶବ୍ଦ ସବୁ ଆମ ଗନ୍ତାଘରେ ଅଛି ବୋଲି ଆମେ ଜାଣି ମଧ୍ୟ ନାହୁଁ। ଖୋଲା ହୋଇ ପାରୁନଥିବା ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ ବହୁମୂଲ୍ୟ ଅଳଙ୍କାର ଏବଂ ରତ୍ନମାନେ ଯେପରି କ୍ଷୟିଷ୍ଣୁ ହୋଇପଡ଼ିଛନ୍ତି, ଆମ ଶବ୍ଦ ଭଣ୍ଡାରରେ ସେପରି ଅଜସ୍ର ଶବ୍ଦ ଅଲୋଡ଼ା ହୋଇ ପଡ଼ି ରହିଲେଣି।

ଉପରୋକ୍ତ ଦୁଇଟି ଉଦାହରଣ ଦେଇ ଏ ଆଲେଖ୍ୟ ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ହେଲା ଏଇ ନିକଟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଏକ ମତ ବିନିମୟ ସଭା ହୋଇଥିଲା। ସେଥିରେ ଏ ଲେଖକ ମଧ୍ୟ ଥିଲେ। ଓଡ଼ିଆ ଭାଷା କ୍ଷେତ୍ରରେ ସମ୍ପ୍ରତି ଦେଖାଦେଇଥିବା ସଂକଟ ସମ୍ପର୍କରେ କେତେକ ବ୍ୟକ୍ତି ମତ ଦେଲାବେଳେ କିଛି ବ୍ୟକ୍ତି କହିଲେ ଓଡ଼ିଆ ଭାଷା କ୍ଷେତ୍ରରେ କିଛି ସଂକଟ ନାହିଁ। ଓଡ଼ିଆ ଭାଷା ତା' ବାଟରେ ଠିକ୍ ଅଛି। ଉଭୟେ ନିଜ ନିଜ ବିଚାରରେ ସ୍ୱତନ୍ତ୍ର। କିଛି ବାସ୍ତବ ସ୍ଥିତି ଜାଣିବାକୁ ହେଲେ ଏହାର ଏକ ନିଃସ୍ୱାର୍ଥ ଅନୁଶୀଳନ ଆବଶ୍ୟକ। ଏମିତିରେ ଦେଖିଲେ ଯେକୌଣସି ଭାଷା ପରି ଆମ ଓଡ଼ିଆ ଭାଷାର ମଧ୍ୟ ଦୁଇଟି ରୂପ। ଗୋଟିଏ ହେଲା କଥିତ ବା ମୌଖିକ। ଏହି ଭାଷାଟି ବ୍ୟାବହାରିକ। ଦୈନନ୍ଦିନ ଜୀବନର ଚଳଣି, ତାହା ଚାଷବାସ ହେଉ କି ବେପାର ବଣିଜ ହେଉ, ପର୍ବପର୍ବାଣି ହେଉ କି ବାହା ପୁଆଣି ହେଉ, ଲୋକ ଜୀବନ ସହ ସଂଶ୍ଳିଷ୍ଟ ସବୁ ବ୍ୟାପାର ପାଇଁ ବ୍ୟବହାର ହେଉଥିବା ଭାଷା। ଏଥିରେ ସ୍ଥାନୀୟ ଲୋକଶବ୍ଦ ପ୍ରଚୁର, ଯେଉଁଗୁଡ଼ିକ ଅଞ୍ଚଳ ଭେଦରେ ବିବିଧ। ଏ ଭାଷା ବ୍ୟାକରଣ ନିୟମକୁ ଧରାବନ୍ଧା ଭାବରେ ମାନେ ନାହିଁ। ଏହାସତ୍ତ୍ୱେ ଏଥିରେ ଚମତ୍କାର ଭାବରେ ଭାବ ପ୍ରକାଶ ପାଇଯାଏ। ଏଥିରେ ବ୍ୟବହୃତ ଶବ୍ଦ ସମୂହ ଚଳଣିରୁ ଆସିଥିବାରୁ ସେଗୁଡ଼ିକ ଭିତରେ ଗୋଟିଏ ସଂସ୍କୃତିର ଝଲକ ଦିଶୁଥାଏ। ଏହାକୁ ଗାଁ ଗହଳିର ଭାଷା କୁହାଯାଇପାରେ। ଏ ଭାଷାର ବିପୁଳ ଭାବ ପ୍ରକାଶ କ୍ଷମତା ଥିବାରୁ ଏଥିରେ ହିଁ ସୃଷ୍ଟି ହୁଏ ଲୋକସାହିତ୍ୟ, ଯେଉଁଥିରେ ଏ ଭାଷା ସାଇତା ହୋଇ ରହିଯାଏ। ଭାଷାର ବଳ ହେଲା ଶବ୍ଦ ଭଣ୍ଡାର। ଯେଉଁ ଭାଷାର ଶବ୍ଦଭଣ୍ଡାର ଯେତେ ସମୃଦ୍ଧ ସେ ଭାଷା ମଧ୍ୟ ସେତେ ସମୃଦ୍ଧ। ଆମର ବିପୁଳ ଲୋକସାହିତ୍ୟ ଏହି ଶବ୍ଦ ଭଣ୍ଡାରକୁ ନିଜ ଭିତରେ ଧାରଣ କରିଛନ୍ତି। କିନ୍ତୁ ତା'ର ଚର୍ଚ୍ଚା କାହିଁ? ଲୋକସାହିତ୍ୟ ରଚନା କାହିଁ? ଲୋକସାହିତ୍ୟର ଆଦର ମଧ୍ୟ କାହିଁ? ତେବେ ଲୋକଭାଷାକୁ ଧରି ରଖିବ କିଏ? ଆଗ କାଳରେ ଲୋକେ ନିଜ ନିଜ ଅଞ୍ଚଳରେ ସୀମାବଦ୍ଧ ହୋଇ ରହୁଥିଲେ। ଗମନାଗମନର ସୁବିଧା ନଥିଲା। ଏତେ ବେଶୀ ଯିବା ଆସିବା ଦରକାର ମଧ୍ୟ ପଡୁନଥିଲା। ତେଣୁ ନିଜ ଅଞ୍ଚଳର ଭାଷାଟି ଅବିକୃତ ରହୁଥିଲା। ଏବେ ଗମନାଗମନ, ଯୋଗାଯୋଗ, ଗଣମାଧ୍ୟମର ପ୍ରଚଣ୍ଡ ପ୍ରଗତିରେ ଲୋକଭାଷା ମଧ୍ୟ ତା'ର ସ୍ୱରୂପ ହରାଇ ସାରିଲାଣି। ବଦଳିଗଲାଣି ଗାଁ ଗହଳିର ଲୋକମୁହଁର ଭାଷା। ଲୋକ ସାହିତ୍ୟର ଧାରା ଶୁଖିଗଲା। ଲୋକ ଭାଷା ବଦଳିଗଲା। ଭାଷାର ଗୋଟିଏ ପକ୍ଷ କଟିଗଲା। ଆମ ଭିତରୁ ଯେ କେହି ଗାଁ ଗହଳିକୁ ଯାଇ ଏହାର ସତ୍ୟତା ପରଖି ପାରିବେ। ଗତ ଷାଠିଏ ବର୍ଷ ଧରି ଗାଁ ସହିତ ନିରବଚ୍ଛିନ୍ନ ଭାବେ ସମ୍ପୃକ୍ତ ରହି ନିଜର ଅନୁଧ୍ୟାନ ଆଧାରରେ ଏକଥା କହୁଛି ଏ ଲେଖକ।

ଓଡ଼ିଆ ସାହିତ୍ୟର ମଧ୍ୟଯୁଗରେ ସଂସ୍କୃତ ଭାଷାର ଅତ୍ୟଧିକ ପ୍ରଭାବରେ ପାଣ୍ଡିତ୍ୟ ପ୍ରଦର୍ଶନ ପାଇଁ କାବ୍ୟ-ସାହିତ୍ୟ ଏକ ମାଧ୍ୟମ ହୋଇଯାଇଥିବାରୁ କବିମାନେ ଏଥିରେ ଅଧିକ ତତସମ ଶବ୍ଦ ବ୍ୟବହାର କରିବାର ଧାରା ଆରମ୍ଭ କରିଥିଲେ। ଏଥିପାଇଁ ଅବଲମ୍ବନ ଥିଲା ସଂସ୍କୃତ କୋଷଗ୍ରନ୍ଥ ସମୂହ। କିନ୍ତୁ କିଛିକାଳ ପରେ ଲୋକଭାଷା ଅବହେଳିତ ହୋଇ ପଡୁଥିବା ଅନୁଭବ କରି କବିମାନେ ଦିବ୍ୟ ଭାଷା ସହ ଅଦିବ୍ୟ ଭାଷା କିମ୍ବା ଦିବ୍ୟ ଶବ୍ଦ ସହ ଅଦିବ୍ୟ ଶବ୍ଦକୁ ମିଶାଇ କାବ୍ୟ ରଚନା କଲେ। ଏହା ଫଳରେ ଦିବ୍ୟ ଏବଂ ଲୋକ ଭାଷାର ସମନ୍ୱୟରେ କାବ୍ୟ ସାହିତ୍ୟର ଏକ ନବ ବର୍ଣ୍ଣବିଭା ଫୁଟି ଉଠିଲା। କାବ୍ୟ କବିତା ଭିତରେ ଦିବ୍ୟ ଏବଂ ଅଦିବ୍ୟ ଶବ୍ଦ ହାତ ଧରାଧରି ହୋଇ ଚାଲିଲେ। ଲୋକଶବ୍ଦ ସବୁ ଦିବ୍ୟ ସାହିତ୍ୟ ଭିତରକୁ ଆସି ମହିମା ମଣ୍ଡିତ ହୋଇଗଲେ। ସମ୍ପ୍ରତି ସାହିତ୍ୟ ରଚନାର ସେ ଧାରାଟି ଲୁପ୍ତ। ସାମ୍ପ୍ରତିକ ସାହିତ୍ୟିକମାନେ ହୁଏତ ଏକଥା ଚାହୁଁନାହାନ୍ତି କିମ୍ବା ତାଙ୍କର ସେତିକି ଦକ୍ଷତା ନାହିଁ। ଏହା ସହଜ ନୁହେଁ ମଧ୍ୟ। ଉଭୟ ଅଭିଜାତ ଭାଷା ଓ ଲୋକ ଭାଷାରେ ଯଥେଷ୍ଟ ପ୍ରବେଶ ନଥିଲେ ଏହା କହିହେବ ନାହିଁ। ଗୋଟିଏ ଦୃଷ୍ଟିରୁ ଲୋକଭାଷାଟି ଅଭିଜାତ ଭାଷାର ସାଥୀ ହେବା ପ୍ରକ୍ରିୟାଟି ବନ୍ଦ ହୋଇଗଲା। ସିଏ ତା' ମୂଳକ ମାଟିତଳେ ପୋତି ହେବାକୁ ବସିଲାଣି।

ଭାଷାର ଦ୍ୱିତୀୟ ସ୍ୱରୂପଟି ହେଲା ଲିଖିତ, ଯାହା ପୁରାଣ, ଇତିହାସଠାରୁ ଆରମ୍ଭ କରି ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ପ୍ରଲମ୍ବିତ। ସମ୍ବାଦପତ୍ର, ଦଲିଲ, ସରକାରୀ ଚିଠିପତ୍ର ମଧ୍ୟ ଏହାର ଅନ୍ତର୍ଭୁକ୍ତ। ଆଜିକାଲି ପ୍ରକାଶ ପାଉଥିବା ଓଡ଼ିଆ ପତ୍ରପତ୍ରିକା, ପୁସ୍ତକ ଇତ୍ୟାଦିକୁ ଲକ୍ଷ୍ୟ କଲେ ଜଣାଯାଉଛି ଯେ ସେଥିରେ ବ୍ୟବହାର ହେଉଥିବା ଶବ୍ଦ ସଂଖ୍ୟା ଓଡ଼ିଆ ଭାଷାର ଶବ୍ଦ ଭଣ୍ଡାର ତୁଳନାରେ ସୀମିତ। କାରଣ ସାହିତ୍ୟ ରଚନା କରୁଥିବା ସାହିତ୍ୟିକମାନଙ୍କ ମଧ୍ୟରୁ ସିଂହଭାଗ ହେଉଛନ୍ତି ଅଭିଜାତ ବର୍ଗର ଏବଂ ସହରବାସୀ। ସେମାନେ ଚଳପ୍ରଚଳ ହେଉଥିବା ପରିବେଶରେ କେତେ ବା ଶବ୍ଦ ଆବଶ୍ୟକ? ଯେତିକିରେ କାମ ଚଳେ ସେତିକି ଶବ୍ଦ ଆମେ ବ୍ୟବହାର କରୁ। ଏଥିରେ କୌଣସି ସୂକ୍ଷ୍ମ ଅନୁଭବକୁ ପ୍ରକାଶ କରିବାର ଆବଶ୍ୟକତା ନଥିବାରୁ ଶବ୍ଦ ସନ୍ଧାନ କରିବା ବି ଆବଶ୍ୟକ ହୁଏ ନାହିଁ। ଏବେ ପୁଣି ଅନ୍ୟ ଭାଷା ଯଥା ଇଂରାଜୀ, ହିନ୍ଦୀ ଶବ୍ଦମାନେ ଆମ ଭାଷାରେ ଅନୁପ୍ରବେଶ କରିଥିବା ହେତୁ ତାକୁ ମଧ୍ୟ ଆମେ ଆମ ଦୈନନ୍ଦିନ ଜୀବନରେ ବ୍ୟବହାର କରି ଆମ କାମ ଚଳେଇଦେଉ। ଏହାଦ୍ୱାରା କାମ ସିନା ଚଳିଯିବ, କିନ୍ତୁ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟି ହୋଇପାରିବ ନାହିଁ। ଆମ ଭିତରେ ସୃଷ୍ଟି ହେଉଥିବା ସୂକ୍ଷ୍ମ, ସୁକୁମାର ଭାବରାଜିକୁ ପ୍ରକାଶିତ କରିବା ପାଇଁ ଦୈନନ୍ଦିନ ଚଳଣିର ଏହି କାମଚଳା ଶବ୍ଦମାନେ ସମର୍ଥ ହୋଇପାରିବେ ନାହିଁ। ସେଥିପାଇଁ ଆମକୁ ଉପଯୁକ୍ତ ଭାବପ୍ରକାଶକ୍ଷମ ଶବ୍ଦ ଖୋଜିବାକୁ ପଡ଼ିବ। ଏଇଥିପାଇଁ କବିମାନେ ଶବ୍ଦଟିଏ ଖୋଜିବା ପାଇଁ ଦିନ ଦିନ ଧନ୍ଦି ହୁଅନ୍ତି। ଆମ ଭାଷାରେ ବିପୁଳ ଶବ୍ଦ ଭଣ୍ଡାର ଅଛି। ତାକୁ ଆମେ ନ ଜାଣିଲେ ସାହିତ୍ୟ ପାଇଁ ଆମେ ଯଥାର୍ଥ ଶବ୍ଦ ସବୁ କେଉଁଠୁ ପାଇବା? ବର୍ତ୍ତମାନ ଲେଖାଯାଉଥିବା ରଚନାମାନଙ୍କୁ ଆମେ ଭାବ ଏବଂ ବିଷୟବସ୍ତୁ ଦୃଷ୍ଟିରୁ ଆଲୋଚନା କରୁଛୁ। ଭାଷା ଦୃଷ୍ଟିରୁ ସେଗୁଡ଼ିକ କେତେ ସମୃଦ୍ଧ ତାହା ଆଲୋଚନା କରୁନାହୁଁ। ସମ୍ପ୍ରତି ପ୍ରକାଶିତ ହେଉଥିବା ରଚନାମାନଙ୍କ ଉପରେ ଏକ ବିହଙ୍ଗମ ଦୃଷ୍ଟି ନିକ୍ଷେପ କଲେ ଜଣାଯିବ କେତେ ସଂକୁଚିତ ହୋଇଗଲାଣି ଆମ ଶବ୍ଦ ଭଣ୍ଡାର। ଏବେ ମଧ୍ୟ ପାରମ୍ପରିକ ସାହିତ୍ୟ ପ୍ରତି ରୁଚି ରଖୁଥିବା କେତେକ ବ୍ୟକ୍ତି ମଧ୍ୟଯୁଗୀୟ ଶୈଳୀରେ କିଛି କିଛି ସାହିତ୍ୟ ରଚନା କରୁଛନ୍ତି। ସେମାନଙ୍କ ରଚନାରେ ଅନେକ ପାରମ୍ପରିକ, ଲୋକ ଶବ୍ଦାବଳୀ ଉଙ୍କି ମାରୁଛନ୍ତି। କିନ୍ତୁ ସେ ରଚନା ପୁରୁଣା କାଳିଆ କହି ଆମେ ଆଡ଼େଇ ଦେଉଛୁ ଏବଂ ସେ ରଚନାକାରମାନଙ୍କୁ ପ୍ରଶଂସାର ପଦୁଟିଏ ମଧ୍ୟ କହୁନାହୁଁ।

ଆମ ଭାଷା ପ୍ରାଚୀନ ଓ ଶାସ୍ତ୍ରୀୟ ଭାଷା ଭାବରେ ମାନ୍ୟତା ପାଇଛି। କିନ୍ତୁ ଏବେ ଆମ ପିଲାମାନେ ଏବଂ ଆମେ କହୁଥିବା ଭାଷା ଯେ ବର୍ଣ୍ଣସଙ୍କର ହୋଇ ଏକ କାମଚଳା ଭାଷା ସ୍ତରକୁ ଖସି ଆସିଲାଣି, ତାହା ଚିନ୍ତାର ବିଷୟ ନିଶ୍ଚୟ। ସବୁକାଳେ କଥିତ ଭାଷାର କାମ ଦୈନନ୍ଦିନ ଜୀବନକୁ ଚଳେଇବା। ସେଥିରେ ଅପମିଶ୍ରଣର ମାତ୍ରା ବେଳକୁ ବେଳ ଯେପରି ବଢୁଛି, ତାହା ଆମ ଭାଷା ପାଇଁ ସଂକଟ ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି। ପ୍ରଥମ ହେଲା, ଆମେ ଆମ ବିପୁଳ ଶବ୍ଦ ଭଣ୍ଡାରକୁ ଆଉ ଲିଖିତ ବା କଥିତ ଭାଷାକୁ ଆଣିବା ଊଣା କରିଦେଲୁଣି। ଦ୍ୱିତୀୟରେ, ଲୋକସାହିତ୍ୟ ଏବଂ ପାରମ୍ପରିକ ସାହିତ୍ୟର ପ୍ରୋତ୍ସାହନ ନାହିଁ। ତୃତୀୟରେ, ଆମର କଥିତ ଭାଷାରେ ଅନ୍ୟ ଭାଷାର ଶବ୍ଦମାନଙ୍କୁ ଯାଦୃଚ୍ଛିକ ଭାବରେ ବ୍ୟବହାର କରି ଆମେ ଆମ ଭାଷାକୁ ଏକ କାମଚଳା ଭାଷାରେ ପରିଣତ କରିଚାଲିଛୁ। ଏଗୁଡ଼ିକ ଭାଷା ପାଇଁ ସଂକଟ ନୁହେଁ ତ ଆଉ କ'ଣ? ଆମେ କହୁନାହୁଁ ଯେ କାଲି ଆମ ଭାଷାଟା ଲୋପ ପାଇଯିବ। କିନ୍ତୁ ଏହି ପ୍ରକ୍ରିୟା ଜାରି ରହିଲେ ଆମ ଭାଷାର ମର୍ଯ୍ୟାଦା, ବିଭୂତି ଯେ ଆମେ ହରେଇବୁ, ଏଥିରେ ସନ୍ଦେହ ନାହିଁ। ପୃଥିବୀର ଅନେକ ଭାଷା ଏହି ପ୍ରକ୍ରିୟାରେ ହିଁ ଲୋପ ପାଇଛନ୍ତି। ଏ ପରିପ୍ରେକ୍ଷୀରେ ଆମର କର୍ତ୍ତବ୍ୟ ହେଉଛି ଆମେ ପ୍ରାଚୀନ ସାହିତ୍ୟକୁ ଆଦର କରିବା, ଲୋକସାହିତ୍ୟ ଏବଂ ଲୋକଭାଷାକୁ ଭଲ ପାଇ ଲିଖିତ ଭାଷା ଭିତରକୁ ଆଣିବା। ପାରମ୍ପରିକ କାବ୍ୟ କବିତା ରଚନା କରୁଥିବା କବିମାନଙ୍କୁ ପ୍ରୋତ୍ସାହିତ କରିବା। ଏହାଦ୍ୱାରା ହିଁ ଆମ ଭାଷା ପୁଣି ଥରେ ତା'ର ମହିମା ଏବଂ ବିଭୂତି ଲାଭ କରିବ। ●

# ଗୁଳୁଚିକୁ ଜାତୀୟ ଔଷଧର ମାନ୍ୟତା କେବେ?



ଡ. ବିଜୟ କେତନ ପଟ୍ଟନାୟକ
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

ଯୁଗ ଯୁଗ ଧରି ପାରମ୍ପରିକ ଆୟୁର୍ବେଦ ଔଷଧରେ ବିଭିନ୍ନ ରୋଗର ଉପଶମ ପାଇଁ ଗୁଳୁଚି ବ୍ୟବହୃତ ହୋଇଆସୁଛି। ସାଧାରଣ ଜ୍ୱରର ଉପଶମଠାରୁ ଆରମ୍ଭ କରି କାମଳ, ତରଳ ଝାଡ଼ା, ହାଡ଼ ଭଙ୍ଗା, ଶ୍ୱାସ, ଚର୍ମ ରୋଗ, ବିଷାକ୍ତ କୀଟପତଙ୍ଗ ଦଂଶନ ଆଦିର ଉପଶକ କ୍ଷେତ୍ରରେ ଏଥିରୁ ପ୍ରସ୍ତୁତ ଔଷଧ ବ୍ୟବହାର କରାଯାଏ। ଡେଙ୍ଗୁ ଜ୍ୱରରେ ରକ୍ତରେ କମି ଯାଉଥିବା ପ୍ଲେଟ୍‌ଲେଟ୍‌କୁ ମଧ୍ୟ ଏହା ଭରଣା କରିପାରେ। ଗୁଳୁଚିର ବ୍ୟବହାରିକ ଔଷଧ ଗୁଣ ଉପରେ ଅନେକ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ ପାଇଛି। ଜାତୀୟ ଔଷଧ ବୃକ୍ଷ ପରିଷଦ ଗୁଳୁଚି ଉପରେ ସମସ୍ତ ତଥ୍ୟକୁ ଏକତ୍ରିତ କରି ଏକ ପୁସ୍ତକ ୨୦୧୮ ମସିହାରେ ପ୍ରକାଶ କରିଥିଲେ। ସେହି ବର୍ଷ ନଭେମ୍ବର ମାସରେ ଆୟୁଷ ମନ୍ତ୍ରାଳୟ ଗୁଳୁଚିରୁ ପ୍ରସ୍ତୁତ ଔଷଧର ନିରାପତ୍ତା ଓ ପ୍ରଭାବକୁ ବିଚାର କରି ଏହାକୁ ଜାତୀୟ ଔଷଧ ବୃକ୍ଷର ମାନ୍ୟତା ଦେବା ପାଇଁ ଭାରତ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଅଦ୍ୟାବଧି ସେ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।

ଭାରତ ବର୍ଷର ଜାତୀୟ ପୁଷ୍ପ ପଦ୍ମ ଏବଂ ଜାତୀୟ ବୃକ୍ଷ ବରଗଛ। ସେହିଭଳି ଗୁଳୁଚିକୁ ଜାତୀୟ ଔଷଧର ମାନ୍ୟତା ଦେବା ପାଇଁ ୨୦୧୮ ମସିହାରୁ ଦେଶର 'ଆୟୁଷ' ମନ୍ତ୍ରାଳୟ ନିରବଚ୍ଛିନ୍ନ ପ୍ରଚେଷ୍ଟା କରିବା ସହ ଏହାର ପ୍ରଚାର ପ୍ରସାର ଲାଗି ମଧ୍ୟ ଉଦ୍ୟମ ଅବ୍ୟାହତ ରଖିଛି। ଗୁଳୁଚି ଏକ ବହୁବର୍ଷୀୟ ଲତାଜାତୀୟ ଉଦ୍ଭିଦ। ଉଦ୍ଭିଦବିଜ୍ଞାନରେ ଏହାର ନାମ- ଟିନୋସ୍ପୋରା କର୍ଡିଫଲିଆ। ସଂସ୍କୃତ ନାମ- ଅମୃତା, ମଧୁପର୍ଣ୍ଣା। ହିନ୍ଦୀନାମ- ଗିଲୋୟ। ଆୟୁର୍ବେଦ ଶାସ୍ତ୍ରରେ କୁହାଯାଇଛି, 'ସର୍ବୋଷଧିନାଂ ଅମୃତା ପ୍ରଧାନାଂ'। ଅର୍ଥାତ ସମସ୍ତ ଔଷଧୀୟ ବୃକ୍ଷଲତା ମଧ୍ୟରେ ଅମୃତା ବା ଗୁଳୁଚି ମୁଖ୍ୟ ଅଟେ। ଏହି ଲତାଜାତୀୟ ଔଷଧୀୟ ଉଦ୍ଭିଦକୁ ଦେଶୀୟ ଭାଷାରେ ଗୁଳୁଚିଲତା କୁହାଯାଏ। ପତ୍ରଗୁଡ଼ିକ ହୃଦୟାକାର, ପାନପତ୍ର ବା ଗୋଲମରିଚ ପତ୍ର ସଦୃଶ। ଆମ୍ବ, ଲିମ୍ବ, ପିଜୁଳି, ପଣସ ଆଦି ଗଛମାନଙ୍କରେ ଏହି ଆରୋହୀ ଲତା କୁଣ୍ଡଳୀ ଆକାରରେ ମାଡ଼ିଥାଏ। କିନ୍ତୁ ଲିମ୍ବ ଗଛରେ ମାଡ଼ିଥିବା ଗୁଳୁଚି ଲତା ଅଧିକ ଫଳଦାୟିକା ବୋଲି ଆୟୁର୍ବେଦ ଶାସ୍ତ୍ରରେ ଉଲ୍ଲେଖ ଅଛି।

ଆମର ପୌରାଣିକ ଶାସ୍ତ୍ର ରାମାୟଣରେ 'ଗୁଳୁଚି' ସମ୍ପର୍କରେ ପ୍ରତୀକାତ୍ମକ ବର୍ଣ୍ଣନାଟିଏ ଅଛି।



ଉପାଖ୍ୟାନ ଅନୁସାରେ, ରାମ-ରାବଣ ଯୁଦ୍ଧରେ ଅନେକ ବାନର ମୃତାହତ ହୋଇଥିଲେ। ଶ୍ରୀରାମଙ୍କ ନିବେଦନରେ ଦେବରାଜ ଇନ୍ଦ୍ର ପ୍ରସନ୍ନ ହୋଇ ମୃତ ବାନର ସେନାଙ୍କ ଉପରେ ଆକାଶରୁ ଅମୃତ ସିଞ୍ଚନ କରି ସେମାନଙ୍କୁ ପୁନର୍ଜୀବିତ କରାଇଲେ। ସେହି ସମୟରେ କିଛି ଅମୃତ ବିନ୍ଦୁ ମାଟି ଉପରେ ପଡ଼ିଯାଇଥିଲା ଏବଂ ସେଥିରୁ ଗୁଳୁଚି ଲତା ଉତ୍ପନ୍ନ ହେଲା। ସେଥିପାଇଁ ଗୁଳୁଚି ଲତାକୁ 'ଅମୃତ ବଲ୍ଲରୀ' ମଧ୍ୟ କୁହାଯାଏ ଏବଂ ଏହା ଶରୀରର ରୋଗ ଉପଶମ ନିମନ୍ତେ ଅମୃତତୁଲ୍ୟ କାର୍ଯ୍ୟ କରିଥାଏ। ମହର୍ଷି ଚରକଙ୍କ ମତରେ ଜ୍ୱରକୁ ଛାଡ଼ି କୌଣସି ରୋଗ ନାହିଁ ବା ରୋଗକୁ ଛାଡ଼ି କୌଣସି ଜ୍ୱର ନାହିଁ। ଜ୍ୱର ଉପଶମ ପାଇଁ ଯେତେ ଔଷଧ ପ୍ରୟୋଗ କରାଯାଏ, ତନ୍ମଧ୍ୟରୁ ଗୁଳୁଚି ହେଉଛି ସର୍ବଶ୍ରେଷ୍ଠ।

ଦେଶର ସର୍ବତ୍ର ଗୁଳୁଚି ଲତା ଚାଷ କରାଯାଇପାରେ। ଭାରତୀୟ ଉପମହାଦେଶରେ ବିଷୁବମଣ୍ଡଳୀୟ ଅଞ୍ଚଳରେ ଏହା ଏକ ଦେଶୀୟ ଔଷଧୀୟ ଲତା। ଏହି ଲତା ସବୁ ମାଟିରେ ବଢ଼ିପାରେ। କିନ୍ତୁ ସମତଳ ଅଞ୍ଚଳ ଅପେକ୍ଷା, ପାହାଡ଼ିଆ ଇଲାକାରେ ଏହାର କାଣ୍ଡ ମୋଟା ହୋଇଥାଏ। ଗୁଳୁଚି ଲତାର କାଣ୍ଡରେ ରୋଗ ନିରୋଧକ ଶକ୍ତି ଥିବାରୁ ଅନେକ ପ୍ରକାରର ଆୟୁର୍ବେଦ ଔଷଧ ପ୍ରସ୍ତୁତି ନିମନ୍ତେ ମୁଖ୍ୟତଃ ଏହାକୁ ବ୍ୟବହାର କରାଯାଏ। ସାମାନ୍ୟ ଗରମ ପଡ଼ିଲେ, ବିଶେଷକରି ଜାନୁଆରୀ ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଗୁଳୁଚି କାଣ୍ଡ ଅମଳ କରାଯାଇ, ବକ୍‌କଳ ସହିତ କାଣ୍ଡକୁ ଛୋଟ ଛୋଟ କରି କାଟି ଶୁଖାଇ ଦିଆଯାଏ। ଗୁଳୁଚି ମଧୁମେହ ନାଶକ, ଦୁର୍ବଳତା ନାଶକ, କାମଳ ନାଶକ ତଥା ଅନ୍ୟାନ୍ୟ ଅନେକ ରସାୟନ ଗୁଣସମ୍ପନ୍ନ। କାଣ୍ଡ ବ୍ୟତୀତ ଏହାର ପତ୍ର ଓ ଚେର ମଧ୍ୟ ଆୟୁର୍ବେଦ ଔଷଧ ପ୍ରସ୍ତୁତିରେ ବ୍ୟବହାର କରାଯାଏ। ଶିଶୁ ରୋଗରେ ଗୁଳୁଚି ପତ୍ରର ରସ ବିଶେଷ କାମ ଦେଇଥାଏ। ଏହାର କାଣ୍ଡ ଓ ଚେରରୁ ପ୍ରସ୍ତୁତ ଶ୍ୱେତସାର ମଣ୍ଡ ଆମାଶୟ, ନାଳରକ୍ତ ଝାଡ଼ା ଏବଂ ତରଳ ଝାଡ଼ାର ପ୍ରତିକାର ପାଇଁ ବ୍ୟବହାର କରାଯାଏ। ଏହାକୁ ରସ ଆକାରରେ, ଶୁଖିଲା ପାଉଡ଼ର ବା ଟାବ୍‌ଲେଟ୍ ହିସାବରେ ନିଆଯାଇପାରେ। ପ୍ରାୟତଃ ସାଲସା ବା ଟନିକ୍ ଭାବରେ ଶକ୍ତିବର୍ଦ୍ଧନ ପାଇଁ ଏହି ଔଷଧକୁ ଉପଯୋଗ କରାଯାଏ। ଗୁଳୁଚିର ଔଷଧୀୟ ଗୁଣ ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଫୁଡ୍ ଆଣ୍ଡ ଡ୍ରଗ୍‌ସ ଆଡମିନିଷ୍ଟ୍ରେସନ) ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଗୁଳୁଚି ଚୂର୍ଣ୍ଣରେ କ୍ୟାଲସିୟମ, ପ୍ରୋଟିନ୍ ବା ଜୀବସାର ଏବଂ ଫସଫରସ ରହିଛି।

ଗୁଳୁଚିର ବିଭିନ୍ନ ଔଷଧୀୟ ଗୁଣବତ୍ତା ମଧ୍ୟରେ ପ୍ରମୁଖ ହେଉଛି ରକ୍ତଶୁଦ୍ଧତା ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି। ପ୍ରାଚୀନକାଳରୁ ଉଭୟ କାର୍ଯ୍ୟ ନିମନ୍ତେ ଗୁଳୁଚି ବା ଗିଲୋୟ ପାରମ୍ପରିକ ଭାବରେ ବ୍ୟବହୃତ ହେଉଥିଲା। ଗିଲୋୟର ଅତ୍ୟଧିକ ବ୍ୟବହାର ଯକୃତ ଉପରେ ଖରାପ ପ୍ରଭାବ ପକାଇଥାଏ ବୋଲି ଅତୀତରେ ଏକ ଭୁଲ୍ ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ନିକଟରେ ଅକ୍‌ସଫୋର୍ଡ ୟୁନିଭରସିଟି ଦ୍ୱାରା 'ଜର୍ଣ୍ଣାଲ ଅଫ୍ ଫାର୍ମାସି' ଓ 'ଫାର୍ମାକୋଲୋଜି'ରେ ଗିଲୋୟ ଉପରେ ପ୍ରକାଶିତ ଗବେଷଣାରୁ ଜଣାପଡ଼ିଛି ଯେ ଏହା ଯକୃତକୁ ସୁସ୍ଥ ରଖିବା ସହିତ ଶରୀରର କୋଷଗୁଡ଼ିକୁ ଅବକ୍ଷୟରୁ ରୋକିବାରେ ସହାୟକ ହୋଇଥାଏ। ଗୁଳୁଚି ଚୂର୍ଣ୍ଣ ରକ୍ତରୁ ବିଷାକ୍ତ ଅଂଶ ବାହାର କରିଦେଇ ପ୍ରତିରୋଧକ ଶକ୍ତି ବା 'ଆଣ୍ଟିବଡି' ସୃଷ୍ଟି ହୁଏ। ଗୁଳୁଚିଚୂର୍ଣ୍ଣ ଜାରଣ ବିରୋଧୀ ଶକ୍ତିରେ ଭରପୂର। ଆୟୁର୍ବେଦ ଶାସ୍ତ୍ର ଅନୁସାରେ ବାତ, ପିତ୍ତ ଓ କଫ ହିଁ ସମସ୍ତ ରୋଗର କାରଣ। ଏହି ତ୍ରିଦୋଷକ ରୋଗର ଉପଶମ ପାଇଁ ଗୁଳୁଚିର ଯଥେଷ୍ଟ କ୍ଷମତା ରହିଛି। ପୂର୍ବକାଳରେ ଡେଙ୍ଗୁ, ସ୍ୱାଇନ୍ ଫ୍ଲୁ ଏବଂ ମ୍ୟାଲେରିଆ ରୋଗରେ ହ୍ରାସ ଓ ଲକ୍ଷଣରେ ସୁଧାର ପାଇଁ ଏହାକୁ ବ୍ୟବହାର କରାଯାଉଥିଲା। ଅଣ ପ୍ରଦାହୀ ଗୁଣ ଯୋଗୁଁ ଗୁଳୁଚିର ବିଶେଷ ନାଁ ରହିଛି। କଫ, କାଶ ଓ ଥଣ୍ଡା ରୋଗ ପାଇଁ ଏହା ଏକ ଉତ୍ତମ ଉପଚାର। ଆରିମା ପୀଡ଼ିତ ରୋଗୀଙ୍କ ପାଇଁ ଗୁଳୁଚି ରସ ବେଶ୍ ଉପକାରୀ।

ଏହାବ୍ୟତୀତ ଗୁଳୁଚି ରସରେ ଶର୍କରା ହ୍ରାସ କରିବାର ଗୁଣ ଭରପୂର ରହିଥିବାରୁ ଏହା ମଧୁମେହ ରୋଗ ପାଇଁ ଏକ ମହୌଷଧି ଭାବେ ଗଣା ହୋଇଥାଏ। ଗୁଳୁଚିରୁ ପ୍ରସ୍ତୁତ ଔଷଧରେ ବାର୍ଦ୍ଧକ୍ୟ ବିଳମ୍ବିତ କରିବାର ଗୁଣ ଅଛି ବୋଲି ମଧ୍ୟ ଗୁହାଯାଏ। ଗୁଜୁରାଟର ଏକ ଆୟୁର୍ବେଦ ବିଶ୍ୱବିଦ୍ୟାଳୟରେ ଗୁଳୁଚିର ପ୍ରୟୋଗ ୩୦ ଦିନ ଧରି ଏକପ୍ରକାର ମାଛିମାନଙ୍କ କ୍ଷେତ୍ରରେ କରାଯାଇଥିଲା। ଗବେଷଣାରୁ ଜଣାଗଲା, ଏହାଦ୍ୱାରା ମାଛିମାନଙ୍କର ଜୀବନକାଳ ୨୫-୩୦ ଦିନରୁ ୮୫ ଦିନକୁ ବୃଦ୍ଧି ପାଇଲା। ଏହି ଗବେଷଣାଲବ୍ଧ ତଥ୍ୟ ନେଦରଲ୍ୟାଣ୍ଡର 'ହେଲ୍‌ଥ କେୟାର' ଜର୍ଣ୍ଣାଲରେ ପ୍ରକାଶ ପାଇଛି। କିନ୍ତୁ ମଣିଷମାନଙ୍କ କ୍ଷେତ୍ରରେ ଏପରି କୌଣସି ଗବେଷଣା ହୋଇନାହିଁ। ସାଧାରଣ ଲୋକ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶକ୍ରମେ ଗୁଳୁଚି ଔଷଧଗୁଡ଼ିକୁ ବ୍ୟବହାର କରିବା ଉଚିତ। ●

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

■ ଲାଞ୍ଚ ନେବା ମାମଲା

# ପୂର୍ବତନ ବ୍ଲକ ଅଧ୍ୟକ୍ଷା ଓ ସ୍ୱାମୀଙ୍କୁ ଜେଲ୍‌ଦଣ୍ଡ

**ସୁନ୍ଦରଗଡ଼, ୧୮ ।୩ (ସମିସ):** ୨୦୧୪ରେ ତତ୍କାଳୀନ ଟାଙ୍ଗରପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଲାଞ୍ଚ ଗ୍ରହଣ ମାମଲାର ଚୂଡ଼ାନ୍ତ ରାୟ ସୋମବାର ପ୍ରକାଶ ପାଇଛି। ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ମୁଖ୍ୟ ଅଭିଯୁକ୍ତ ତତ୍କାଳୀନ ପଞ୍ଚାୟତ ସମିତି ଅଧ୍ୟକ୍ଷା କୌଶଲ୍ୟା ଧୂଆ (୪୮) ଓ ଲାଞ୍ଚ ଗ୍ରହଣରେ ସହଯୋଗ କରିଥିବା ତାଙ୍କ ସ୍ୱାମୀ ଇନ୍ଦ୍ରମଣି ଧୂଆ (୪୮)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୌଶଲ୍ୟାଙ୍କୁ ୪ ବର୍ଷ ଜେଲ୍ ଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ତାଙ୍କୁ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ଦିଆଯାଇଛି। ସେହିପରି ତାଙ୍କ ସ୍ୱାମୀ ଇନ୍ଦ୍ରମଣିଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ ସହ ୪ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୫ ମାସର ଜେଲ ଭୋଗିବାକୁ ଆଦେଶ ରହିଛି।



୨୦୧୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କୌଶଲ୍ୟା ଟାଙ୍ଗରପାଲି ପଞ୍ଚାୟତ ସମିତି ଅନ୍ତର୍ଗତ ମେଘଡ଼େଗା ପଞ୍ଚାୟତର ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ କଂଗ୍ରେସ ସମର୍ଥନରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହେବା ପରେ ଠିକାଦାରଙ୍କଠାରୁ ପିସି ନ ପାଇଲେ କାଉଣ୍ଟର ଦସ୍ତଖତ କରୁନଥିଲେ। ୨୦୧୪ ଡିସେମ୍ବର ୧୭ରେ ସେ ଉଜ୍ଜ୍ୱଳପୁର ଗ୍ରାମର ଜଣେ ଠିକାଦାରଙ୍କଠାରୁ ୯ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କ ସ୍ୱାମୀଙ୍କ ସହ ସେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଭିଜିଲାନ୍ସବିଭାଗ ସୁନ୍ଦରଗଡ଼ ୟୁନିଟର ତତ୍କାଳୀନ ଡିଏସପି ପରମେଶ୍ୱର କିସାନ ଘଟଣାର ତଦନ୍ତ କରି ଅଦାଲତରେ ଚାର୍ଜସିଟ ଦାଖଲ କରିଥିବା ବେଳେ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମସୁନ୍ଦର ମିଶ୍ର ମାମଲା ପରିଚାଳନା କରିଥିଲେ।

■ ସି'ସୋର୍ ଚିଟ୍‌ଫଣ୍ଡ ଠକେଇ ମାମଲା

# ଇଡିରେ ପୁଣି ହାଜର ହେଲେ ପ୍ରଶାନ୍ତ ଦାସ

**ଭୁବନେଶ୍ୱର,୧୮ ।୩(ସମିସ):** ସି' ସୋର୍ ଚିଟଫଣ୍ଡ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ଆଜି ପୁଣି ହାଜର ହୋଇଛନ୍ତି ସଂସ୍ଥା ମୁଖ୍ୟ ପ୍ରଶାନ୍ତ ଦାସ। ଗତ ୧୫ତାରିଖରେ ପ୍ରଶାନ୍ତ ଇଡି ଅଫିସ୍‌ରେ ହାଜର ହୋଇଥିଲେ। ତାଙ୍କୁ ସେଦିନ ପଚରାଉଚରା କରାଯିବା ପରେ ପୁଣି କିଛି ଦସ୍ତାବିଜ୍ ସହ ୧୮ତାରିଖରେ ହାଜର ହେବାକୁ କୁହାଯାଇଥିଲା। ଏହି ଆଧାରରେ ଆଜି ପୁଣି ପ୍ରଶାନ୍ତ ଇଡିରେ ହାଜର ହୋଇଥିଲେ। ସେଠାରେ ତାଙ୍କୁ ୪ ଘଣ୍ଟା ପଚରାଉଚରା କରାଯାଇଥିବା ଜଣାଯାଇଛି। ପ୍ରଶାନ୍ତଙ୍କୁ ପୁଣି ହାଜର ହେବାକୁ କୁହାଯାଇଥିବା ଜଣାପଡ଼ିଛି। ଜେରା ପରେ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ ପ୍ରଶାନ୍ତ କହିଥିଲେ ଯେ ଇଡି ସମନ ଆଧାରରେ ଆଜି ସେ ଇଡିରେ ହାଜର ହୋଇ ତଥ୍ୟ ରଖିଛନ୍ତି। ସେ ଇଡିକୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ଓ ଆଗକୁ ମଧ୍ୟ କରିବେ ବୋଲି କହିଥିଲେ। ଅନ୍ୟପକ୍ଷରେ ଇଡି ଅଧିକାରୀଙ୍କ କହିବାନୁସାରେ, ଜମି କିଣାବିକା ଓ ଜମି କେଳେଙ୍କାରୀ ନେଇ ପ୍ରଶାନ୍ତଙ୍କୁ ଜେରା କରାଯାଇଛି। ଜମି କେଳେଙ୍କାରୀ ବାବଦରେ ତଥ୍ୟ ପ୍ରମାଣ ମଗାଯିବା ସହ ଟଙ୍କା ନେଣଦେଣ ନେଇ ମଧ୍ୟ ଖୋଳତାଡ଼ କରାଯାଉଛି।

# ଏସ୍‌ସିବିରୁ ସୁସ୍ଥ ହୋଇ ଫେରିଲେ ପଦ୍ମଶ୍ରୀ କମଳା ପୂଜାରୀ



**କଟକ, ୧୮ ।୩(ସମିସ):** ଏସ୍‌ସିବିରୁ ସୁସ୍ଥ ହୋଇ ଆଜି ଡିସ୍‌ଚାର୍ଜ ହେଲେ ପଦ୍ମଶ୍ରୀ କମଳା ପୂଜାରୀ। ଅସୁସ୍ଥ ହୋଇପଡ଼ିବାରୁ ମେଡିସିନ୍ ବିଭାଗ ଆଇସିୟୁରେ ଗତ ୧୨ ତାରିଖରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ରକ୍ତହୀନତା, ଜ୍ୱର ଓ ମୂତ୍ର ସଂକ୍ରମଣ ଦେଖାଦେଇଥିଲା। ଚିକିତ୍ସା ପାଇ ମେଡିକାଲ ପକ୍ଷରୁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇ ଚିକିତ୍ସା କରାଯାଉଥିଲା। ମେଡିକାଲ ପକ୍ଷରୁ ଆଜି ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କୁ କୋରାପୁଟ ପଠାଯାଇଛି। ଏନେଇ ମେଡିସିନ୍ ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ଜୟନ୍ତ ପଣ୍ଡା କହିଛନ୍ତି ଯେ ପଦ୍ମଶ୍ରୀ କମଳା ପୂଜାରୀ ଏବେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ରହୁଥିବାରୁ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏହାସହ ଠିକ୍ ସମୟରେ ଔଷଧ, ନିଜ ଖାଦ୍ୟର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ମାସରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ କୁହାଯାଇଛି। ଏବେ ଡାଏଲିସିସ୍‌ର କୌଣସି ଆବଶ୍ୟକତା ନାହିଁ। ଆଗାମୀ ଦିନରେ ଆବଶ୍ୟକ ପଡ଼ିଲେ, କୋରାପୁଟ ମେଡିକାଲରେ ଡାଏଲିସିସ୍‌ର ବ୍ୟବସ୍ଥା କରାଯିବ।

ଅନ୍ୟପଟେ ପଦ୍ମଶ୍ରୀ କମଳା ପୂଜାରୀ କହିଛନ୍ତି ଯେ ସୁସ୍ଥ ହୋଇ ବହୁତ ଖୁସି ଅନୁଭବ କରୁଛନ୍ତି। ଏସ୍‌ସିବିର ସମସ୍ତ ଡାକ୍ତର ବହୁତ ଭଲ ଏବଂ ତାଙ୍କୁ ସୁସ୍ଥ କରିଥିବାରୁ ସେ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ସୂଚନାନୁଯାୟୀ, ପଦ୍ମଶ୍ରୀ ପୂଜାରୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବା ବେଳେ ଅସୁସ୍ଥ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପାଇଁ ମେଡିକାଲର ସ୍ୱତନ୍ତ୍ର ଡାକ୍ତରୀ ଦଳ ମଧ୍ୟରେ ମେଡିସିନ୍ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ମେଡିସିନ୍ ବିଭାଗର ଡାକ୍ତର ବିଜୟ କୁମାର ବେହେରା, ନେଫ୍ରୋଲୋଜି ବିଭାଗର ଡାକ୍ତର ଅରୁଣା ଆଚାର୍ଯ୍ୟ, ନ୍ୟୁରୋଲୋଜି ବିଭାଗ ଡାକ୍ତର ଅଶୋକ ମଲ୍ଲିକ ନିୟୋଜିତ ରହିଥିଲେ।

# କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ତରୁଣ କୁମାରଙ୍କୁ ରାଷ୍ଟ୍ରୀୟ ପୁରସ୍କାର






**କୋରାପୁଟ, ୧୮ ।୩(ସମିସ):** କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ କୋରାପୁଟ ସହରର ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାଶ ରାଷ୍ଟ୍ରୀୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସିଆଇଇଟି, ଏନସିଇଆରଟି ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ଅଖିଳ ଭାରତୀୟ ଶିଶୁ ଇ-ଶିକ୍ଷଣ ସାମଗ୍ରୀ ପ୍ରତିଯୋଗିତାରେ ଭାଗନେଇ ତରୁଣ ଏହି ସମ୍ମାନ ଲାଭ କରିବା ସହ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ପ୍ଲାଷ୍ଟିକ୍ ପ୍ରଦୂଷଣ ଉପରେ ପର୍ଯ୍ୟବସିତ, ପିଏମ୍ ଶ୍ରୀକେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟ ବ୍ୟାନର୍‌ରେ ନିର୍ମିତ ତଥା ଶିକ୍ଷକ ତରୁଣଙ୍କ ଦ୍ୱାରା ହିନ୍ଦୀ ଭାଷାରେ ରଚିତ ଓ ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର 'ଦାଦାଜି କା ଥେଲା' ମେଘାଳୟର ଶିଲଂଠାରେ ମାର୍ଚ୍ଚ ୧୫ ଓ ୧୬ରେ ଆୟୋଜିତ ଦୁଇ ଦିବସୀୟ ଅଖିଳ ଭାରତୀୟ ଶିଶୁ ଇ-ଶିକ୍ଷଣ ସାମଗ୍ରୀ ପ୍ରତିଯୋଗିତାରେ ଭାଗ ନେଇ ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ବିବେଚିତ ହୋଇଛି। ନିଜ କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ଶିକ୍ଷକ ଶ୍ରୀ ଦାଶ ମେଘାଳୟ ଶିକ୍ଷାମନ୍ତ୍ରୀ ଓ ଏନସିଇଆରଟି ନିର୍ଦ୍ଦେଶକଙ୍କଠାରୁ ମାନପତ୍ର ସହ ଉପଢୌକନ ସହ ସମ୍ମାନିତ ହୋଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଧାମରାଇ ମନ୍ଦିର ପାର୍ଶ୍ୱରେ ଧସିଲା ବୈତରଣୀ

**ଭଦ୍ରକ, ୧୮ ।୩ (ସମିସ):** ଭଦ୍ରକ ଜିଲ୍ଲା ଧାମରାସ୍ଥିତ ଧାମରାଇ ମନ୍ଦିର ନିକଟରେ ବୈତରଣୀ ନଦୀବନ୍ଧ ୭୦ ଫୁଟ୍ ଧସିଛି। ଏଥିରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସୂଚନାଯୋଗ୍ୟ, ରବିବାର ରାତିରେ ଧାମରାଇ ମନ୍ଦିର ନିକଟରେ ଏହି ନଦୀବନ୍ଧ ଧସିଛି। ଗତ ଫେବୃଆରୀରେ ହବାଲିଘାଟଠାରେ ୫୦ଫୁଟର ନଦୀବନ୍ଧ ଧସିଥିଲା। ପୁନଶ୍ଚ ଧାମରାଇ ମନ୍ଦିର ନିକଟରେ ୭୦ ଫୁଟ୍ ଲମ୍ବର ନଦୀ ବନ୍ଧ ଧସିଯିବାରୁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। କେଉଁ ମୁହୂର୍ତ୍ତରେ ବାକିଥିବା ୫ଫୁଟ୍ ଓସାରର ନଦୀବନ୍ଧ ସମ୍ପୂର୍ଣ୍ଣ ଧସିଯିବ ଏବଂ ଧାମରା ପଞ୍ଚାୟତରେ ଥିବା ଚାଷଜମିକୁ ଲୁଣି ପାଣି ମାଡ଼ିଯିବ; ସେନେଇ ଲୋକେ ଆଶଙ୍କାରେ ରହିଛନ୍ତି।



ଗତ ବିଳମ୍ବିତ ରାତିରେ ଧାମରାଇ ମନ୍ଦିର ଦକ୍ଷିଣପାର୍ଶ୍ୱ ଦେଇ ଯାଇଥିବା ନଦୀବନ୍ଧର ଏକ ବଡ଼ ଅଂଶ ସମ୍ପୂର୍ଣ୍ଣ ଧସି ପଡ଼ିଥିଲା। ଏହି ନଦୀବନ୍ଧ ରାସ୍ତା ଦେଇ ଧାମରା ପଞ୍ଚାୟତର ୨ଟି ୱାର୍ଡର ବାସିନ୍ଦା ଚଳପ୍ରଚଳ କରିଥା'ନ୍ତି। ଧସିଥିବା ସ୍ଥାନରୁ ବଙ୍ଗୋପସାଗର ମୁହାଣ ମାତ୍ର ୨କିମି ହୋଇଥିବା ବେଳେ ଏହି ମୁହାଣ ସବୁ ସମୟରେ ପାଣିରେ ଭରପୂର ଥାଏ। ତେଣୁ ଜୁଆର ସମୟରେ ନଦୀବନ୍ଧ ସମ୍ପୂର୍ଣ୍ଣ ଧସିଯିବାର ଆଶଙ୍କା ଥିବାରୁ ଗ୍ରାମବାସୀମାନେ

**ନଦୀରେ ମିଶିଲା ୭୦ ଫୁଟର ନଦୀ**

ଭୟଭୀତ ଅବସ୍ଥାରେ ରହିବା କହିଛନ୍ତି। ନଦୀବନ୍ଧ ଧସିଗଲେ ଧାମରା ପଞ୍ଚାୟତରେ ଥିବା ସମସ୍ତ ଜମିରେ ଲୁଣାପାଣି ମାଡ଼ିଯିବା ସହ ବହୁ ଘରଦ୍ୱାର ସମ୍ପୂର୍ଣ୍ଣ ଭାଙ୍ଗିଯିବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକଟ କରିଛନ୍ତି। ତୁରନ୍ତ ଏହାର ମରାମତି ଦିଗରେ ପ୍ରଶାସନ ଗୁରୁତ୍ୱ ଦେବାକୁ ଶରତ ଦଳେଇ ଓ ବିଜୟ ସାହୁ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ଭଡ଼ାଘରେ ଦେହ ବେପାର, ୪ ଗିରଫ

**ବଲାଙ୍ଗିର, ୧୮ ।୩ (ସମିସ):** ଟାଉନ୍ ଥାନା ପୁଲିସ ରବିବାର ରାତିରେ ବଲାଙ୍ଗିର ସହର ଖର୍ସେଲପଡ଼ାସ୍ଥିତ ଏକ ଭଡ଼ାଘରୁ ସେକ୍ସ ରାକେଟ୍ ଠାବ କରିବା ସହ ୪ ଯୁବକଙ୍କୁ ଗିରଫ କରିଛି। ଏହାସହ ଏହି ବେଆଇନ କାରବାରରେ ଲିପ୍ତ ଥିବା ୪ ଯୁବତୀଙ୍କ ଉଦ୍ଧାର କରି ସଖୀକେନ୍ଦ୍ରକୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ହେଲେ, ପାଟଣାଗଡ଼ ଉଲବା ଗାଁର ପ୍ରିୟକାନ୍ତ ରାଉତ, ପ୍ରୀତୀଶ ଜ୍ୟୋତିଷ, ବଲାଙ୍ଗିର ସହର ବରପାଲିପଡ଼ାର ବିକାଶ ପଟେଲ ଓ ଖୋର୍ଦ୍ଧା ଜଟଣୀର ସେହବାଜ ଅବଦୁଲ୍ଲା। ଘର ମାଲିକ ଭୁବନେଶ୍ୱରରେ ରହୁଥିବା ବେଳେ ଏହି ଚାରି ଅଭିଯୁକ୍ତ ତାଙ୍କ ଘର ଭଡ଼ାରେ ନେଇ ଦୀର୍ଘ ଦିନ ଧରି ଦେହ ବ୍ୟବସାୟ ଚଳାଉ ଆସୁଥିଲେ। ତେବେ ଏହି କାରବାରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ସେନେଇ ଅଧିକ ଖୋଳତାଡ଼ ଚାଲିଥିବା ଥାନାଧିକାରୀ ବିଶ୍ୱଜିତ ମନବୋଧ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଏହି ଭଡ଼ାଘରେ ଦୀର୍ଘ ଦିନ ଧରି ଦେହ ବ୍ୟବସାୟ ଚାଲିଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଗତକାଲି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାଉନ୍ ଥାନା ଓ ଲକ୍ଷ୍ମୀଯୋର ଥାନା ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା।

**ସଖୀକେନ୍ଦ୍ରକୁ ଗଲେ ୪ ଯୁବତୀ**

**ଉଲିବୁରୁ ଖଣି ଦୁର୍ନୀତି ମାମଲା**

# ଗୁପ୍ତା ବ୍ରଦର୍ସଙ୍କୁ ଇଡିର ଜେରା

**ଭୁବନେଶ୍ୱର, ୧୮ ।୩(ସମିସ):** ଉଲିବୁରୁ ଖଣି ଦୁର୍ନୀତି ମାମଲାରେ ଆଜି ଇଡିରେ ହାଜର ହୋଇଥିଲେ ଦୁଇ ଭାଇ ଦୀପକ ଗୁପ୍ତା ଓ ଚାମ୍ପକ ଗୁପ୍ତା। ସେମାନଙ୍କୁ ପୂର୍ବରୁ ଇଡି ସମନ କରିଥିଲା। ଏହି ସମନ ଆଧାରରେ ଦୁଇଭାଇ ଦସ୍ତାବିଜ୍ ସହ ଆସିବା ପରେ ସେମାନଙ୍କୁ ଇଡି ଜେରା କରିଥିଲା। ଖଣି ଦୁର୍ନୀତି ମାମଲାରେ ଦୀପକ ଓ ତାଙ୍କ ସାନଭାଇ ଚାମ୍ପକଙ୍କୁ ୬ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଘନଘନ ଜେରା କରିଥିବା ଜଣାପଡ଼ିଛି। ଉଭୟଙ୍କୁ ମଧ୍ୟ ମୁହାଁମୁହିଁ ଜେରା କରିଥିଲା ଇଡି। ୧୮ଶହ କୋଟି ଦୁର୍ନୀତି ମାମଲାର ଖୋଳତାଡ଼ କରୁଛି ଇଡିର ସ୍ୱତନ୍ତ୍ର ଟିମ୍। ଦୁଇ ସପ୍ତାହ ତଳେ କୋଲକାତା ଓ ଓଡ଼ିଶାର ମୋଟ ୧୨ଟି ସ୍ଥାନରେ ଏନେଇ ଇଡି ଚଢ଼ଉ କରିଥିଲା। ଏଥିରେ ଭଲଭୋ କାର, ୧ କୋଟି ୨୪ ଲକ୍ଷ ଟଙ୍କାର ସୁନାଗହଣା, ୩୦ଲକ୍ଷ ଟଙ୍କା ଓ ୧କୋଟି ୨୩ ଲକ୍ଷ ଟଙ୍କାର ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଥିଲା ଇଡି। ଏହି ମାମଲାରେ ୩୭୯କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିବା ପାଇଁ ଇଡି ପିଏମଏଲଏ କୋର୍ଟରେ ଆବେଦନ କରିଥିବା ବେଳେ କୋର୍ଟ ତାକୁ ଗ୍ରହଣ କରିଥିଲା। ପୂର୍ବରୁ କୋଲକାତାରେ ଚଢ଼ଉ ସହ କେନ୍ଦୁଝରର ବଡ଼ବିଲ, ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱରରେ ବି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢ଼ଉ କରିଥିଲା। ଏହି ମାମଲାରେ ଜଙ୍ଗଲ ଏବଂ ଖଣି ଆଇନକୁ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଥିଲା। ନିର୍ଦ୍ଧାରିତ ସୀମା ବାହାରକୁ ଯାଇ ଜଙ୍ଗଲ ଅଞ୍ଚଳରେ ଖୋଳାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଲିଙ୍କ୍‌ରେ ଭିଜିଲାନ୍ସ ୨୯ଜଣଙ୍କ ନାଁରେ ଚାର୍ଜସିଟ୍ ଦେଇଥିଲା। ଇଡି ଏହି ଲିଙ୍କ୍‌ରେ ମନି ଲଣ୍ଡରିଂ ମାମଲା ରୁଜୁ କରି କୋଟିକୋଟି ଟଙ୍କାର ସମ୍ପତ୍ତି ବ୍ୟାଜାପ୍ତି କରିଥିଲା। ଏହି ଲିଙ୍କ୍‌ରେ କିଛି ବ୍ୟବସାୟୀଙ୍କ ଘରେ ବି ଇଡି ଚଢ଼ଉ କରିଥିଲା।

**ପୂର୍ବରୁ କୋଲକାତା ସମେତ ଓଡ଼ିଶାରେ ଇଡ଼ି ଚଢାଉ କରିଥିଲା**

# ଫେରାର୍ ଗଞ୍ଜେଇ ମାଫିଆଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନୋଟିସ୍

**ବୌଦ୍ଧ, ୧୮ ।୩ (ସମିସ):** ବୌଦ୍ଧ ଜିଲ୍ଲା ବ୍ରାହ୍ମଣୀପାଲି ପଞ୍ଚାୟତ ତଥା ବାଉଁଶୁଣୀ ଥାନା ତାଲଗରି ଗ୍ରାମର ଗଞ୍ଜେଇ ମାଫିଆ ସୁଶାନ୍ତ ମଲ୍ଲିକ(୩୬)ଙ୍କୁ ବୌଦ୍ଧ ଜିଲ୍ଲା ଜଜ୍ ପଳାତକ ଘୋଷଣା କରିଛନ୍ତି। କୋର୍ଟ ଆଦେଶ ଅନୁସାରେ ଗ୍ରାମରେ ସାର୍ବଜନୀନ ନୋଟିସ୍ ଜାରି କରାଯାଇଛି। ବାଉଁଶୁଣୀ ଥାନା ପୁଲିସ ଗ୍ରାମରେ ଡାକବାଜି ଯନ୍ତ୍ର ଯୋଗେ ଡେଙ୍ଗୁରା ଦେଇ ନୋଟିସ୍ ମାରିଛି। ୩୦ଦିନ ମଧ୍ୟରେ ଅଭିଯୁକ୍ତ ସୁଶାନ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତ କିମ୍ବା ବାଉଁଶୁଣୀ ଥାନାରେ ହାଜର ନ ହେଲେ, ତାଙ୍କର



ସମସ୍ତ ସ୍ଥାବରଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରାଯିବ। ସୂଚନାଯୋଗ୍ୟ, ୨୦୨୦ରେ ଏକ ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ସୁଶାନ୍ତ ଫେରାର ଥିବା ବେଳେ ଅଦାଲତ ତାଙ୍କୁ ପଳାତକ ଘୋଷଣା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨ ଦିନ...

ଦକ୍ଷିଣରୁ ଆନ୍ଧ୍ର ଦେଇ ବଙ୍ଗୋପସାଗରୀୟ ଆର୍ଦ୍ର ପବନ ବହିବା ହେତୁ ଉପର ବାୟୁମଣ୍ଡଳରେ ଅସ୍ଥିରତା ଦେଖାଯାଉଛି, ଯାହାଦ୍ୱାରା କାଳବୈଶାଖୀ ସ୍ଥିତି ସୃଷ୍ଟି ହେବା ପାଇଁ ପାଗ ଅନୁକୂଳ ରହୁଛି। ଏହି ସ୍ଥିତି ଯୋଗୁଁ ଉପକୂଳରେ ୧୮-୨୦, ଦକ୍ଷିଣ ଆଭ୍ୟନ୍ତରୀଣରେ ୧୯-୨୦, ଦକ୍ଷିଣ ଉପକୂଳ (ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ରାୟଗଡ଼ା) ରେ ୧୯-୨୧ ବର୍ଷା ହେବାର ସମ୍ଭାବନା ରହିଛି। ୧୯ ଓ ୨୦ରେ ମୁଖ୍ୟତଃ ବର୍ଷା ହେବ। ୧୯ରେ ଦକ୍ଷିଣ ଆଭ୍ୟନ୍ତରୀଣରେ ଗୋଟିଏ ଦୁଇଟି ସ୍ଥାନରେ କୁଆପଥର ବର୍ଷା ହୋଇପାରେ। ସେହିପରି ୨୦ ଓ ୨୧ରେ ଗଞ୍ଜାମ ଓ ଗଜପତିରେ ମଧ୍ୟମରୁ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି। ଏହା ସହ ଶୁକ୍ରବାରଠାରୁ ତାପମାତ୍ରାରେ ବଢ଼ିବ ଓ ୨୪ ତାରିଖ ବେଳକୁ ତାପମାତ୍ରା ୩୮ ଡିଗ୍ରୀରୁ ଅଧିକ ପହଞ୍ଚିବ ପ୍ରଫେସର ପଶୁପାଳକ କହିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଓ ଯାଜପୁର ଆଦିରେ ବିଜୁଳି ଘଡ଼ଘଡ଼ି ସହ ୪୫-୫୫ କିମି ପର୍ଯ୍ୟନ୍ତ ପବନ ବହିବାର ଆଶଙ୍କା ରହିଛି। ଏହା ବ୍ୟତୀତ କଟକ, ଗଞ୍ଜାମ, ନୟାଗଡ଼, କନ୍ଧମାଳ, ଖୋର୍ଦ୍ଧା ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ (୭-୧୧) ସେମି ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଜପତି, ସୁନ୍ଦରଗଡ଼ ଓ ଦେବଗଡ଼ରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ବହିବା ନେଇ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

### କ୍ଷେତ୍ରରେ ପହଞ୍ଚିବାକୁ...

ବିହିତ ପଦକ୍ଷେପ ନେଉଛନ୍ତି। '୫-ଟି' ଉପକ୍ରମ ପ୍ରତ୍ୟେକ ରାଜ୍ୟବାସୀଙ୍କ ଜୀବନକୁ ପ୍ରଭାବିତ କରିଛି। ଲୋକଙ୍କ ମତ ଆଧାରରେ ସରକାର ପ୍ରକଳ୍ପ ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଗାମୀ ୧୦ ବର୍ଷ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ନୂଆ ଏବଂ ସଶକ୍ତ ଓଡ଼ିଶା ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ଶାଣିତ କରିବାକୁ ହେବ। ତେଣୁ କାଳବିଳମ୍ବ ନ କରି ନିଜ ନିଜ ଅଞ୍ଚଳରେ ନିର୍ବାଚନ କାର୍ଯ୍ୟ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନିର୍ବାଚନ ପ୍ରସ୍ତୁତି, ରଣନୀତି ନିର୍ଦ୍ଧାରଣ ଓ କ୍ଷେତ୍ରରେ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ନବୀନ ନିବାସ ଓ ଶଙ୍ଖ ଭବନରେ ଦୁଇଟି 'ୱାର୍ ରୁମ୍' ବା ମନିଟରିଂ ସେଲ୍‌ଫ ଖୋଲିବାକୁ ବିଜେଡି ସଭାପତି ପରାମର୍ଶ ଦେବା ପରେ ଏହାକୁ ଆଜିଠାରୁ କାର୍ଯ୍ୟକାରୀ କରାଯାଇଛି। ଲୋକସଭା ଓ ବିଧାନସଭା କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରୁଥିବା ପର୍ଯ୍ୟବେକ୍ଷକମାନେ ପ୍ରତି ସନ୍ଧ୍ୟାରେ ଏହି ନିୟନ୍ତ୍ରଣ କକ୍ଷ ସହ ଯୋଗାଯୋଗ କରି ରିପୋର୍ଟ ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ ନିଜେ ଏହାକୁ ଅନୁଧ୍ୟାନ କରି ଆବଶ୍ୟକୀୟ ପରାମର୍ଶ ଦେବେ ବୋଲି କହିଛନ୍ତି। ଅନୁରୂପ ଭାବରେ ଆସନ୍ତାକାଲିଠାରୁ ମଧ୍ୟ ପ୍ରତିଦିନ ୨ଟି ଲେଖାଏଁ ଲୋକସଭା ଓ ୧୪ଟି ଲେଖାଏଁ ବିଧାନସଭା କ୍ଷେତ୍ରର ସମୀକ୍ଷା ମୁଖ୍ୟମନ୍ତ୍ରୀ କରିବେ ବୋଲି ସୂଚନା ମିଳିଛି।

ଆଜି ପୁରୀ ଜିଲ୍ଲା ବୈଠକରେ ମନ୍ତ୍ରୀ ତଥା ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ, ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା, ବିଧାୟକ ଡ଼ ଅରୁଣ କୁମାର ସାହୁ, ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା, ଅରୂପ ପଟ୍ଟନାୟକ, ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ସୁନୀଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଦ୍ୱିତୀୟ ବୈଠକରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଧାୟକ ଧ୍ରୁବ ଚରଣ ସାହୁ, ବିଧାୟକ ଶଶୀଭୂଷଣ ବେହେରା, ଅଂଶୁମାନ ମହାନ୍ତି, ଅରବିନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବଜ୍ରପାତରେ ଜୀବନ୍ତ...

ହୋଇଥିଲା। ଏଥିରେ କୁଡ଼ିଆଟି ସମ୍ପୂର୍ଣ୍ଣ ଜଳିଯିବା ସହ ରଞ୍ଜନ ମଧ୍ୟ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ସେଠାରେ ପହଞ୍ଚି ହୁରୁହୁରୁ ହୋଇ ଜଳୁଥିବା ରଞ୍ଜନଙ୍କ ଶରୀର ଉପରେ ପାଣି ଢ଼ାଳି ନିଆଁ ଲିଭାଇଥିଲେ। କିନ୍ତୁ ସେତେବେଳକୁ ରଞ୍ଜନଙ୍କ ଶରୀର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ରଞ୍ଜନଙ୍କ ଦଗ୍ଧ ଶରୀରକୁ ଉଦ୍ଧାର କରି ଲୋକେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଭୋଗରାଇ ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

### ରିଲ୍‌ସ କରୁଥିବା...

ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଏହା ଦେଖି ତାଙ୍କ ସହ ଥିବା ଅନ୍ୟ ସାଥୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ଆରପିଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପ୍ରକାଶଯୋଗ୍ୟ, ଅକ୍ଷୟଙ୍କ ସମେତ ଅନ୍ୟ ଯୁବକମାନେ ନିକଟରେ ପଡ଼ିଥିବା ଏକ ଯାତ୍ରାଦଳର ନୃତ୍ୟ କଳାକାର ଭାବେ କାର୍ଯ୍ୟ କରୁଥିଲେ ବୋଲି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି।

### ଦୁଇ ଦଶନ୍ଧି ପରେ...

ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର କହିଛନ୍ତି ଯେ ଏହି ବାଘ ବଣାଇଁ ବନଖଣ୍ଡ ବରସୁଆଁ ରେଞ୍ଜ ଅନ୍ତର୍ଗତ ତୋଡ଼ା ସଂରକ୍ଷିତ ଜଙ୍ଗଲରେ ଠାବ ହୋଇଛି। ଦୀର୍ଘ ୨୫ବର୍ଷ ପରେ ପ୍ରଥମଥର ପାଇଁ ବଣାଇଁ ବନଖଣ୍ଡରେ ବାଘ ଦେଖିବାକୁ ମିଳିଛି। ବଣାଇଁ ରେଞ୍ଜର ବିଭିନ୍ନ ଜଙ୍ଗଲରେ ୧୦୦ରୁ ଊର୍ଦ୍ଧ୍ୱ କ୍ୟାମେରା ଲଗାଯାଇ ଜୀବଜନ୍ତୁମାନଙ୍କ ଗତିବିଧି ଲକ୍ଷ୍ୟ କରାଯାଉଥିବା ବେଳେ ଗତ ଫେବୃଆରୀ ୨୬ ଏବଂ ୨୭ ଦୁଇ ଦିନ ଧରି ତୋଡ଼ା ସଂରକ୍ଷିତ ଜଙ୍ଗଲରେ ଏହି ମହାବଳ ବାଘ କ୍ୟାମେରାରେ କଏଦ୍ ହୋଇଥିଲା। ଆଜି କ୍ୟାମେରାର ଉତ୍ତୋଳନ ଫଟୋ ଯାଞ୍ଚ କରିବାରୁ ସେଥିରେ ଏହା ସ୍ପଷ୍ଟ ହୋଇଥିଲା। ବରସୁଆଁ ଏବଂ କୋଇଡ଼ା ରେଞ୍ଜରେ ୧୫୭୨୨, ୮୬୯ ହେକ୍ଟର ପରିମିତ ସଂରକ୍ଷିତ ଜଙ୍ଗଲରେ ଲଗାଯାଇଥିବା କ୍ୟାମେରାରେ ୧୨ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀମାନଙ୍କ ଫଟୋ ସହ ଏହି ବାଘର ଫଟୋ କଏଦ୍ ହୋଇଥିଲା। ଆଗକୁ ବାଘର ଗତିବିଧି ନିରୀକ୍ଷଣ କରିବା ପାଇଁ ତୋଡ଼ା ଜଙ୍ଗଲରେ ଆହୁରି ୪୦ କ୍ୟାମେରା ଲଗାଯିବ। ଏହାସହ ଆଜିଠାରୁ ସେହି ଅଞ୍ଚଳରେ ବସବାସ କରୁଥିବା ସମସ୍ତଙ୍କୁ ସଚେତନ କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

### ଗୁଣି ସନ୍ଦେହରେ...

ମୃତ୍ୟୁ ଓ ଦେହ ଖରାପ ହେଉଛି ବୋଲି ଅଭିଯୋଗ କରି ଗତ ୪ତାରିଖରେ ଗୁମାଳଦାନୀ ଗାଁରେ ଏକ ବୈଠକ ବସିଥିଲା। ବୈଠକରେ ଉପରୋକ୍ତ ଅଭିଯୁକ୍ତମାନେ ମଧ୍ୟ ଉପସ୍ଥିତ ଥିଲେ। ସେଠାରେ ଏହି ଦମ୍ପତିଙ୍କୁ ମାରିବା ପାଇଁ ଯୋଜନା ହୋଇଥିଲା। ଗ୍ରାମବାସୀଙ୍କଠାରୁ ୪୦ ହଜାର ଟଙ୍କା ନେଇ ମୁଖ୍ୟ ଅଭିଯୁକ୍ତ ସୁନୀଲ ଦିଗାଲ ଦୁହିଁଙ୍କୁ ହତ୍ୟା କରିବା ପାଇଁ ରାଜି ହୋଇଥିଲା।

ଯୋଜନାନୁସାରେ, ସୁନୀଲ ଗତ ୭ ତାରିଖ ରାତିରେ ଫୁଲବାଣୀରୁ ଆସି ଗାଁରେ ପହଞ୍ଚିଥିଲା। ଜ୍ୟାକେଟ୍‌ରେ ଏକ ହାତୁଡ଼ି ଲୁଚାଇ ସେ ବତାସୀଙ୍କ ଘର ପାଖକୁ ଯାଇଥିଲା। ମା' ଦେହ ଖରାପ ଅଛି ବାହାନାରେ ବତାସୀଙ୍କୁ ଘରୁ ଡାକିଆଣି ବାଟରେ ହାତୁଡ଼ିରେ ବତାସୀଙ୍କ ମୁଣ୍ଡ ଓ ମୁହଁକୁ ଛେଚି ହତ୍ୟା କରିଥିଲା। ପରେ ସେ ପୁଣି ତାହିରା ପାଖକୁ ଯାଇଥିଲା। ସୁନୀଲର ରକ୍ତମୁଖା ବେଶ ଦେଖି ତାହିରା ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ହେଁ ତା' କବଳରୁ ବର୍ତ୍ତି ପାରିନଥିଲେ। ସୁନୀଲ ଉକ୍ତ ହାତୁଡ଼ିରେ ତାହିରାଙ୍କ ମୁଣ୍ଡକୁ ମଧ୍ୟ ପିଟିପିଟି ଅତି ବୀଭତ୍ସ ଭାବେ ହତ୍ୟା କରିଥିଲା ଏବଂ ସେହି ଜାଗାରେ ହାତୁଡ଼ିକୁ ଫିଙ୍ଗି ପଳାଇଥିଲା ବୋଲି ଏସ୍‌ପି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗୋଛାପଡ଼ା ଥାନା ଅନ୍ତର୍ଗତ ସଲାଗୁଡ଼ା ପଞ୍ଚାୟତର ବଦାପାଜୁ ନିକଟସ୍ଥ ଗୀଡ଼ାପଦରର କାଡାଗାଟାଠାରୁ କିଛି ଦୂରରେ ଏକ ଅସ୍ଥାୟୀ ଘରେ ଏହି ପୂର୍ବତନ ୱାର୍ଡସଭ୍ୟ ଦମ୍ପତି ରହୁଥିଲେ। ଆଖପାଖରେ ଆଉ କାହାର ଘର ନଥିବା ବେଳେ ଘଟଣା ଦିନ ସନ୍ଧ୍ୟାରେ ଉଭୟଙ୍କୁ ହତ୍ୟା କରାଯାଇଥିଲା। ମାଓପ୍ରବଣ ଇଲାକା ହୋଇଥିବାରୁ ଏହା ମାଓବାଦୀଙ୍କ କାଣ୍ଡ ବୋଲି ପ୍ରଥମେ ଆଲୋଚନା ହୋଇଥିଲା।

■ ପୁରୁଣା ଅଠରନଳା ସେତୁ ବନ୍ଦ ଓ ନୂତନ ସେତୁରେ ଫୁଟ୍‌ପାଥ୍ ନଥିବା ମାମଲା

# ପଥଚାରୀଙ୍କ ପାଇଁ କ'ଣ ସୁବିଧା ଉପଲବ୍ଧ ହୋଇପାରିବ ଜଣାଅ: ହାଇକୋର୍ଟ

**କଟକ, ୧୮ ।୩(ସମିସ):** ପୁରୀର ଅନ୍ୟତମ ପ୍ରବେଶ ଦ୍ୱାର କୁହାଯାଉଥିବା ପୁରୁଣା ଅଠରନଳା ସେତୁକୁ ବନ୍ଦ କରିଦିଆଯିବା ଏବଂ ନିର୍ମିତ ହୋଇଥିବା ନୂତନ ଡାଇଭରର୍ସନ ବ୍ରିଜରେ ପାଦଚଲା ରାସ୍ତା ନଥିବାରୁ ପଥଚାରୀମାନେ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ନୂତନ ଡାଇଭର୍ସନ୍ ବ୍ରିଜ୍‌ରେ ପଥଚାରୀଙ୍କ ଯାତାୟାତ ପାଇଁ କ'ଣ ତ୍ୱରିତ ସୁବିଧା ଉପଲବ୍ଧ କରାଯାଇପାରିବ ତାହା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହି ପ୍ରସଙ୍ଗରେ ପୁରୀ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସତ୍ୟପାଠ ଦାଖଲ କରିବେ ବୋଲି ଅଦାଲତ କହିଛନ୍ତି। ଆଇନଜୀବୀ କେଳୁଚରଣ ପାଇକରାୟଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପୁରୁଣା ଅଠରନଳା ସେତୁକୁ ପଥଚାରୀଙ୍କ ପାଇଁ ବନ୍ଦ କରାଯିବା ପ୍ରସଙ୍ଗରେ ଏଏସ୍‌ଆଇକୁ ମଧ୍ୟ ହାଇକୋର୍ଟ ଜବାବ ଦାଖଲ କରିବାକୁ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବରୁ ଏକ ସତ୍ୟପାଠ ଦିଆଯାଇଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା କି ମୂଷା ନଦୀର ଅଠରନଳା ଠାରେ ଡାଇଭର୍ସନ୍ ସେତୁ ନିର୍ମାଣ କରାଯାଇଛି। ସେତୁରେ ପଥଚାରୀଙ୍କ ଯାତାୟତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇନଥିଲା। ଏଏସ୍‌ଆଇ ଅଧୀନରେ ଥିବା ପୁରୁଣା ଅଠରନଳା ବ୍ରିଜ୍ ଦେଇ ପଥଚାରୀ ଯାଆସ କରୁଥିଲେ। ହେଲେ ଗତ ୨୦୨୦ ଜାନୁଆରୀରୁ ଏଏସ୍‌ଆଇ ଉପରୋକ୍ତ ସେତୁକୁ ବନ୍ଦ କରିଦେଇଥିଲା। ଏଏସ୍‌ଆଇକୁ ପୁରୁଣା ଅଠରନଳା ବ୍ରିଜକୁ ପଥଚାରୀଙ୍କ ଯାତାୟାତ ପାଇଁ ଖୋଲିବାକୁ ରାଜ୍ୟ ସରକାର ଚିଠି ଲେଖି ଅନୁରୋଧ କରିଥିଲେ ବୋଲି ସତ୍ୟପାଠରେ ଉଲ୍ଲେଖ ରହିଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୨୭କୁ ଧାର୍ଯ୍ୟ ହୋଇଛି।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
I, Ansika Jalan, D/o- Ashok Kumar Jalan, resident of At-Mungapada, Ps-Jharsuguda, Dist-Jharsuguda, Pin-768201, Odisha declare by this affidavit No-477, date- 13/03/2024, that now onwards I shall be known as **ANSHIKA JALAN** for all future purposes.

**AFFIDAVIT**
I, Bishnu Mahal, S/o- Ankuri Mahal, resident of Barikul, Purusottampur, Barikul, Jajpur Pin-755014, Odisha declare by this affidavit No.516, dated- 05/03/2024, that now onwards I Shall be known as **BISHNU CHARAN MAHAL** for all future purposes.

ସକାଳ THE SAKALA



## ଯାଦବଭବନ ନିର୍ମାଣ ମଞ୍ଜୁର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସଂଘର କୃତଜ୍ଞତା

**ସମ୍ବଲପୁର, ୧୮।୩(ସମିସ):** ବ୍ରୁକ୍ସହିଲ୍ ସ୍ଥିତ ରାମ ମନ୍ଦିର ପ୍ରାଙ୍ଗଣରେ ସମ୍ବଲପୁର ଯାଦବ ସଂଘର ସଭାପତି ଭୋଲାଶଙ୍କର ମହତମଙ୍କ ସଭାପତିତ୍ୱରେ ଗତକାଲି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଯାଦବ ଭବନ ନିର୍ମାଣ ପାଇଁ ଭୁବନେଶ୍ୱରରେ ରାଜ୍ୟ ସରକାର ଅଧା ଏକର ଜମି ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଉତ୍କଳ ଯାଦବ ମହାସଭାର ସଭାପତି ଆଶୀର୍ବାଦ ବେହେରାଙ୍କୁ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଆସନ୍ତା ଦୋଳ ଉତ୍ସବ ମହାସମାରୋହରେ ପାଳନ ପାଇଁ ସ୍ଥିର ହୋଇଥିଲା। ଶେଷରେ ନୂଆ କରି ସମ୍ବଲପୁର ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତ ହୋଇଥିବା ବିଜୟାଲକ୍ଷ୍ମୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ବୈଠକରେ ସଂଘର ସାଧାରଣ ସମ୍ପାଦକ ହେମନ୍ତ ଗହୀର, ଯୁଗ୍ମ ସମ୍ପାଦକ ଗୁଣନିଧି ରାଉତ, କୋଷାଧ୍ୟକ୍ଷ ଜାୟକିଶୋର ଜାଲ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ବାଗ, ସୁରେନ୍ଦ୍ର କୁମାର ବଗର୍ତ୍ତୀ, ବରିଷ୍ଠ ସଦସ୍ୟ ବଳରାମ ମଟାରୀ, ନରସିଂହ ବଗର୍ତ୍ତୀ, ଶିବଶମ୍ଭୁ ଯାଦବ, ଲୋକନାଥ ବଗର୍ତ୍ତୀ, ଗୋରେଖନାଥ ଚାଅଁର, ଲେଲୁର୍ଯ୍ୟ ନାଗ, କାନନ ନାଗ, ହରିହର ଷଣ୍ଢ, ନବ ଜାଲ, ନିଖିଳ ନାଗ, ରାଜୁ ପୋଢ଼ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



### ବିଜେପି ନେତାଙ୍କ ଘରୋଇ ସହାୟିକାଙ୍କ ଦରପୋଡ଼ା ଶବ ଜବତ ଘଟଣା

## ସମ୍ବେଦନଶୀଳ ଘଟଣାରେ ପୁଲିସର ଖାମଖିଆଲି ମନୋଭାବ

**ସମ୍ବଲପୁର, ୧୮।୩(ସମିସ)**

ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ହୀରାକୁଦର ସୀମାଞ୍ଚଳ ଖଟେଇଙ୍କ ଘରୋଇ ସହାୟିକା ଶଶୀ ପାଗଡ଼ (୫୫)ଙ୍କ ନଗ୍ନ ଅବସ୍ଥାରେ ଅର୍ଦ୍ଧଦଗ୍ଧ ମୃତଦେହ ଫେବୃଆରୀ ୧୦ ତାରିଖ ଶାସନ ଥାନା ଅର୍ନ୍ତଗତ ହୀରାକୁଦ ଡ୍ୟାମ ବାମ ଡାଇକ୍ ବଲବସପୁର ଗ୍ରାମ ରାସ୍ତା ପାର୍ଶ୍ୱରୁ ପୁଲିସ ଜବତ କରିଥିଲା। ଏଭଳି ସମ୍ବେଦନଶୀଳ ଘଟଣାକୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ହେଲେ ପୁଲିସ କେବଳ ତଦନ୍ତ କରୁଥିବା ନେଇ ବାହାନା କରୁଛି। ଜଣେ ମହିଳାଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ପୋଡ଼ିଦେବା ଭଳି ଘଟଣାରେ ଖାମଖିଆଲି ମନୋଭାବ ଦେଖାଉଥିବା ଜଣାପଡୁଛି। ଘଟଣାରେ ରାଜନୈତିକ ଚାପ ନା ଅପାରଗତା ବୋଲି ଆଲୋଚନା ହେଉଛି। କାରଣ ଦିନ ବିତିଯାଉଥିଲେ ଅଭିଯୁକ୍ତମାନେ ପ୍ରମାଣ ନଷ୍ଟ କରିବାରେ ସଫଳ ହୋଇପାରିବେ ବୋଲି



ଲୋକମାନେ କହୁଛନ୍ତି। ଘଟଣାରେ ଏପର୍ଯ୍ୟନ୍ତ ରାଜନେତାଙ୍କ ଠାରୁ ଆରମ୍ଭ କରି ମୃତ ଶଶୀଙ୍କ ପରିବାର, ପଡ଼ାବାସୀଙ୍କୁ ପଚରାଉଚୁରା କରିଛି। ହେଲେ ସୁରାକ ପାଇପାରୁ ନାହିଁ। ଦିନ ଗଡୁଛି ପରିବାର ବର୍ଗ ନ୍ୟାୟ ଅପେକ୍ଷାରେ ଚାହିଁ ବସିଛନ୍ତି। ପୁଲିସ ଟିମ ଗଠନ କରାଯାଉଥିବା କୁହାଯାଉଥିଲା। ହେଲେ ଲାଭ ମିଳି ପାରିଲା ନାହିଁ। କେଉଁମାନେ ହତ୍ୟାକଲେ କାରଣ ସ୍ୱଷ୍ଟ ହୋଇପାରିନାହିଁ। ତେଣୁ ପୁଲିସ ପାରିବା ପଣିଆକୁ ନେଇ ଲୋକମାନେ ପ୍ରଶ୍ନ କରୁଛନ୍ତି। ଏ ସମ୍ପର୍କରେ ସଦରଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି, ଏହା ହତ୍ୟା ଘଟଣା। ତେଣୁ ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ପ୍ରମାଣ ତଥ୍ୟ ସଂଗ୍ରହ କରାଯାଉଛି। ବିଳମ୍ବ ହୋଇପାରେ ହେଲେ ଯେଭଳି ନିର୍ଦ୍ଦୋଷରେ କେହି ଗିରଫ ନ ହେବେ ସେନେଇ ଚେଷ୍ଟା କରାଯାଉଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ଫେବୃଆରୀ ୧୦ତାରିଖ ଶଶିଙ୍କ ମୃତଦେହ ଜବତ ହୋଇଥିଲା। ମୁହଁରେ ନିଆଁ ଲଗାଇ କେହି ପୋଡ଼ି ଦେଇଥିଲା। ଲୋକମାନେ ଥାନା ଘେରଉ କରି ପୁଲିସକୁ ଦାୟୀ କରିଥିଲେ। ୩ ଦିନ ଭିତରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ମହଲତ ଦେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ଶୁକ୍ରବାର ସନ୍ଧ୍ୟା ସମୟରୁ ଶଶୀ ନିଖୋଜ ଥିଲେ। ପରିବାର ପକ୍ଷରୁ ଏ ସମ୍ପର୍କରେ ପୁଲିସରେ ଅଭିଯୋଗ କରିବାରେ ୨୪ଘଣ୍ଟା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁଲିସ କହିଥିଲା। ପୁଲିସର ଅବହେଳା ଯୋଗୁ ଶଶୀଙ୍କୁ ହତ୍ୟା କରି ଅଭିଯୁକ୍ତମାନେ ଫିଙ୍ଗି ଦେବାରେ ସଫଳ ହେଲେ ବୋଲି ପରିବାର ଲୋକ ଅଭିଯୋଗ କରିବା ସହ ଶତାଧିକ ପୁରୁଷ ଓ ମହିଳା ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଶଶୀଙ୍କ ପୁଅ ମଣ୍ଟୁଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରିଥିଲା।

## ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ବୁର୍ଲା, ୧୮।୩(ସମିସ):** ବୁର୍ଲା ଥାନା ଅନ୍ତର୍ଗତ ଅନ୍ଧାରିପତ୍ରା ଗାଁର ଜଣେ ବିବାହିତ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯ୍ୟାତନା ଦେବା ସହ ମାଡପିଟ କରୁଥିବା ଅଭିଯୋଗ ହୋଇଛି। ଏହା ସହ ମହିଳାଙ୍କୁ ତାଙ୍କ ବାପଘର ଅନ୍ଧାରିପତ୍ରାରେ ଛାଡି ଦେଇ ଛୋଟ ପୁଅକୁ ମହିଳାଙ୍କଠାରୁ ନେଇଯିବାକୁ ବାରମ୍ବାର ପ୍ରୟାସ କରୁଥିବା ଅଭିଯୋଗ ହୋଇଛି। ଏନେଇ ମହିଳା ଜଣକ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଅନ୍ଧାରିପତ୍ରାର ୨୦ ବର୍ଷିୟା ମହିଳା ଜଣକ ଧନୁପାଲି ଥାନା ଅନ୍ତର୍ଗତ ଖଣ୍ଡୁଆଳରେ ବିବାହ କରିଥିଲେ। ତେବେ ମହିଳାଙ୍କ ସ୍ୱାମୀ ଜଣେ କଳାକାର ହୋଇଥିବାବେଳେ ସେ ଅନେକ ଝିଅଙ୍କ ସହ ପ୍ରେମ ସମ୍ପର୍କ ରଖି ମହିଳାଙ୍କୁ ମାଡପିଟ କରି ବାପଘରେ ଛାଡିଦେଇଥିବା ଅଭିଯୋଗ ହୋଇଛି। ଏହା ସହ ଛୋଟ ପୁଅକୁ ମଧ୍ୟ ଛଡାଇନେବାକୁ ବାରମ୍ବାର ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି।

## ମିକ୍ସଚର ଓ ବିସ୍କୁଟ ଚୋରି ଅଭିଯୋଗରେ ଗିରଫ

**ବୁର୍ଲା, ୧୮।୩(ସମିସ):** ବୁର୍ଲା ଥାନା ଗୋଶାଳା ଫାଣ୍ଡି ଅନ୍ତର୍ଗତ ଗୋଶାଳା ଛକରେ ଥିବା ଏକ ଦୋକାନରୁ ମିକ୍ସଚର ଓ ବିସ୍କୁଟ ସହ କିଛି ଟଙ୍କା ଚୋରି ଅଭିଯୋଗରେ ନାବାଳକ ସମେତ ୨ ଗିରଫ ହୋଇଛି। ବୁର୍ଲା ପୁଲିସ ନାବାଳକକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ଜଣକ ହେଲେ ବୁର୍ଲା କଲପଡ଼ାର ଆଲୋକ ସୁନା। ସୂଚନା ଅନୁସାରେ ଗତ ୨୦୨୩ ଡିସେମ୍ବର ମାସରେ ଆଦିନ୍ଦ୍ର ଭବସାଗରଙ୍କ ଦୋକାନ ଘରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଟ୍ରେନ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୧୮।୩(ସମିସ):** ରେଢାଖୋଲ ଷ୍ଟେସନରେ ଜଣେ ଯୁବକ ରାଜଧାନୀ ଏକ୍ସପ୍ରେସ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଜିଆର ପି ସୂଚନା ଦେଇଛି। ଖବର ଲେଖିବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳି ପାରିନାହିଁ। ଟ୍ରେନଟି ଅପରାହ୍ନ ୪ଟା ବେଳେ ଆସୁଥିବା ବେଳେ ଯୁବକ ଜଣଙ୍କ ସାମ୍ନାକୁ ଡେଇଁ ଆତ୍ମହତ୍ୟା କରିଥିଲେ।

## ଥାନା ନିକଟରୁ ବାଇକ ଚୋରି, ୨ଗିରଫ

**ସମ୍ବଲପୁର, ୧୮।୩(ସମିସ):** ଧନୁପାଲି ଥାନା ନିକଟରେ ଥିବା ସାଇ ମନ୍ଦିର ସମ୍ମୁଖରୁ ଏକ ବାଇକ(ଓଡି୧୫ୱାଇ୧୨୯୭) ଚୋରି ହୋଇଥିବା ଘଟଣାରେ ଛତିଶଗଡ଼ କନି ଥାନାର କରଣ ପଟେଲ ଓ ଦେବେସ ସାହୁଙ୍କୁ ପୁଲିସ ଗିରଫ କରିଛି। ସୂଚନାଯୋଗ୍ୟ, ଯୁଯୁମୁରା ଥାନା ବୁଡିଆକଟା ଗାଁର ଆକାଶ ହର ଧନୁପାଲି ସ୍ଥିତ ସାଇ ମନ୍ଦିର ପାଖରେ ଥିବା ତାଙ୍କ ଶଶୁର ଘରକୁ ଆସିଥିଲେ। ମନ୍ଦିର ସମ୍ମୁକରେ ବାଇକ ପାର୍କିଂ କରି ଶଶୁର ଘରକୁ ଯାଇଥିଲେ। ହେଲେ କେହି ଜଣେ ଦୁର୍ବୃତ୍ତ ଗାଡି ଚୋରି କରି ନେଇଥିବା ଥାନାରେ ଅଭିଯୋଗ କରିଥିଲେ।

## ବାପାଙ୍କୁ ବଡ଼ପୁଅର ଆକ୍ରମଣ

**ସମ୍ବଲପୁର, ୧୮।୩(ସମିସ):** କ୍ଷେତରାଜପୁର ଥାନା ବଙ୍ଗଲାପଡ଼ାର ଏକ ବ୍ୟକ୍ତିଙ୍କୁ ନିଜ ବଡ ପୁଅ ଗାଳିଗୁଲଜ ସହ ମାଡ ମାରିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ଗତ କାଲି ଅପରାହ୍ନ ୨ଟା ବେଳେ ଘରୋଇ କଥାନେଇ ବାପା, ପୁଅ ଓ ବୋହୁ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ଅଧିକ ବଢ଼ିଯିବାରୁ ଉତ୍ୟକ୍ତ ପୁଅ ବାପଙ୍କୁ ଆକ୍ରମଣ କରିଥିଲା। କ୍ଷେତରାଜପୁର ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ରାୟପୁରରୁ ନିଖୋଜ, ସମ୍ବଲପୁରରୁ ଉଦ୍ଧାର

## ହଜିଯାଇଥିବା ପୁଅକୁ ଫେରିପାଇଲେ ବାପା

**ସମ୍ବଲପୁର, ୧୮।୩(ସମିସ):** ଛତିଶଗଡ଼ର ରାୟପୁର ଜିଲ୍ଲାରୁ ନିଖୋଜ ଥିବା ଶୁଭମ ତାଣ୍ଡି ଆଜି ନିଜ ପରିବାର ପାଖକୁ ଫେରି ପାଇଛି।



ନିଖୋଜ ହୋଇ ଏଣେ ତେଣେ ବୁଲି ଶେଷରେ ସମ୍ବଲପୁର ସହରରେ ପହଞ୍ଚିଥିଲେ ଯୁବକ। ସହରର କିଛି ସ୍ୱଚ୍ଛାସେବୀ ଯୁବକଙ୍କୁ ଉଦ୍ଧାର କରି ଆଜି ପରିବାରକୁ ହସ୍ତାନ୍ତର କରିଛନ୍ତି।

ଗତକାଲି ଫାଟକ ରେଲୱେ ଷ୍ଟେସନ ପାଖରେ ଏକ ୨୦ରୁ ୨୨ ବର୍ଷୀୟ ମାନସିକ ରୋଗୀ ବହୁତ ଦୟନୀୟ ଅବସ୍ଥାରେ ବୁଲାବୁଲି କରୁଥିବାର ଚେରୁଆପଡ଼ା ନିବାସୀ ଉକ୍ତ ବାଗ ଏବଂ ହରିପାଳ ଦେଖିବାକୁ ପାଇଥିଲେ। ପାଖକୁ ଯାଇ ଉକ୍ତ ଯୁବକ ସହ କଥା ହେବାରୁ ସେ ଛତିଶଗଡ଼ର ବୋଲି କହିଥିଲା। ଉକ୍ତ ବାଗ ନିଜର ଛତିଶଗଡ଼ର କିଛି ସମ୍ପର୍କୀୟଙ୍କ ସହ କଥା ହୋଇ ପିଲାର ଠିକଣା ଖୋଜି ପାଇଥିଲେ। ପରିବାର ସହ ଯୋଗାଯୋଗ କରିବାରୁ ପିଲାର ନାମ ଶୁଭମ ତାଣ୍ଡି ବୋଲି ଜାଣିବା ସହ ତାଙ୍କ ବାପା ଆସନ୍ତା କାଲି ଆସି ପହଞ୍ଚିବେ ବୋଲି କହିଥିଲେ। ହେଲେ ଗୋଟି ରାତି ପାଇଁ ପିଲାକୁ କେଉଁଠି ରଖାଯିବ ବୋଲି ଚିନ୍ତାରେ ପଡ଼ିଯାଇଥିଲେ ଉଭୟେ। ସମ୍ବଲ ଅନୁଷ୍ଠାନର ରାମଦାସ ପଣ୍ଡାଙ୍କୁ ଏହି ବାଳକର ଥଇଥାନ ପାଇଁ ଅନୁରୋଧ କରାଯାଇଥିଲା। ପରେ ରାମଦାସ ପଣ୍ଡା ହୀରାକୁଦ ସ୍ଥିତ କଳ୍ପତରୁ ଆଶ୍ରମକୁ ନେଇ ବିପିନ ବିହାରୀ ପଣ୍ଡା ଏବଂ ଆଶ୍ରମର ପିଲାମାନଙ୍କ ସାହାଯ୍ୟରେ ସଫାସୁତୁରା କରି ରାତିରେ ଆଶ୍ରମରେ ରଖିଥିଲେ। ଆଜି ତାଙ୍କ ବାପା ଅଭିମନ୍ୟୁ ତାଣ୍ଡି ଆସି ନିଜ ସହିତ ପୁଅ ଶୁଭମ ତାଣ୍ଡି (୨୨)ଙ୍କୁ ସାଙ୍ଗରେ ନେଇକି ଯାଇଛନ୍ତି। ଗତ ୧୧ତାରିଖରୁ ଶୁଭମ ନିଖୋଜ ଥିଲା। ସେ ଆଦର୍ଶ ନଗର, ପାହାଡି ଛକ, ଗୁଡିହାରୀ, ରାୟପୁର ଛତିଶଗଡ଼ ନିବାସୀ ଅଟନ୍ତି ବୋଲି ବାପା ଅଭିମନ୍ୟୁ କହିଥିଲେ। ରାମଦାସ ପଣ୍ଡା ଓ ଉକ୍ତ ବାଗଙ୍କ ଉପସ୍ଥିତରେ ଆଜି ସକାଳୁ ଶୁଭମକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ବାପା ଅଭିମନ୍ୟୁ ସମସ୍ତଙ୍କୁ ଧନ୍ୟବାଦ ଜଣେଇବା ସହ ଖୁସିରେ ନିଜ ପୁଅକୁ ନେଇ ଘରକୁ ଫେରିଛନ୍ତି।



ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପୁଅ ଅନୀଲ ଶାସ୍ତ୍ରୀ ଏବଂ ତାଙ୍କ ପତ୍ନୀ ମଞ୍ଜୁ ଶାସ୍ତ୍ରୀ ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ଦର୍ଶନ କରି ସମଲେଇ ପ୍ରକଳ୍ପ ବୁଲି ଦେଖିଥିଲେ।

### ଡିନ୍ ପଦରୁ ଡାକ୍ତର ଜୟଶ୍ରୀ ଦୋରାଙ୍କ ଇସ୍ତଫା

## ଭାରପ୍ରାପ୍ତ ଡିନ୍ ହେଲେ ଡାକ୍ତର ପ୍ରଦୀପ ମହାନ୍ତି



**ବୁର୍ଲା, ୧୮।୩(ସମିସ):** ବୁର୍ଲା ଭିମସାରରେ ଲାଗି ରହିଥିବା ଛାତ୍ର ଆନ୍ଦୋଳନ ପରେ ପ୍ରଶାସନିକ ସ୍ତରରେ ଆମୂଳଚୂଳ ପରିବର୍ତ୍ତନ ହୋଇଛି। ଛାତ୍ର ସଂଗଠନର କିଛି ଦାବି ଗ୍ରହଣ କରିବା ସହ ରାଜ୍ୟ ସରକାର ଆକାଉଣ୍ଟ ଅଫିସରଙ୍କୁ ଭିମସାରରୁ ବଦଳି କରି ନୂଆ ଆକାଉଣ୍ଟ ଅଫିସରଙ୍କୁ ନିଯୁକ୍ତି ଦେଇଛନ୍ତି। ପୂର୍ବରୁ ଆକାଉଣ୍ଟସ ଅଫିସର ଥିବା ସୁଶ୍ରୀ ସଂଗିତା କୁମାର ବଦଳରେ ଓଡ଼ିଶା ବିତ୍ତ ସେବାର ଅଧିକାରୀ ଜୟନ୍ତୀ ବେହେରାଙ୍କୁ ନୂଆଁ ଆକାଉଣ୍ଟସ ଅଫିସର ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଭିମସାରର ଡିନ ପ୍ରିନ୍ସିପାଲ ଡାକ୍ତର ଜୟଶ୍ରୀ ଦୋରା ତାଙ୍କ ପଦରୁ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ମେଡିସିନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ପ୍ରଦୀପ ମହାନ୍ତିଙ୍କୁ ଇନଚାର୍ଜ ଡିନ୍ ପ୍ରିନ୍ସିପାଲ ଭାବେ ଦାୟିତ୍ୱ ଦିଆଯାଇଛି। ସେ ବର୍ତ୍ତମାନ ଭିମସାରର ଇନଚାର୍ଜ ରେଜିଷ୍ଟାର ଅଛନ୍ତି। ଆଜି ଇନଚାର୍ଜ ଡିନ ପ୍ରିନ୍ସିପାଲ ଦାୟିତ୍ୱ ନେବା ପରେ ଭିମସାର ଛାତ୍ର ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ବାକି ରହିଥିବା ଦାବି ପୂରଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଜେଡିଏ ସଭାପତି ଡାକ୍ତର ପୁନିତ ଛାବ୍ରା, ସମ୍ପାଦକ ଡାକ୍ତର ଯଜାତି ପାଣିଗ୍ରାହୀ, ଯୁଜି ଛାତ୍ର ସଂଘ ସଭାପତି ଡାକ୍ତର ଚିରଞ୍ଜିବ ସାହୁ, ଡାକ୍ତର ଦିନେଶ ନାଗ, ହାଉସ ସର୍ଜନ ୟୁନିୟନ ସାଧାରଣ ସମ୍ପାଦକ ଡାକ୍ତର ରୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ବଦଳିଲେ ଆକାଉଣ୍ଟସ ଅଫିସର**

## ନୂତନ ବଜାର କମିଟି ଗଠିତ

**ସମ୍ବଲପୁର, ୧୮।୩(ସମିସ):** ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୧ ସ୍ନେହାପାଲି ପାଞ୍ଚାୟତରେ ଏକ ବଜାର କମିଟି ଗଠନ କରାଯାଇଛି। କମିଟିର ନାମ ମା ସମଲେଇ ଆଞ୍ଚଳିକ ବଜାର କମିଟି ବୋଲି ରଖାଯାଇଛି। କମିଟି ସଭାପତି ଘନଶ୍ୟାମ କର, ଉପସଭାପତି କଳ୍ପନା ବରିହା, ସମ୍ପାଦକ ରାଜେଶ ପଣ୍ଡା, ଉପ ସମ୍ପାଦକ ବର୍ଷା ଭୁଏ, କେସିଅର ନାରାୟଣ ବଗାରଙ୍କୁ ସର୍ବସମ୍ମତିରେ ନିଯୁକ୍ତି ଦିଆଯାଇଛି। ଏହା ସହ ପ୍ରତ୍ୟେକ ମାସ ଶେଷ ମଙ୍ଗଳବାର ସନ୍ଧ୍ୟାରେ ସମସ୍ତ ଦୋକାନ ବଜାର ବନ୍ଦ ରହିବା ନେଇ କମିଟି ପ୍ରକାଶ କରିଥିଲା। କମିଟି ସଦସ୍ୟ ଭାବରେ ବିନୋଦ ପଣ୍ଡା, ବଳରାମ ଭୁଏ, ଉସତମଣି ପଶାୟତ, ସନ୍ତୋଷ ବଗାର, ସୁଶାନ୍ତ ମାଝୀ, ପ୍ରିୟବ୍ରତ ରାଉତ, ପ୍ରଫୁଲ ସାହୁ, ପ୍ରଫୁଲ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି।



## ଅଭିଯୁକ୍ତ ହାତରେ ନୁହେଁ ଥାନା ଗେଟରେ ହାତକଡ଼ି

**ସମ୍ବଲପୁର, ୧୮।୩ (ସମିସ)** ଧନୁପାଲି ଥାନା ପରିସରରେ ଆଜି ଏକ କୌତୁହଳ ଚିତ୍ର ଦେଖିବାକୁ ମିଳିଥିଲା। ଅଭିଯୁକ୍ତ ବଦଳରେ ଥାନା କୋଠରିର ଗେଟରେ ହାତକଡି ଲାଗିଥିଲା। ଗେଟକୁ ତାଲା ବଦଳରେ ହାତକଡି ପୁଲିସ ଲଗାଇ ଦେଉଥିବା ଆଲୋଚନା ହେଉଛି। ହାତକଡି ବ୍ୟବହାର, ରଖିବାକୁ ନେଇ ସ୍ୱତନ୍ତ୍ର ନିୟମ ରହିଛି। ପୁଲିସ ଅଧିକାରିମାନଙ୍କୁ ଏହାକୁ ନେଇ ପଢ଼ାଯାଇଥାଏ। ହେଲେ ଧନୁପାଲି ଥାନାରେ ଏଭଳି କେମିତି ହେଲା ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।



## ଦୁର୍ଘଟଣାର ୨୦ ଦିନ ପରେ ଚିକିତ୍ସିତ ଯୁବକଙ୍କ ମୃତ୍ୟୁ

**ସମ୍ବଲପୁର, ୧୮।୩(ସମିସ):** ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନ ଅନ୍ତର୍ଗତ ପାଞ୍ଚଗଛିଆ ଛକ ନିକଟରେ ହୋଇଥିବା ଦୁର୍ଘଟଣାରେ ଆହତ ହୋଇଥିବା ଯୁବକଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ଧନୁପାଲିର ମୃତ ଧନଞ୍ଜୟ ସାନବଡ଼ଙ୍କ ବଡ ଭଉଣୀ ଏନେଇ ଅଇଁଠାପାଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଗତ ଫେବୃଆରୀ ୨୭ ତାରିଖ ଧନଞ୍ଜୟ ବରେଇପାଲି ଛକରୁ ଅଇଁଠାପାଲି ଛକ ଆଡକୁ ଏକ ବାଇକ ଯୋଗ ସାଙ୍ଗ ସହ ଫେରୁଥିଲେ। ପାଞ୍ଚଗଛିଆ ଏକ ବାଇକ ସୋରୁମ ସାମ୍ନାରେ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ବୁର୍ଲାରେ ଚିକିତ୍ସା ପରେ ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ସ୍ଥାନାନ୍ତରଣ କରାଯାଇଥିଲା। ହେଲେ ଚଳିତ ମାସ ୨ ତାରିଖରେ ଧନଞ୍ଜୟଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବେପାରୁଆ ଗାଡି ଚାଳକଙ୍କ ପାଇଁ ଏପରି ସମସ୍ୟ ହେଉଛି। ସେଥିପାଇଁ ସେମାନଙ୍କ ପ୍ରତି କଡାକାର୍ଯ୍ୟାନୁଷ୍ଠାନ ନେବା ପାଇଁ ବଡ ଭଉଣୀ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ବାଇକ ଦୁର୍ଘଟଣାରେ ଯୁବକ ମୃତ

**ସମ୍ବଲପୁର, ୧୮।୩(ସମିସ):** ବରେଇପାଲି ଥାନା ରେମେଡ ଛକରୁ ବରେଇପାଲି ଆଡକୁ ଆସିବା ବେଳେ ଏକ ଦୁର୍ଘଟଣାରେ ଶାସନ ଥାନ ଅନ୍ତର୍ଗତ ଛତରଗଡ଼ାର ସଞ୍ଜୟ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ସେ ରେମେଡ ସ୍ଥିତ ଏକ ସୋରୁମରେ କାମ କରୁଥିଲେ। ଗତ କାଲି ସନ୍ଧ୍ୟାରେ କାମ ସାରି ଘରକୁ ଫେରିବା ସମୟରେ ବାଇକ ସମ୍ମୁଖକୁ ଏକ ଗାଈ ଆସିଥିଲା। ଯାହାଫଳରେ ସେ ଭାରସ୍ୟାମ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବରେଇପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି।

### ମାତ୍ରାଧିକ ଆଣ୍ଟିବାୟୋଟିକ ଯୋଗୁଁ ନାବାଳକଙ୍କ ମୃତ୍ୟୁ !

## ଘଟଣା ଚପାଇଦେବାରେ ସଫଳ ନର୍ସିଂହୋମ୍ ମାଲିକ

**ସମ୍ବଲପୁର, ୧୮।୩(ସମିସ)**

ଦରକାରଠାରୁ ଅଧିକ ବା ମାତ୍ରାଧିକ ଆଣ୍ଟିବାୟୋଟିକ ଡୋଜ୍ ଯୋଗୁଁ ଚାଲିଗଲା ଜଣେ ନାବାଳକଙ୍କ ଜୀବନ। ନର୍ସିଂ ହୋମ୍ କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ଭୁଲ ଯୋଗୁଁ ଅକାଳରେ ଜଣେ ନାବାଳକଙ୍କ ଜୀବନ ଯାଇଛି। ତେବେ ଘଟଣା ପରେ ପୁଲିସ ଠାରୁ ଆରମ୍ଭ କରି ନେତା ସବୁ ମହଲରେ ଚାପ ପକାଇ ନର୍ସିଂହୋମ ମାଲିକ ଘଟଣାକୁ ଚାପେଇ ଦେବାରେ ସଫଳ ହୋଇଥିବା କୁହାଯାଉଛି। ସେପଟେ ନାବାଳକଙ୍କ ପରିବାରଙ୍କୁ ମଧ୍ୟ ଚାପ ପ୍ରୟୋଗ କରି ମାମଲାକୁ ରଫାଦଫା କରିବାରେ ସଫଳ ହୋଇଥିବା ଜଣାପଡ଼ିଛି। ନର୍ସିଂ ହୋମ ମାଲିକ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହୋଇଥିବା ଯୋଗୁଁ ପୂର୍ବରୁ ମଧ୍ୟ ଅନେକ ଘଟଣାରେ ସେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଛନ୍ତି। ଏହା ସହ ରୋଗୀ ସମ୍ପର୍କୀୟଙ୍କୁ ଧମକ ଚମକ ଦେବାରେ ମଧ୍ୟ ସେ ପଛାଇନାହାନ୍ତି। ତାଙ୍କ ନାଁ ଓ ନର୍ସିଂହୋମ ନାଁରେ ପୂର୍ବରୁ ଅନେକ ଅଭିଯୋଗ ରହି ଆସିଛି। ସୂଚାନ ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାବାଳକ ଜଣକ ଚିକିତ୍ସାଧିନ ଥିଲେ। ତେବେ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ନର୍ସିଂ ହୋମର ଦଲାଲମାନେ ଡିଏଚଏଚରୁ ଡିସଚାର୍ଜ କରାଇ ସମ୍ପୃକ୍ତ ନର୍ସିଂହୋମକୁ ପଠାଇଦେଇଥିଲେ। ହେଲେ ସେଠାରେ ନାବାଳକ ପହଞ୍ଚିଲା ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିଲା। ହେଲେ ତାଙ୍କୁ କିଛି ଆଣ୍ଟିବାୟୋଟିକ ଦେଇଥିଲେ ନର୍ସିଂହୋମ ଡାକ୍ତର। ଆଣ୍ଟିବାୟୋଟିକ ଦେଲା ପରେ ନାବାଳକର ସ୍ୱାସ୍ଥ୍ୟବସ୍ଥା ଆହୁରି ଖରାପ ହେବାରେ ଲାଗିଲା। ତେବେ ସେଠାରେ ନାବାଳକ ଜଣଙ୍କର ପଲ୍ସ ରେଟ୍ କମିବାରେ ଲାଗିଲା। ଏହା ସହ ଆଣ୍ଟିବାୟୋଟିକର ପ୍ରଭାବରେ ନାବାଳକ ଚେତା ହରାଇବା ସହ ଶେଷରେ ଆଖି ବୁଜିଦେଲା। ତେବେ ଏହି ଘଟଣାଟି ନର୍ସିଂ ହୋମରେ ପ୍ରଘଟ ହେବା ପରେ ରୋଗୀ ସମ୍ପର୍କୀୟ ଭାଙ୍ଗିପଡ଼ିବା ସହ କାହିଁକି ଅଧିକ ଆଣ୍ଟିବାୟୋଟିକ ଦେଲ ବୋଲି ପ୍ରଶ୍ନ କରିଥିଲେ। ତେବେ ତାଙ୍କୁ ଡରାଇ ଧମକାଇ ନାବାଳକର ମୃତଦେହ ଦେବା ସହ ଘରକୁ ପଠାଇଦେଇଥିଲେ। ଏହା ପରେ ନର୍ସିଂ ହୋମ ମାଲିକ ବା ତଥାକଥିତ କୁଜି ନେତା, ଡାକ୍ତରଙ୍କ ଏକ ଗୁପ୍ତ ବୈଠକ ବସିଥିଲା। ପ୍ରକୃତରେ ପୁଲିସରେ ମାମଲା କେମିତି ନହେବ, ପୀଡ଼ିତ ପରିବାର କେମିତି ବାହାରେ ମୁହଁ ନଖୋଲିବେ ସେନେଇ ଜଣେ ପରେ ଜଣେ ଦାୟିତ୍ୱ ନେଲେ। ଏନେଇ ନର୍ସିଂହୋମ ମାଲିକ ନିଜ ଦଳର କିଛି ନେତାଙ୍କୁ ଜଣାଇବା ସହ ପୀଡିତ ପରିବାରରେ ଚାପ ପକାଇବାରେ ସଫଳ ହେଲେ। ପରେ ପୁଲିସ ଉପରେ ରାଜନୈତିକ ଚାପ ପକାଇବାରେ ସକ୍ଷମ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହି ତମାମ ଘଟଣାରେ ଏକ ପ୍ରତିଷ୍ଠିତ ତଥା ପୁରାତନ ଖବର କାଗଜର ଜଣେ ସାମ୍ବାଦିକ କୁଜି ନେତା ବା ନର୍ସିଂ ହୋମ ମାଲିକଙ୍କୁ ବଞ୍ଚାଇବାକୁ ପ୍ରାଣପଣେ ଉଦ୍ୟମ କରିବା ସହ ସବୁ ପ୍ରକାର ଚେଷ୍ଟା କରୁଛନ୍ତି। ଯାହା ଆଜି ସହରରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

## ଗଣ୍ଡା ସମାଜ କଲ୍ୟାଣ ପରିଷଦର ରୌପ୍ୟଜୟନ୍ତୀ

**ବୁର୍ଲା ୧୮।୩ (ସମିସ):** ବୁର୍ଲା ଆମ୍ବେଦକର ଛକରେ ଗଣ୍ଡା ସମାଜ କଲ୍ୟାଣ ପରିଷଦର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୋପ୍ୟଜୟନ୍ତୀ ପାଳନ ହୋଇଛି। ସଭାପତି ନିହାଲ ସିଂଙ୍କ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ, ମୁଖ୍ୟ ବକ୍ତା ପ୍ରତିଷ୍ଠାତା ଉପଦେଷ୍ଟା ମିନକେତନ ବାଦୀ, ସମ୍ମାନିତ ଅତିଥି କୈଳାଶ ମହାରଣା, ଗୋପାଳ ପ୍ରଧାନ, ଏମଡି ନୱାବ, ପ୍ରଦୀପ କୁମ୍ଭାର, ଯୁବ ନେତା ଆଶିଷ ନନ୍ଦ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଜୟ ଭୀମ ନାମକ ଏକ ସ୍ମରଣିକାକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଏଥିରେ ସ୍ମରଣିକାର ମୁଖ୍ୟ ସମ୍ପାଦକ ଶିବଶଙ୍କର ପଧାନ, କ୍ଷେତ୍ରମଣୀ ବିଭାର, ପରିଷଦର ସାଧାରଣ ସମ୍ପାଦକ ଅମିନ ମହାନନ୍ଦ, ସହ ସମ୍ପାଦକ ସୁନାରାମ ନନ୍ଦ, କୋଷାଧ୍ୟକ୍ଷ ନିଳାଞ୍ଚଳ ସୁନା, ପୁରନ୍ଦର ସୁନା, ଚନ୍ଦ୍ରମଣି ବାଗ, ଜମୁନା ଶିଖା, ଜୟନ୍ତୀ ହରିପାଲ, ଅଞ୍ଜଳି ପ୍ରଭାସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ପୋଖରୀରେ ବୁଡ଼ି ନାବାଳିକା ମୃତ

**ବ୍ରଜରାଜନଗର, ୧୮।୩ (ସମିସ):** ବ୍ରଜରାଜନଗର ଓରିଏଣ୍ଟ ଥାନା ଅନ୍ତର୍ଗତ ମଣ୍ଡଳିଆ ପୋଖରୀରେ ବୁଡ଼ି ନାବାଳିକାର ମୃତ୍ୟୁ ଘଟିଛି। ଓରିଏଣ୍ଟ ଥାନା ଅନ୍ତର୍ଗତ ଇନ୍ଦିରାନଗର କୋଲୋନୀ ରହୁଥିବା ଅଶୋକ ରାୟଙ୍କ ଝିଅ ନିଶା କୁମାରୀ(୧୦) ଓ ତାଙ୍କ ସାନ ଭଉଣୀ ଏବଂ ସେହି ଅଞ୍ଚଳ ଚାରିରୁ ପାଞ୍ଚ ଜଣ ଛୋଟଛୋଟ ପିଲା ପ୍ରତ୍ୟେକ ରବିବାର ଦିନ ଘରଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଥିବା ମଣ୍ଡଳିଆ ପୋଖରୀକୁ ଗାଧୋଇବା ପାଇଁ ଯାଇଥାନ୍ତି। ସେହିପରି ରବିବାର ସମସ୍ତେ ମିଶି ମଧ୍ୟ ଗାଧୋଇବା ପାଇଁ ଯାଇଥିଲେ। ସାଙ୍ଗରେ ଥିବା ପିଲାମାନଙ୍କର କହିବା ଅନୁଯାୟୀ, ସମସ୍ତେ ଗାଧୋଇବା ସମୟରେ ନିଶାର ଛୋଟ ଭଉଣୀ ପାଣିରେ ବୁଡ଼ି ଯାଉଥିବା ଦେଖି ନିଶା ତାକୁ ବଞ୍ଚାଇବାକୁ ଯାଇ ତାକୁ କୁଳକୁ ଠେଲିଦେଇ ନିଜେ ବୁଡ଼ି ଯାଇଥଲେ। ଏହା ଦେଖି ପିଲାମାନେ ପାଟିକରି ଡାକିଥିଲେ ଏବଂ ସେହି ପୋଖରୀରେ ଅଲଗା ସ୍ଥାନରେ ଗାଧୋଉଥିବା ଜଣେ ବୃଦ୍ଧ ଲୋକେ ପହଞ୍ଚିଲାବେଳକୁ ନିଶା ପାଣି ଭିତରେ ବୁଡ଼ି ଯାଇଥିଲା। ପାଣି ଭିତରୁ ନିଶାକୁ ଉଦ୍ଧାର କରିବା ପରେ ସ୍ଥାନୀୟ କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଓରିଏଣ୍ଟ ଥାନା ଅଧିକାରୀ ରୋଜାଲିନ ପଟେଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା, ୧୮।୩ (ସମିସ):** ଲଖନପୁରର ଥାନା ଅନ୍ତର୍ଗତ କୁଡ଼ାଲୋଇ ଡାଲୋଇ ଟିଙ୍ଗିସମାଲ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ଯୁବକଙ୍କ ନାମ ଆଶିଷ ନେଟୀ(୧୮)। ସୂଚନାନୁଯାୟୀ, ଯୁବକ ଜଣକ ରବିବାର ବିଳମ୍ବିତ ରାତ୍ରରେ ଘରକୁ ଆସିଥିଲେ। ହେଲେ କୌଣସି ଘଟଣାକୁ ନେଇ ସୋମବାର ସକାଳୁ ତାଙ୍କ ପରିବାର ମଧ୍ୟରେ ଅଶାନ୍ତି ଦେଖାଦେଇଥିଲା। ଯୁବକ ଜଣକ ମାନସିକ ଭାରସାମ୍ୟ ହରାଇ ଘରୁ ବାହାରି ଯାଇଥିବାବେଳେ ଅନେକ ସମୟ ନଫେରିବାରୁ ଘରଲୋକେ ଖୋଜାଖୋଜି କରିବା ସମୟରେ ଗ୍ରାମ ନିକଟସ୍ଥ ଏକ ଗଛରେ ସେ ପିନ୍ଧିଥିବା ବେଲ୍ଟରେ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଯୁବକଙ୍କ ଶବକୁ ଉଦ୍ଧାର କରିଥିଲେ। ଏନେଇ ଯୁବକଙ୍କ ବାପା ମିଲୁ ନେଟୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିନୋଦ କୁମାର ରାଓ ପ୍ରକାଶ କରିଛନ୍ତି।

ବ୍ରଜରାଜନଗର ଷ୍ଟେସନରେ ଯାତ୍ରୀଙ୍କ ଦୁଃଖ

# ୧ନମ୍ବର ପ୍ଲାଟ୍‌ଫର୍ମ ପରିବର୍ତ୍ତେ ଟ୍ରେନ୍ ଲାଗୁଛି ୨ନମ୍ବରରେ

**ବ୍ରଜରାଜନଗର, ୧୮।୩(ସମିସ)**

ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ କଳାହୀରାର ସହର କୁହାଯାଉଥିବା ବ୍ରଜରାଜନଗର ସହରରେ ଦେଶର ବିଭିନ୍ନ ରାଜ୍ୟରୁ ଜନସାଧାରଣ ବସବାସ କରିଥାନ୍ତି। ଏହି ଲୋକଙ୍କ ବିଭିନ୍ନ ସ୍ଥାନକୁ ଗମନାଗମନ ପାଇଁ ବ୍ରଜରାଜନଗର ଷ୍ଟେସନରେ ଦ୍ରୁତଗାମୀ ଏକ୍ସପ୍ରେସ ଟ୍ରେନଠାରୁ ଆରମ୍ଭ କରି ପାସେଞ୍ଜର ଟ୍ରେନ୍‌ର ରହଣି ବ୍ୟବସ୍ଥା ରହିଅଛି। ବ୍ରଜରାଜନଗରରୁ ରେଳ ବିଭାଗକୁ ବାର୍ଷିକ କୋଟି କୋଟି ଟଙ୍କା ରାଜସ୍ୱ ଆୟ ହେଉଛି କିନ୍ତୁ ପରିତାପର ବିଷୟ ହେଉଛି ଯେ ଏଠାରେ ବିଭିନ୍ନ ସ୍ଥାନକୁ ଯାଉଥିବା ବ୍ରଜରାଜନଗରବାସୀ ଓ ଯାତ୍ରୀମାନେ ନାହିଁ ନ ଥିବା କଷ୍ଟ ପାଉଛନ୍ତି। ଏହି ଷ୍ଟେସନରେ ଟ୍ରେନ ରହଣି ପାଇଁ ମାତ୍ର ୩ଟି ପ୍ଲାଟଫର୍ମର ସୁବିଧା ରହିଛି। ଅପ ଲାଇନ୍‌ରେ ୧ଓ୨ ନଂ ପ୍ଲାଟଫର୍ମ ରହିଛି ଓ ଡାଉନ୍ ଲାଇନ୍ ପାଇଁ ୩ ନଂ ପ୍ଲାଟଫର୍ମ ଉଦ୍ଦିଷ୍ଟ। ଷ୍ଟେସନର ମୁଖ୍ୟ ପ୍ରବେଶ ଦ୍ୱାର ପଟେ ୧ ନଂ ପ୍ଲାଟଫର୍ମ ରହିଥିବା ବେଳେ ସେଠାରେ ଯାତ୍ରୀଙ୍କ ଭିଡ ଦେଖିବାକୁ ମିଳିଥାଏ। କିନ୍ତୁ ଅପ ଲାଇନ୍‌ରେ ଆସୁଥିବା ଟ୍ରେନ ଗୁଡ଼ିକ ୧ ନଂ ପ୍ଲାଟଫର୍ମରେ ରହୁଥିବା ବେଳେ ଅନେକ ସମୟରେ ୨ ନଂ ପ୍ଲାଟଫର୍ମରେ ରହୁଛି। ଷ୍ଟେସନ କର୍ତ୍ତୃପକ୍ଷ ୧ ନଂ ପ୍ଲାଟଫର୍ମରେ ମାଲ ବୋଝେଇ ଟ୍ରେନ ଗୁଡ଼ିକ ଅଟକାଇ ୨ ନଂ ପ୍ଲାଟଫର୍ମରେ ଏକ୍ସପ୍ରେସ ଓ ପାସେଞ୍ଜର ଟ୍ରେନ୍ ଆସିବାକୁ ଅନୁମତି ଦେଉଛନ୍ତି। ଅନ୍ୟ ପକ୍ଷରେ ଟ୍ରେନ ଆସିବାର ଘୋଷଣା ମଧ୍ୟ ବିଳମ୍ବ ହେଉଛି। ଏପରିକି କେଉଁ କୋଚ୍ କେଉଁ ଜାଗାରେ ରହିବ ତାହା ଲଗା ଯାଇଥିବା ଡିସପ୍ଲେ ମଧ୍ୟ ଦେଉନାହାନ୍ତି। ଏକ ନମ୍ବର ପ୍ଲାଟଫର୍ମରେ ମାଲ ଗାଡ଼ି ଅଟକି ରହୁଥିବା ବେଳେ ଟ୍ରେନ ଆସିବା ପୂର୍ବରୁ ଘୋଷଣା ଆରମ୍ଭ ହେଉଥିଲେ ମଧ୍ୟ ଗୋଟିଏ ଫୁଟ ଓଭରବ୍ରିଜ ଥିବା ହେତୁ ଲୋକେ ୨ନମ୍ବର ପ୍ଲାଟଫର୍ମ ଯିବାକୁ ନିଜ ନିଜ ଭିତରେ ପ୍ରତିଯୋଗିତା କରିଥାନ୍ତି। ଯାହା




ଫଳରେ ଫୁଟ ଓଭର ବ୍ରିଜରେ ୧ ନଂ ପ୍ଲାଟଫର୍ମରୁ ୨ ନଂ ପ୍ଲାଟଫର୍ମକୁ ଯାତ୍ରୀ ମାନେ ଯିବାରେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ବୟସ୍କ ବ୍ୟକ୍ତିମାନେ ଗୋଟିଏ ପ୍ଲାଟଫର୍ମ ରୁ ଅନ୍ୟ ଗୋଟିଏ ପ୍ଲାଟଫର୍ମ ଗଲାବେଳେ ଦ୍ରୁତଗାମୀ ଏକ୍ସପ୍ରେସ ଟ୍ରେନ ଗୁଡ଼ିକ ପଳାଇ ଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ଏଥିପ୍ରତି ବ୍ରଜରାଜନଗର ଷ୍ଟେସନ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ବିଳାସପୁର ଡିଭିଜନ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଉଛି। ଏ ସମ୍ପର୍କରେ ବ୍ରଜରାଜନଗର ନାଗରିକ କମିଟି ପକ୍ଷରୁ ବିଳାସପୁର ଡିଭିଜନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ଓ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। କୋଇଲା ପରିବହନ ଯୋଗୁ ରେଳ ବିଭାଗ ମାସକୁ ହଜାର ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ନେଉଥିବା ବ୍ରଜରାଜନଗର ଷ୍ଟେସନ ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ଜନସାଧାରଣ ଆକ୍ଷେପ କରିଛନ୍ତି।

## ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲା

### ଦୁଇ ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟଗ୍ରହଣ

**ଝାରସୁଗୁଡ଼ା, ୧୮।୩ (ସମିସ):** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ସୋମବାର ଦୁଇ ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ଝାରସୁଗୁଡ଼ା ସହକାରୀ ଜିଲ୍ଲା ଜଜ୍ ତଥା ସେସନ୍ ଜଜ୍‌ଙ୍କ କୋର୍ଟରେ ସାକ୍ଷ୍ୟ ଗ୍ରହଣ କରାଯାଇଛି। ନବ ଦାସ ହତ୍ୟାକାଣ୍ଡ ସମୟରେ ଅତି ନିକଟରେ ଥାଇ ଦୌଡ଼ିଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ୱର୍ଗତ ନବ ଦାସଙ୍କୁ କାର ଭିତରରେ ରଖିଥିବା ବେଲପାହାଡ଼ର ଶୁଭେନ୍ଦୁ ପଟ୍ଟନାୟକ ଓ ଦ୍ୱାରିକାନାଥ ପଣ୍ଡାଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ଏହା ସହିତ ନବ ଦାସ ହତ୍ୟାକାଣ୍ଡରେ ଏଯାବତ ୧୧ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି।

### ଗୋଁଣ୍ଡ ଶ୍ରୀକ୍ଷେତ୍ରର ପୁନଃଉଦ୍ଧାର ହେଉ

**ଝାରସୁଗୁଡ଼ା, ୧୮।୩ (ସମିସ):** ବିଳମ୍ବରେ ହେଲେ ମଧ୍ୟ ବହୁ ପୁରାତନ ବଡ଼ଗାଁ ବ୍ଲକ ଭୋଇପାଲିରେ ଥିବା ଗୋଁଣ୍ଡମାନଙ୍କ ଆରାଧ୍ୟ ଦେବତା ଜଙ୍ଘା ବଡ଼ଦେଓ ପୀଠ ପାଇଁ ତତ୍କାଳୀନ ସୁନ୍ଦରଗଡ଼ ରାଜା ଗୋଁଣ୍ଡ ଶ୍ରୀକ୍ଷେତ୍ର ପାଇଁ ଆବଣ୍ଟନ କରିଥିବା ଜମି ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ଖୋଜା ଚାଲିଛି। ଏହି ବାବଦରେ ବିଭାଗୀୟ ସଚିବ ରୂପାରୋଶନ ସାହୁ ପତ୍ର ସଂଖ୍ୟା ୬୧୦୭ ମାର୍ଚ୍ଚ୧୨ ୨୦୨୪ରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଲେଖିଛନ୍ତି ଯେ ବଡ଼ଗାଁ ବ୍ଲକରେ ଗୋଁଣ୍ଡ ସମାଜର ଏକ ପୂଜାସ୍ଥଳୀ ଗୋଁଣ୍ଡ ଶ୍ରୀକ୍ଷେତ୍ର ରହିଛି। ଗୋଁଣ୍ଡମାନେ ଏକ ପବିତ୍ରସ୍ଥଳରେ ତାଙ୍କର ଆରାଧ୍ୟ ଦେବତାଙ୍କୁ ପୂଜା କରିବା ଏକ କିମ୍ବଦନ୍ତୀ ଥିବାବେଳେ ଓଡ଼ିଶା ବ୍ୟତୀତ ଛତିଶଗଡ଼, ଝାରଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଏହି ଧାର୍ମିକସ୍ଥଳରେ ବିଭିନ୍ନ ସମୟରେ ଗୋଁଣ୍ଡ ଭାଇଭଉଣୀ ଏକତ୍ରିତ ହୁଅନ୍ତି। କିନ୍ତୁ ସୁନ୍ଦରଗଡ଼ ରାଜା ଗୋଁଣ୍ଡ ଶ୍ରୀକ୍ଷେତ୍ର ପାଇଁ ଦାନ କରିଥିବା ଜମି ବର୍ତ୍ତମାନ ଲୋକମାନଙ୍କର ଦଖଲରେ ରହିଛି। ଏହି ଜମି ଗୋଁଣ୍ଡମାନଙ୍କ ସାଂସ୍କୃତିକ ଏବଂ ଧାର୍ମିକସ୍ଥଳୀ ଅଟେ। ଏହି ଜବର ଦଖଲ ଗୋଁଣ୍ଡମାନଙ୍କ ପୁରାତନ ପବିତ୍ରସ୍ଥଳ ଲୁଚିଯିବା ଓ ଗୋଁଣ୍ଡ ସମ୍ପ୍ରଦାୟର ଐତିହ୍ୟକୁ ଲିଭେଇ ଦିଆଯାଉଛି। ତତ୍‌କାଳୀନ ଗାଙ୍ଗପୁର ରାଜାଙ୍କ ଦ୍ୱାରା ପ୍ରଦତ୍ତ ଜମି ଯାହାକି ଅନଧୀକୃତ ଭାବେ ବିଭିନ୍ନ ଲୋକ ଭୋଗକରୁଛନ୍ତି। ତହିଁରୁ ମୁକ୍ତ କରି ଗୋଁଣ୍ଡ ସମାଜର ବିଭିନ୍ନ ଆଧୁନିକ ଶୈଳୀର ସୁବିଧା ନିମନ୍ତେ ଭିତ୍ତିଭୂମି ବିକାଶ କରିବାକୁ କମିଶନଙ୍କ ଆଦେଶ ଅନୁଯାଇ ଏହି ଜମିକୁ ଗୋଁଣ୍ଡ ସମ୍ପ୍ରଦାୟ ପାଇଁ ସୁରକ୍ଷିତ ରଖି ଗୋଁଣ୍ଡମାନଙ୍କର ରହିବା ପାଇଁ କମ୍ୟୁନିଟି ସେଣ୍ଟର, ସାଂସ୍କୃତିକ କମ୍ପ୍ଲେକ୍ସ ଆଦି ନିର୍ମାଣ କରିବା ପାଇଁ ସରକାରଙ୍କୁ ସୁନ୍ଦରଗଡ଼ ଜିଲ୍ଲାପାଳ ପ୍ରସ୍ତାବ ଦିଅନ୍ତୁ ବୋଲି ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ରାଜ୍ୟ ସଭାପତି ତଥା ଝାରସୁଗୁଡ଼ାର ବିଜେଡି ନେତା ମହେନ୍ଦ୍ର ନାଏକ ଜଣାଇଛନ୍ତି।

# ପ୍ରବେଶ ନିଷେଧ ସତ୍ତ୍ୱେ ଗଡୁଛି ଭାରୀଯାନ

**ଝାରସୁଗୁଡ଼ା, ୧୮।୩ (ସମିସ):**ଝାରସୁଗୁଡ଼ା ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ବେଳେ ସହରରେ ପ୍ରବେଶ ନିଷେଧ ସମୟରେ ଭାରି ଯାନ ଚଳାଚଳ ନେଇ ଅଭିଯୋଗ ହେଉଛି। ସହରର ପୁରୁଣା ବସଷ୍ଟାଣ୍ଡ ରେଳଷ୍ଟେସନ ଛକ ବେହେରାମାଳ ଛକ ସରବାହାଲ ରେଳ ଫାଟକ ଛକ ଓ ଶନି ମନ୍ଦିର ସମ୍ମୁଖରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ବେଳେ ପ୍ରବେଶ ନିଷେଧ ସମୟରେ ସହରର ମୁଖ୍ୟ ରାସ୍ତାରେ ଭାରିଯାନ ପ୍ରବେଶ ପାଇଁ କିଏ ଅନୁମତି ଦେଲା ତାହା ଝାରସୁଗୁଡ଼ାବାସୀଙ୍କ ମନକୁ ଆନ୍ଦୋଳିତ କରୁଛି। ଆଜି ସରବାହାଲ ମୁଖ୍ୟ ରାସ୍ତା ଦେଇ ଏକ ଟ୍ରକ ଆସିବା ଦେଖିବାକୁ ମିଳିଛି। ସରବାହାଲ ରେଳ ଫାଟକରେ କାର୍ଯ୍ୟରତ ଟ୍ରାଫିକ ପୁଲିସ ଥାଇ ଭାରି ଯାନ କିପରି ଆସିଲା ତାହା ପ୍ରଶବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଶନି ମନ୍ଦିର ନିକଟରେ ଥିବା ଆଳୁ, ପିଆଜ, ଚାଉଳ ଓ ନଡ଼ିଆ ସମେତ ବିଭିନ୍ନ ଖାଦ୍ୟସାମଗ୍ରୀର ଗୋଦାମ ଥିବାବେଳେ ବିଭିନ୍ନ ଗାଡ଼ିରେ ରାୟଗଡ଼ ଏବଂ ସମ୍ବଲପୁର ସମେତ ବିଭିନ୍ନ ସ୍ଥାନରୁ ଖାଉଟି ସାମଗ୍ରୀ ଆସି ମୁଖ୍ୟ ରାସ୍ତା ଉପରେ ଗାଡ଼ି ରଖି ସାମଗ୍ରୀ ଓହ୍ଲାଇବା ସମୟରେ ଟ୍ରାଫିକ ସମୟ ଉପୁଜିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣ ରେ ଦାବି ହେଉଛି।



# ବେପାରୀଙ୍କଠାରୁ ଟଙ୍କା ସହ ଶାଢ଼ି ଲୁଟିନେଲେ ଦୁର୍ବୃତ୍ତ

**ବ୍ରଜରାଜନଗର, ୧୮।୩ (ସମିସ):** ନିଜ ଅଞ୍ଚଳରେ ଛାଡ଼ିଦେବାକୁ କହି ଓରିଏଣ୍ଟ ଥାନା ଅଞ୍ଚଳକୁ ନେଇ ଜଣେ ଶାଢ଼ୀ ବେପାରୀଙ୍କଠାରୁ ଜଣେ ଅଟୋଚାଳକ ଟଙ୍କା ସହିତ ଶାଢ଼ୀ ଲୁଟିନେଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ସୁନ୍ଦରଗଡ଼ ରାଏଡ଼ିହି ଅଞ୍ଚଳର ଶାଢ଼ୀ ବେପାରୀ ଜଗନ୍ନାଥ ମେହେର(୪୩) ସମ୍ବଲପୁରରୁ ଶାଢ଼ୀ ଆଣି ଝାରସୁଗୁଡ଼ା ବମ୍ବେ ଛକରେ ଓହ୍ଲାଇଥିଲେ। ଶାଢ଼ୀ ନେଇ ଏକ ଅଟୋରେ ଗାନ୍ଧିଛକ ଦେଇ ନିଜ ଘରକୁ ଫେରୁଥିଲେ। ଗାନ୍ଧିଛକରେ ଅନ୍ୟ ଯାତ୍ରୀମାନେ ଓହ୍ଲାଇଯିବା ପରେ ଅଟୋ ଚାଳକ ତାଙ୍କୁ ରାଜପୁର ଦେଇ ନିଜ ଘରେ ଛାଡ଼ିଦେବାକୁ କହିଥିଲେ। କୌଶଳ ବଶତଃ ଓରିଏଣ୍ଟ ଥାନା ଅଞ୍ଚଳକୁ ନେଇ ଯାଇ ଅଟୋଚାଳକ ଓ ଅନ୍ୟ ଦୁଇଜଣ ମିଶି ବ୍ୟବସାୟୀଙ୍କ ନିକଟରୁ ଶାଢ଼ୀ, ମୋବାଇଲ ଓ ଟଙ୍କା ଲୁଟ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ନେଇ ଓରିଏଣ୍ଟ ଥାନା ଅଧିକାରୀ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଥିବା ନେଇ ସୂଚନା ଦେଇଛନ୍ତି।

# ଟ୍ରେନ୍‌ରୁ ଖସି ବିଜେପି ନେତା ମୃତ

**ବ୍ରଜରାଜନଗର, ୧୮।୩ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ ଲମଟିବାହାଲ ହନୁମାନନଗର ବାସିନ୍ଦା ଭାରତୀୟ ଜନତା ପାର୍ଟିର ବରିଷ୍ଠ କାର୍ଯ୍ୟକର୍ତ୍ତା ଧନଞ୍ଜୟ ସିଂ (୪୮) ଙ୍କ ଅକାଳରେ ମୃତ୍ୟୁ ହୋଇଛି। ଧନଞ୍ଜୟ ଭୁବନେଶ୍ୱର ଯିବା ପାଇଁ ବ୍ରଜରାଜନଗର ରେଳ ଷ୍ଟେସନକୁ ଯାଇଥିଲେ। ପ୍ଲାଟଫର୍ମରେ ପହଁଚିବା ବେଳେ ଅହମଦାବାଦ ଟ୍ରେନ୍ ଛାଡ଼ିବାକୁ ଲାଗିଥିଲା। ଧନଞ୍ଜୟଦୌଡ଼ିଦୌଡ଼ି ଟ୍ରେନରେ ଚଢିବା ସମୟରେ ଗୋଡ଼ ଖସି ଯିବାରୁ ପଡ଼ି ଯାଇଥିଲେ। ସାଙ୍ଗରେ ଥିବା ଜଣେ ଯୁବକ ଓ ଆରପିଏଫ ଅଧିକାରୀ ଧନଞ୍ଜୟଙ୍କୁ ଉଦ୍ଧାର କରି କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବ୍ରଜରାଜନଗର ପୁଲିସ ପହଞ୍ଚି ତଦନ୍ତ କରିବା ସହ ସୋମବାର ଶବ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ସେ ବିଜେପିର ବରିଷ୍ଠ କାଯ୍ୟକର୍ତ୍ତା ଓ ଟ୍ରକ୍ ମାଲିକ ମଧ୍ୟ ଥିଲେ। ଖବର ପାଇ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ସଭାପତି ଦେବ ପ୍ରସାଦ ଦାସ୍ ଓ ଅନ୍ୟାନ୍ୟ କର୍ମକର୍ତ୍ତା ପହଞ୍ଚି ଶେଷ ଦର୍ଶନ କରିଛନ୍ତି।



# ପ୍ରେମ ନିବେଦନ କରି ବିଫଳ ହେବାରୁ ମହିଳାଙ୍କୁ ଦୁଷ୍କର୍ମ

**ଦେବଗଡ଼, ୧୮।୩(ସମିସ):** ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଞ୍ଚଳର ଏକ ଦୁର୍ଗମ ଗ୍ରାମରେ ଜଣେ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ପ୍ରେମ ନିବେଦନ କରି ବିଫଳ ହେବାରୁ ଜଣେ ବ୍ୟକ୍ତି ତାଙ୍କୁ ଦୁଷ୍କର୍ମ କରିଥିବା ବାରକୋଟ ଥାନାରେ ଅଭିଯୋଗ ହୋଇଛି। ଦୁଷ୍କର୍ମର ଶିକାର ହୋଇଥିବା ୨୩ ବର୍ଷୀୟା ଏହି ମହିଳା ଜଣକ ଗ୍ରାମରେ ୩ ସନ୍ତାନଙ୍କ ସହ ରହୁଛନ୍ତି। ତାଙ୍କ ସ୍ୱାମୀ ରୋଜଗାର ପାଇଁ ବାହାରେ ରୁହନ୍ତି। ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗରେ ସେହି ଗ୍ରାମର ରସା ମୁଣ୍ଡା ତାଙ୍କ ପିଛା କରି ଆସୁଥିଲା। ରାତିରେ ମହିଳା ଜଣକ ପିଲାଙ୍କ ସହ ଖିଆପିଆ ସାରି ଶୋଇଥିବା ବେଳେ ଅଭିଯୁକ୍ତ ରସା ଝରକା ଡେଇଁ କୋଠରୀରେ ପଶିଥିଲା। ମହିଳା ଜଣକ ପାଟି କରିବାରୁ ଅଭିଯୁକ୍ତ ରସା ତାଙ୍କ ପାଟିକୁ ଚାପି ଧରି ଦୁଷ୍କର୍ମ ଉଦ୍ୟମ କରିଥିଲା। ମହିଳା ଜଣକ ଖସି ଯିବାକୁ ଉଦ୍ୟମ କରିବାରୁ ଅଭିଯୁକ୍ତ ତାଙ୍କୁ ମାଡ଼ଥିଲା। କାହାକୁ ଏ କଥା କହିଲେ ମାରିଦେବାକୁ ଧମକ ଦେଇଥିଲା। ସ୍ୱାମୀଙ୍କ ପରାମର୍ଶ ଅନୁଯାୟୀ ବାରକୋଟ ଥାନାରେ ମହିଳା ଜଣକ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୁକ୍ତ ରସା ବିରୋଧରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହାସହ ଅଭିଯୁକ୍ତ ରସାକୁ ଅଟକ ରଖିଛି।

**ଅଭିଯୁକ୍ତ ଅଟକ**

# ନିର୍ବାଚନ ପରିଚାଳନା ପ୍ରଶିକ୍ଷଣ ଶିବିର

**ଦେବଗଡ଼, ୧୮।୩ (ସମିସ):** ଦେବଗଡ଼ ଆଦର୍ଶ ଥାନା ପରିସରରେ ସୋମବାର ନିର୍ବାଚନରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସଡ଼ିପିଓ ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଆଦର୍ଶ ଆଚରଣ ବିଧି ପାଳନ ସମ୍ପର୍କିତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳିର ଠିକ ପାଳନ ନିମନ୍ତେ ଉପସ୍ଥିତ ପୁଲିସ ଅଧିକାରୀଙ୍କୁ ସଚେତନ କରାଯାଇଛି। ସେହିପରି ସୁସ୍ଥ ଓ ଭୟମୁକ୍ତ ଅବାଧ ନିର୍ବାଚନ ପରିଚାଳନା ପାଇଁ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ନିଜ ନିଜ ଦାୟିତ୍ୱକୁ ଠିକରେ ପାଳନ ପାଇଁ ସଚେତନ କରାଯିବା ସହ ସହ ଜନ ସାଧାରଣଙ୍କୁ ପ୍ରଭାବିତ କଲା ଭଳି କୌଣସି ରାଜନୈତିକ ପୋଷ୍ଟର, ସର୍ବ ସାଧାରଣ ସ୍ଥାନରେ ରାଜନୈତିକ ପ୍ରଚାର ସମ୍ପର୍କିତ ତଥ୍ୟ ପ୍ରଦର୍ଶନ, ନିର୍ବାଚନ ସମୟରେ ବେଆଇନ ଅର୍ଥ କାରବାର, ବେଆଇନ ନିଶା ଚାଲାଣ ଆଦିକୁ କଡାକଡ଼ି ଯାଞ୍ଚ ସହ ଆଇନ ଅବମାନନା କରୁଥିବା ବ୍ୟକ୍ତି ବିଶେଷ ବିରୋଧରେ ଦୃଢ ଆଇନଗତ କର୍ଯ୍ୟାନୁଷ୍ଠାନ ପାଇଁ ଉପସ୍ଥିତ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସରୋଜ ସେଠି ଉପସ୍ଥିତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆଦର୍ଶ ଆଚରଣ ବିଧି ସମ୍ପର୍କିତ ଆଇନର ପାଳନ ନେଇ ଅବଗତ କରାଇଥିଲେ।

# ଜାତୀୟ ସ୍ୱାସ୍ଥ୍ୟମିଶନ ପରିଚାଳନା କର୍ମଚାରୀଙ୍କ ଅସହଯୋଗ

**ଝାରସୁଗୁଡ଼ା, ୧୮।୩(ସମିସ):** ସ୍ୱାସ୍ଥ୍ୟ ସେବାକୁ ଲୋକାଭିମୁଖୀ ଓ ଅଗ୍ରଣୀ କରିବାର ପ୍ରମୁଖ ଭୂମିକା ନେଇଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ଏଣିକି କୌଣସି ପ୍ରକାର ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ସେବାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି କର୍ମଚାରୀ ମାନେ ଦୀର୍ଘ ଦୁଇ ଦଶନ୍ଧି ହେଲା ଅହରହ ପ୍ରଚେଷ୍ଟା ଜାରି ରଖିଛନ୍ତି। ରାଜ୍ୟର ସମସ୍ତ କର୍ମଚାରୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ତଥା ନିୟମିତ କରାଯାଇଥିଲେ ମଧ୍ୟ ସେମାନଙ୍କ ଦାବି ପୂରଣ ହେଉନାହିଁ। ଅଫିସକୁ ସମସ୍ତେ ଆସିଲେ ମଧ୍ୟ କାର୍ଯ୍ୟ କରିବେ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ଚନ୍ଦ୍ରଭାନୁ ପଟେଲଙ୍କ ସମେତ ଜିଲ୍ଲା ତଥା ବ୍ଲକର ବହୁ କର୍ମଚାରୀ ଉପସ୍ଥିତ ଥିଲେ।



# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଦେବଗଡ଼, ୧୮।୩(ସମିସ):** ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ବିଜୟ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶରତ ଚନ୍ଦ୍ର ମେହେର ଯୋଗଦେଇ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ଓ ଏହାର କାର୍ଯ୍ୟକାରିତା ନେଇ ଉପସ୍ଥିତ ଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ସୁଦେବୀ ଗିରିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷୟିତ୍ରୀ କିରଣ ଟପ୍ପୋ, ପୁନମ ନାୟକ ଓ ଖୁସି ମୁଣ୍ଡା ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।

# କୁଣ୍ଢେଇଗୋଲା ସରପଞ୍ଚ, ପିଇଓ ହାତାହାତି

**ଦେବଗଡ଼, ୧୮।୩(ସମିସ):** ରିଆମାଳ ବ୍ଲକ କୁଣ୍ଢେଇଗୋଲା ପଞ୍ଚାୟତରେ ଦୀର୍ଘ ଦିନ ଧରି ଲାଗି ରହିଥିବା ମହିଳା ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ମହିଳା ସରପଞ୍ଚଙ୍କ ବିବାଦ ଉଗ୍ର ରୂପ ଧାରଣ କରିଛି। ପରସ୍ପର ଭିତରେ ଉଭୟ ମାଡ଼ ମରାମରି ହୋଇଛନ୍ତି। କଥା ଥାନାରେ ପହଞ୍ଚିଛି। ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। କୁଣ୍ଢେଇଗୋଲା ପୁଲିସ ଉଭୟଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୋମବାର ଅପରାହ୍ନ ସାଢେ ୪ଟାରେ କୁଣ୍ଢେଇଗୋଲା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ନିଜ ଦିବ୍ୟାଙ୍ଗର ପୁଅର ଭତ୍ତା ଟଙ୍କା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମାଗିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ସହ କଥା ହାତାହାତି ହୋଇଥିଲା। ଖବର ପାଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୀଳାବତୀଙ୍କ ଶଶୁର ସରକାରୀ ବାସ ଭବନରୁ ଆସି ବୋହୂ ଲୀଳାବତୀଙ୍କ ସହ ମିଶି ସରପଞ୍ଚଙ୍କୁ ନିର୍ଦ୍ଧୁମ ପିଟିଥିବା ସରପଞ୍ଚ ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ସରପଞ୍ଚ ଗୀତାଞ୍ଜଳି ଓ ତାଙ୍କ ସ୍ୱାମୀ ଶଙ୍କର୍ଷଣ ମିଶି ଆକ୍ରମଣ କରିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୀଳାବତୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଭାସ୍କର ପ୍ରଧାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ

**ଝାରସୁଗୁଡ଼ା, ୧୮।୩(ସମିସ):** ସରକାରୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁରଲିପାଳୀର ପ୍ରତିଷ୍ଠାତା ତଥା ଉଣେଇଶ ଖଣ୍ଡ ମୌଜାର ଗାନ୍ଧୀ ସ୍ୱର୍ଗତ ଭାସ୍କର ପଧାନଙ୍କ ତିରୋଧାନ ଦିବସରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସୋମବାର ଦିନ ଉକ୍ତ ଅନୁଷ୍ଠାନ ପରିସରରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ସ୍ୱର୍ଗତ ଭାସ୍କର ପଧାନ ପ୍ରତିମୂର୍ତ୍ତିରେ ଅଞ୍ଚଳର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ, ସମସ୍ତ ଅଧ୍ୟାପକ ଅଧ୍ୟାପିକା ଗଣ ମାଲ୍ୟାର୍ପଣ କରିଛନ୍ତି। ପ୍ରଥମେ ପଣ୍ଡିତ ଗୁରୁଚରଣ ଷଡ଼ଙ୍ଗୀଙ୍କ ଦ୍ୱାରା ଶ୍ଳୋକ ପାଠ ଓ ମନ୍ତ୍ରଧ୍ୱନି ଦ୍ୱାରା ମୂର୍ତ୍ତିପୂଜନ କରାଯାଇଥିଲା। ଅଧ୍ୟାପିକା କଳ୍ପନା ପଧାନଙ୍କ ସଭାପତିତ୍ୱ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ରାଜନୀତି ବିଜ୍ଞାନ ଅଧ୍ୟାପକ କାର୍ତ୍ତିକ ଖମାରୀ ଏବଂ ଇଂରାଜୀ ଅଧ୍ୟାପକ ଏକେଶ ପଧାନ ସଭା ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଛାତ୍ର ଛାତ୍ରୀମାନଙ୍କ ଭିତରେ ଏକ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା।। ସେଥିରେ ପ୍ରଥମ ରିଙ୍କୁ ବାରିକ, ଦ୍ୱିତୀୟ ସୀତା ସା ଓ ତୃତୀୟ ନଗମା ବାରିକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ କେଶବ ପଟେଲ, ନେପାଳ ବାରିକ, ପରମେଶ୍ୱର ନିଷାଦ, ଶଙ୍କର ଗଣ୍ଡଙ୍କ ସମେତ ଆଲୁମିନି ସଦସ୍ୟ ବ୍ରଜକିଶୋର ପଧାନ, ନରେଶ ପଧାନ, ଜଗବନ୍ଧୁ ସା, ଅଲେଖ ପଣ୍ଡା, ଚୈତନ୍ୟ ପଧାନ, ମଙ୍ଗଳ ପ୍ରସାଦ ଭୁଏ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ସ୍ୱର୍ଗତ ପଧାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଠିନ ଅଧ୍ୟବସାୟ ସହ ସମାଜସେବା ରେ ମଧ୍ୟ ମନ ବଳାଇବା ପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷକ ସୁବଳ ଦେହେରୀ ଧନ୍ୟବାଦ ଜ୍ଞାପନ କରିଥିଲେ।



**ମା' ୪ ପିଲାଙ୍କ ହାତ ଛାଡ଼ିଦେବା ଘଟଣା**

# ଶିଶୁଗୃହକୁ ଗଲେ ୪ ଭାଇଭଉଣୀ

- ଦାୟିତ୍ୱ ନେଲା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ
- ମହିଳାଙ୍କ ସନ୍ଧାନ ନ ମିଳିବା ପର୍ଯ୍ୟନ୍ତ ଶିଶୁ ଗୃହରେ ରହିବେ
- ଗାଁ, ଘର ଛାଡ଼ି ଗଲାବେଳେ ଗ୍ରାମବାସୀଙ୍କ ଆଖି ଛଳ ଛଳ

ସକାଳ ପ୍ରଭାବ

**ଦେବଗଡ଼, ୧୮।୩ (ସମିସ)**

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଖିଲେଇ ପଞ୍ଚାୟତ ତଲେଇସର ଗ୍ରାମରୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସୋମବାର ୪ ଜଣ ଅସହାୟ ଶିଶୁଙ୍କୁ ଉଦ୍ଧାର କରିଛି। ୨ ବର୍ଷ ପୂର୍ବେ ବାପା ଆରପାରିକୁ ଚାଲି ଚାଲିଯାଇଥିବାବେଳେ ଶେଷରେ ମା' ଏମାନଙ୍କୁ ଛାଡ଼ି କୁଆଡ଼େ ପଳାଇଛନ୍ତି। ଏ ନେଇ ଦୈନିକ 'ସକାଳ'ରେ ରବିବାର '୪ ପିଲାଙ୍କ ହାତ ଛାଡ଼ିଦେଲା ମା'' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଦୃଷ୍ଟିରେ ପଡ଼ିବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଛି।

'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଚାଇଲଡ ହେଲ୍ପ ଲାଇନର ପ୍ରକଳ୍ପ ସଂଯୋଜକ ଲିଙ୍ଗରାଜ ପ୍ରଧାନ, ସୁପରଭାଇଜର ସୂର୍ଯ୍ୟକାନ୍ତି ଭରସାଗର ଗାଁରେ ପହଞ୍ଚି ଥିଲେ। ଅଙ୍ଗନବାଡ଼ି କର୍ମୀ ପ୍ରେମମଞ୍ଜରୀ ପ୍ରଧାନଙ୍କ ସହାୟତାରେ ୪ ଅସହାୟ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ମହିଳାଙ୍କ ସନ୍ଧାନ ନ ମିଳିବା ପର୍ଯ୍ୟନ୍ତ ପିଲାମାନେ ଶିଶୁ ଗୃହରେ ରହିବେ। ସେଠାରେ ୪ ଭାଇ ଭଉଣୀଙ୍କ ଯତ୍ନ ନିଆଯିବ। ତେବେ ପିଲାମାନେ ନିଜ ଗାଁ ଓ ଘର ଛାଡ଼ି ଗଲାବେଳେ ଗ୍ରାମବାସୀଙ୍କ ଆଖି ଛଳ ଛଳ ହୋଇଯାଇଥିଲା।

ତଲେଇସର ଗ୍ରାମର ଭୋଳେଶ୍ୱର ଶବରଙ୍କ ମୃତ୍ୟୁ ପରେ ସ୍ତ୍ରୀ ସବିତା ଏଣେତେଣେ କାମ କରି ପିଲାଙ୍କୁ ଲାଳନ ପାଳନ କରୁଥିଲେ। ସରକାରଙ୍କ ପକ୍ଷରୁ ମିଳିଥିବା ଇନ୍ଦିରା ଆବାସରେ ୪ ପିଲାଙ୍କ ସହ ସେ ମୁଣ୍ଡ ଗୁଞ୍ଜିଥିଲେ; ହେଲେ ଦାରିଦ୍ରତା ସହ ସଂଗ୍ରାମ କରି ସବିତା ଥକି ଯାଇଥିଲେ। ଶେଷରେ କୌଣସି ରାସ୍ତା ନ ପାଇ ନିଜ ୪ ଶିଶୁଙ୍କୁ ଘରେ ଏକାକି ଛାଡ଼ି କୁଆଡେ ଚାଲି ଯାଇଛନ୍ତି। ଏଣୁ ପିଲାମାନେ ଅସହାୟ ହୋଇ ପଡ଼ିଥିଲେ। ଏହି ଖବର ପାଇ ବସାଲଇରେ ରହୁଥିବା ପିଉସୀ (ଭୋଳେଶ୍ୱରର ବଡ ଭଉଣୀ) ବାଲି ମୁଣ୍ଡା କିଛି ଦିନ ପାଇଁ ଚାରି ପୁତୁରା ଝିଆରୀଙ୍କୁ ନେଇ ପାଖରେ ରଖିଥିଲେ; ହେଲେ ଚାରି ଚାରି ଜଣକୁ ରଖିବା ସମ୍ଭବ ନ ହେବାରୁ ପୁଣି ଆଣି ଛାଡ଼ି ଯାଇଥିଲେ। ଏହାପରେ ସରପଞ୍ଚ ଦୋଳ ଗୋବିନ୍ଦ ପ୍ରଧାନ କିଛି ଚାଉଳ ଓ ରାସନ ଦେଇଯାଇଥିଲେ। ୧୨ ବର୍ଷୀୟା ବଡ଼ ଝିଅ ପୂର୍ଣ୍ଣମା ହିଁ ୯ ବର୍ଷର ଭାଇ ପରଦେଶୀ, ୭ ବର୍ଷର ଭଉଣୀ ପିଙ୍କି ଓ ୩ ବର୍ଷର କଅଁଳ ଭାଇ ପ୍ରଦୀପକୁ ସାଙ୍ଗରେ ଧରି ରହୁଥିଲା। ସାହି ପଡ଼ିଶା ଦୟା କଲେ ଭାତ ଗଣ୍ଡେ ମିଳୁଥିଲା। ନ ହେଲେ ସମସ୍ତେ ଭୋକରେ ଶୋଉଥିଲେ।

### ଜିଲ୍ଲା ଚାଷୀ ଶ୍ରମିକ ସଂଘ ଆନ୍ଦୋଳନ ସଫଳ

# ଡେରାବିଶରେ ପ୍ରତିଷ୍ଠା ହେବ ସବ୍‌ରେଜିଷ୍ଟ୍ରାର ଅଫିସ୍

ଡେରାବିଶ, ୧୮।୩ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ ତହସିଲ କାର୍ଯ୍ୟାଳୟ ନିକଟରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଖବର ପ୍ରସାରିତ ହେବା ପରେ ଅଞ୍ଚଳରେ ଆନନ୍ଦର ଲହରୀ ଖେଳି ଯାଇଛି। ଡେରାବିଶ ବ୍ଲକରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବା ପାଇଁ ଜିଲ୍ଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ସମ୍ପାଦକ କୃତିବାସ ଦାସଙ୍କ ନେତୃତ୍ୱରେ ତହସିଲ ଅଧୀନ ୨୬ ଗୋଟି ପଞ୍ଚାୟତର ଜନସାଧାରଣ ଦାବି କରି ଆସୁଥିଲେ। ଏଥିନିମନ୍ତେ ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବିଶେଷ କରି ରାଜସ୍ୱ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରି ଆସୁଥିଲେ। ଏନେଇ ସଂଘ ନେତୃତ୍ୱରେ ତହସିଲ ଅଧୀନ ସମସ୍ତ ପଞ୍ଚାୟତର ଚାଷୀ ଓ ସାଧାରଣବର୍ଗର ଲୋକେ ତହସିଲ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ ମଧ୍ୟ କରିଥିଲେ। ଡେରାବିଶ ଅଞ୍ଚଳର ଜନସାଧାରଣ ସେମାନଙ୍କର ଜମିଜମା ସଂକ୍ରାନ୍ତୀୟ ଖର୍ଦ୍ଦବିକ୍ରି କବଲାଠାରୁ ଆରମ୍ଭ କରି ଅନ୍ୟାନ୍ୟ କାଗଜାତ ପାଇଁ କେନ୍ଦ୍ରାପଡ଼ା ସହରରେ ଥିବା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉପରେ ନିର୍ଭରଶୀଳ ଥିବାରୁ ସାଧାରଣ ଲୋକଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା ବୋଲି ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ଏହାକୁ ବିଚାର କରି ଛତାଠାରେ ଥିବା ତହସିଲ କାର୍ଯ୍ୟାଳୟ ନିକଟରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲାଯିବା ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ପ୍ରଶମନ ବିଭାଗ ପକ୍ଷରୁ ବିଭାଗୀୟ ଅତିରିକ୍ତ ଶାସନ ସଚିବଙ୍କ ସ୍ୱାକ୍ଷରରେ ଡେରାବିଶରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲାଯିବା ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଆସନ୍ତା ଜୁନ୍ ୧ ତାରିଖରେ ଏହି କାର୍ଯ୍ୟାଳୟ ଖୋଲାଯିବ ବୋଲି ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲ୍ଲା ଚାଷୀ ସଂଘର ନିବେଦନକୁ ବିଚାରକୁ ନେଇ ଡେରାବିଶରେ ସବ୍‌ରେଜିଷ୍ଟ୍ରାର ଅଫିସ୍ ପ୍ରତିଷ୍ଠା ପାଇଁ ବିଭାଗ ସବୁଜ ସଙ୍କେତ ପ୍ରଦାନ କରିଥିବାରୁ ସଂଘର ସଭାପତି ପଣ୍ଡିତ ଶ୍ରୀ ମିଶ୍ର, ସମ୍ପାଦକ ଶ୍ରୀ ଦାସ, କର୍ମକର୍ତ୍ତା ଭରତ କୁମାର ସିଂ, ବିଭୂତି ଭୂଷଣ ପତି, ସୁରେନ୍ଦ୍ର ସ୍ୱାଇଁ, ଅଞ୍ଜନ ପଲାଇ, ଗୁରୁଚରଣ ଜେନାଙ୍କ ସମେତ ଡେରାବିଶ ଅଞ୍ଚଳର ଶତାଧିକ ବ୍ୟକ୍ତି ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ସବରେଜିଷ୍ଟାର ଅଫିସ୍ ଖୋଲାଗଲେ ୨୬ ଗୋଟି ପଞ୍ଚାୟତର ୧୮୨ଟି ରାଜସ୍ୱ ଗ୍ରାମର ଜନସାଧାରଣ ଉପକୃତ ହୋଇପାରିବେ।

## ନୂତନ ଶିକ୍ଷାଧିକାରୀଙ୍କୁ ଶିକ୍ଷକ ସଂଘର ଭବ୍ୟ ସ୍ୱାଗତ



କେନ୍ଦ୍ରାପଡ଼ା, ୧୮।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ଆଜି ନବରଙ୍ଗପୁରର ପୂର୍ବ ଡିଇଓ ପ୍ରଦୀପ କୁମାର ନାଗ ଦାୟିତ୍ୱ ଗ୍ରହଣ କରିବା ପରେ ଶିକ୍ଷକ ସଂଘ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଇତ୍ୟବସରରେ ଜିଲ୍ଲା ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ସଭାପତି ହେମନ୍ତ ଜେନା, ସମ୍ପାଦକ ବଙ୍କିମ ବିହାରୀ ମହାନ୍ତି, ଉପଦେଷ୍ଟା କାଶୀନାଥ ରାଉତରାୟ, ବିଜୟ କୁମାର ସାମଲ, ଶିକ୍ଷକ ନେତା ଉପେନ୍ଦ୍ର ନାଥ ସାହୁ, ନିରଞ୍ଜନ ସ୍ୱାଇଁ, ନମିତା ନାୟକ, ସତ୍ୟପ୍ରିୟ ଦାସ, ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ନୂତନ ଶିକ୍ଷାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷା ବିଭାଗର ଜଣେ ଦକ୍ଷ ପଦାଧିକାରୀ ଭାବେ ନିଜ ନୀତିନିଷ୍ଠ କର୍ତ୍ତବ୍ୟ ସମ୍ପାଦନ କରି ସେ ଉଚ୍ଚ ପ୍ରଶଂସନୀୟ ହୋଇପାରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଯୋଗଦେବା ପରେ ନୂତନ ଜିଲ୍ଲା ଶିକ୍ଷାଧିକାରୀ ପ୍ରଭୁ ବଳଦେବଜୀଉଙ୍କ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ। ପରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଶ୍ରୀ ନାଗ କାର୍ଯ୍ୟଭାର ଗ୍ରହଣ କରିବା ସଙ୍ଗେ ସଙ୍ଗେ ଶିକ୍ଷା ମଣ୍ଡଳର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ନୂତନ ଶିକ୍ଷାଧିକାରୀଙ୍କ ଯୋଗଦାନ ପରେ ସବୁ ମହଲରେ ଖୁସିର ଲହରି ଖେଳିଯାଇଛି।

## ଗହୀରମଥାରୁ ୧ ଟ୍ରଲର ଜବତ; ୧୧ ମତ୍ସ୍ୟଜୀବୀ ଗିରଫ



ରାଜନଗର, ୧୮।୩(ସମିସ): ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ସେଥିରେ ଥିବା ୧୧ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କ ନିର୍ଦ୍ଦେଶକ୍ରମେ ଏକକୂଳା ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଂ ଟିମ୍ ବାବୁବାଲି ନିକଟରୁ ମା'ବନଦୁର୍ଗା ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ସୁବାସ ଚନ୍ଦ୍ର ମଣ୍ଡଳ ଏସ୍.କେ. ଇସାରଫି, ଶ୍ରୀନାଥ ମଣ୍ଡଳ, କୁନା ସିଂ, ତପନ ମାଇତି, ବିଜୟ ସିଂ, ରାଖାଲ ସିଂ, ଶିବୁ ମାନା, ଦିଲ୍ଲୀପ ସାମନ୍ତ, ଭଗବାନ ଜାନା, ଶଙ୍କର୍ଷଣ ମଲ୍ଲିକ ପ୍ରମୁଖ ୧୧ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୨ଟି ଭିଏଚଏଫ୍, ଗୋଟିଏ ଜିପିଏସ, ଗୋଟିଏ ଫିସ୍ ଫାଇଣ୍ଡର, ୪ଟି ଟ୍ରଲିଂ ନେଟ ଜବତ କରାଯାଇ ୧୯୭୨ ବନ୍ୟପ୍ରାଣୀ ଆଇନ ଦଫା ୨୭, ୨୯, ୩୧ ଓ ୫୧ରେ ମାମଲା ରୁଜୁ କରାଯାଇଛି।

## ପାରାଦୀପରେ ପୁଲିସର ଫ୍ଲାଗ୍ ମାର୍ଚ୍ଚ



ପାରାଦୀପ, ୧୮।୩ (ସମିସ): ସାଧାରଣ ନିର୍ବାଚନ ଘୋଷଣା ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।ନିର୍ବାଚନ କାଳରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ, ଶାନ୍ତିଶୃଙ୍ଖଳା ଓ ଅପରାଧ ମୁକ୍ତ କରାଯିବା ନେଇ ପୁଲିସ ଏଭଳି ପଦକ୍ଷେପ ହାତକୁ ନେଇଥାଏ। ପାରାଦୀପ ନିର୍ବାଚନ ମଣ୍ଡଳୀର ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ର ସହ ସମାପନ କରିବାକୁ ପୁଲିସ ତତ୍ପର ହୋଇ ଉଠିଛି। ରବିବାର ଅପରାହ୍ନରେ ପାରାଦୀପ ତିନୋଟି ଥାନାର ପୁଲିସ ପକ୍ଷରୁ ବନ୍ଦର ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ପାରାଦୀପ ଡ଼ିଏସପି ସନ୍ତୋଷ ଜେନାଙ୍କ ନିର୍ଦ୍ଦେଶକ୍ରମେ ଆଜି ତିନି ଥାନାର ପୁଲିସ କର୍ମଚାରୀ ଏହି ଫ୍ଲାଗମାର୍ଚ୍ଚରେ ଅଂଶ ଗ୍ରହଣ କରିଥିଲେ। ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ, ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରା ଓ ଜଟାଧାରୀ ମୁହାଣ ମେରାଇନ ଥାନା ଅଧିକାରୀ ସୁଜାତା ବେହେରାଙ୍କ ନେତୃତ୍ୱରେ ଏହି ତିନି ଥାନା ଅଞ୍ଚଳରେ ସମସ୍ତ ଥାନା କର୍ମଚାରୀମାନେ ଲୋକମାନଙ୍କୁ ବିଭିନ୍ନ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦେଇଥିଲେ। ଷଣ୍ଢକୁଦ, ନୂଆବଜାର, କଲେଜ ରୋଡ, ମଧୁବନ କ୍ୟାବିନ ମାର୍କେଟ ସମେତ ବଡପଡ଼ିଆ ଥାନା ଛକ ପର୍ଯ୍ୟନ୍ତ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ନିର୍ବାଚନ ପରିପ୍ରେକ୍ଷୀରେ ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ପୁଲିସ ଅଧିକାରୀ ମାନେ ସୂଚନା ଦେଇଛନ୍ତି।

## ଜରାଶ୍ରମରେ ରନ୍ଧାଖାଦ୍ୟ ବଣ୍ଟନ

ପାରାଦୀପ, ୧୮।୩ (ସମିସ): ଅସହାୟ କଲ୍ୟାଣ ସମିତି ପକ୍ଷରୁ ଜରାଶ୍ରମରେ ଆଜି ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ପାରାଦୀପ ବାଲିଝରାଠାରେ ରହିଥିବା ମା' ସନ୍ତୋଷୀ ଜରାଶ୍ରମରେ ରହୁଥିବା ୫୦ରୁ ଊର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା ଅନ୍ତେବାସୀଙ୍କୁ ନିଜସ୍ୱ ଖର୍ଚ୍ଚ ରେ ନିଜ ହାତରେ ରାନ୍ଧି ଖାଦ୍ୟ ଖୁଆଇବା ସହିତ ସେମାନଙ୍କ ସାଥିରେ ବସି ଖାଦ୍ୟ ଖାଇଛନ୍ତି ଅସହାୟ କଲ୍ୟାଣ ସମିତିର ସଦସ୍ୟମାନେ। ବୟସର ଅପରାହ୍ନରେ ପହଞ୍ଚିଥିବା ନିଜର ପିଲା ଛୁଆ ମାନେ ପର କରିଦେବା ପରେ ଜରାଶ୍ରମରେ ନିଜର ଶେଷ ଜୀବନ ବିତାଉଥିବା ଏହି ଅନ୍ତେବାସୀ ମାନେ ଅସହାୟ କଲ୍ୟାଣ ସମିତିର ସଦସ୍ୟ ମାନଙ୍କ ଦୀର୍ଘାୟୁ କାମନା କରିବା ସହିତ ସେମାନଙ୍କର ଉତ୍ତୋରୋତ୍ତର କାମନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବନ୍ଦର ଚିକିତ୍ସାଳୟ ଡା.ଆର.କେ.ମଲ୍ଲିକ, ଶ୍ରମିକ ନେତା ରାକେଶ ପଟ୍ଟନାୟକ, ଡମ୍ପର ମାଲିକ ସଙ୍ଘ ର ସଭାପତି ବିଜୟ ନାୟକ ଏବଂ ବନ୍ଦର ଶ୍ରମିକ ସଦସ୍ୟ ଶ୍ରୀକାନ୍ତ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରୀତିରଞ୍ଜନ ମହାପାତ୍ର, ଉପଦେଷ୍ଟା ଅରୁଣ କୁମାର ଓଝା, ସଭାପତି ପଞ୍ଚାନନ ବେହେରା, ଉପସଭାପତି ତ୍ରିନାଥ ଗୋଛାୟତ, ସମ୍ପାଦିକା ପ୍ରୀତିରେଖା ନାୟକ, ସହ ସମ୍ପାଦକ କୈଳାଶ ଚନ୍ଦ୍ର ଗୋଛାୟତ, କୋଷାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ ପରିଚାଳନା କରିଥିଲେ।

## ତୁଳସୀକ୍ଷେତ୍ର ଇସି ମହାସଂଘର ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ମାର୍ଶାଘାଇ, ୧୮।୩(ସମିସ): ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ତୁଳସୀ କ୍ଷେତ୍ର ଇସି ମହାସଂଘ ତରଫରୁ ୧୦ଦଫା ଦାବିନେଇ ପ୍ରତିବାଦ କରାଯାଇଛି। ତୁଳସୀକ୍ଷେତ୍ର ବ୍ଲକ ଇସି ମହାସଂଘ ସଭାନେତ୍ରୀ ଅର୍ଚ୍ଚନା ନାୟକଙ୍କ ନେତୃତ୍ୱରେ ୨୪ଗୋଟି ପଞ୍ଚାୟତ କାର୍ଯ୍ୟକାରିଣୀ ସଦସ୍ୟାମାନେ ଏହି ପ୍ରତିବାଦରେ ସାମିଲ ହୋଇଛନ୍ତି। ବ୍ଲକ ଉପସଭାନେତ୍ରୀ ସୁପ୍ରଭା ମଲ୍ଲ, ମନ୍ଦାକିନୀ ପତି, ବିଦ୍ୟୁସ୍ମିତା ରାଉତ, ରୀନାରାଣୀ ଦାସ, ମମତା ମହାରଣା, ବ୍ଲକ ସାଧାରଣ ସମ୍ପାଦିକା




ସସ୍ମିତା ସାମଲ, ବ୍ଲକ ସମ୍ପାଦିକା ପ୍ରତିଭାରାଣୀ ସ୍ୱାଇଁ, ପୁଷ୍ପଲତା ମହାନ୍ତି, ଲକ୍ଷ୍ମୀପ୍ରିୟା ପରିଡ଼ା, ସହସମ୍ପାଦିକା ରଶ୍ମିତା ସ୍ୱାଇଁ, କୁସୁମଲତା କବି, ଜ୍ୟୋସ୍ନାମୟୀ ସ୍ୱାଇଁ, ବ୍ଲକ କୋଷାଧ୍ୟକ୍ଷା ଉର୍ମିଳା ମନ୍ତ୍ରୀ ଓ ଅନ୍ୟାନ୍ୟ ସଦସ୍ୟାମାନେ ପ୍ରତିବାଦରେ ସାମିଲ ହୋଇଥିଲେ। ସେମାନଙ୍କ ଦାବି ମଧ୍ୟରେ କୁହୁଡ଼ି ପଞ୍ଚାୟତର କାର୍ଯ୍ୟକାରିଣୀ ସଦସ୍ୟାମାନଙ୍କ ୧୪ମାସର ପାରିଶ୍ରମିକ ଗ୍ରସ୍ତଖର୍ଚ୍ଚ ପ୍ରଦାନ କରାଯାଉନାହିଁ। ସମସ୍ତ ସଦସ୍ୟଙ୍କୁ ୟୁନିଫର୍ମ ପ୍ରଦାନ କରାଯିବାକୁ ଦାବି କରାଯାଇଛି। ବିନା ରେଜୁଲେସନରେ ସାଧା ଖାତାରେ ସଦସ୍ୟାମାନଙ୍କ ନିକଟରୁ ଏମ୍‌ବିକେ ଦସ୍ତଖତ ନେଇ ମନମୁଖୀ କାର୍ଯ୍ୟ ଚାଲିବା ସହ ସଦସ୍ୟାମାନଙ୍କୁ ଅଶାଳୀନ ବ୍ୟବହାର ପ୍ରଦାନ କରୁଛନ୍ତି। ଏପରିକି ତୁମକୁ ପଦବିରୁ ହଟାଇଦେବାକୁ ଧମକ ଦେଉଥିବା ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି। କୁହୁଡି ପଞ୍ଚାୟତରେ ସଦସ୍ୟାଙ୍କ ନିକଟରୁ ଦସ୍ତଖତ ନେଇ ଅର୍ଥ ହ?ପକରିବା ନେଇ ଅଭିଯୋଗ ହୋଇଛି। ସରକାରଙ୍କ ତରଫରୁ ଅକ୍ଟୋବର ୨୦୨୩ରୁ ଲଗୁହୋଇଥିବା ବର୍ଦ୍ଧିତ ୫୦୦ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲ୍ଲିକ ଆନ୍ଦୋଳନକାରୀ ସଦସ୍ୟାଙ୍କ ସହିତ ଆଲୋଚନା କରି ଆସନ୍ତାକାଲି ସୁଦ୍ଧା ଦରମା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଛନ୍ତି। ଯଦି ଆସନ୍ତାକାଲି ସୁଦ୍ଧା ଇସି ସଦସ୍ୟଙ୍କୁ ଦରମା ପ୍ରଦାନ କରାନଯାଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ମହାସଂଘ ଚେତାବନୀ ଦେଇଛି।

## ବଟୁଆ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ଏରସମା, ୧୮।୩(ସମିସ): ଏରସମା ବ୍ଲକ ଚଟୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୮ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ୟାଚ୍‌ର ପ୍ରାକ୍ତନ ଛାତ୍ରଛାତ୍ରୀ ଏକାଠି ହୋଇ ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ରୋମନ୍ଥନ କରିଥିଲେ। ଏଥିସହିତ ପରସ୍ପର ପାରିବାରିକ ଜୀବନ ସମ୍ପର୍କରେ ଅବଗତ ହୋଇଥିଲେ। ଚଟୁଆ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଙ୍କର ଚରଣ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ସୁରେନ୍ଦ୍ର ନାଥ ରଥ, ରାଜକିଶୋର ତ୍ରିପାଠୀ, ଅଜେୟ କୁମାର ନାୟକ, ଶୁକଦେବ ଷଡ଼ଙ୍ଗୀ, ରାଜକିଶୋର ସାହୁ, କିରାଣି ପ୍ରହଲ୍ଲାଦ ପ୍ରଧାନ, କର୍ମଚାରୀ ଛବିନ୍ଦ୍ର ସ୍ୱାଇଁଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାକ୍ତନ ଛାତ୍ର ମନୋଜ କୁମାର ଦାସ, ଦୁର୍ଗାପ୍ରସାଦ ସ୍ୱାଇଁ, ରଞ୍ଜନ ସ୍ୱାଇଁ, ସାରଦା ପ୍ରସାଦ ଶତପଥୀ, ସୁମନ ସ୍ୱାଇଁ, ସୁକାନ୍ତ ସାହୁ, କର୍ମେଶ୍ୱର ପାତ୍ର, ମାନସ ପାଲ, ପ୍ରଦୀପ୍ତ ରାଉତରାୟ, ଶିଶିର ପ୍ରଧାନ, ଅନୀଲ ସ୍ୱାଇଁ, ମୈତ୍ରୀ ଶୁଭଲକ୍ଷ୍ମୀ ନାୟକ,



ସୁଇଟି ଜୁଲି ସ୍ୱାଇଁ, ଜୟଶ୍ରୀ ପାଲ, ବିନୋଦିନୀ ପରିଡ଼ା, ଗୀତାଞ୍ଜଳି ମହାପାତ୍ରଙ୍କ ସମେତ ବ୍ୟାଚ୍‌ର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## କେରୁଆଁପାଳରେ ଗୌରାଙ୍ଗ ମହୋତ୍ସବ

ରାଜନଗର, ୧୮।୩(ସମିସ): ରାଜନଗର ବ୍ଲକର କେରୁଆଁପାଳ ଗାଁରେ ଗୌରାଙ୍ଗ ମହାପ୍ରଭୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୬ ତାରିଖରେ ଆରମ୍ଭ ହୋଇଥିବା ୩ଦିନିଆ ମହୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ୩ ବର୍ଷ ଧରି କେରୁଆଁପାଳ ଗାଁରେ ଗୌରାଙ୍ଗ ମହାପ୍ରଭୁଙ୍କ ମହୋତ୍ସବ ଅନୁଷ୍ଠିତ ହେଉଛି। କାଠରେ ନିର୍ମିତ ଗୌରାଙ୍ଗ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା ସହିତ ସଂକୀର୍ତ୍ତନ ୩ଦିନ ଧରି ଚାଲିଥିଲା। କେରୁଆଁପାଳ ପଞ୍ଚାୟତ ସମେତ ରଙ୍ଗଣୀ, ବାଘମାରୀ, ତାଳଚୁଆ, କୃଷ୍ଣନଗର ଆଦି ପଞ୍ଚାୟତର ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ମହୋତ୍ସବରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଗାଁର ଗୌରାଙ୍ଗ ମହାପ୍ରଭୁ କମିଟିର ସଭାପତି ଭଗି ପାତ୍ର, ସମ୍ପାଦକ କାଳୀପଦ ମଣ୍ଡଳ, ଗାଁର ମୁରବୀ ଶୁକଦେବ ପ୍ରଧାନ, ପ୍ରଫୁଲ୍ଲ ମଣ୍ଡଳ, ଭାନୁ ଚରଣ ମଣ୍ଡଳ, ଶ୍ରୀନିବାସ ମଣ୍ଡଳ, ସଞ୍ଜୟ ମଣ୍ଡଳ, ଭାସ୍କର ମଣ୍ଡଳ, କେରୁଆଁପାଳ ସରପଞ୍ଚ ଗାୟତ୍ରୀ ପରିଡ଼ା, ସମିତିସଭ୍ୟ ମଧୁସୂଦନ ପ୍ରଧାନ ପ୍ରମୁଖ ଏହି ମହୋତ୍ସବ ପରିଚାଳନା କରିଥିଲେ।

## ଗାଁ ମଝିରେ ବାଲିଗଦାକୁ ନେଇ ଅସନ୍ତୋଷ



ପାରାଦୀପ, ୧୮।୩(ସମିସ): ଗାଁମଧ୍ୟରେ ସମୂହ ଯାତାୟତ ପାଇଁ ରହିଥିବା ରାସ୍ତା ଉପରେ ବାଲି ଗଦା ହେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।ଏଭଳି ଘଟଣା ଦେଖିବାକୁ ମିଳିଛି ପାରାଦୀପ ଉପକଣ୍ଠ ବିଶ୍ୱାଳି ଗ୍ରାମର ତଳସାହି ନିକଟରେ।ଗ୍ରାମର ଜନୈକ ବ୍ୟକ୍ତି ନିଜ ଘର କାମ ପାଇଁ ଆଣିଥିବା ବାଲିକୁ ଦୀର୍ଘ ୧୦/୧୨ ଦିନ ହେବ ରାସ୍ତା ଉପରେ ପକାଇ ରଖିଛନ୍ତି।ଯାହା ଫଳରେ ସେହି ରାସ୍ତା ଦେଇ ସ୍କୁଲ ଓ ବଜାରକୁ ଯାତାୟତରେ ବାଧା ସୃଷ୍ଟି ହେଉଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।ତେଣୁ ଏହି ବାଲିକୁ ତୁରନ୍ତ ଏଠାରୁ ସ୍ଥାନାନ୍ତରିତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।ବାଲି ଗଦା ହୋଇ ରାସ୍ତାର ଚାରିଆଡକୁ ଖେଳେଇ ହୋଇ ପଡ଼ିବା ଦ୍ୱାରା ବାଇକ ଓ ସାଇକଲ ଆରୋହୀଙ୍କ ଯାତାୟତରେ ଅସୁବିଧା ସୃଷ୍ଟି ହେବା ସହ ଚକା ସ୍ଲିପ କରି ଦୁର୍ଘଟଣା ଘଟୁଛି।

## ପ୍ରକୃତି କଣ୍ଟେନର ଅପରେସନ ଟ୍ରଷ୍ଟର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ପାରାଦୀପ, ୧୮।୩ (ସମିସ): ପ୍ରକୃତି କଣ୍ଟେନର ଅପରେସନ ଟ୍ରଷ୍ଟର ନୂତନ ଶାଖା କାର୍ଯ୍ୟାଳୟ ବଡପଡ଼ିଆ ବସଷ୍ଟାଣ୍ଡଠାରେ ଆଜି ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ପରିବେଶବିତ ଙ୍ଗ ଅମରେଶ ନରେଶ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଏକତ୍ରିତ ହୋଇ ସ୍ଥାନୀୟ ଗଲ୍ ଫିଲଡ଼ଠାରେ ପରିବେଶବିତ ଶ୍ରୀ ସାମନ୍ତଙ୍କ ନେତୃତ୍ୱରେ ଏକ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ମାଲିକ ଓ କର୍ମକର୍ତ୍ତାମାନେ ପରିବେଶ ସ୍ୱଚ୍ଛ ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ। ଟ୍ରଷ୍ଟର ଆଭିମୁଖ୍ୟ ଅନୁଯାୟୀ ପାରାଦୀପ ଅଞ୍ଚଳ ପରିବେଶ ପ୍ରଦୂଷଣରୁ ରକ୍ଷା ପାଇବା ନେଇ ଟ୍ରଷ୍ଟ ବ୍ୟାପକ ବୃକ୍ଷ ରୋପଣ ଉପରେ ପ୍ରାଧାନ୍ୟ ଦେବା ସହିତ ଗରିବ ନିଷ୍ପେସିତ ପରିବାରଙ୍କୁ ସହାୟତାର ହାତ ମଧ୍ୟ ବଢ଼ାଇବ। ବଡ଼ପଡ଼ିଆ ନୂତନ ଶାଖା କାର୍ଯ୍ୟାଳୟ ଖୋଲା ହେବା ଦ୍ୱାରା ବନ୍ଦର ୫ ନମ୍ବର ଗେଟ ମଧ୍ୟରୁ ଯାଉଥିବା କଣ୍ଟେନର ବ୍ୟବସାୟରେ ସହଜ ହେବା ନେଇ ସୂଚନା ଦେଇଛନ୍ତି ଟ୍ରଷ୍ଟ ର ସଭାପତି ପ୍ରଭଞ୍ଜନ ସେନାପତି। ଉଦଘାଟନୀ କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ସଭାପତି ଶ୍ରୀ ସେନାପତିଙ୍କ ସମେତ ସମ୍ପାଦକ ରବିନାରାୟଣ ପ୍ରଧାନ, ସହ ସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ନିରଞ୍ଜନ ବେହେରା ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



### ଜରାଜୀର୍ଣ୍ଣ ଅବସ୍ଥାରେ ଉର୍ଦ୍ଦୁ ପାଠାଗାର

## ମରାମତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୧୮।୩(ସମିସ): କେନ୍ଦ୍ରାପଡ଼ା ସହର ଉପକଣ୍ଠରେ ଥିବା କେନ୍ଦ୍ରାପଡ଼ା ଉର୍ଦ୍ଦୁ ପାଠାଗାର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ପ୍ରତ୍ୟେକ ଦିନ ଶହ ଶହ ବିଦ୍ୟାର୍ଥୀ ଏହି ପାଠାଗାରକୁ ପଢ଼ିବାକୁ ଆସିଥା'ନ୍ତି। କେନ୍ଦ୍ରାପଡ଼ା ପୌରପରିଷଦ ପକ୍ଷରୁ କ୍ରମାନତ ଭାବେ ଏହି ଉର୍ଦ୍ଦୁ ଲାଇବ୍ରେରୀ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ଏବେ ଏହି ଲାଇବ୍ରେରୀଟି ଶୋଚନୀୟ ହୋଇପଡ଼ିଛି। ଯାହାକୁ ନେଇ ଉର୍ଦ୍ଦୁ ଲାଇବ୍ରେରୀରେ ପଢୁଥିବା ବିଦ୍ୟାର୍ଥୀମାନେ ପ୍ରଥମେ କେନ୍ଦ୍ରାପଡ଼ା ପୌରପରିଷଦ କାର୍ଯ୍ୟାଳୟକୁ ଯାଇ କୌଣସି ଅଧିକାରୀଙ୍କ ଦେଖା ନ ପାଇ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଇ ଲିଖିତ ଅଭିଯୋଗ କରିଛନ୍ତି। ଉର୍ଦ୍ଦୁ ଲାଇବ୍ରେରୀ ଦେଖିଲେ, ଯେକେହି ଭାବିବ କେମିତି ପାଠ ପଢୁଛନ୍ତି ପିଲା। ଏହି ଲାଇବ୍ରେରୀରେ ଥିବା ଶୌଚାଳୟ ଅଚଳ ହୋଇ ପଡ଼ିରହିଛି। ଫ୍ୟାନ ବୁଲୁନି, କମ୍ପ୍ୟୁଟର ଚାଲୁନି। ଏପରିକି ବିଦ୍ୟୁତ୍ ବି ଅନେକ ସମୟରେ ଠିକ୍ ଭାବେ ରହୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଛାତ୍ରଛାତ୍ରୀମାନେ ନାହିଁ ନଥିବାର ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି। ଏହି ଲାଇବ୍ରେରୀର ପୁନରୁଦ୍ଧାର କରାଯିବାକୁ ଦାବି ହୋଇଛି।



### ଧୂମାତ ନାଏବ ସରପଞ୍ଚଙ୍କୁ ଅପହରଣ

## ଡେରାବିଶ ଥାନାରେ ମାମଲା

ଡେରାବିଶ, ୧୮।୩ (ସମିସ): କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଧୂମାତ ପଞ୍ଚା।ୟତର ନାଏବ ସରପଞ୍ଚ ସୁନାକର ମଲିକ ତାଙ୍କୁ ଦୁଇଦିନ ପାଇଁ ଅପହରଣ କରାଯାଇଥିବା ନେଇ ଡେରାବିଶ ଥାନାରେ ଗତକାଲି ସନ୍ଧ୍ୟାରେ ନିଜେ ସୁନାକର ଅଭିଯୋଗ କରିଛନ୍ତି। ଡେରାବିଶ ପୁଲିସ ଅଭିଯୋଗକୁ ଭିତ୍ତିକରି ଆଜି ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ ଚଳାଇଥିବା ପୁଲିସ ସୂଚନା ଦେଇଛି। ଅଭିଯୋଗ ଅନୁଯାୟୀ ଧୂମାତ ସରପଞ୍ଚ ମଞ୍ଜୁଲତା ସେଠୀଙ୍କର ଦୁଇରୁ ଅଧିକ ସନ୍ତାନ ଥିବା ଘଟଣାରେ ଗତ ଫେବୃୟାରୀ ୨୯ ତାରିଖରେ ପଦବୀ ହରାଇଥିଲେ। ତେବେ ସମ୍ପୃକ୍ତ ପଞ୍ଚାୟତର ନାଏବ ସରପଞ୍ଚ ଥିବା ସୁନାକର ଚଳିତ ମାସ ୧୪ ତାରିଖରୁ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥାନ୍ତେ। ମାତ୍ର ଏହା ପୂର୍ବରୁ ସୁନାକରଙ୍କୁ ଫିଲ୍ମଷ୍ଟାଇଲରେ ଅପହରଣ କରାଯାଇଥିଲା। ସରପଞ୍ଚ ଦାୟିତ୍ୱ ନେବା ପୂର୍ବରୁ ଗତ ୧୩ ତାରିଖରେ ସୁନାକର ଡେରାବିଶ ଥାନା ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତ ନୂଆଗାଁସ୍ଥିତ ତାଙ୍କ ଶ୍ୱଶୁର ଘରକୁ ବୁଲି ଯାଇଥିଲେ। ପରଦିନ ଘଟଗାଁ ଯାଇ ମା' ତାରିଣୀଙ୍କ ଦର୍ଶନ ପାଇଁ ସ୍ଥିର କରିଥିଲେ। ସେହିଦିନ ସରପଞ୍ଚଙ୍କ ସମର୍ଥକ କୁହାଯାଉଥିବା କେତେକ ଯୁବକ ତାଙ୍କୁ ବାରମ୍ବାର ଫୋନ୍‌ଯୋଗେ ଜରୁରୀ କାମ ଅଛି ବୋଲି କହିଥିଲେ। ସୁନାକର ନୂଆଗାଁ ଶ୍ୱଶୁର ଘରେ ଅଛନ୍ତି ବୋଲି କହିବାରୁ ସେଠାକୁ ଯାଇ ତାଙ୍କ ସହ ଆଲୋଚନା କରିଥିଲେ। ସୁନାକର ଘଟଗାଁ ଯିବାକଥା ଜାଣିବା ପରେ ସରପଞ୍ଚ ଗାଡ଼ି ପଠାଇବେ ଓ ସେହି ଗାଡ଼ିରେ ତୁମେ ଘଟଗାଁ ଯିବ ବୋଲି ସମ୍ପୃକ୍ତ ଯୁବକମାନେ ତାଙ୍କୁ କହିଥିଲେ ବୋଲି ସୁନାକର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ସରପଞ୍ଚ ପଠାଇଥିବା ଗାଡ଼ିରେ ସୁନାକର, ତାଙ୍କ ପତ୍ନୀ, ଶ୍ୱଶୁର ଓ ଶାଶୁଙ୍କ ସମେତ ସମ୍ପୃକ୍ତ ଯୁବକମାନେ ଘଟଗାଁ ଯାଇଥିଲେ। ଅନ୍ୟପକ୍ଷରେ ଘଟଗାଁରେ ଥିବା ବେଳେ ଧୂମାତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ତୁରନ୍ତ ସରପଞ୍ଚ ଦାୟିତ୍ୱ ନେବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସିବା ପାଇଁ ଫୋନ୍ ଯୋଗେ ସୁନାକରଙ୍କୁ କହିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ତେବେ ସୁନାକର ଘଟଗାଁରେ ଥିବାରୁ ଆଜି ପରିବର୍ତ୍ତେ ୧୫ ତାରିଖରେ ଦାୟିତ୍ୱ ନେବେ ବୋଲି କାର୍ଯ୍ୟନିର୍ବାହୀଙ୍କୁ କହିଥିଲେ। ତେବେ ଘଟଗାଁରୁ ଫେରିବା ପରେ ଡେରାବିଶ ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ଛତା ଠାରେ ସମ୍ପୃକ୍ତ ଯୁବକମାନେ ଓହ୍ଲାଇବା ସହ ସୁନାକରଙ୍କୁ ମଧ୍ୟ ଗାଡ଼ିରୁ ଓହ୍ଲାଇ ଦେଇଥିଲେ। ପରେ ସେହି ଗାଡ଼ିରେ ସୁନାକରଙ୍କ ପରିବାରକୁ ତାଙ୍କ ଶ୍ୱଶୁର ଘରକୁ ପଠାଇଦେଇଥିଲେ। ଛତାଠାରେ ପୂର୍ବରୁ ଅଟକି ରହିଥିବା ଅନ୍ୟ ଏକ ଗାଡ଼ିରେ ସୁନାକରଙ୍କୁ ବସାଇ ସମ୍ପୃକ୍ତ ଯୁବକମାନେ ଏକ ଅଜଣା ସ୍ଥାନକୁ ନେଇ ଯାଇଥିଲେ। ନେବା ବାଟରେ ମନୋଜ ତାଙ୍କୁ ଗାଡ଼ି ଭିତରେ ମାଡ଼ ମାରିବା ସହ ସୁନାକରଙ୍କୁ ଜାତିଆଣ ଆକ୍ଷେପ କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ତେବେ ତାଙ୍କୁ ଏକ ଅଜଣା ସ୍ଥାନରେ ୧୪ ତାରିଖ ରାତିରେ ରଖାଯାଇ ୧୫ ତାରିଖ ଅପରାହ୍ନରେ ଇନ୍ଦୁପୁର ଠାରେ ଛାଡ଼ି ଦେଇଥିଲେ ବୋଲି ସୁନାକର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ପୁଲିସ୍ ଏହାକୁ ଅତି ଗୁରୁତ୍ୱର ସହ ନେଇ ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୯୨ ● ପାଉଣ୍ଡ ୧୦୫.୬୨
- ୟୁରୋ ୯୦.୯୨ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୦,୭୩୦ (ନୂଆଦିଲ୍ଲୀ)
- ରୁପା : ୮୫,୭୩୨ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୭୪୮.୦୦
- ନିଫ୍ଟି ୨୨,୦୫୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ହାୟର ଇଣ୍ଡିଆ 'ଇନ ଇଣ୍ଡିଆ, ଫର ଇଣ୍ଡିଆ' ଅଭିନବତାର ୨୦ ବର୍ଷ ପୂର୍ତ୍ତି



**ନୂଆଦିଲ୍ଲୀ,୧୮।୩(ସମିସ):** ହାୟର ଆପ୍ଲାଏନସ କ୍ରମାଗତ ଭାବରେ ୧୫ ବର୍ଷ ଧରି ଭାରତୀୟ ପ୍ରମୁଖ ଉପକରଣ ବ୍ରାଣ୍ଡ ଭାବରେ ନିଜର ୨୦ତମ ବର୍ଷ ପୂର୍ତ୍ତି ପାଳନ କରିଛି। ମେକ୍ ଇନ୍ ଇଣ୍ଡିଆ, ମେଡ ଫର ଇଣ୍ଡିଆ ପ୍ରତି ନିଜର ପ୍ରତଶ୍ରୁତିକୁ ସଦୃଢ କରି ଏହାର ଉତ୍ପାଦ ବିସ୍ତାର କରିଛି। ନୂଆ ଉତ୍ପାଦ ରେଞ୍ଜରେ ଓଏଲଇଡି ଓ କ୍ୟୁଏଲଇଡି ଟିଭି, ସୁପର ହେଭି ଡ୍ୟୁଟି ଏସି, ଭଗ ଓ ସ୍ମାର୍ଟ କନଭର୍ଟିବଲ ରେଫ୍ରିଜରେଟର, ୱାସର ଓ ଡ୍ରାୟର ଫ୍ରଣ୍ଟ ଲୋଡ ୱାସିଂ ମେସିନ ତଥା ଆହୁରି ଅଧିକ ସମାଗ୍ରୀ ଉପରେ ବିସ୍ତାର କରିଛି। ଏହି ସବୁ ଉପକରଣ ଗୁଡ଼ିକ ଘର ପାଇଁ ଉପଯୁକ୍ତ ପସନ୍ଦ ହୋଇପାରିବ। ଏହା ବ୍ୟତୀତ ଏହାର ରୋବୋ ଭାକ୍ୟୁମ କ୍ଲିନର, ସ୍ମାର୍ଟ ରୋଷେଇ ଉପକରଣ, ମାଇକ୍ରୋୱେଭ, ୱାଟର ହିଟର ଓ ଅନ୍ୟାନ୍ୟ ସ୍ମାର୍ଟ ସାମଗ୍ରୀକୁ ଉନ୍ମୋଚନ କରିଛି। ଏହାର ୨୦ ବର୍ଷ ପୂର୍ତି ପାଳନ ଅବସରରେ ହାୟର ଅପ୍ଲାଏନସର ସଭାପତି ଏନ.ଏସ ସତୀଶ କହିଛନ୍ତି ଯେ ଆଜି ଆମେ ଭାରତରେ ଆମର ୨୦ତମ ବର୍ଷ ପୂର୍ତି ପାଳନ କରୁଛୁ। ଏହି ମାଇଲ ଖୁଣ୍ଟ ଅତିକ୍ରମ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଆମର କର୍ମଚାରୀମାନେ ଏହି ସଫଳତାର ପ୍ରକୃତ ଭାଗିଦାରୀ। ଏହି ଯାତ୍ରା ସମୟରେ ଗ୍ରାହକଙ୍କ ପାଇଁ ନବ ସୃଜନତା ପ୍ରତି ଆମେ ଯତ୍ନବାନ ରହିଛୁ। ମେକ ଇନ ଇଣ୍ଡିଆ, ମେଡ ଫର ଇଣ୍ଡିଆ ପ୍ରତି ନିଜର ପ୍ରତଶ୍ରୁତିକୁ ସୁଦୃଢ କରି ଏହାର ଉତ୍ପାଦ ବିସ୍ତାର କରିଛି।

## ଆଇସିଏମ୍ଏଆଇ ଭୁବନେଶ୍ୱର ଚାପ୍ଟରକୁ 'ସର୍ବଶ୍ରେଷ୍ଠ ଚାପ୍ଟର୍ସ ପୁରସ୍କାର'



**ଭୁବନେଶ୍ୱର,୧୮।୩(ସମିସ):** ଇନ୍ଦୋରଠାରେ ଆୟୋଜିତ ନ୍ୟାଶନାଲ ରିଜିଓନାଲ କାଉନ୍‌ସିଲ ଆଣ୍ଡ ଚାପ୍ଟର୍ସ ମିଟ୍‌ରେ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍ଏଆଇ)-ଭୁବନେଶ୍ୱର ଚାପ୍ଟରକୁ ଇଷ୍ଟର୍ଣ୍ଣ ରିଜିଅନ୍ର କାଟେଗୋରୀ 'ଏ' ଅନ୍ତର୍ଗତ ଏହାର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ'ସର୍ବଶ୍ରେଷ୍ଠ ଚାପ୍ଟର୍ସ ପୁରସ୍କାର' ପ୍ରାପ୍ତ ହୋଇଛି। ଆଇସିଏମ୍ଏଆଇକୁ କ୍ରମାଗତ ଭାବେ ୨୩ ଥର ଧରି ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ସିଏମ୍ଏ ସୂର୍ଯ୍ୟନାରାୟଣ ତ୍ରିପାଠୀ, ଚେୟାରମ୍ୟାନ୍, ସିଏମ୍ଏ ରମେଶ ଚନ୍ଦ୍ର ପାତ୍ର, ସେକ୍ରେଟାରୀ ଏହି ପୁରସ୍କାରକୁ ପ୍ରେସିଡେଣ୍ଟ ଓ ଆଇସିଏମ୍ଏଆଇର କାଉନ୍‌ସିଲର ସଦସ୍ୟ, ସିଏମ୍ଏ ଦାମୋଦର ମିଶ୍ର, କୋଷାଧ୍ୟକ୍ଷ, ଇଆଇଆର୍ସି ଏବଂ ଆଇସିଏମ୍ଏଆଇ-ଇଆଇଆର୍‌ସିର ଅନ୍ୟାନ୍ୟ ଆଞ୍ଚଳିକ ପରିଷଦ ସଦସ୍ୟଙ୍କ ଉପସ୍ଥିତିରେ ଗ୍ରହଣ କରିଥିଲେ। ଏହି ଅବସରରେ ଚେୟାରମ୍ୟାନ ଏବଂ ସେକ୍ରେଟାରୀ, ମ୍ୟାନେଜିଂ କମିଟି ସଦସ୍ୟ, ଫାଉଣ୍ଡର ସଦସ୍ୟ, ସଦସ୍ୟ, ଫାକଲ୍ଟି, ଛାତ୍ରଛାତ୍ରୀ, ଚାପ୍ଟରର ଷ୍ଟାଫ୍ ଏବଂ ହିତାଧିକାରୀଙ୍କ ସମର୍ଥନ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି। ସିଏମ୍ଏ ବୃତ୍ତିଗତ ପାଠ୍ୟକ୍ରମରେ ଅଧିକ ଉନ୍ନତି ଆଣିବା ପାଇଁ ଭବିଷ୍ୟତରେ ଭୁବନେଶ୍ୱର ଚାପ୍ଟର ଏହି ସମାନ ସ୍ତରର ଉତ୍ସର୍ଗୀକୃତତା ବଜାୟ ରଖିବ ବୋଲି ପ୍ରକାଶ କରାଯାଇଥିଲା। ଉପସ୍ଥିତ ସମସ୍ତେ ଏହି ପୁରସ୍କାର ପାଇଁ ନିଜର ଖୁସି ବ୍ୟକ୍ତ କରିଥିଲେ।

### ଆଉ ଚାଲିବନି ମୋବାଇଲ୍ ଉପଭୋକ୍ତାଙ୍କ ମନମାନୀ

# ସିମ୍ ସ୍ୱାପିଂ ପରେ ହୋଇପାରିବନି ନମ୍ବର ପୋର୍ଟେବିଲିଟି

**ନୂଆଦିଲ୍ଲୀ,୧୮।୩(ଏଜେନ୍ସି)**

ଯଦି ଆପଣ ଜଣେ ମୋବାଇଲ୍ ବ୍ୟବହାରକାରୀ ଏବଂ ଏକ ସିମ୍ କାର୍ଡ ବ୍ୟବହାର କରୁଥାନ୍ତି ତେବେ ଆପଣଙ୍କୁ ସତର୍କ ରହିବା ଆବଶ୍ୟକ। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ସିମ୍ କାର୍ଡ ସମ୍ବନ୍ଧରେ ଏକ ବଡ ପରିବର୍ତ୍ତନ କରିଛି। ଏହି ନୂଆ ନିୟମ ଆସନ୍ତା ଜୁଲାଇ ପହିଲାଠାରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ନିୟମ ବିଶେଷ ଭାବରେ ଯେଉଁମାନେ ଭାରତରେ ସିମ୍ କାର୍ଡ ବ୍ୟବହାର କରୁଛନ୍ତି ସେମାନଙ୍କ ପାଇଁ ଲାଗୁ ହେବ। ଏମିତିକି ଟ୍ରାଇ ଦ୍ୱାରା ଜାରି କରାଯାଇଥିବା ଏହି ନୂତନ ନିୟମ ଅନୁସରଣ କରିବା ସମସ୍ତ ମୋବାଇଲ ବ୍ୟବହାରକାରୀଙ୍କ ପାଇଁ ବାଧ୍ୟତାମୂଳକ ହେବ। ଟେଲିକମ୍ କ୍ଷେତ୍ରରେ ଦିନକୁ ଦିନ ବଢ଼ି ଚାଲିଥିବା ଜାଲିଆତି ଘଟଣାକୁ ରୋକିବା ପାଇଁ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଯଦି ଆପଣ ବର୍ତ୍ତମାନ ଆପଣଙ୍କର ସିମ୍ ଅଦଳବଦଳ କରିଛନ୍ତି କିମ୍ବା ଏହା କରିବାକୁ ଯୋଜନା କରୁଛନ୍ତି, ତେବେ ଏହି ଜିନିଷଗୁଡ଼ିକ ପ୍ରତି ନିଶ୍ଚିତ ରୂପେ ଧ୍ୟାନ ଦେବେ। ଏହି ନୂତନ ନିୟମ ଅନୁଯାୟୀ, ସିମ୍ ସ୍ୱାପିଂ ବା ଅଦଳବଦଳ କରିବା ପରେ ଉପଭୋକ୍ତାମାନେ ଆଉ ମୋବାଇଲ୍ ନମ୍ବର ପୋର୍ଟ ବା ପୋର୍ଟେବିଲିଟି କରିପାରିବେନାହିଁ।

ନୂଆ ବ୍ୟବସ୍ଥାରେଥରେ ସିମ୍ ସ୍ୱାପିଂ କରିବା ପରେ ଉପଭୋକ୍ତାମାନେ ଅନ୍ୟ ନମ୍ବର ଥିବା ଟେଲିକମ୍ କମ୍ପାନୀକୁ ସେମାନଙ୍କ ନମ୍ବରକୁ ପେର୍ଟେବିଲିଟି କରିବା ବା ବଦଳାଇପାରିବେ ନାହିଁ। ଏହା ନିଶ୍ଚିତ ଯେ ଏହି ନୂତନ ନିୟମ ମୋବାଇଲ ଉପଭୋକ୍ତାମାନଙ୍କୁ ସାଇବର ଠକେଇରୁ ରକ୍ଷା କରିବାରେ ସାହାଯ୍ୟ କରିବ। ସାଇବର ଠକେଇ ମାମଲାରେ, ସ୍କାମରମାନେ ବାରମ୍ବାର ବ୍ୟବହାରକାରୀଙ୍କୁ ଠକିବା ପାଇଁ ସିମ୍ ଅଦଳବଦଳ ବ୍ୟବହାର କରିଥାନ୍ତି। ସିମ୍ ସ୍ୱାପିଂ ବା ଅଦଳବଦଳ ପରେ ଉପଭୋକ୍ତାମାନଙ୍କର ସମସ୍ତ କଲ୍, ମେସେଜ୍ ଏବଂ ଓଟିପି ଅନ୍ୟ ଫୋନ୍‌ରେ ଗ୍ରହଣ କରିବା ଆରମ୍ଭ କରିଥାଏ, ଯେଉଁଥିପାଇଁ ସେମାନେ ପ୍ରତାରଣାର ଶିକାର ହୋଇପାରନ୍ତି। ଉପଭୋକ୍ତାମାନେ ଏହି ନିୟମକୁ ଅନୁସରଣ କରିବା ପାଇଁ ସଚେତନ ହେବା ଉଚିତ୍ ଏବଂ ଆପଣଙ୍କର ସିମ୍ କାର୍ଡକୁ ସୁରକ୍ଷିତ ରଖିବା ପାଇଁ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

ସରଳ ଶବ୍ଦରେ ବୁଝାଇବାକୁ କଲେ ସିମ୍ ସ୍ୱାପିଂ କେବଳ ନକଲ ସିମ୍ ଅପସାରଣ କରିବା ଲକ୍ଷ୍ୟ ରଖି କରାଯାଇଥାଏ। ଠକେଇର ଏହି ପଦ୍ଧତିରେ ସାଇବର ଅପରାଧୀମାନେ ଉପଭୋକ୍ତାଙ୍କର ନକଲ ସିମ୍ ପାଇଯାଇଥାନ୍ତି। ବ୍ୟବହାରକାରୀଙ୍କ ମୋବାଇଲ୍ ନମ୍ବର ସହିତ ଏକ ନୂତନ ସିମ୍ ପଞ୍ଜୀକୃତ ହୋଇଛି। ଏହାପରେ ଉପଭୋକ୍ତାଙ୍କ ପାଖରେ ଥିବା ସିମ୍ ସ୍ୱିଚ୍ ଅଫ୍ ବା ବନ୍ଦ ହୋଇଯାଇଥାଏ। ଏହି ସମୟରେ ଠକମାନେ ଅନ୍ୟ ଏକ ସିମ୍ ବାହାର କରିନେଇଥାନ୍ତି, ଏହିଠାରୁ ହିଁ ଅସଲି ଖେଳ ଆରମ୍ଭ ହୋଇଥାଏ। ଠକମାନେ ସେମାନଙ୍କ ଡିଭାଇସ୍‌ରେ ସେହି ନକଲ ସିମ୍‌କୁ ବ୍ୟବହାର କରିଥାନ୍ତି। ଉପଭୋକ୍ତାଙ୍କ ନମ୍ବରକୁ ଆସୁଥିବା କଲ୍, ମେସେଜ୍ ଏବଂ ଓଟିପିକୁ ଠକମାନେ ଆକ୍‌ସେସ୍ କରିନେଇଥାନ୍ତି। ଏଠାରୁ ବ୍ୟାଙ୍କିଙ୍ଗ୍ ଠକେଇ କରିବା ସହିତ ଠକମାନେ ଅନେକ ପ୍ରକାରରେ ବ୍ୟକ୍ତିଗତ ସୂଚନା ପାଇଯାଇଥାନ୍ତି।



**ସିମ୍ କାର୍ଡ ସମ୍ବନ୍ଧୀୟ ନିୟମ ଜୁଲାଇ ପହିଲାରୁ ହେବ କାର୍ଯ୍ୟକାରୀ**

## ସୁପ୍ରିମକୋର୍ଟଙ୍କଠାରୁ ଆଦାନୀଙ୍କ ବଡ଼ ଝଟ୍‌କା

### ୧୩୦୦ କୋଟିର ମାମଲାର ବିଚାର କରିବାକୁ ମନା କଲେ

**ନୂଆଦିଲ୍ଲୀ,୧୮।୩(ଏଜେନ୍ସି):** ସୁପ୍ରିମକୋର୍ଟଙ୍କ ଆଡୁ ଶିଳ୍ପପତି ଗୌତମ ଆଦାନୀଙ୍କୁ ଆଉ ଏକ ବଡ ଝଟ୍‌କା ଲାଗିଛି। ଆଦାନୀଙ୍କ କମ୍ପାନୀ ସହ ଜଡିତ ୧୩୦୦ କୋଟି ଟଙ୍କାର ଏକ ମାମଲାର ବିଚାର କରିବାକୁ ସୁପ୍ରିମକୋର୍ଟ ସିଧାସଳଖ ମନା କରିଦେଇଛନ୍ତି। ରାଜସ୍ଥାନର ବିଦ୍ୟୁତ ବିତରଣକାରୀ କମ୍ପାନୀ (ଡିସକମ୍) ସମ୍ପର୍କିତ ୧୩୦୦ କୋଟିରୁ ଅଧିକ ମୂଲ୍ୟର ବିଳମ୍ବିତ ପେମେଣ୍ଟ ସରଚାର୍ଜ ମାମଲାର ବିଚାର କରିବାକୁ କୋର୍ଟ ଅଗ୍ରାହ୍ୟ କରିଛନ୍ତି। ଆହୁରିମଧ୍ୟ ସର୍ବୋଚ୍ଚ ଅଦାଲତ ଆଦାନୀଙ୍କ କମ୍ପାନୀ ଆଦାନୀ ପାୱାରକୁ ଏ ନେଇ ତାଗିଦ କରିଛନ୍ତି। ଏହାବ୍ୟତୀତ କମ୍ପାନୀ ଉପରେ ୫୦ ହଜାର ଟଙ୍କାର ଜୋରିମାନା ମଧ୍ୟ ଲାଗୁ କରାଯାଇଛି।

ଏଲ୍‌ପିଏସ୍ ଦାବି କରୁଥିବା ଆଦାନୀ ପାୱାରର ଆବେଦନ ଉପରେ ବିଚାର କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। କେବଳ ଏତିକି ନୁହେଁ ଆଦାନୀ ପାୱାର ଉପରେ କୋର୍ଟ ୫୦,୦୦୦ ଟଙ୍କା ଜରିମାନା ମଧ୍ୟ ଲଗାଇଛନ୍ତି। କୋର୍ଟ ଆଦାନୀ ପାୱାରକୁ ତାଗିଦ୍ କରି କହିଛନ୍ତି ଯେ ବିବିଧ ଆବେଦନ ଏକ ଉପଯୁକ୍ତ ଆଇନଗତ ଉପାୟ ନୁହେଁ। ଅଦାଲତ କହିଛନ୍ତି ଯେ ସ୍ପଷ୍ଟୀକରଣ ମାଗୁଥିବା ଏକ ଆବେଦନରେ ଏଭଳି ଆଶ୍ୱସ୍ତି ମଗାଯାଇପାରିବ ନାହିଁ। ଏହା ପରେ କୋର୍ଟ ଆଦାନୀ ପାୱାରରଏହି ମାମଲାର ବିଚାର କରିବାକୁ ମନା କରିଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଆଦାନୀ ପାୱାର ରାଜସ୍ଥାନ ଡିସ୍‌କମ୍‌ଠାରୁ ଏଲ୍‌ପିଏସ୍ ଭାବରେ ୧୩୦୦ କୋଟିରୁ ଅଧିକ ଟଙ୍କା ମାଗିଥିଲେ। ଏହା ରାଜସ୍ଥାନ ସରକାରଙ୍କ ଅଧୀନରେ ଥିବା ବିଦ୍ୟୁତ୍ ବିତରଣକାରୀ କମ୍ପାନୀ ଜୟପୁର ବିଦ୍ୟୁତ୍ ବିତରଣ ନିଗମ ଲିମିଟେଡ୍ ଅଧୀନରେ ରହିଛି। ଜୟପୁର ବିଦ୍ୟୁତ୍ ବିତରଣ ନିଗମ ଲିମିଟେଡ୍ (ଜେଭିଭିଏନ୍‌ଏଲ୍) ନେତୃତ୍ୱରେ ହୋଇଥିବା ଡିସକମ୍ ଏହି ମାମଲାର ଲିଷ୍ଟିଂକୁ ନେଇ ସନ୍ଦେହ ପ୍ରକଟ କରିଛିବ କମ୍ପାନୀ ଅଗଷ୍ଟ ୨୦୨୦ରେ ସ୍ଥିର ହୋଇଥିବା ଏଲ୍‌ପିଏସ୍ ଦେୟ ଉପରେ ସ୍ପଷ୍ଟୀକରଣ ମାଗିଛି। କ୍ଷତିପୂରଣ ବାବଦରେ, ଆଦାନୀ ପାୱାର ଆବେଦନରେ ଜେ ଭି ଭି ଏ ନ୍ ଏ ଲ୍ ଠାରୁ ୧୩୭୬.୩୫ କୋଟି ଟଙ୍କା ଅଧିକ ଦେବାକୁ ଦାବି କରିଛି। ଆଇନରେ ପରିବର୍ତ୍ତନ ଏବଂ ପରିବହନ ଖର୍ଚ୍ଚ ଅଗଷ୍ଟ ୨୦୨୦ର ନିଷ୍ପତ୍ତିରେ ସ୍ଥିର ହୋଇଥିଲା। ଏଥିରେ ଆଦାନୀ ପାୱାର ଏହା ଯୁକ୍ତି ଥିଲା କି କମ୍ପାନୀ ଜାନୁଆରୀ ୨୦୧୦ରେ ଜେଭିଭିଏନ୍‌ଏଲ୍ ସହିତ ବିଦ୍ୟୁତ୍ କ୍ରୟ ଚୁକ୍ତି (ପିପିଏ) ଅନୁଯାୟୀ ଏହା ଏଲ୍‌ପିଏସ୍‌ଠାରୁ ଭିନ୍ନ | କୋର୍ଟ କହିଛନ୍ତି ଯେ ଆଦାନୀ ପାୱାର ଏହି ନିଷ୍ପତ୍ତି ବିରୋଧରେ କୌଣସି ସମୀକ୍ଷା ଆବେଦନ କରିନାହାଁନ୍ତି। ମାର୍ଚ୍ଚ ୨୦୨୧ରେ ରାଜସ୍ଥାନ ଡିସ୍‌କମ୍‌ର ଏକମାତ୍ର ସମୀକ୍ଷା ଆବେଦନ ପ୍ରତ୍ୟାଖ୍ୟାନ କରାଯାଇଥିଲା। ବିଦ୍ୟୁତ୍ ବିବାଦ ଉପରେ ଉପଯୁକ୍ତ ଫୋରମ୍ ନିକଟକୁ ଯିବାକୁ ଅନୁମତି ଦେବା ପାଇଁ ଆଦାନୀ ପାୱାର ଏହାର ଆବେଦନ ପ୍ରତ୍ୟାହାର କରିବାକୁ ଇଚ୍ଛା ପ୍ରକାଶ କରିଥିଲା।




## ଶ୍ରୀଦୁର୍ଗା ଲକି ଡ୍ର' ବିଜେତା ଘରକୁ ନେଲେ 'ହାର୍ଲେ ଡେଭିଡ୍‌ସନ'

**ଭୁବନେଶ୍ୱର,୧୮।୩(ସମିସ):** ଓଡ଼ିଶାରସର୍ବବୃହତ୍ଶାଢୀଏବଂଗାର୍ମେଣ୍ଟସ୍‌ତଥାଖ୍ୟାତିସମ୍ପନ୍ନ 'ଶ୍ରୀଦୁର୍ଗା' ଫ୍ୟାମିଲି ଷ୍ଟୋର ପକ୍ଷରୁ ଗତ ଦୁର୍ଗାପୂଜାରେ ଆରମ୍ଭ ହୋଇଥିବା ଲକି ଡ୍ର'ଅଫରର ବିଜେତାଙ୍କ ନାମ ୨୦୨୪ ଜାନୁୟାରୀ ମାସରେ ଘୋଷଣା କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଜନପଥସ୍ଥିତ ଷ୍ଟୋରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ମିଭାନ ସାମନ୍ତରାୟ ଏହି ଲକି ଡ୍ର'ରେ ଜିତିଥିଲେ ଏକ 'ହାର୍ଲେ ଡେଭିଡ୍‌ସନ୍' ବାଇକ୍। ଉକ୍ତ କାର୍ଯ୍ୟକ୍ରମରେ ତାଙ୍କୁ କେବଳ ବାଇକ୍‌ର ଏକ ପ୍ରତିକୃତୀ ଦିଆଯାଇଥିବାବେଳେ ଆଜି ତାଙ୍କୁ ସମ୍ପୂର୍ଣ୍ଣ ବାଇକ୍ ଦିଆଯାଇଛି। ୨ ବର୍ଷ ପୂର୍ବେ 'ଶ୍ରୀଦୁର୍ଗା' ଫ୍ୟାମିଲି ଷ୍ଟୋର ପକ୍ଷରୁ ଆରମ୍ଭ ହୋଇଛି ଆକର୍ଷଣୀୟ ଲକି ଡ୍ର' କୁପନ୍। ପ୍ରଥମ ବର୍ଷ ଏହି କୁପନ୍‌ର ନିଶ୍ଚିତ ଉପହାରରେ ସ୍କୁଟର, ଗ୍ରାଇଣ୍ଡର ଏବଂ ଅନ୍ୟାନ୍ୟ ଉପହାର ରହିଥିବାବେଳେ ଗତବର୍ଷ ଲକି ଡ୍ର'ଅଫରର ବିଜେତାଙ୍କ ପାଇଁ ମାଲେସିଆ ଟ୍ରିପ୍ ଭଳି ଅଫର ରହିଥିଲା। ବର୍ତ୍ତମାନ ସମୟରେ ବ୍ୟବସାୟିକ ପ୍ରତିଷ୍ଠାନ ବିଭିନ୍ନ ପ୍ରକାର ଯୋଜନା କରି ଗ୍ରାହକଙ୍କୁ ପ୍ରଲୋଭନରେ ପକାଉ ଥିବା ବେଳେ 'ଶ୍ରୀଦୁର୍ଗା' ଭଳି ଗାର୍ମେଣ୍ଟସ୍ ଷ୍ଟୋର ଏହାର ଗ୍ରାହକଙ୍କ ବିଶ୍ୱାସକୁ ବଜାୟ ରଖିବାରେ ସକ୍ଷମ ହୋଇପାରିଛି। ଗ୍ରାହକଙ୍କୁ କୌଣସି ପ୍ରକାର ଠକାମୀର ଶିକାର ନ କରାଇ ଉପଯୁକ୍ତ ସେବା ପ୍ରଦାନ ଏବଂ ପ୍ରତିଶ୍ରୁତି ପାଳନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। 'ଶ୍ରୀଦୁର୍ଗା' ଉପରେ ଗ୍ରାହକଙ୍କ ଏହି ବିଶ୍ୱାସ ଯୋଗୁ ଆଜି ଏହା ଓଡ଼ିଶାର ଏକ ଅଗ୍ରଣୀ ଶାଢୀ ଏବଂ ଗାର୍ମେଣ୍ଟସ୍ ଷ୍ଟୋର ହୋଇପାରିଛି।




### ଆରବିଆଇର ଚେତାବନୀ

# ଭାରତୀୟ ବ୍ୟାଙ୍କ ଉପରେ ବଢୁଛି ସାଇବର ଆକ୍ରମଣର ବିପଦ




**ନୂଆଦିଲ୍ଲୀ,୧୮।୩(ଏଜେନ୍ସି)**

ସାମ୍ପ୍ରତିକ ସମୟରେ ଭାରତୀୟ ବ୍ୟାଙ୍କଗୁଡିକ ଉପରେ ସାଇବର ଆକ୍ରମଣର ଆଶଙ୍କା ବଢୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) କହିଛି। ଏ ନେଇ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କଗୁଡିକୁ ଚେତାବନୀ ଦିଆଯାଇଛି। ଏହି ଚେତାବନୀ ସେହି ସମୟରେ ଆସିଛି ଯେଉଁ ସମୟରେ କେନ୍ଦ୍ରୀୟ ବ୍ୟାଙ୍କକୁ ତା'ର ଶେଷ ପର୍ଯ୍ୟାୟ ସାଇବର ନିରାପତ୍ତା ଏବଂ ସୂଚନା ଟେକ୍ନୋଲୋଜି ପରୀକ୍ଷା(ସିଏସ୍‌ଆଇଟିଇ)ରୁଏ ସମ୍ପର୍କରେ ସୂଚନା ମିଳିଛି। ସୂଚନାନୁଯାୟୀ, ଆଗାମୀ ଦିନରେ କେତେକ ଭାରତୀୟ ବ୍ୟାଙ୍କଗୁଡିକ ଉପରେ ସାଇବର ଆକ୍ରମଣ ବଢ଼ିପାରେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଆଶଙ୍କା ବ୍ୟକ୍ତ କରୁଛି। ଏହି ସତର୍କତା ସହିତ ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ରିଜର୍ଭ ବ୍ୟାଙ୍କ ମଧ୍ୟ ବ୍ୟାଙ୍କଗୁଡିକୁ ପରାମର୍ଶ ଦେଇଛି।

ଏକ ରିପୋର୍ଟରେ ବ୍ୟାଙ୍କିଙ୍ଗ ଶିଳ୍ପ ସହିତ ଜଡିତ ପ୍ରଫେସନାଲଙ୍କ ଉଦ୍ଦେଶ୍ୟରେ ଏହି ପରାମର୍ଶ ଜାରି କରାଯାଇଛି। ରିପୋର୍ଟ ଅନୁଯାୟୀ, ସାଇବର ଆକ୍ରମଣର ଆଶଙ୍କା ବୃଦ୍ଧି ଜନିତ ବିପଦ ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କକୁ ପ୍ରସ୍ତୁତ ହେବାକୁ କୁହାଯାଇଛି। ଏହି ଚେତାବନୀ ସହିତ ରିଜର୍ଭ ବ୍ୟାଙ୍କ ମଧ୍ୟ ସେହି ପଏଣ୍ଟଗୁଡିକ ବିଷୟରେ ବ୍ୟାଙ୍କମାନଙ୍କୁ କହିଛି ଯେଉଁଗୁଡିକ ଜରିଆରେ ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରାଯାଇ ଆଗୁଆ ପଦକ୍ଷେପ ନିଆଯାଇପାରିବ। ନିକଟରେ ଆରବିଆଇ ବିପଦର ମୁକାବିଲା ପାଇଁ ବ୍ୟାଙ୍କଗୁଡିକର ପ୍ରସ୍ତୁତିକୁ ସମୀକ୍ଷା କରିଛି।

ଏଥିପାଇଁ ସାଇବର ସୁରକ୍ଷା ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ପରୀକ୍ଷା ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ ହେଉଛି, ଯାହାକୁ ସିସାଇଟ ମଧ୍ୟ କୁହାଯାଏ। ସିସାଇଟରେ ବିଭିନ୍ନ ବ୍ୟାଙ୍କର ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି, ଇଣ୍ଟରନେଟ୍ ଏବଂ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ପ୍ଲାଟଫର୍ମର ସାମର୍ଥ୍ୟ, ଠକେଇ ଚିହ୍ନଟ ପ୍ରଣାଳୀ ଇତ୍ୟାଦିର ପରୀକ୍ଷା କରାଯାଇଥାଏ।

ମୁମ୍ବଇଠାରେ ୧୯ତମ ବ୍ୟାଙ୍କିଙ୍ଗ ଟେକ୍ନୋଲୋଜି ସମ୍ମିଳନୀରେ ଯୋଗଦେବା ଅବସରରେ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଟି. ରବିଶଙ୍କର କହିଛନ୍ତି ଯେ, ନୂଆ ସୌଇବର ସିକ୍ୟୁରିଟି ରିସ୍କକୁ ନେଇ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ପ୍ରସ୍ତୁତ ରହିବା ଆବଶ୍ୟକ। ଆମକୁ ଗ୍ରାହକଙ୍କ ସୁବିଧା ଏବଂ ଅନ୍ୟାନ୍ୟ ଦିଗଗୁଡିକ ସମ୍ପର୍କରେ ଚିନ୍ତା କରିବାକୁ ହେବ।

## ମୋଦିକେୟାର 'ଅତୁଟ ବନ୍ଧନ, ରିସ୍ତା ଦିଲ୍ କା' ରୋଡ୍ ଶୋ' ଆରମ୍ଭ

**ଭୁବନେଶ୍ୱର, ୧୮।୩(ସମିସ):** ଭାରତର ଅନ୍ୟତମ ଅଗ୍ରଣୀ ଡିରେକ୍ଟ ସେଲିଂ କମ୍ପାନୀ ମୋଦିକେୟାର ଲିମିଟେଡ୍ ପକ୍ଷରୁ ସମୀର କେ ମୋଦୀଙ୍କ ଦ୍ୱାରା ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିବା ଏକ ଭବ୍ୟ ରୋଡ୍ ଶୋ' 'ଅତୁଟ ବନ୍ଧନ, ରିସ୍ତା ଦିଲ୍ କା'ର ଶୁଭାରମ୍ଭ ହୋଇଛି। ଚାରି ଦିନରେ ଏହି ଐତିହାସିକ ଯାତ୍ରା ଓଡ଼ିଶା ଓ ପଶ୍ଚିମବଙ୍ଗର ପ୍ରାୟ ୬୦୦ କିମିର ଓ ୧୦ଟି ସହର ଅତିକ୍ରମ କରିବ। ଡିରେକ୍ଟ ସେଲିଂ ଶିଳ୍ପରେ ପ୍ରଥମ ଥର ପାଇଁ ଏହି ରୋଡ୍ ସୋ'୧୧,୦୦୦ରୁ ଅଧିକ ପରାମର୍ଶଦାତାଙ୍କୁ ଏକାଠି କରି ସଫଳତା, ସ୍ୱାଧୀନତା ଏବଂ ଅତୁଟ ବନ୍ଧନକୁ ପାଳନ କରିବା ପାଇଁ ମୋଦିକେୟାରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସମୀର ମୋଦୀଙ୍କ ନେତୃତ୍ୱରେ ଏହି ରୋଡ୍ ସୋ' ଭୁବନେଶ୍ୱର, ଜାରକା, ଭଦ୍ରକ,ସୋର, ବାଲେଶ୍ୱର, ଜଳେଶ୍ୱର, କଣ୍ଟାଇ, ତମଲୁକ ଓ କୋଲାଘାଟ ସହର ପରିକ୍ରମା କରିବ। ମୋଦିକେୟାରର ସବୁଠାରୁ ପୁରୁଣା ଓ ଗୁରୁତ୍ୱପୂର୍ଣ୍ଣ ବଜାର ଭାବେ ଓଡ଼ିଶାର ବିଶେଷ ମହତ୍ୱ ରହିଛି ଯାହା କମ୍ପାନୀ ଏବଂ ଏହାର ପରାମର୍ଶଦାତାଙ୍କ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ପ୍ରତିଫଳିତ କରୁଛି। ଏହାର ଉଲ୍ଲେଖନୀୟ ଅଭିବୃଦ୍ଧି ମୋଦିକେୟାରର ସଫଳତାର କାହାଣୀରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି। ଏହି ବ୍ରାଣ୍ଡ ରାଜ୍ୟରେ ଦ୍ରୁତ ଗତିରେ ଆଗକୁ ବଢୁଛି ଏବଂ ବର୍ତ୍ତମାନ ଏହାର ୨୫୦୦ ଡିଷ୍ଟ୍ରିବ୍ୟୁସନ୍ ପଏଣ୍ଟ ଏବଂ ମୋଦୀକେୟାର ହୋମ୍ ସପ୍ ରହିଛି ଯାହା ପ୍ରତ୍ୟେକ ପରିବାର ପାଇଁ ସ୍ୱାଧୀନତାର ଦୃଢ଼ ପ୍ରତିଶ୍ରୁତିକୁ ପ୍ରୋତ୍ସାହିତ କରୁଥିବା ମୋଦିକେୟାର ଲିମିଟେଡର ପ୍ରତିଷ୍ଠାତା ତଥା ଏମ୍‌ଡି ସମୀର କେ ମୋଦୀ କହିଛନ୍ତି।



## ସୋମାନି ସେରାମିକ୍ସ ଏକ୍ସପେରିଏନ୍ସ ସେଣ୍ଟର

**ଭୁବନେଶ୍ୱର, ୧୮।୩(ସମିସ):** ସେରାମିକ୍ସ ଶିଳ୍ପର ଅଗ୍ରଣୀ ନାମ ସୋମାନି ସେରାମିକ୍ସ ଆଜି ଭୁବନେଶ୍ୱରରେ ଏହାର ନୂତନ ଏକ୍ସପେରିଏନ୍ସ ସେଣ୍ଟରର ଉଦଘାଟନ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ୩୮୦୦ ବର୍ଗଫୁଟ ପରିବ୍ୟାପ୍ତ ଏହି ବିସ୍ତୃତ ସୋ'ରୁମ୍‌ର ଲକ୍ଷ୍ୟ ହେଉଛି ସ୍ଥପତିଙ୍କ ନେତୃତ୍ୱାଧୀନ ପ୍ରକଳ୍ପଗୁଡ଼ିକର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ସହିତ ଚୂଡ଼ାନ୍ତ ଉପଭୋକ୍ତା ଏବଂ ଖୁଚୁରା ଗ୍ରାହକଙ୍କୁ ଏକ ଅନୁଭୂତି ପ୍ରଦାନ କରିବା। ଏହି କେନ୍ଦ୍ରର ଉଦଘାଟନୀ ଉତ୍ସବରେ ସୋମାନି ସେରାମିକ୍ସ ଲିମିଟେଡର ବରିଷ୍ଠ ଉପସଭାପତି ସୁଜିତ ମହାନ୍ତି ଯୋଗ ଦେଇଥିଲେ। ଏହି ସୋ' ରୁମରେ ସୋମାନିର ଫ୍ଲାଗସିପ୍ ଭର୍ଟିକାଲ୍ ମଧ୍ୟ ସେରାମିକ୍ସ (ଗ୍ଲୋଷ୍ଟ୍ରା, ଭିଷ୍ଟୋସୋ, ନୋଭାକ୍ଲାଡ୍), ଡୁରାଗ୍ରେସ୍ ( ଗ୍ଲେଜଡ ଭିଟ୍ରିଫାଇଡ୍ କଲେକ୍ସନ୍), ଡୁରାଷ୍ଟୋନ୍ (ହେଭି ଡ୍ୟୁଟି ଭିଟ୍ରିଫାଇଡ୍ ଟାଇଲ୍ସ କଲେକ୍ସନ୍), ସୋମାନି ବାଥୱେର୍ ଏବଂ ଇଜିଫିକ୍ସ ଆଡେସିଭ୍ସ ରହିଥିବା ସୋମାନି ସେରାମିକ୍ସ ଲିମିଟେଡର ଏମ୍‌ଡି ତଥା ସିଇଓ ଅଭିଷେକ ସୋମାନି କହିଛନ୍ତି।



## ମହିଳା ପ୍ରିମିୟର୍ ଲିଗ୍

# ବ୍ୟାଟିଂରେ ପେରୀ; ୨୦ ଛକା ସହ ଶେଫାଳି ଶୀର୍ଷରେ

**ନୂଆଦିଲ୍ଲୀ, ୧୮ ।୩ (ଏଜେନ୍ସି)**

ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ସମାପ୍ତ ହୋଇଯାଇଛି। ରବିବାର ଗ୍ରାଣ୍ଡଫାଇନାଲରେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୮ ୱିକେଟ୍‌ରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ମହିଳା ଆଇପିଏଲ୍ ଭାବେ ପରିଚିତ ଡବ୍ଲ୍ୟୁପିଏଲ୍ ଟ୍ରଫି ହାତେଇନେଇଛି। ପାଖାପାଖି ଏକମାସ ଧରି ଚାଲିଥିବା ଏହି ଲିଗ୍‌ରେ ସାରା ବିଶ୍ୱର ମହିଳା କ୍ରିକେଟର୍‌ଙ୍କ ଦକ୍ଷତା, ଶକ୍ତି ଦେଖିବାକୁ ମିଳିଥିଲା। ଡବ୍ଲ୍ୟୁପିଏଲ୍‌ର ଦ୍ୱିତୀୟ ସଂସ୍କରଣରେ ବ୍ୟାଟିଂ ଓ ବୋଲିଂରେ ଉଲ୍ଲେଖ ପ୍ରଦର୍ଶନ କରିଥିବା କିଛି ଖେଳାଳିଙ୍କ ଉପରେ ନଜର ପକାଇବା।


ଏଲିସେ ପେରୀ

### ପେରୀଙ୍କ ନାମରେ ୩୪୭ ରନ୍

ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏଲିସେ ପେରୀ ଡବ୍ଲ୍ୟୁପିଏଲ୍ ୨ୟ ସଂସ୍କରଣର ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଥିଲେ। ସେ ୯ ମ୍ୟାଚରୁ ୩୪୭ ରନ ସଂଗ୍ରହ କରିଥିଲେ। ତାଙ୍କ ପଛକୁ ଉପବିଜେତା ଦିଲ୍ଲୀର ଅଧିନାୟିକା ମେଗ୍ ଲାନ୍ନିଙ୍ଗ ୩୩୧ ରନ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦିଲ୍ଲୀର ଶେଫାଳି ବର୍ମା (୯ ମ୍ୟାଚରୁ ୩୦୯ ରନ), ବାଙ୍ଗାଲୋର ଅଧିନାୟିକା ମନ୍ଧାନା (୧୦ ମ୍ୟାଚରୁ ୩୦୦ ରନ) ଓ ୟୁପି ୱାରିୟର୍ଜର ଦୀପ୍ତି ଶର୍ମା (୮ ମ୍ୟାଚରୁ ୨୯୫ ରନ) ଯଥାକ୍ରମେ ତାଲିକାର ପରବର୍ତ୍ତୀ ୩ଟି ସ୍ଥାନରେ ରହିଛନ୍ତି।

### ଶତକଶୂନ୍ୟ ଦ୍ୱିତୀୟ ସଂସ୍କରଣ

ମହିଳା ପ୍ରିମିଅର୍ ଲିଗର ୨ୟ ସଂସ୍କରଣରେ ଫାଇନାଲକୁ ମିଶାଇ ମୋଟ୍ ୨୨ ମ୍ୟାଚ୍ ଖେଳାଯାଇଥିଲେ ମଧ୍ୟ ଗୋଟିଏ ହେଲେ ଶତକ ଦେଖିବାକୁ ମିଳି ନ ଥିଲା। ଅର୍ଥାତ ଏହି ସଂସ୍କରଣ ଶତକଶୂନ୍ୟ ରହିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟିକା ହର୍ମନପ୍ରୀତ୍ କୌର ଅପରାଜିତ ୯୫ ରନ ସହ ଏହି ସଂସ୍କରଣର ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାର ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ଦୀପ୍ତି ଶର୍ମା (୮୮*), ଗୁଜରାଟର ବେଥ୍ ମୁନୀ (୮୫*) ଓ ମନ୍ଧାନା (୮୦ ରନ) କ୍ରମାନ୍ୱୟରେ ରହିଛନ୍ତି।

### ୪ ଅର୍ଦ୍ଧଶତକ ସହ ଲାନ୍ନିଂ ଆଗରେ

ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ମେଗ୍ ଲାନ୍ନିଙ୍ଗ ୨ୟ ସଂସ୍କରଣରେ ସର୍ବାଧିକ ୪ଟି ଅର୍ଦ୍ଧଶତକ ମାରି ସର୍ବାଗ୍ରେ ରହିଛନ୍ତି। ଗୁଜରାଟର ମୁନୀ, ୟୁପିର ଦୀପ୍ତି ଓ ଦିଲ୍ଲୀର ଶେଫାଳି ୩ଟି ଲେଖାଏ ଅର୍ଦ୍ଧଶତକ ମାରିଛନ୍ତି।

### ଶେଫାଳି ମାରିଛନ୍ତି ୨୦ ଛକା


ଶେଫାଳି ବର୍ମା

ଦିଲ୍ଲୀର ବିସ୍ଫୋରକ ବ୍ୟାଟର୍ ଶେଫାଳି ବର୍ମା ଏହି ଲିଗ୍‌ରେ ସର୍ବାଧିକ ୨୦ଟି ଛକା ମାରିଛନ୍ତି। ଛକା ମାରିବାରେ ସେ ସବୁଠୁ ଆଗରେ ରହିଛନ୍ତି। ତାଙ୍କ ପଛକୁ ମନ୍ଧାନା ଓ ରୟାଲ ଚ୍ୟାଲେଞ୍ଜର୍ସର ରିଚା ଘୋଷ ୧୦ଟି ଲେଖାଏ ଛକା ମାରିଛନ୍ତି। ସେହିଭଳି ସର୍ବାଧିକ ଚୌକା ମାରିବାରେ ମେଗ୍ ଲାନ୍ନିଙ୍ଗ ଶୀର୍ଷରେ ରହିଛନ୍ତି। ସେ ୪୭ଟି ଚୌକା ମାରିଥିବାବେଳେ ଏଲିସେ ପେରୀ (୪୧ଟି) ୨ୟ ସ୍ଥାନ ଲାଭ କରିଛନ୍ତି।

### ୧୩ ୱିକେଟ୍ ସହ ଶ୍ରେୟଙ୍କା ସର୍ବାଗ୍ରେ

ଅପରପକ୍ଷରେ ବୋଲିଂ ଉପରେ ନଜର ପକାଇଲେ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସର ବୋଲରଙ୍କ ଦବ୍‌ଦବା ଦେଖିବାକୁ ମିଳିଛି। ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ତାଲିକାର ପ୍ରଥମ ୩ଟି ସ୍ଥାନରେ ବାଙ୍ଗାଲୋର ବୋଲର ରହିଛନ୍ତି। ସ୍ପିନର ଶ୍ରେୟଙ୍କା ପାଟିଲ ୮ଟି ମ୍ୟାଚ୍ ଖେଳି ସର୍ବାଧିକ ୧୩ଟି ୱିକେଟ ନେଇଛନ୍ତି। ତାଙ୍କ ପଛକୁ ଲେଗ୍-ସ୍ପିନର ଆଶା ଶୋଭନା ଓ ସୋଫି ମୋଲିନେକ୍ସ ୧୨ଟି ଲେଖାଏ ୱିକେଟ୍ ହାସଲ କରିଛନ୍ତି। ଦିଲ୍ଲୀର ମାରିଜନେ କାପ୍ପ, ଜେସ୍ ଜନସେନ ଓ ୟୁପିର ସୋଫି ଏକଲେଷ୍ଟୋନ ପ୍ରତ୍ୟେକଙ୍କ ନାମରେ ୧୧ଟି ଲେଖାଏ ୱିକେଟ୍ ଲିପିବଦ୍ଧ ରହିଛି।


ଶ୍ରେୟଙ୍କା ପାଟିଲ

### ପେରୀଙ୍କ ନାମରେ ଶ୍ରେଷ୍ଠ ବୋଲିଂ ଫିଗର

ଗୋଟିଏ ପାଳିରେ ଶ୍ରେଷ୍ଠ ବୋଲିଂ ଫିଗର ବାଙ୍ଗାଲୋରର ଏଲିସେ ପେରୀଙ୍କ ନାମରେ ରହିଛି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଲିଗ୍ ପର୍ଯ୍ୟାୟର ଏକ ମ୍ୟାଚରେ ପେରୀ ୧୫ ରନରେ ୬ ୱିକେଟ୍ ନେଇ ଦଳକୁ ବଡ଼ ବିଜୟ ଭେଟିଦେଇଥିଲେ। ଅନ୍ୟତମ ବୋଲର ଭାବେ ଆଶା ଶୋଭନା (୫/୨୨) ଏହି ଲିଗ୍‌ରେ ଗୋଟିଏ ପାଳିରେ ୫ ୱିକେଟ୍ ସଫଳତା ପାଇଥିଲେ।




## ଭିଡିଓ କଲ୍‌ରେ ମନ୍ଧାନାଙ୍କୁ ଅଭିନନ୍ଦନ ଜଣାଇଲେ କୋହଲି

**ନୂଆଦିଲ୍ଲୀ,୧୮ ।୩(ଏଜେନ୍ସି)**

ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଦ୍ୱିତୀୟ ସଂସ୍କରଣରେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛି। ରବିବାର ଫାଇନାଲ ମୁକାବିଲାରେ ଅନ୍ୟତମ ଫେବରାଇଟ୍ ଦିଲ୍ଲୀ କ୍ୟାପିଟାଲ୍ସକୁ ୮ ୱିକେଟରେ ପରାସ୍ତ କରି ପ୍ରଥମଥର ପାଇଁ ଆରସିବି ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ୨୦୦୮ ରେ ଟି-୨୦ ଲିଗ୍ କ୍ରିକେଟ ଖେଳିବା ଆରମ୍ଭ କରିଥିବା ଆରସିବିକୁ ଶେଷରେ ଦୀର୍ଘ ୧୬ ବର୍ଷ ପରେ ମହିଳା ଦଳ ଚାମ୍ପିଅନ ହେବାର ସ୍ୱାଦ ଚଖାଇଛି। ଏଥିରେ ଆରସିବି ଦଳର ପୂର୍ବତନ ଅଧିନାୟକ ତଥା ତାରକା ବ୍ୟାଟର ବିରାଟ କୋହଲି ଖୁସି ଜାହିର କରିଛନ୍ତି। ସେ ଏହି ସଫଳତା ପାଇଁ ଭିଡିଓ କଲ୍ କରି ମନ୍ଧାନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଫାଇନାଲ ମ୍ୟାଚ୍ ଶେଷ ହେବାର କିଛି ମୁହୂର୍ତ୍ତ ପରେ ସେ ମନ୍ଧାନାଙ୍କ ସମେତ ଦଳର ଅନ୍ୟ ସଦସ୍ୟଙ୍କୁ ବଧାଇ ଜଣାଇଥିଲେ। ସେହିପରି କୋହଲିଙ୍କୁ ଖୁସି ହେବା ଦେଖି ବହୁତ ଭଲ ଲାଗିଲା ବୋଲି ମନ୍ଧାନା କହିଛନ୍ତି। ଅବଶ୍ୟ ହୋ ହାଲ୍ଲା ଯୋଗୁ ଭିଡିଓ କଲ୍‌ରେ କୋହଲିଙ୍କ କଥା ଠିକ୍ ଭାବ ଶୁଭୁ ନଥିଲା। କିନ୍ତୁ ସେ ବହୁତ ଖୁସି ଥିଲେ ଓ ଏହା ଆମ ପାଇଁ ଏକ ବଡ଼ କଥା ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଫ୍ରାଞ୍ଚାଇଜ୍ ଇତିହାସରେ ଆରସିବି ୩ଟି ଭିନ୍ନ ଭିନ୍ନ ଟୁର୍ଣ୍ଣାମେଣ୍ଟ ଖେଳି ୪ଥର ଉପ- ବିଜେତା ହୋଇଛି ଓ କେବେ ପୂର୍ବରୁ ଟାଇଟଲ ହାସଲ କରିପାରିନାହିଁ। ଆରସିବି ଆଇପିଏଲରେ ୩ ଓ ଚାମ୍ପିଅନ୍ସ ଲିଗ୍ ଟି-୨୦ରେ ଥରେ ଫାଇନାଲ ଖେଳିଛି।

## ଆଇପିଏଲ ଉଦ୍‌ଘାଟନୀ ମ୍ୟାଚ୍

# ଅଶ୍ୱିନଙ୍କୁ ମିଳୁନି ଟିକଟ୍



**ନୂଆଦିଲ୍ଲୀ,୧୮ ।୩(ଏଜେନ୍ସି):** ଭାରତୀୟ ଅଭିଜ୍ଞ କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଉଦ୍‌ଘାଟନୀ ମ୍ୟାଚ୍‌ର ଟିକଟ ମିଳୁନାହିଁ। ଆସନ୍ତା ୨୨ରେ ଚେନ୍ନଇର ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ଉଦ୍‌ଘାଟନୀ ମୁକାବିଲାରେ ଗତଥରର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପରସ୍ପରକୁ ଭେଟିବେ। ଅଶ୍ୱିନ ରାଜସ୍ଥାନ ରୟାଲ୍ସ ତରଫରୁ ଖେଳୁଛନ୍ତି। କିନ୍ତୁ ସେ ନିଜ ପିଲାମାନଙ୍କ ପାଇଁ ଉଦ୍‌ଘାଟନୀ ମ୍ୟାଚ୍‌ର ଟିକଟ ଖୋଜୁଛନ୍ତି। ଟିକଟ କ୍ରୟ କରିବାରେ ସେ ବିଫଳ ହୋଇଛନ୍ତି। ଏବେ ଟିକଟ୍ ପାଇଁ ସେ ଚେନ୍ନାଇ ଟିମ୍ ମ୍ୟାନେଜମେଣ୍ଟକୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ନିବେଦନ କରିଛନ୍ତି। ଅଶ୍ୱିନଙ୍କ ପରିବାର ଚେନ୍ନାଇରେ ରହୁଛନ୍ତି। ଏହି ମ୍ୟାଚ୍‌ର ଟିକଟ ପାଇଁ ବହୁତ ଚାହିଦା ରହିଛି। ମୋ ପିଲାମାନେ ଉଦ୍‌ଘାଟନୀ ମ୍ୟାଚ୍ ଦେଖିବାକୁ ଚାହୁଁଛନ୍ତି। ସୋମବାର ସକାଳ ୮ଟାରେ ଅନ୍‌ଲାଇନ ଟିକଟ ବିକ୍ରି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର କିଛି ସମୟ ମଧ୍ୟରେ ଟିକଟ ବିକ୍ରି ଶେଷ ହୋଇଥିଲା। ଅଶ୍ୱିନଙ୍କ ପରିବାର ମଧ୍ୟ ଅନଲାଇନ ଟିକଟ କ୍ରୟ କରିପାରି ନଥିଲେ। ଫଳରେ ଅଶ୍ୱିନଙ୍କୁ ଶେଷରେ ଚେନ୍ନାଇ ଟିମ୍ ମ୍ୟାନେଜମେଣ୍ଟକୁ ଟିକଟ ପାଇଁ ଅନୁରୋଧ କରିବାକୁ ପଡିଛି। ଏହି ମ୍ୟାଚ୍ ପାଇଁ ଚେପକ୍ ଷ୍ଟାଡିୟମର ଟିକଟ ମୂଲ୍ୟ ୧୭୦୦ରୁ ଆରମ୍ଭ ହୋଇ ୭,୫୦୦ ଟଙ୍କା ରହିଛି।

# ରୋହିତଙ୍କ ସହଯୋଗ କାମନା କରୁଛି: ପାଣ୍ଡ୍ୟା



**ମୁମ୍ବଇ,୧୮ ।୩(ଏଜେନ୍ସି):** ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ପରିବର୍ତ୍ତନ ନେଇ ବିବାଦ ଚାଲି ରହିଛି। ଦୀର୍ଘଦିନ ପରେ ନବ ନିଯୁକ୍ତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏ ନେଇ ମୁହଁ ଖୋଲିଛନ୍ତି। ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୭ତମ ସଂସ୍କରଣ ପାଇଁ ରୋହିତ ଶର୍ମାଙ୍କୁ ହଟାଯାଇ ପାଣ୍ଡ୍ୟାଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଥିଲା। ତାରକା ଅଲରାଉଣ୍ଡର ପାଣ୍ଡ୍ୟା ଟ୍ରେଡ ମାଧ୍ୟମରେ ଗୁଜରାଟ ଟାଇଟାନ୍ସରୁ ମୁମ୍ବାଇ ଦଳରେ ଯୋଗ ଦେଇଥିଲେ। ଏବେ ସେ ନେତୃତ୍ୱ ପରିବର୍ତ୍ତନ ଓ ଏଥିପାଇଁ ସୃଷ୍ଟି ହୋଇଥିବା ବିବାଦ ନେଇ ନିଜର ମତ ରଖିଛନ୍ତି। ନୂଆ ଦାୟିତ୍ୱ ସମ୍ପାଦନ ପାଇଁ ସେ ରୋହିତଙ୍କ ସହଯୋଗ କାମନା କରିଛନ୍ତି। ଯେତେବେଳେ ଆବଶ୍ୟକ କରିବି ରୋହିତ ମୋ କାନ୍ଧ ଉପରେ ହାତ ରଖିବେ ବୋଲି ପାଣ୍ଡ୍ୟା କହିଛନ୍ତି। ରୋହିତ ଏବେ ମଧ୍ୟ ଭାରତୀୟ ଦଳରେ ଅଧିନାୟକ ରହିଛନ୍ତି ଓ ଏହା ପରୋକ୍ଷରେ ମୋତେ ସାହାଯ୍ୟ କରିବ। ମୁମ୍ବାଇ ଇଣ୍ଡିଆନ ତାଙ୍କ ନେତୃତ୍ୱରେ ସଫଳତାର ଶୀର୍ଷକୁ ଛୁଇଁଛି। ଏହାକୁ ଆଗକୁ ବଢାଇ ନେବି ବୋଲି ପାଣ୍ଡ୍ୟା କହିଛନ୍ତି। ତାଙ୍କ ନେତୃତ୍ୱରେ ପୂରା କ୍ୟାରିୟର ଖେଳିଛି। ତେଣୁ ସେ ମୋତେ ସବୁବେଳେ ସହଯୋଗ କରିବେ ବୋଲି ପାଣ୍ଡ୍ୟା ଆଶା ପ୍ରକାଶ କରିଛନ୍ତି। ସେହିପରି ସେ ଏଥର ମୁମ୍ବାଇ ପାଇଁ ବୋଲିଂ କରିବେ। ପ୍ରଶଂସକଙ୍କ ଭାବପ୍ରବଣତାକୁ ସମ୍ମାନ କରେ। ତେଣୁ ଅଧିନାୟକ ଭାବେ ଯଥା ସମ୍ଭବ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବି ବୋଲି ସେ କହିଛନ୍ତି।

## ଡଚ୍ ଅନ୍ତର୍ଜାତୀୟ ସିରିଜ୍ ବ୍ୟାଡ୍‌ମିଣ୍ଟନ

# ଈଶାରାଣୀ, ଅଶ୍ୱିନୀ-ଶିଖା ଚାମ୍ପିଅନ




**ନୂଆଦିଲ୍ଲୀ,୧୮ ।୩(ଏଜେନ୍ସି):** ନେଦରଲାଣ୍ଡସର ୱାଟେରିନଗେନ୍‌ଠାରେ ଖେଳାଯାଇଥିବା ଡଚ୍ ଅନ୍ତର୍ଜାତୀୟ ସିରିଜ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟଙ୍କ ଚମକ ଦେଖିବାକୁ ମିଳିଛି। ଭାରତର ଈଶାରାଣୀ ବରୁଆ ମହିଳା ଏକକ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିବା ବେଳେ ମହିଳା ଯୁଗଳରେ ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ ଟାଇଟଲ ଜିତିଛନ୍ତି। ଏକକ ଫାଇନାଲ ମୁକାବିଲାରେ ବିଶ୍ୱର ୯୭ ନଂ ମହିଳା ଖେଳାଳି ଈଶାରାଣୀ ପାଖାପାଖି ଏକ ଘଣ୍ଟା ମଧ୍ୟରେ ୧୯-୨୧, ୨୩-୨୧, ୨୧-୧୪ରେ ନିଜ ଦେଶର ଦେବୀକା ସିହାଗଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ଦେବୀକା ବିଜୟୀ ହୋଇଥିଲେ ୟୁରୋପ୍‌ରେ ହ୍ୟାଟ୍ରିକ ଟାଇଟଲ ଅର୍ଜନ କରିଥାନ୍ତେ। ଏହି ଦୁଇ ଖେଳାଳି ପ୍ରକାଶ ପାଦୁକନ୍ ବ୍ୟାଡମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଅପରପକ୍ଷରେ ମହିଳା ଯୁଗଳ ଫାଇନାଲରେ ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ଅଶ୍ୱିନୀ ଓ ଶିଖା ଫାଇନାଲ ମୁକାବିଲାରେ ୨୧-୧୮, ୨୧-୧୪ରେ ପ୍ରତିପକ୍ଷ ଡେନମାର୍କ ଯୋଡି ଆନ୍ନା- ସୋଫି ନିଲସନ ଓ ମେଟ୍ ୱେର୍ଗେଙ୍କୁ ହରାଇ ବାଜି ମାରିଛନ୍ତି। ବିଶ୍ୱର ୫୩ ନଂ ଏହି କର୍ଣ୍ଣାଟକ ଯୋଡି ସାରା ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ବି ଗେମ୍ ହାତଛଡ଼ା କରିନାହାନ୍ତି।

# ସ୍ୱାଗତିକା ଓ ଦେବାଶିଷ ଶ୍ରେଷ୍ଠ ପ୍ରତିଯୋଗୀ

## ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୧୮।୩(ସମିସ):** ଓଡ଼ିଶା ରାଜ୍ୟ ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଚାଲିଥିବା ଏହି ପ୍ରତିଯୋଗିତାରେ ଖୋର୍ଦ୍ଧାର ଦେବାଶିଷ ମହାନ୍ତି ଷ୍ଟ୍ରଙ୍ଗମ୍ୟାନ୍ ଓ ସ୍ୱାଗତିକା ଖଟେଇ ଷ୍ଟ୍ରଙ୍ଗଓମ୍ୟାନ ବିବେଚିତ ହୋଇଛନ୍ତି। ଖୋର୍ଦ୍ଧା ଦଳ ମଧ୍ୟ ୨୭ଟି ସ୍ୱର୍ଣ୍ଣ, ୨୦ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ସହ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କୋରାପୁଟ ଜିଲ୍ଲା ୯ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୪ଟି କାଂସ୍ୟ ସହ ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଛି। ପଦକ ତାଲିକରେ ସୁନ୍ଦରଗଡ଼, କଟକ, ରାୟଗଡ଼ା, ମୟୁରଭଞ୍ଜ, ଅନୁଗୁଳ, ବାଲେଶ୍ୱର, ନୟାଗଡ଼, ନବରଙ୍ଗପୁର, ଗଞ୍ଜାମ, ସମ୍ବଲପୁର ଓ ଯାଜପୁର ପଛକୁ ପଛ ରହିଛନ୍ତି। ଖେଳ ଶେଷରେ ହରିପ୍ରସାଦ ପଟ୍ଟନାୟକ, ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ଗୌରୀ ମହାନ୍ତି ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ପଦକ ପ୍ରଦାନ କରିଥିଲେ।




# ଖେଲୋ ଇଣ୍ଡିଆ ପ୍ରତିଭା ଚୟନ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର, ୧୮।୩(ସମିସ):** କିଟ୍ ଓ କିସ୍ କ୍ୟାମ୍ପସରେ ସୋମବାର ଖେଲୋ ଇଣ୍ଡିଆ ରାଇଜିଂ ଟାଲେଣ୍ଟ ଚୟନ (କୀର୍ତ୍ତି) ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜଗତପୁରସ୍ଥିତ ସାଇ ଏନ୍‌ସିଓଇ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ମାର୍ଚ୍ଚ ୨୧ ତାରିଖଯାଏ ଚାଲିବ। ୪ ଦିନ ଧରି ହେବାକୁ ଥିବା ଏହି ଶିବିରରେ ଫୁଟବଲ, ହକି, ଦୌଡକୁଦ ଓ ଖୋ ଖୋରେ ପାଖାପାଖି ୧୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ପଞ୍ଜୀକରଣ କରିଛନ୍ତି। ଉଦ୍‌ଘାଟନ ଦିବସରେ କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ସାଇର କେନ୍ଦ୍ରର ମୁଖ୍ୟ ସୁରଜିତ ଘୋଷ, ଉପନିର୍ଦ୍ଦେଶକ ତ୍ରୈଲୋକ୍ୟନାଥ ସାହୁ, କିଟ୍ ପକ୍ଷରୁ ରଶ୍ମିତା ମହାନ୍ତି, ରୁଦ୍ରାକ୍ଷ ଜେନା ଓ ଅମୂଲ୍ୟାନନ୍ଦ ବିହାରୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।




## କଳାହାଣ୍ଡି କପ୍: ଦ୍ୱିତୀୟ ଦିନରେ ୩ ଶତକ

# ରେଳବାଇ, ଭୁବନେଶ୍ୱର-ଏ, କଟକ-ଏ ବିଜୟୀ

**ଭୁବନେଶ୍ୱର, ୧୮ ।୩ (ସମିସ)**

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ରାଜ୍ୟର ସବୁଠୁ ସମ୍ମାନଜନକ କ୍ରିକେଟ୍ ପ୍ରତିଯୋଗିତା କଳାହାଣ୍ଡି କପ୍‌ର ୨ୟ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର-ଏ, ପୂର୍ବତଟ ରେଳବାଇ, ଖୋର୍ଦ୍ଧା, କଟକ-ଏ, ରାଉରକେଲା ଓ ବାଲେଶ୍ୱର ବିଜୟ ଲାଭ କରିଛନ୍ତି। ରେଳବାଇର ଅଭିଷେକ ଯାଦବ, ଖୋର୍ଦ୍ଧାର ବିଶ୍ୱଭୂଷଣ ବିହାରୀ ଓ ବାଲେଶ୍ୱରର ଦିବ୍ୟଶକ୍ତି ଚକ୍ରବର୍ତ୍ତୀଙ୍କ ଶତକ ୨ୟ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା।

**ଡ୍ରିମ୍ସ ଷ୍ଟାଡିୟମ:** ଏଠାରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର-ଏ ୧୦ ୱିକେଟ୍‌ରେ କଟକ-ବି ଦଳକୁ ପରାସ୍ତ କରିଥିଲା। ରୀତେଶ ପ୍ରିୟରଞ୍ଜନ (୩/୨୦) ଓ ଅଂଶୁମାନ ବେଜ (୩/୩୭)ଙ୍କ ବୋଲିଂକୁ ସାମ୍ନା କରି ନ ପାରି କଟକ-ବି ୩୨.୨ ଓଭରରେ ୧୨୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଭୁବନେଶ୍ୱର-ଏ ଦୁଇ ଓପନର୍ ଶାନ୍ତନୁ ମିଶ୍ର (୫୯ ରନ) ଓ ରଘୁନାଥ ମଲ୍ଲ (୫୩)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୧୦ ୱିକେଟ୍‌ରେ ବିଜୟୀ ହୋଇଥିଲା।

**ଏମ୍‌ଜିଏମ୍ ଗ୍ରାଉଣ୍ଡ:** ଏହି ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରି ପୂର୍ବତଟ ରେଳବାଇ ଅଭିଷେକ (୧୩୪ ରନ) ଓ ସୁଜିତ ଲେଙ୍କା (୯୭ ରନ)ଙ୍କ ଉପଯୋଗୀ ପାଳି ବଳରେ ୪୯.୪ ଓଭରରେ ୩୩୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହାକୁ ପିଛା କରିଥିବା ସୁନ୍ଦରଗଡ଼ ୧୭୭ ରନରେ ସୀମିତ ରହିଥିଲା। ଜୟନ୍ତ ବେହେରା ୫ ୱିକେଟ୍ ନେଇଥିଲେ।

**ସନ୍‌ସାଇନ ଗ୍ରାଉଣ୍ଡ:** ବିଶ୍ୱଭୂଷଣଙ୍କ ୧୦୨ ରନ ବଳରେ ଖୋର୍ଦ୍ଧା ୪୧ ରନରେ ସମ୍ବଲପୁର-ଏ ଦଳକୁ ହରାଇଦେଇଛି। ଖୋର୍ଦ୍ଧାର ପକ୍ଷରୁ ଧାର୍ଯ୍ୟ ୩୦୯ ରନର ଲକ୍ଷ୍ୟକୁ ପିଛା କରି ସମ୍ବଲପୁର-ଏ ରୁଷି ମେହେର (୭୩) ଓ ସୟଦ ଜାକି (୭୧)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୨୬୭ରେ ଅଲ୍‌ଆଉଟ୍ ହୋଇଥିଲା।


ଅଭିଷେକ ଯାଦବ


ଦିବ୍ୟଶକ୍ତି ଚକ୍ରବର୍ତ୍ତୀ

**ରେଭେନଶା ଗ୍ରାଉଣ୍ଡ-୧:** ଏଠାରେ ଅନୁଷ୍ଠିତ ମ୍ୟାଚରେ କଟକ-ଏ ୪ ୱିକେଟ୍‌ରେ ଯାଜପୁରକୁ ପରାସ୍ତ କରିଛି। ସୟଦ ଇଜାରୁଦ୍ଦିନଙ୍କ ୮୭ ରନ ବଳରେ ଯାଜପୁର ୨୧୩ ରନ କରିଥିଲା। ଜାମଳା ମହାପାତ୍ର ୩ ୱିକେଟ୍ ନେଇଥିଲେ। ଜବାବରେ କଟକ-ଏ ୬ ୱିକେଟ୍ ହରାଇ ୪୪.୩ ଓଭରରେ ବିଜୟ ହାସଲ କରିଥିଲା। ବିଶ୍ୱସ୍ୱାଗତ ୫୦ ଓ ଅଭିଷେକ ରାଉତ ୪୮ ରନ କରିଥିଲେ।

**ନିମପୁର ଗ୍ରାଉଣ୍ଡ:** ସ୍ୱରୂପ ଭୂୟାଁ (୭୭) ଓ ଜ୍ଞାନରଞ୍ଜନ ନାୟକ (୬୦)ଙ୍କ ଅର୍ଦ୍ଧଶତକ ସହାୟତାରେ ରାଉରକେଲା ୮୩ ରନରେ ଝାରସୁଗୁଡ଼ାକୁ ମାତ୍ ଦେଇଛି। ରାଉରକେଲା ପକ୍ଷରୁ ଧାର୍ଯ୍ୟ ୩୨୨ ରନର ଲକ୍ଷ୍ୟକୁ ପିଛା କରି ଝାରସୁଗୁଡ଼ା ୮ ୱିକେଟ୍‌ରେ ୨୩୮ ରନ କରିଥିଲା।

**ବାରବାଟୀ ଷ୍ଟାଡିୟମ:** ବାଲେଶ୍ୱର ଚଳିତ କଳାହାଣ୍ଡି କପ୍‌ରେ କ୍ରମାଗତ ୨ୟ ବିଜୟ ହାସଲ କରିଛି। ସୋମବାର ମୁକାବିଲାରେ ବାଲେଶ୍ୱର ୧୪୪ ରନରେ ଢେଙ୍କାନାଳକୁ ହରାଇଦେଇଛି। ଦିବ୍ୟଶକ୍ତିଙ୍କ ୧୦୦ ରନ ବଳରେ ବାଲେଶ୍ୱର ୯ ୱିକେଟ୍‌ରେ ୨୫୦ ରନ କରିଥିଲା। ପ୍ରତ୍ୟୁତ୍ତରରେ ଢେଙ୍କାନାଳ ୧୦୬ରେ ସୀମିତ ରହିଥିଲା। ୩ ୱିକେଟ୍ ସହ ୫୩ ରନ କରି ବିଜୟୀ ଦଳର ସର୍ବେଶ୍ୱର ମହାନ୍ତି ଶ୍ରେଷ୍ଠ ବିବେଚିତ ହୋଇଥିଲେ।



# ସୁବର୍ଣ୍ଣା





## ପରିବର୍ତ୍ତନର ପରିଭାଷା ଏମ୍ଏମ୍ଜେଜେଏମ୍

# ଜୀବିକାକୁ ଜୀବନ



ଓଡ଼ିଶାର ଉପାନ୍ତ ଅଞ୍ଚଳର ଚାଷୀଙ୍କ ଜୀବିକା ଅର୍ଜନରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ (ଏମ୍ଏମ୍ଜେଜେଏମ୍), କୁହୁକ ସ୍ପର୍ଶ ଭରିଦେଇଛି । ଏହି ଜୀବିକା ମିଶନର ଭରପୂର ଫାଇଦା ଉଠାଇ ଆଦିବାସୀ ଜନଜାତିର ମହିଳା ଓ ପୁରୁଷମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିପାରୁଛନ୍ତି । ଓଡ଼ିଶାର ଜନଜାତିବହୁଳ ବିଭିନ୍ନ ଜିଲ୍ଲାର ଚାଷୀଙ୍କ ସଫଳ କାହାଣୀ ମୁଖ୍ୟମନ୍ତ୍ରୀ ଜୀବିକା ମିଶନର ଉଦ୍ଦେଶ୍ୟକୁ ସାକାର କରିପାରିଛି ।

ଏମ୍ଏମ୍ଜେଜେଏମ୍ ହେଉଛି ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟଙ୍କ ପାଇଁ ଏକ ବୃହତ୍ତମ ଜୀବିକା ପ୍ରୋତ୍ସାହନ ପଦକ୍ଷେପ । ଆଦିବାସୀ ଅଞ୍ଚଳରେ ସମୁଦାୟ ଓ ଅନୁଷ୍ଠାନଗୁଡ଼ିକ ସହ କାମ କରି କୃଷି, ଅଣକୃଷି ପଦକ୍ଷେପ ମାଧ୍ୟମରେ ଆଦିବାସୀ ପରିବାରର ଆୟ ବୃଦ୍ଧି କରିବା ଏହାର ପ୍ରାଥମିକ ଲକ୍ଷ୍ୟ । କ୍ଲଷ୍ଟର ପଦ୍ଧତି ମାଧ୍ୟମରେ ଉଦ୍ୟାନ କୃଷି ଫସଲ, ପଶୁସମ୍ପଦ ଏବଂ ମତ୍ସ୍ୟଚାଷରେ ବିବିଧତା ଆଣିବାରେ ଏହା କୃଷକଙ୍କୁ ଉତ୍ସାହିତ ମଧ୍ୟ କରେ । ତେବେ ଏମ୍ଏମ୍ଜେଜେଏମ୍ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ବଜେଟରେ ୨୦୨୩-୨୪ ଆର୍ଥିକ ବର୍ଷରୁ ତିନି ବର୍ଷ ପାଇଁ ୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟ ୨୦୨୩-୨୪ରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ । ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗର ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ସଂପୃକ୍ତ ୨୨ଟି ଆଇଟିଡିଏମାନଙ୍କ ଦ୍ୱାରା ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ 'ପ୍ରଦାନ'ର ଏକ ରାଜ୍ୟସ୍ତରୀୟ ପିଏମ୍ୟୁ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି ।

### ମୁଖ୍ୟ କାମ

ଏମ୍ଏମ୍ଜେଜେଏମ୍ ଜନଜାତି ଜୀବିକା ପରିଷଦ (ଜେଜେପି)କୁ ତୃଣମୂଳସ୍ତରୀୟ ଅନୁଷ୍ଠାନ ଭାବରେ ପ୍ରୋତ୍ସାହିତ କରେ । କୃଷି କ୍ଲଷ୍ଟରର ବିକାଶ ଏବଂ ଫସଲ ଉତ୍ପାଦନର ପୁନରୁଦ୍ଧାର, କୃଷି ଏବଂ ଅଣ-ସିନ୍ଥେଟିକ୍ ଆଭିମୁଖ୍ୟ ଅନୁସରଣ କରିବା ଏବଂ ଫସଲର ତୀବ୍ରତା ବୃଦ୍ଧି ପାଇଁ ଉପଯୁକ୍ତ ଜଳସେଚନ ଭିତ୍ତିଭୂମି ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ । ଉତ୍ପାଦିତ ଦ୍ରବ୍ୟର ବଜାର ସଂଯୋଗ, ମୂଲ୍ୟ ବୃଦ୍ଧି ଏବଂ ବ୍ରାଣ୍ଡିଂର ବିକାଶ କରିବା ସହ ଏହା ହିତାଧିକାରୀ ଏବଂ ଗୋଷ୍ଠୀ ଅନୁଷ୍ଠାନଗୁଡ଼ିକ ପାଇଁ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କରେ ।

### ପରିବା ଚାଷରୁ ଆତ୍ମନିର୍ଭରଶୀଳ ସବିତା



କରଞ୍ଜିଆ ଆଇଟିଡିଏ ଅର୍ନ୍ତଗତ ସୁକରୁଲି ବ୍ଲକ୍‌ରୁ ଝାଡଘୋଡ଼ା ଅନ୍ତର୍ଗତ ବାଙ୍ଗିରିପୋଷି ଗ୍ରାମର ସୁରମୁନି ଛତର 'ଚାନ୍ଦେଶ୍ୱରୀ ଜନଜାତି ଜୀବିକା ପରିଷଦ'ର ପରିଶ୍ରମୀ ମହିଳା ଚାଷୀ । ୨୦୨୩-୨୪ ରେ ରବି କ୍ଲଷ୍ଟର ଚାଷ ପାଇଁ ଏମ୍ଏମ୍ଜେଜେଏମ୍ ଅଧୀନରେ ସୋରିଷ ଚାଷ କରି ସୋରିଷ ଅମଳ ଯୋଗୁଁ ସେ ମାସକୁ ୫,୦୦୦ରୁ ୬,୦୦୦ ଟଙ୍କା ରୋଜଗାର କରୁଛନ୍ତି । ଗୁଡ଼ାରୀ ବ୍ଲକ୍ ସିରିଗୁଡ଼ା ଗ୍ରାମ ପଞ୍ଚାୟତ ଅଧୀନ ଦୁର୍ଗମ ରେଙ୍ଗାମ ଗ୍ରାମରୁ (ଆଇଟିଡିଏ) ଗୁଣୁପୁର ସହଯୋଗରେ ୪୮ ବର୍ଷୀୟା ସବିତା ଶବର 'ରେଙ୍ଗାମ ଜନଜାତି ଜୀବିକା ପରିଷଦ'ର ଜଣେ ସଫଳ ଚାଷୀ । ସବିତାଙ୍କ ସମେତ ଜେଜେପିର ସମସ୍ତ କୃଷକ ୨୦୨୩-୨୦୨୪ରେ ରବି ପନିପରିବା ଚାଷ ପାଇଁ ଏମ୍ଏମ୍ଜେଜେଏମ ଅଧୀନରେ ଉତ୍ତମମାନର ବିହନ ଏବଂ ଅନ୍ୟାନ୍ୟ କୃଷି ସାମଗ୍ରୀ ପାଇଥିଲେ । ସବିତା ଟମାଟୋ ଚାଷରୁ ପ୍ରଚୁର ଅମଳ କରି ୫୫ ହଜାର ଟଙ୍କା ରୋଜଗାର କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ।

### ଷ୍ଟ୍ରବେରୀ ଚାଷରୁ ଲାଭବାନ ଉଜେଡ଼ି



କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ କୋଟିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଉପର ବଡ଼ବନ୍ଧ ଗ୍ରାମରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ କୋରାପୁଟ ଆଇଟିଡିଏ ତତ୍ତ୍ୱାବଧାନରେ ୩ ଏକରରୁ ଅଧିକ ଜମିରେ ଷ୍ଟ୍ରବେରୀ ଚାଷ କରିଛନ୍ତି । ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟଙ୍କ ସହିତ ଉତ୍ସାହୀ ମହିଳା ଚାଷୀ ଉଜେଡ଼ି ପାଙ୍ଗୀଙ୍କ ଶ୍ରମଦାନରେ ଗଛଗୁଡ଼ିକ ଏବେ ଫଳ ଦେବା ଆରମ୍ଭ କରିଛି । ମେ'ମାସ ଶେଷ ସୁଦ୍ଧା ସଦସ୍ୟ ପିଛା ସର୍ବନିମ୍ନ ଅଂଶ ଭାବେ ଏହି ଚାଷରୁ ଦେଢ଼ ଲକ୍ଷ ଟଙ୍କା ମିଳିବ ବୋଲି ଉଜେଡ଼ି ଆଶା ରଖିଛନ୍ତି ।



ସେହିପରି ଆଇଟିଡିଏ କେନ୍ଦୁଝର ଅଧୀନ ବାଂଶପାଳ ବ୍ଲକ୍ ଖୁଣ୍ଟାକଟା ଗ୍ରାମର କ୍ଷୁଦ୍ର ଚାଷୀ ବରୁଣ ଦେହୁରୀ (୩୮) ଚଳିତ ବର୍ଷ ଫୁଲକୋବି ଚାଷରୁ ସେ ୫୦ ହଜାର ଟଙ୍କା ଲାଭ କରିଛନ୍ତି । ଅନ୍ୟପଟେ ରବି ଫସଲ ପାଇଁ ଏମ୍ଏମ୍ଜେଜେଏମ୍ ଅଧୀନରେ ଦିଆଯାଇଥିବା ସହାୟତା ପାଇ କୋରାପୁଟ ଆଇଟିଡିଏର ସେମିଳିଗୁଡ଼ା ବ୍ଲକ୍ ପରଜାମୁଥାଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହଟାଗୁଡ଼ ଗ୍ରାମର ସୋମନାଥ ମୁଣ୍ଡାଗଡ଼ିଆ (୩୭) ଅଧା ଏକର ଜମିରେ ଟମାଟୋ, କୋବି ଓ ଗାଜର ଆଦି ପରିବା ଚାଷରୁ ପ୍ରାୟ ୧.୭୫ ଲକ୍ଷ ଟଙ୍କା ଆୟ କରି ପାରିଛନ୍ତି । ଏହା ଦ୍ୱାରା ଆହୁରି ଅନେକଜଣ ନିଜେ ସ୍ୱାବଲମ୍ବୀ ହେବା ସହ ସଫଳ ଚାଷୀର ପ୍ରମାଣ ଦେଇଛନ୍ତି । ■

## କୃଷି ପାଣିପାଗ



### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବର୍ଷାର ସମ୍ଭାବନା ଥିବାରୁ ବୁଣାବୁଣି କାର୍ଯ୍ୟ, ସାର ପ୍ରୟୋଗ, କୀଟନାଶକ ପ୍ରୟୋଗ ଓ ଜଳସେଚନକୁ କିଛିଦିନ ପାଇଁ ସ୍ଥଗିତ ରଖନ୍ତୁ ।
- କଖାରୁ ଜାତୀୟ ପରିବାରେ ଢେରା ଦିଅନ୍ତୁ । ଅମଳ ଉପଯୋଗୀ ପରିବାକୁ ଶୀଘ୍ର ଅମଳ କରିଦିଅନ୍ତୁ । ମାଟିର ଆର୍ଦ୍ରତା ଦେଖି ଖରାଟିଆ କାକୁଡ଼ି ଓ କଖାରୁ ଜାତୀୟ ପରିବା ବୁଣାବୁଣି କରନ୍ତୁ ।
- ସୋରିଷ ଫସଲରେ ନିମ୍ନମୁଖୀ ପାଉଁଶିଆ ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ୍ ମେଟାଲାକ୍ସିଲ ଏବଂ ମାଙ୍କୋଜେବର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ଥିବାରୁ ଗାଈଗୋରୁମାନଙ୍କୁ ନଦୀ, ପୋଖରୀ ଓ କୃଷି ଯନ୍ତ୍ରଠାରୁ ଦୂରେଇ ରଖନ୍ତୁ । ଗଛ ତଳେ ଜମା ବାନ୍ଧନ୍ତୁନି । ଗୋଖାଦ୍ୟକୁ ବର୍ଷା ପାଣିରୁ ଦୂରେଇ ରଖିପାରିବେ । ■

## ଟସର ରେଶମ ଖୋସା



ଦେଶବିଦେଶରେ ଓଡ଼ିଶା ଟସରର ସ୍ୱତନ୍ତ୍ର ପରିଚୟ ରହିଛି । ଏଥିରୁ ପ୍ରସ୍ତୁତି ଶାଢ଼ି ତଥା ପୋଷାକର ସ୍ୱତନ୍ତ୍ର ମର୍ଯ୍ୟାଦା ଥାଏ । ତେବେ ଟସର ଖୋସାରୁ ସୂତା ବାହାର କରି ସେଥିରେ ମୂଲ୍ୟବାନ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରୋତ୍ସାହନ ମଧ୍ୟ ମିଳୁଛି । ବିହନ ଯୋଗାଣଠାରୁ ଅମଳ ପର୍ଯ୍ୟନ୍ତ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦିଆଯାଉଥିବାରୁ ବର୍ଷରେ ୨ଟି ପର୍ଯ୍ୟାୟରେ ଚାଷ କରାଯାଇପାରୁଛି । ମହିଳା ସଶକ୍ତିକରଣ ନିମନ୍ତେ ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ରାଜ୍ୟ ରେଶମ ବିଭାଗ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ଚାଷ ପାଇଁ ସହାୟତା ଦିଆଯାଉଥିବାରୁ ରାଜ୍ୟର ଶତାଧିକ ମହିଳା ଟସର ଚାଷ ଦ୍ୱାରା ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ।

ରେଶମ ମୁଖ୍ୟତଃ ୪ ପ୍ରକାରର । ତୁତ ରେଶମ, ମୁଗା ରେଶମ, ଏଣ୍ଡି ରେଶମ ଓ ଟସର ରେଶମ । ତେବେ ଓଡ଼ିଶା ଟସର ରେଶମ ପାଇଁ ପ୍ରସିଦ୍ଧ । ରେଶମ ପୋକ ତିଆରି କରୁଥିବା ଖୋସାରୁ ରେଶମ ସୂତା ସଂଗ୍ରହ କରି ରେଶମ ଲୁଗା ବା ପୋଷାକ ପ୍ରସ୍ତୁତ କରାଯାଏ ।

ଗୋଟିଏ ଟସର ରେଶମ ଖୋସାରୁ ୮୦୦ ମିଟରରୁ ୧୪୦୦ ମିଟର ପର୍ଯ୍ୟନ୍ତ ସୂତା ମିଳିଥାଏ । ତେବେ ଟସର ପୋକ ତୁତ୍, ଅସନ, ଅର୍ଜୁନ ଓ ଜଡ଼ା ଇତ୍ୟାଦି ଗଛର ପତ୍ର ଖାଇଥାଏ । ସେଥିପାଇଁ ଗଛର ପତ୍ରଥିବା ସମୟରେ ଟସର ପୋକର ପ୍ରଥମ ଲାର୍ଭା ଆଣି ଗଛରେ ଛାଡ଼ି ଦିଆଯାଏ । ଲାର୍ଭା ଗଛ ପତ୍ରକୁ ଖାଇ ବଡ଼ ହୋଇଥାନ୍ତି । ଏମାନଙ୍କ ଦେହରୁ ୪ଥର ଚୋପା ବାହାରିଥାଏ । ଲାର୍ଭା ପଞ୍ଚମ ଅବସ୍ଥାକୁ ପହଞ୍ଚିଥାଏ । ଲାର୍ଭା ଲାଳ ଝରାଇ ତା' ଚାରିପାଖେ ଏକ ଖୋସା ତିଆରି କରେ । ଖୋସା ଭିତରେ ଲାର୍ଭା ବଡ଼ ହୁଏ । ଲାର୍ଭା ପ୍ୟୁପାରେ ପରିଣତ ହୋଇ ଦୁଇ ମାସ ମଧ୍ୟରେ ଅଣ୍ଡା ଦିଏ । ଟସର ପୋକ ଅଣ୍ଡା, ଲାର୍ଭା, ପ୍ୟୁପା ପୂର୍ଣ୍ଣାଙ୍ଗ ୪ଟି ଅବସ୍ଥା ଦେଇ ଜୀବନ ବିତାଏ । ଲାର୍ଭା ଅବସ୍ଥାରେ ଖୋସାଗୁଡ଼ିକରୁ ସୂତା ବାହାର କରାଯାଇ ରେଶମବସ୍ତ୍ର ତିଆରି ପାଇଁ ସଞ୍ଚୟ କରାଯାଏ । ■

## ଟାଙ୍ଗରା ଭୂଇଁରେ ଡାଲି ଜାତୀୟ ଫସଲ

ଡାଲି ଜାତୀୟ ଫସଲ ପାଇଁ କମ୍ ପାଣି ଆବଶ୍ୟକ କରୁଥିବାରୁ ଧାନ ପରେ ଟାଙ୍ଗରା ଜମିରେ ସଅଳ ଡାଲି ଜାତୀୟ ଫସଲ କରିହେବ । ଡାଲି ପୁଷ୍ଟିସାର ଯୋଗାଉଥିବାରୁ ଖାଦ୍ୟ ସୁରକ୍ଷା ପାଇଁ ଡାଲି ଜାତୀୟ ଫସଲ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ବାୟୁମଣ୍ଡଳରେ ଯବକ୍ଷାର ବିବନ୍ଧନ କରିବା ସହ ପର୍ଯ୍ୟାୟକ୍ରମେ ମାଟିର ଉର୍ବରତା ବୃଦ୍ଧିପାଏ । ଫଳରେ ପରବର୍ତ୍ତୀ ଫସଲରେ ଅମଳ କରାଏ । ତେଣୁ ଡାଲି ଜାତୀୟ ବିହନରୁ ଭଲ ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ରଖିବା ଆବଶ୍ୟକ । ନିଗିଡ଼ା, ବାଲିଆ, ଦୋରସା, ମଟାଳ ମାଟି ଡାଲି ଫସଲ ପାଇଁ ଉପଯୁକ୍ତ । ଗଭୀର ହଳ ସାରିବା ପରେ ଆଉଥରେ ହଳକରି ମଇ ଦେଇଦେଲେ ବୁଣିବା ପାଇଁ ଉପଯୁକ୍ତ ହୋଇଥାଏ । ତେବେ ଜମିର ମାଟି ହାଲୁକା ହୋଇଥିବା ସହିତ ଉପଯୁକ୍ତ ଭାବେ ଜଳସେଚନ ବ୍ୟବସ୍ଥା ରହିଥିବା ଦରକାର ।

ରାଇବୋଜିୟମ୍ ଓ ଫସ୍‌ଫେଟ୍ ଦ୍ରବୀଭୂତ କରୁଥିବା ବୀଜାଣୁ ସହିତ ବିହନକୁ ଗୋଳାଇ ସାରିବା ପରେ ଏହାକୁ ଜୈବ କବକନାଶକ ସହିତ ମିଶାଇ ବିଶୋଧନ କରିବା ଉଚିତ । ଏକର ପ୍ରତି ୮ କିଗ୍ରା ବିହନ ଆବଶ୍ୟକ ହୁଏ । ବିହନକୁ ସାର ଓ ବିହନ ବୁଣା ଡ୍ରମ୍ ସାହାଯ୍ୟରେ ମାଟିର ୩ରୁ ୫ ସେମି ଗଭୀରତାରେ ବୁଣିବା ଉଚିତ । ଧାଡ଼ିକୁ ଧାଡ଼ି ଦୂରତା ୩୦ ସେମି ଓ ଗଛକୁ ଗଛ ଦୂରତା ୮ରୁ ୧୦ ସେମି ରଖି ବିହନ ବୁଣନ୍ତୁ । ମାଟିର ଜଳୀୟ ଅଂଶ ଦେଖି ପ୍ରତି ସପ୍ତାହ ବ୍ୟବଧାନରେ ୩ରୁ ୪ଥର ଜଳସେଚନ କରିବା ଉଚିତ ।

ଏହାକୁ ଦୃଷ୍ଟିଦେଲେ ଅଧିକ ଅମଳକ୍ଷମ ରୋଗପ୍ରତିରୋଧୀ, ସଅଳ ଅବଧିର ମୁଗ କିସମ ହେଉଛି ଆଇପିଏମ୍ ୨୦୫-୭ (ବିରାଟ) ଏଥିରେ ସାହେବୀ ରୋଗ ପ୍ରତିରୋଧୀ କ୍ଷମତା ରହିଛି । ଅମଳ ୫୨ରୁ ୫୫ ଦିନରେ ହୋଇଥାଏ । ଏକର ପ୍ରତି ହାରାହାରି ଅମଳ ୪୦୦ରୁ ୪୮୦ କିଗ୍ରା । ସେହିପରି ସାହେବୀ ରୋଗ ପ୍ରତିରୋଧୀ କ୍ଷମତା ଥିବା ଆଇପିଏମ୍ ୯୯-୧୨୫ (ମେହା): ୬୫ରୁ ୭୦ ଦିନରେ ଅମଳ ହୁଏ । ଏକର ପ୍ରତି ଅମଳ ୪୫୦ରୁ ୫୫୦ କିଗ୍ରା । ସାହେବୀ ରୋଗ ପ୍ରତିରୋଧୀ କ୍ଷମତା ଥିବା ଆଇପିଏମ୍ ୦୨-୦୩, ୬୫ରୁ ୭୦ ଦିନରେ ଅମଳ ହୁଏ । ଅମଳ କ୍ଷମତା ଏକର ପ୍ରତି ୪୮୦ରୁ ୫୫୦ କିଗ୍ରା ହୋଇଥାଏ ।

ଅନ୍ୟପଟେ ବିରିର ଉନ୍ନତ କିସମ ସାହେବୀ ଓ ପାଉଁଶିଆ ରୋଗ ପ୍ରତିରୋଧୀ କ୍ଷମତା ଭିବିଏନ୍ ୮, ୬୫ରୁ ୭୦ ଦିନରେ ଅମଳ ହୁଏ । ଅମଳ ୩୫୦ରୁ ୪୦୦ କିଗ୍ରା । ପିୟୁ ୩୧ କିସମଟି ୭୫ରୁ ୮୦ ଦିନରେ ଅମଳ ହୋଇଥାଏ । ଅମଳ ୫୫୦-୬୦୦ କିଗ୍ରା । ପିୟୁ ୩୫ ସାହେବୀ ରୋଗ ପ୍ରତିରୋଧୀ । ଏହା ୮୦ରୁ ୮୫ ଦିନରେ ଅମଳ ହୁଏ । ଏହାର ଅମଳ ହାରାହାରି କ୍ଷମତା ୪୪୦ରୁ ୪୮୦ କିଗ୍ରା । ■

ରାଜ୍ୟର ବିଭିନ୍ନ ସ୍ଥାନରେ ଧାନ ଅମଳ ପରେ ଅଧିକରୁ ଅଧିକ ଲୋକ ଜମିକୁ ପଡ଼ିଆ ପକାଇ ରଖିଥାନ୍ତି । ଉପକୂଳବର୍ତ୍ତୀ ଖାଲୁଆ ଅଞ୍ଚଳରେ ପାଣି ଜମି ରହିବା, ମୃତ୍ତିକା ବା ଜଳ ଅଧିକ ଲବଣାକ୍ତ ହେବା, ଖରିଫ ଫସଲ କାଟିବା ପରେ ଜମିରେ ଗୋରୁଗାଈ ଛାଡ଼ିବା ଯୋଗୁଁ ଜମି ଟାଙ୍ଗରା ରୁହେ । ତେବେ ଟାଙ୍ଗରା ଜମିରେ ଚାଷୀଙ୍କୁ ପୁନଶ୍ଚ ରୋଜଗାର ଦେବାକୁ ସଅଳ ଡାଲି ଜାତୀୟ ଫସଲ ସବୁଠୁ ଫଳପ୍ରଦ ।





ଭେଣ୍ଡିରେ ଫିମ୍ପିଜନିତ ରୋଗ ଯୋଗୁଁ ଫୁଲ ଫୁଟିବା ପୂର୍ବରୁ ମୂଳ ଶଢ଼ିଯାଏ । ଏହି ରୋଗ ହେଲେ ଆକ୍ରାନ୍ତ ଗଛର ମୂଳକାଣ୍ଡ କଳା ପଡ଼ିଯାଏ । ଫୁଲ ଓ ଫଳ ଶୁଖିଯାଏ । ଗଛଟି ଝାଉଁଳି ପଡ଼େ । ଅନେକ ସମୟରେ ଗଛଟି ମରିଯାଏ । ତେବେ ଏହି ରୋଗ ନିୟନ୍ତ୍ରଣ କରିବା ପାଇଁ ବିହନ ବୁଣିବା ପୂର୍ବରୁ ୧ କିଗ୍ରା ବିହନ ପ୍ରତି ୫ରୁ ୬ ଗ୍ରାମ ଟାଇକୋଡର୍ମା ବା ୧ ଗ୍ରାମ୍ ମେଟାଲକ୍ସିଲ ଏମ୍ ୩୫% ମିଶାଇ ବିହନ ବିଶୋଧନ କରନ୍ତୁ ।

## ଭେଣ୍ଡିରେ ଫୁଲ ଫୁଟିବା ପୂର୍ବରୁ...

- ଆକ୍ରାନ୍ତ ଗଛକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।
- ଗୋଟିଏ ଜମିରେ ବାରମ୍ବାର ଭେଣ୍ଡି ଚାଷ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ ।
- ଫସଲରେ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ ପି ମିଶାଇ ମୂଳକୁ ସିଞ୍ଚନ କରନ୍ତୁ । ■



## ଭାଙ୍ଗିଲା ଅସ୍ଥାୟୀ କମିଟି

# କୁସ୍ତି ସଂଘ ଉପରୁ ଉଠିଲା ବାସନ୍ଦ

ନୂଆଦିଲ୍ଲୀ, ୧୮ ।୩(ଏଜେନ୍ସି)




ନବନିର୍ବାଚିତ କୁସ୍ତି ସଂଘକୁ ନେଇ ଚାଲିଥିବା ବାଦ ବିବାଦର ପରିସମାପ୍ତି ଘଟିଛି । ଭାରତୀୟ କୁସ୍ତି ସଂଘ ବେନିୟମ ଭାବେ ନିର୍ବାଚନ ଆୟୋଜନ କରିଥିବାର ଅଭିଯୋଗ ହେବା ପରେ ଦିଲ୍ଲୀ ହାଇକୋର୍ଟ ଏହାକୁ ସାମୟିକ ବାସନ୍ଦ କରିଥିଲେ । ଏହା ପରେ ବିଶ୍ୱ କୁସ୍ତିର ସର୍ବୋଚ୍ଚ ସଂସ୍ଥା ୟୁନାଇଟେଡ ୱାର୍ଲ୍ଡ ରେସଲିଂ (ୟୁୟୁଡବ୍ଲ୍ୟୁ) ମଧ୍ୟ ଭାରତୀୟ କୁସ୍ତି ସଂଘ ଉପରୁ ସ୍ୱୀକୃତି ପ୍ରତ୍ୟାହାର କରିନେଇଥିଲା । ଏଭଳି ସମୟରେ ଦେଶରେ କୁସ୍ତି ସଂଘର କାର୍ଯ୍ୟକ୍ରମ ପରିଚାଳନା ଲାଗି ଭାରତୀୟ ଅଲିମ୍ପିକ୍ ସଂଘ ଏକ ଅସ୍ଥାୟୀ କମିଟି ଗଠନ କରିଥିଲା । ଏହି କମିଟି ନିକଟରେ ଦୁଇଟି ଯୋଗ୍ୟତା ପର୍ଯ୍ୟାୟ କୁସ୍ତି ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜନ କରିଥିଲା । ଏହା ପରେ ଗତ ଫେବୃଆରୀ ମାସରେ ୟୁୟୁଡବ୍ଲ୍ୟୁ ମଧ୍ୟ ବାସନ୍ଦ ଆଦେଶ ପ୍ରତ୍ୟାହାର କରିନେଇଥିଲା । ଏହା ଫଳରେ କୁସ୍ତି ପରିଚାଳନା ଲାଗି ଭୂପିନ୍ଦର ସିଂ ବାଜ୍‌ୱାଙ୍କ ଅଧ୍ୟକ୍ଷତାରେ ଗଠିତ ଆଡହକ୍ କମିଟିର ଆଉ ଆବଶ୍ୟକତା ନାହିଁ ବୋଲି ଭାରତୀୟ ଅଲିମ୍ପିକ୍ ସଂଘର ହୃଦ୍‌ବୋଧ ହେବା ପରେ ଏହାକୁ ସୋମବାର ଭାଙ୍ଗି ଦେଇଛି । କମିଟିର ଅସ୍ତିତ୍ୱ ଚାଲିଯିବା ପରେ ଭାରତରେ କୁସ୍ତି ପରିଚାଳନା ଦାୟିତ୍ୱ ଏବେ କୁସ୍ତି ସଂଘ ଉପରେ ନ୍ୟସ୍ତ କରାଯାଇଛି ।

ସୂଚନାଯୋଗ୍ୟ, ଭାରତୀୟ କୁସ୍ତି ସଂଘର ସଭାପତି ଭାବେ ସଞ୍ଜୟ ସିଂ ଓ ତାଙ୍କ ଟିମ୍ ନିର୍ବାଚିତ ହେବା ପରେ ବିବାଦ ସୃଷ୍ଟି ହୋଇଥିଲା । ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କୁସ୍ତିଯୋଦ୍ଧାମାନେ ଚାପ ପକାଇଥିଲେ । ଏହା ଫଳରେ ବାଧ୍ୟ ହୋଇ କୁସ୍ତି ପରିଚାଳନା କରିବାକୁ ସରକାରଙ୍କ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଭାରତୀୟ ଅଲିମ୍ପିକ୍ ସଂଘକୁ ନିର୍ଦ୍ଦେଶ ଦେଇଥିଲା । ଏହି ନିର୍ଦ୍ଦେଶନାମା ବଳରେ ସବୁକିଛି ହୋଇଥିଲା । ଏବେ ନବନିର୍ବାଚିତ କର୍ମକର୍ତ୍ତାମାନେ ସଞ୍ଜୟ ସିଂଙ୍କ ନେତୃତ୍ୱରେ କୁସ୍ତି ପରିଚାଳନା କରିବା ରାସ୍ତା ପରିଷ୍କାର ହୋଇଯାଇଛି ।

## ଆଇପିଏଲ୍ ଖେଳିବାକୁ ରାହୁଲଙ୍କୁ ସବୁଜ ସଙ୍କେତ

# ଆରମ୍ଭରୁ କିପିଙ୍ଗ୍ ନ କରିବାକୁ ପରାମର୍ଶ



**ନୂଆଦିଲ୍ଲୀ,୧୮ ।୩(ଏଜେନ୍ସି):** ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିବାକୁ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ଠାରୁ ସବୁଜ ସଙ୍କେତ ପାଇଛନ୍ତି । ତେବେ ଟୁର୍ଣ୍ଣାମେଣ୍ଟ ପ୍ରାରମ୍ଭରୁ କେତୋଟି ମ୍ୟାଚ୍‌ରେ ୱିକେଟରକ୍ଷଣ ନ କରିବାକୁ ଏନ୍‌ସିଏ ତରଫରୁ ପରାମର୍ଶ ଦିଆଯାଇଛି । ହାଇଦରାବାଦ୍‌ରେ ଅନୁଷ୍ଠିତ ଗତ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ସେ ଆହତ ହୋଇଥିଲେ । ସେବେଠାରୁ ସେ ଫିଟ୍‌ନେସ ଫେରିପାଇବା ପାଇଁ ସଂଘର୍ଷ କରିଆସୁଥିଲେ । କିଛିଦିନ ତଳେ ସେ ଏନ୍‌ସିଏରେ ଡ୍ରିଲ ଓ ଫିଲ୍ଡିଂ କରୁଥିବା ସହ ବ୍ୟାଟିଂ କରୁଥିବା ଭିଡିଓ ଅପଲୋଡ କରିଥିଲେ । ଗୁରୁବାର ସେ ନିଜ ଦଳରେ ଯୋଗ ଦେବେ । ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁଥିବା ଟି-୨୦ ବିଶ୍ୱକପ୍‌ରେ ସେ ଦଳରେ ସ୍ଥାନ ପାଇବାକୁ ଆଶା ରଖିଛନ୍ତି । ତେଣୁ ତାଙ୍କୁ ଆଇପିଏଲ୍‌ରେ ଦମ୍ ଦେଖାଇବାକୁ ହେବ । ଗତ ପ୍ରଦର୍ଶନକୁ ଦେଖିଲେ ରାହୁଲଙ୍କୁ ଦଳରେ ପ୍ରଥମ ୩ଟି ସ୍ଥାନରେ ସ୍ଥାନ ନ ମିଳିବା ଏକ ପ୍ରକାର ନିଶ୍ଚିତ ମନେ ହେଉଛି । ତେଣୁ ତାଙ୍କୁ ୫ କିମ୍ବା ୬ ନଂ ପାଇଁ ଚୟନ କରାଯିବ । ତେବେ ଏଥିପାଇଁ ତାଙ୍କୁ ରିଙ୍କୁ ସିଂ ଓ ସଦ୍ୟ ଫିଟ୍‌ନେସ ହାସଲ କରିଥିବା ରଷଭ ପନ୍ତଙ୍କ ତୁଳନାରେ ଭଲ ପ୍ରଦର୍ଶନ କରିବାକୁ ହେବ ।

## ବିଲିୟାର୍ଡ୍ସ ହଲ୍ ଅଫ୍ ଫେମ୍‌ରେ ପଙ୍କଜ

**ନୂଆଦିଲ୍ଲୀ,୧୮ ।୩(ଏଜେନ୍ସି):** ଭାରତୀୟ ସ୍ନୁକର ଓ ବିଲିୟାର୍ଡ୍ସ ତାରକା ପଙ୍କଜ ଆଡଭାଣୀ ୱାର୍ଲ୍ଡ ବିଲିୟାର୍ଡ୍ସ ମ୍ୟୁଜିୟମ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି । ପଙ୍କଜ ସୋମବାର ଏ ନେଇ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ୱାର୍ଲ୍ଡ ବିଲିୟାର୍ଡ୍ସ ମ୍ୟୁଜିୟମ ଚୀନର ଶାଙ୍ଗରାଓ ସହରରେ ରହିଛି । ଏଠାରେ ପଙ୍କଜଙ୍କ ଫଟୋଚିତ୍ର ଲଗାଯାଇ ତାଙ୍କୁ ହଲ ଅଫ୍ ଫେମ୍‌ରେ ସାମିଲ କରାଯିବ । ପଙ୍କଜ ବିଲିୟାର୍ଡ୍ସ ଓ ସ୍ନୁକରରେ ମିଶିକରି ମୋଟ ଉପରେ ୨୬ଟି ବିଶ୍ୱ ଟାଇଟଲ ଅର୍ଜନ କରିଛନ୍ତି । ଏଥିରେ ସେ ୧୮ ଟି ବିଲିୟାର୍ଡ୍ସ ଓ ୮ ଟି ସ୍ନୁକର ଟାଇଟଲ ସାମିଲ ରହିଛି । ସେ ୨୦୧୨/୧୩ରେ ସ୍ନୁକରରେ ପେସାଦାର କ୍ୟାରିୟର ଆରମ୍ଭ କରିଥିଲେ । ସେ ୧୯୯୯ରେ ବିଲିୟାର୍ଡ୍ସରେ ପଦାର୍ପଣ କରିଥିଲେ । ୨୦୦୫ରେ ସେ ବିଲିୟାର୍ଡ୍ସରେ ପ୍ରଥମ ବିଶ୍ୱ ଟାଇଟଲ ଜିତିଥିଲେ ।

# ଟାଇଟଲ ବଜାୟ ରଖିଲେ ଆଲକାରାଜ





**ଇଣ୍ଡିଆନ୍ ୱେଲ୍ସ, ଟେନିସ୍**

**ଇଣ୍ଡିଆନ୍ ୱେଲ୍ସ,୧୮ ।୩(ଏଜେନ୍ସି):** ଏଠାରେ ଶେଷ ହୋଇଥିବା ଇଣ୍ଡିଆନ୍ ୱେଲ୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ସ୍ପେନ୍ ଯୁବ ତାରକା କାର୍ଲୋସ ଆଲକାରାଜ ପୁରୁଷ ଏକକ ଓ ପୋଲାଣ୍ଡର ଇଗା ସ୍ୱିଆଟେକ ମହିଳା ଏକକ ପ୍ରତିଯୋଗିତାରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି । ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଟପ୍ ସିଡ୍ ମାନ୍ୟତା ପାଇଥିବା କାର୍ଲୋସ ଆଲକାରାଜ ୭-୬, ୬-୧ ସେଟ୍‌ରେ ଚତୁର୍ଥ ସିଡ୍ ରୁଷିଆର ଡାନିଲ ମେଦଭେଦେଭଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି । ଗତବର୍ଷ ଜୁଲାଇରେ ୱିମ୍ବଲଡନ ଟାଇଟଲ ହାସଲ କରିବା ପରେ ଆଲକାରାଜ ପ୍ରଥମଥର ପାଇଁ କୌଣସି ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇଛନ୍ତି । ଏଥିସହ ବିଶ୍ୱର ୨ ନଂ ଖେଳାଳି ୨୦ ବର୍ଷୀୟ ଆଲକାରାଜ ଇଣ୍ଡିଆନ୍ ୱେଲ୍ସ ଟାଇଟଲ ବଜାୟ ରଖିଛନ୍ତି । ଗୋଇଠିରେ ଆଘାତ ସମସ୍ୟାରୁ ସେ ପ୍ରତ୍ୟାବର୍ତ୍ତନ କରି ଏହି ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ଓ କ୍ୟାରିୟରର ୧୩ତମ ଟାଇଟଲ ଜିତିଛନ୍ତି ।

### ଦ୍ୱିତୀୟ ଟାଇଟଲ ଜିତିଲେ ସ୍ୱିଆଟେକ

ମହିଳା ଏକକ ପ୍ରତିଯୋଗିତାରେ ଶ୍ରେଷ୍ଠ ସିଡ୍ ଇଗା ସ୍ୱିଆଟେକ ଫାଇନାଲ ମୁକାବିଲାରେ ୬-୪, ୬-୦ ସିଧାସଳଖ ସେଟ୍‌ରେ ଗ୍ରୀସ୍‌ର ୯ମ ସିଡ୍ ଖେଳାଳି ମାରିଆ ସାକାରିଙ୍କୁ ହରାଇ ଚାମ୍ପିନଅ ହୋଇଛନ୍ତି । ପୂର୍ବରୁ ସେ ୨୦୨୨ ସଂସ୍କରଣରେ ମଧ୍ୟ ସେ ସାକାରିଙ୍କୁ ହରାଇ ବାଜି ମାରିଥିଲେ । ବିଜୟୀ ହେବାକୁ ସ୍ୱିଆଟେକଙ୍କୁ ମାତ୍ର ୬୯ ମିନିଟ ସମୟ ଆବଶ୍ୟକ ହୋଇଥିଲା । ୨୨ ବର୍ଷୀୟା ସ୍ୱିଆଟେକ ଏଥିସହ କ୍ୟାରିୟରର ୧୯ତମ ଓ ୮ମ ଡବ୍ଲ୍ୟୁଟିଏ ୧୦୦୦ ଟାଇଟଲ ଜିତିଛନ୍ତି । ଗତମାସରେ ସେ କାତାର ଓପନ୍ ଜିତିବାପରେ ଚଳିତ ବର୍ଷ ତାଙ୍କୁ ଦ୍ୱିତୀୟ ଟାଇଟଲ ଜିତିଛନ୍ତି । ଏହି ବିଜୟ ସେ ୧.୧ ମିଲିଅନ ଆମେରିକୀୟ ଡଲାର ଆର୍ଥିକ ପୁରସ୍କାର ହାସଲ କରିଛନ୍ତି ।

## ଟେଷ୍ଟ ଅବସରରୁ ହାସରଙ୍ଗାଙ୍କ ପ୍ରତ୍ୟାବର୍ତ୍ତନ

**କଲମ୍ବୋ, ୧୮ ।୩ (ଏଜେନ୍ସି):** ସିଂହଳୀ ଲେଗ୍-ସ୍ପିନର ୱାନିନ୍ଦୁ ହାସରଙ୍ଗା ଟେଷ୍ଟ ଅବସର ନିଷ୍ପତ୍ତିରୁ ଓହରିଯାଇଛନ୍ତି । ଫଳରେ ଘରୋଇ ବାଂଲାଦେଶ ବିପକ୍ଷ ଆଗାମୀ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ତାଙ୍କୁ ଘୋଷିତ ୧୭ ଜଣିଆ ଶ୍ରୀଲଙ୍କା ଦଳରେ ସ୍ଥାନ ମିଳିଛି । ୨୦୨୩ ଅଗଷ୍ଟରେ ହାସରଙ୍ଗା ସୀମିତ ଓଭର ଫର୍ମାଟକୁ ଅଧିକ ଗୁରୁତ୍ୱ ଦେବାକୁ ଯାଇ ଟେଷ୍ଟ ଫର୍ମାଟରୁ ଅବସର ଘୋଷଣା କରିଥିଲେ । ବାଂଲଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇ ଏପ୍ରିଲ ୩ରେ ଶେଷ ହେବ । ଫଳରେ ମାର୍ଚ୍ଚ ୨୨ରୁ ଆରମ୍ଭ ହେବାକୁ ଥିବା ଆଇପିଏଲ୍-୧୭ର ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଖେଳି ନପାରିବା ନିଶ୍ଚିତ ହୋଇଛି । ଗତ ଖେଳାଳି ନିଲାମୀରେ ସନରାଇଜର୍ସ ହାଇଦ୍ରାବାଦ୍ ୧.୫ କୋଟି ଟଙ୍କା ମୂଲ୍ୟରେ ହାସରଙ୍ଗାଙ୍କୁ କ୍ରୟ କରିଥିଲା । ହାଇଦ୍ରାବାଦ୍ ମାର୍ଚ୍ଚ ୨୩, ୨୭ ଓ ଏପ୍ରିଲରେ ପ୍ରଥମ ୩ଟି ଆଇପିଏଲ୍ ମ୍ୟାଚ୍ ଖେଳିବ ।

# ଟିକିଙ୍କୁ ଦ୍ୱୈତ ପଦକ ସଫଳତା

**ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍**



**ଭୁବନେଶ୍ୱର, ୧୮ ।୩ (ସମିସ):** ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍‌ରେ ଓଡ଼ିଆ ପ୍ରତିଯୋଗୀଙ୍କ ପଦକ ବିଜୟୀ ଧାରା ଜାରି ରହିଛି । ଏହିକ୍ରମରେ ପ୍ରତିଯୋଗିତାର ୩ୟ ଦିବସରେ ସୋମବାର ଟିକି ମୋହିନୀ ମଲ୍ଲିକ ଏକାକୀ ଦୁଇଟି ପଦକ ବିଜୟୀ ହୋଇଛନ୍ତି । ଟିକି ୬୪ କିଗ୍ରା ଯୁବ ବାଳିକା ବର୍ଗରେ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ । ସେହିଭଳି କନିଷ୍ଠ ମହିଳା ବର୍ଗରେ ସେ କାଂସ୍ୟ ପଦକ ହାସଲ କରିଛନ୍ତି । ଟିକି ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଭାରୋତ୍ତୋଳନ ହାଇପର୍‌ଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି । ଡବଲ୍ ପଦକ ସଫଳତା ପାଇଥିବାରୁ ଟିକିଙ୍କୁ ରାଜ୍ୟ କ୍ରୀଡ଼ା ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି । ଉଲ୍ଲେଖଯୋଗ୍ୟ, ପୂର୍ବରୁ ରବିବାର ୪୯ କିଗ୍ରାରେ ଝିଲ୍ଲୀ ଦଳବେହେରା ଓ ୫୫ କିଗ୍ରା ବିଭାଗରେ ମୀନା ସାନ୍ତା ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ସେହିଭଳି ସ୍ନେହା ସୋରେନଙ୍କୁ ରୌପ୍ୟ ଓ ସନ୍ଧ୍ୟାରାଣୀ ନାୟକ କାଂସ୍ୟ ପଦକ ମିଳିଥିଲା ।

## ପୂର୍ବତନ ଜାତୀୟ ଫୁଟ୍‌ବଲ ଖେଳାଳି ଗଣେଶଙ୍କ ବିୟୋଗ



**ଭୁବନେଶ୍ୱର, ୧୮ ।୩ (ସମିସ):** ପୂର୍ବତନ ଜାତୀୟସ୍ତରର ଫୁଟ୍‌ବଲ ଖେଳାଳି ଗଣେଶ ଆପ୍ପଟଙ୍କ ଅକାଳ ବିୟୋଗ ଘଟିଛି । ଚିକିତ୍ସାଧୀନ ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୫୨ ବର୍ଷ ବୟସ ହୋଇଥିଲା । ଗଣେଶ ବହୁବର୍ଷ ଧରି ଜାତୀୟସ୍ତରୀୟ ପ୍ରତିଯୋଗିତା ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି । ସେହିଭଳି ସେ ଜଣେ ରାଜ୍ୟସ୍ତରୀୟ ରେଫରି ମଧ୍ୟ ରହିଥିଲେ । ଓଡ଼ିଶା ପୋଲିସରେ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଥିବା ଗଣେଶ ପତ୍ନୀ ଏବଂ ୩ ଝିଅ ଓ ଗୋଟିଏ ପୁଅ ସହ ରହୁଥିଲେ । ତାଙ୍କର ଅକାଳ ବିୟୋଗରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟାନ କର୍ମକର୍ତ୍ତା ଗଣେଶଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି ।

**ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍ ଉଦ୍‌ଘାଟିତ**

# ପିୟାଶା, ପୁଷ୍ପା, ନୀତୁଙ୍କ ହ୍ୟାଟ୍ରିକ୍

**ଭୁବନେଶ୍ୱର, ୧୮ ।୩ (ସମିସ):** ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସୋମବାର କଟକ ସିଡିଏସ୍ଥିତ ସେକ୍ଟର-୭ ଗ୍ରାଉଣ୍ଡରେ ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍ (୧୭ ବର୍ଷରୁ କମ୍) ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । ଯେଉଁଥିରେ ନୀତା ଫୁଟ୍‌ବଲ ଏକାଡେମୀ ୮-୧ ଗୋଲର ବୃହତ୍ ବ୍ୟବଧାନରେ କିଶୋର କ୍ଲବକୁ ପରାସ୍ତ କରିଛି । ବିଜୟୀ ଦଳର ପ୍ରିୟାଶା ହ୍ୟାଟ୍ରିକ ସହ ସର୍ବାଧିକ ୫ ଗୋଲ୍ ଦେଇଥିଲେ । ସେହିଭଳି ଅନ୍ୟ ଏକ ମ୍ୟାଚରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଯୋଡ଼ା) ୧୦-୧ ଗୋଲରେ ଏକପାଖିଆ ଭାବେ କାଜି ବଜାର ବାଳିକା ହାଇସ୍କୁଲକୁ ହରାଇଦେଇଛି । ଏହି ମ୍ୟାଚରେ ଟାଟା ଷ୍ଟିଲର ନୀତୁ ପାତ୍ର (୫ଟି) ଓ ପୁଷ୍ପା ମୁଣ୍ଡା (୪ଟି) ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ । ପୂର୍ବରୁ ସାଇ’ର ଡେପୁଟି ଡିରେକ୍ଟର୍ ତ୍ରୈଲୋକନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହିଳା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଦୁଇ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଗୀତାଞ୍ଜଳି ଖୁଣ୍ଟିଆ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ ।

## ଶ୍ରୀଲଙ୍କାର ଜାନିଥ୍ ଲିୟାନାଗେଙ୍କ ଶତକ ବ୍ୟର୍ଥ

# ରିଷଦଙ୍କ ବିସ୍ଫୋରକ ବ୍ୟାଟିଂ; ବାଂଲାର ସିରିଜ୍ କବ୍‌ଜା

ଚଟ୍ଟୋଗ୍ରାମ, ୧୮ ।୩(ଏଜେନ୍ସି)

ଯୁବ ଅଲରାଉଣ୍ଡର ରିଷଦ ହୋସେନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ସୋମବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଦିନିକିଆରେ ବାଂଲାଦେଶ ୪ ୱିକେଟରେ ଭ୍ରମଣକାରୀ ଶ୍ରୀଲଙ୍କାକୁ ପରାସ୍ତ କରିଛି । ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ବାଂଲାଦେଶ ଦଳ ୨-୧ରେ ଜିତିନେଇଛି । ଏଠାରେ ମାତ୍ର ୧୮ ଟି ବଲ ଖେଳି ୫ଟି ଚୌକା ଓ ୪ଟି ଛକା ସହ ଅପରାଜିତ ୪୮ ରନ୍ କରିଥିବା ରିଷଦ ହୋସେନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ବାଂଲା ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଏହା ପୂର୍ବରୁ ଖେଳାଯାଇଥିବା ଟି-୨୦ ସିରିଜ୍‌କୁ ଶ୍ରୀଲଙ୍କା ୨-୧ରେ ଜିତିଥିଲା । ଏହା ପରେ ମାର୍ଚ୍ଚ ୨୨ରୁ ୨୬ଯାଏ ଦୁଇ ଦେଶ ମଧ୍ୟରେ ପ୍ରଥମ ଓ ମାର୍ଚ୍ଚ ୩୦ରୁ ଏପ୍ରିଲ ୩ ଯାଏ ଦ୍ୱିତୀୟ ଟେଷ୍ଟ ଖେଳାଯିବ । ଏହି ଟେଷ୍ଟ ଦୁଇଟି ଯଥାକ୍ରମେ ସିଲହଟ ଓ ଚଟ୍ଟୋଗ୍ରାମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

ଏଠାରେ ସୋମବାର ଖେଳାଯାଇଥିବା ତୃତୀୟ ଦିନିକିଆରେ ଜାନିଥ୍ ଲିୟାନାଗେଙ୍କ ୧୦୧ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୨୩୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଘରୋଇ ଦଳର ଟାସ୍କିନ ଅହମ୍ମଦ ୩ଟି, ମୁସ୍ତାଫିଜୁର ରହମନ ଓ ମେହଦୀ ହାସନ ମିରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ । ଜବାବରେ ୨୩୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ଗୋଟିକ ପରେ ଗୋଟିଏ ୱିକେଟ ହରାଇଥିଲା । କିନ୍ତୁ ସୌମ୍ୟ ସରକାରଙ୍କ କନକସନ ଖେଳାଳି ଭାବେ ଦଳରେ ସାମିଲ ହୋଇଥିବା ତାନଜିଦ୍ ହାସନ ୮୧ ବଲ୍‌ରେ ୯ ଚୌକା ଓ ୪ଛକା ସହାୟତାରେ ୮୪ ରନ୍ କରି ପାଳି ସମ୍ଭାଳିଥିଲେ । ୧୭୮ ରନ୍‌ରେ ଷଷ୍ଠ ୱିକେଟର ପତନ ଘଟିବା ପରେ ଦଳକୁ ମ୍ୟାଚ୍ ଜିତିବା ଲାଗି ଆଉ ୫୭ ରନ୍ ଆବଶ୍ୟକ ଥିଲା । ଏହି ସମୟରେ ଅଭିଜ୍ଞ ମୁସଫିକରଙ୍କ ସହ ରିଷଦ ଯୋଗଦେବା ପରେ ଖେଳର ସ୍ଥିତି ବଦଳି ଯାଇଥିଲା । ୱାନିନ୍ଦୁ ହାସରଙ୍ଗାଙ୍କ ଗୋଟିଏ ଓଭରରୁ ୨୪ ରନ୍ ଉଠାଇଥିବା ରିଷଦ ମାତ୍ର ୧୮ଟି ବଲ ଖେଳି ୫ ଚୌକା ଓ ୪ ଛକା ସହାୟତାରେ ୪୮ ରନ୍ କରିବା ଫଳରେ ବାଂଲାଦେଶ ଆଉ ୮.୪ ଓଭର ଓ ୪ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା । ମୁସ୍‌ଫିକର ୩୬ ବଲ୍‌ରୁ ୩୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତୋହିଦ୍ ହୃଦୟ ୨୨ ଓ ମେହଦୀ ହାସନ ମିରାଜ ୪୦ ବଲ୍‌ରୁ ୨୫ ରନ୍ କରିଥିଲେ । ଶ୍ରୀଲଙ୍କାର ଫାଷ୍ଟ ବୋଲର କୁମାରା ଲାହିରୁ ୪ଟି ଓ ୱାନିନ୍ଦୁ ହାସରଙ୍ଗା ୨ଟି ୱିକେଟ ପାଇଥିଲେ ।




# ଅଷ୍ଟ୍ରେଲିଆ ଗସ୍ତ: ଭାରତୀୟ ଦଳରେ ଅମିତ୍

ଭୁବନେଶ୍ୱର, ୧୮ ।୩ (ସମିସ)



ଆସନ୍ତା ମାସ ପ୍ରାରମ୍ଭରେ ଭାରତୀୟ ବରିଷ୍ଠ ପୁରୁଷ ହକି ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ । ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ସୋମବାର ୨୭ ଜଣିଆ ଦଳ ଘୋଷଣା କରାଯାଇଛି । ଅଭିଜ୍ଞ ଡ୍ରାଗ୍‌ଫ୍ଲିକର ହରମନପ୍ରୀତ୍ ସିଂହ ଅଧିନାୟକ ପଦ ବଜାୟ ରଖିଛନ୍ତି । ସେହିଭଳି ମଧ୍ୟଭାଗ ଖେଳାଳି ହାର୍ଦ୍ଦିକ ସିଂହଙ୍କୁ ଉପ-ଅଧିନାୟକ ଭାର ଦିଆଯାଇଛି । ଏହି ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଅମିତ୍ ରୋହିଦାସଙ୍କୁ ସୁଯୋଗ ମିଳିଛି ।

ହରମନପ୍ରୀତ୍‌ଙ୍କ ନେତୃତ୍ୱାଧୀନ ଭାରତ ଏହି ଗସ୍ତରେ ଘରୋଇ ଅଷ୍ଟ୍ରେଲିଆ ସହ ୫ ଟିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି । ଏପ୍ରିଲ ୬’ରୁ ଏହା ଆରମ୍ଭ ହେବ । ସମସ୍ତ ମ୍ୟାଚ୍ ପର୍ଥରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି । ଚଳିତ ବର୍ଷ ମଧ୍ୟଭାଗରେ କ୍ରୀଡ଼ାର ମହାକୁମ୍ଭ ପ୍ୟାରିସ ଅଲିମ୍ପିକ୍ସ ଆୟୋଜିତ ହେବାକୁ ଥିବାରୁ ଏହି ଗସ୍ତ କ୍ରେଗ ଫୁଲ୍‌ଟନଙ୍କ ପ୍ରଶିକ୍ଷଣପ୍ରାପ୍ତ ଭାରତୀୟ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି ।

**ଭାରତ-ଅଷ୍ଟ୍ରେଲିଆ କାର୍ଯ୍ୟସୂଚୀ**

- ଏପ୍ରିଲ ୬: ପ୍ରଥମ ମ୍ୟାଚ୍
- ଏପ୍ରିଲ ୭: ଦ୍ୱିତୀୟ ମ୍ୟାଚ୍
- ଏପ୍ରିଲ ୧୦: ତୃତୀୟ ମ୍ୟାଚ୍
- ଏପ୍ରିଲ ୧୨: ଚତୁର୍ଥ ମ୍ୟାଚ୍
- ଏପ୍ରିଲ ୧୩: ପଞ୍ଚମ ମ୍ୟାଚ୍

ବି.ଦ୍ର.: ସମସ୍ତ ମ୍ୟାଚ୍ ପର୍ଥରେ ଖେଳାଯିବ

**ଭାରତୀୟ ଦଳ**

**ଗୋଲରକ୍ଷକ:** ପିଆର୍ ଶ୍ରୀଜେଶ, କ୍ରିଷନ ବାହାଦୂର ପାଠକ, ସୂରଜ କର୍‌କେରା, **ରକ୍ଷଣଭାଗ:** ହର୍‌ମନପ୍ରୀତ୍ ସିଂହ (ଅଧିନାୟକ), ଜର୍‌ମନପ୍ରୀତ୍ ସିଂହ, ଅମିତ୍ ରୋହିଦାସ, ଯୁଗରାଜ ସିଂହ, ସଞ୍ଜୟ, ସୁମିତ୍, ଅମୀର ଅଲି, **ମଧ୍ୟଭାଗ:** ମନପ୍ରୀତ୍ ସିଂହ, ହାର୍ଦ୍ଦିକ ସିଂହ (ଉପ-ଅଧିନାୟକ), ବିବେକ ସାଗର ପ୍ରସାଦ, ଶମସେର୍ ସିଂହ, ନୀଳକାନ୍ତ ଶର୍ମା, ରାଜ୍‌କୁମାର ପାଲ୍, ବିଷ୍ଣୁକାନ୍ତ ସିଂହ, **ଅଗ୍ରଭାଗ:** ଆକାଶଦୀପ୍ ସିଂହ, ମନଦୀପ୍ ସିଂହ, ଲଳିତ ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ୍ ସିଂହ, ସୁଖଜିତ୍ ସିଂହ, ଗୁର୍‌ଜାନ୍ତ ସିଂହ, ମହମ୍ମଦ ରାହୀଲ, ବବି ସିଂହ ଧାମି ଓ ଅରାଇଜିତ୍ ସିଂହ ହୁଣ୍ଡାଲ ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA